
# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-220 ◆THURSDAY ◆5 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୨୦ ◆ଗୁରୁବାର ◆୫ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

**ଅଜୟଙ୍କୁ ଟକ୍କର ଦେବେ ଅକ୍ଷୟ**

▶ପୃଷ୍ଠା 9 ଦେଖନ୍ତୁ...

# ମୋବାଇଲ୍ ଗେମ୍ ନିଶା; ୯ ମହଲାରୁ ଡେଇଁଲେ ୩ ଭଉଣୀ

## ସୁସାଇଡ୍ ନୋଟ୍‌ରେ ଲେଖିଲେ 'ସରି ମମି-ପାପା; ଗେମ୍ ଛାଡ଼ିପାରିବୁ ନାହିଁ'

■ ଗାଜିଆବାଦ୍, ୪।୨ (ଏଜେନ୍ସି): ଉତ୍ତରପ୍ରଦେଶର ଗାଜିଆବାଦ୍‌ରେ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । ମୋବାଇଲ ଗେମ୍ ନିଶା କେତେ ଯେ ଭୟଙ୍କର ହୋଇପାରେ ତାହା ଦେଖିବାକୁ ମିଳିଛି । ମୋବାଇଲ ଗେମ ନଖେଳିବା ଲାଗି ବାପା ତାଗିଦ୍ କରିବାରୁ ତିନି ଭଉଣୀ ୯ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି । 'ସରି ମମି-ପାପା, ଗେମ୍ ଛାଡ଼ିପାରିବୁ ନାହିଁ' ବୋଲି ସୁଇସାଇଡ୍ ନୋଟ୍ ଛାଡ଼ିଯାଇଛନ୍ତି । ଏହି ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ପୁଲିସ ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତି ପ୍ରାୟ୨ଟାରେ ୩ ଭଉଣୀ କବାଟ ଭିତରୁ ବନ୍ଦ କରି ଏକ ଷ୍ଟୁଲ ସାହାଯ୍ୟରେ ଜଣକ ପରେ ଜଣେ ବାଲକୋନୀରୁ ୮୦ ଫୁଟ୍ ତଳକୁ ଡେଇଁ ପଡ଼ିଥିଲେ ।



ଏହି ଘଟଣା 'ଭାରତ ସିଟି' ବି-୧ ଟାୱାର ଫ୍ଲାଟ ନଂ ୯୦୭ରେ ଘଟିଛି । ଏମାନଙ୍କ ପିତାଙ୍କ କହିବା ଅନୁଯାୟୀ, ୩ ଝିଅଙ୍କୁ ଏକ 'ଟାସ୍କ-ବେସଡ୍ କୋରିଆନ ଲଭ୍ ଗେମ୍'ର ପ୍ରବଳ ନିଶା ଥିଲା । ସେମାନେ ସବୁବେଳେ ଏକାଠି ରହୁଥିଲେ, ଏକାଠି ▶ପୃଷ୍ଠା-୭

# ସୌର ଝଡ଼ ଭାରତକୁ ବିପଦରେ ପକାଇଛି

## ପ୍ରବଳ ରେଡିଓ ବ୍ଲାକ୍ ଆଉଟ୍ ନେଇ ଇସ୍ରୋର ଚେତାବନୀ



■ ନୂଆଦିଲ୍ଲୀ, ୪।୨ (ଏଜେନ୍ସି): ସୂର୍ଯ୍ୟ ଏବେ ତାହାର ସବୁଠାରୁ ସକ୍ରିୟ ପର୍ଯ୍ୟାୟ ଦେଇ ଗତି କରୁଛି । ନିକଟରେ ସୂର୍ଯ୍ୟ ପୃଷ୍ଠରେ ଅନେକ ବଡ଼ ବିସ୍ଫୋରଣ ଘଟିଛି । ଫଳରେ ମାତ୍ର ଗୋଟିଏ ଦିନରେ ୨୭ଟି ସୌର ଝଡ଼ ହୋଇଛି । ଏହି ଝଡ଼ଗୁଡିକ ମଧ୍ୟରୁ କେ ।।ତେକ ଅତ୍ୟନ୍ତ ଶକ୍ତିଶାଳୀ ଏକ୍ସ କ୍ଲାସ (ସବୁଠାରୁ ଭୟଙ୍କର ଶ୍ରେଣୀ) ର ଅଟନ୍ତି । ଏହି ଝଡ଼କୁ ନେଇ ରେଡ଼ିଓ ବ୍ଲାକ ଆଉଟ ହେବା ନେଇ ଇସ୍ରୋ ଚେତାବନୀ ଦେଇଛି । ଏହାଫଳରେ ପୃଥିବୀ ବାୟୁମଣ୍ଡଳରେ ଚୁମ୍ବକୀୟ ବିକିରଣ ବୃଦ୍ଧି ପାଇବ ଓ ଏହାଦ୍ୱାରା ବହୁ ସମସ୍ୟା ସୃଷ୍ଟି ହେବ । ଜିପିଏସ୍ ଓ ନେଭିଗେସନ୍ ସିଗନାଲରେ ବାଧା ସୃଷ୍ଟି ହୋଇପାରେ । ଫଳରେ ଗୁଗଲ ମ୍ୟାପ୍ ଓ ଅନ୍ୟାନ୍ୟ ନେଭିଗେସନ ସେବା ଭୁଲ ତଥ୍ୟ ଦେବାର ଆଶଙ୍କା ସୃଷ୍ଟି ହୋଇଛି । ମହାକାଶରେ ଥିବା ଉପଗ୍ରହଗୁଡ଼ିକର ସେନ୍ସର ଖରାପ ହୋଇପାରେ । ଯାହା ଫଳରେ ଟେଲିଭିଜନ ଓ ଇଣ୍ଟରନେଟ ଯୋଗାଯୋଗରେ ସମସ୍ୟା ସୃଷ୍ଟି ହୋଇପାରେ । ବିମାନ ଚଳାଚଳରେ ମଧ୍ୟ ସମସ୍ୟା ଦେଖାଦେବ । ସୌର ଝଡ଼ ସମୟରେ ବିମାନଗୁଡିକର ରେଡ଼ିଓ ଯୋଗାଯୋଗ ▶ପୃଷ୍ଠା-୭

## ମହାନଦୀ ଜଳ ବିବାଦ: ଫଳପ୍ରଦ ହେଉନାହିଁ ଛତିଶଗଡ଼ ସହ ଆପୋସ ଆଲୋଚନା !

# କେନ୍ଦ୍ରର ମଧ୍ୟସ୍ଥତା ଲୋଡ଼ିଲେ ରାଜ୍ୟ ସରକାର

■ ଭୁବନେଶ୍ୱର, ୪।୨ (ସମିସ): ରାଜ୍ୟରେ ବିଜେପି ସରକାର ପ୍ରଥମ ଦିନରୁ ମହାନଦୀ ଜଳ ବିବାଦ ମାମଲାର ଆପୋସ ସମାଧାନ ଉପରେ ଗୁରୁତ୍ୱାରୋପ କରି ଆସୁଛନ୍ତି । ଏ ଦିଗରେ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ଆଗକୁ ବଢ଼ୁଥିବା ବେଳେ ଏଯାଏଁ ସେପରି କୌଣସି ଆଖିଦୃଶିଆ ଅଗ୍ରଗତି ହୋଇ ପାରିନାହିଁ । ଏପରିସ୍ଥଳେ କେନ୍ଦ୍ର ସରକାରଙ୍କର ମଧ୍ୟସ୍ଥତା ଲୋଡ଼ିଛନ୍ତି ସରକାର । ଟ୍ରିବ୍ୟୁନାଲରେ ଏହା ଚୂଡ଼ାନ୍ତ ହେବା ପୂର୍ବରୁ ଗୋଟିଏ ଟେବୁଲରେ ବସି କିପରି ମାମଲାର ପୂର୍ଣ୍ଣଚ୍ଛେଦ ଟଣାଯିବ, ସେ ନେଇ ଚେଷ୍ଟା କରିବୁ ବୋଲି ରାଜସ୍ୱ ମନ୍ତ୍ରୀ ତଥା ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଉଚ୍ଚସ୍ତରୀୟ କମିଟିର ସଦସ୍ୟ ସୁରେଶ ପୂଜାରୀ କହିଛନ୍ତି । ଅନ୍ୟପଟେ ମନ୍ତ୍ରୀଙ୍କ ଏହି ବକ୍ତବ୍ୟ ପରେ ବାହାନାବାଜି ନ କରି ଟ୍ରିପଲ୍ ଇଞ୍ଜିନ ସରକାର ତୁରନ୍ତ ମହାନଦୀରେ



ଜଳପ୍ରବାହ ସୁନିଶ୍ଚିତ କରନ୍ତୁ ବୋଲି ବିଜେଡି ଆହ୍ୱାନ ଦେଇଛି ।

ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ସର୍ବନିମ୍ନ ୯ ମାସ ବୃଦ୍ଧି ପାଇଁ ଆମେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛୁ । ରାଜ୍ୟ ସରକାର ଗଠନ କରିଥିବା ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ କନକବର୍ଦ୍ଧନ ସିଂହଦେଓ ଇତିମଧ୍ୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । କେନ୍ଦ୍ର ସରକାରଙ୍କ ସହ ଆମର କଥାବାର୍ତ୍ତା ହୋଇଛି । କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରିବାକୁ ଆମେ ଅନୁରୋଧ କରିଛୁ ବୋଲି ସେ କହିଛନ୍ତି ।

ଅପରପକ୍ଷେ ରାଜ୍ୟ ସରକାରଙ୍କ ବିଳମ୍ବିତ ଆଭିମୁଖ୍ୟକୁ ନେଇ ପ୍ରଶ୍ନ କରିଛନ୍ତି ଜଳ ବିଶେଷଜ୍ଞ । ସେମାନଙ୍କ କହିବା ଅନୁଯାୟୀ ରାଜ୍ୟରେ ବିଜେପି

**ଟ୍ରିବ୍ୟୁନାଲଙ୍କ ଅବଧି ସର୍ବନିମ୍ନ ୯ ମାସ ବୃଦ୍ଧି କରିବାକୁ କେନ୍ଦ୍ରକୁ ଚିଠି**

**ବାହାନାବାଜି ନ କରି ତୁରନ୍ତ ମହାନଦୀରେ ଜଳପ୍ରବାହ ସୁନିଶ୍ଚିତ କରନ୍ତୁ ଟ୍ରିପଲ୍ ଇଞ୍ଜିନ ସରକାର: ବିଜେଡି**

ସରକାର ଗଠନ ହେବା ପରେ ଆପୋସ ଆଲୋଚନାରେ ଜଳ ବିବାଦର ସମାଧାନ ହୋଇଯିବ ବୋଲି ଦମ୍ଭୋକ୍ତି ଭରିଲେ । ମାତ୍ର ପ୍ରାରମ୍ଭରୁ କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରନ୍ତୁ ଏବଂ ଏଥିପାଇଁ ରାଜ୍ୟ ସରକାର ଦାବି କରନ୍ତୁ ବୋଲି ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା । ଇତିମଧ୍ୟରେ ୨ ବର୍ଷ ଅତିକ୍ରାନ୍ତ କରିବାକୁ ବସିଲାଣି । ଆରମ୍ଭରୁ ରାଜ୍ୟ ସରକାରଙ୍କୁ ଏହି ନିର୍ଣ୍ଣୟ ନେବାର ଥିଲା । ତେବେ ବିଳମ୍ବରେ ହେଲେ ମଧ୍ୟ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି । ସେହିପରି ବିଜେଡିର ବରିଷ୍ଠ ବିଧାୟକ ଧ୍ରୁବଚରଣ ସାହୁ କହିଛନ୍ତି ଯେ ଟ୍ରିପଲ ଇଞ୍ଜିନ ସରକାର ଲୋକଙ୍କୁ ଭୁଆଁ ବୁଲାଉଛି । ରାଜ୍ୟ ସରକାର ଆପୋସ ସମାଧାନ ନେଇ ବାହାନାବାଜି କରୁଛନ୍ତି । କେନ୍ଦ୍ର ସରକାର ଚାହିଁଲେ ଛତିଶଗଡ଼ କଥା ମାନିବ । ତେଣୁ ମହାନଦୀରେ କିପରି ସ୍ୱାଭାବିକ ଭାବେ ଜଳପ୍ରବାହ ହେବ, ସେନେଇ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସେ ଦାବି କରିଛନ୍ତି ।

ଅପରପକ୍ଷେ ତଥ୍ୟଭିଜ୍ଞ ମହଲର ଆଶଙ୍କା ଅନୁଯାୟୀ, ଦୁଇ ରାଜ୍ୟ ମଧ୍ୟରେ ଆପୋସ ବୁଝାମଣା ପଦକ୍ଷେପରେ ରାଜ୍ୟ ସରକାରଙ୍କୁ ଆଶା ▶ପୃଷ୍ଠା-୭

## ମଣିପୁରରୁ ହଟିଲା ରାଷ୍ଟ୍ରପତି ଶାସନ

# ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଖେମଚନ୍ଦ

■ ଇମ୍ଫାଲ, ୪।୨ (ଏଜେନ୍ସି): ମଣିପୁରରେ ପୁଣିଥରେ ବିଜେପି ସରକାର । ବିଜେପି ନେତା ୱାଇ ଖେମଚନ୍ଦ ସିଂହ ବୁଧବାର ସନ୍ଧ୍ୟାରେ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ମେଇତି ସମ୍ପ୍ରଦାୟର ଖେମଚାନ୍ଦ ପୂର୍ବତନ ମୁଖ୍ୟମନ୍ତ୍ରୀ ବିରେନ ସିଂହଙ୍କ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା । ସେହିପରି ଦୁଇ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି । ନାଗା ସମ୍ପ୍ରଦାୟର ଲୋସି ଦିଖୋ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଏହା ବ୍ୟତୀତ କୁକି ସମ୍ପ୍ରଦାୟରୁ ବିଜେପି ନେତ୍ରୀ ନେମଚା କିପଗେନ ରାଜ୍ୟର ପ୍ରଥମ ମହିଳା ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ସେ ଦିଲ୍ଲୀ ସ୍ଥିତ ମଣିପୁର ଭବନରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଶପଥ ନେଇଥିଲେ । ଏହା ସହିତ ରାଜ୍ୟରୁ ତତ୍କାଳ ରାଷ୍ଟ୍ରପତି ଶାସନକୁ ହଟାଇ ଦିଆଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩୫୬ ଦିନ ପରେ ଏହାକୁ ହଟାଇ ନେଇଛନ୍ତି ।



**ନାଗା ସମ୍ପ୍ରଦାୟର ଲୋସି, କୁକିରୁ ନେମଚା ଉପମୁଖ୍ୟମନ୍ତ୍ରୀ**

ମଣିପୁରରେ ହିଂସା ଯୋଗୁଁ ଗତ ବର୍ଷ ଫେବୃଆରୀ ୯ରେ ବିରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଏହାର ଚାରି ଦିନ ପରେ ଫେବୃଆରୀ ୧୩ରେ ରାଜ୍ୟରେ ରାଷ୍ଟ୍ରପତି ଲଗାଇ ଦିଆଯାଇଥିଲା ।

ଗତ ମଙ୍ଗଳବାର ଦିଲ୍ଲୀରେ ବିଜେପି ବିଧାୟକ ଦଳର ବୈଠକରେ ଖେମଚାନ୍ଦଙ୍କୁ ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଥିଲା । ସେ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ବାଚସ୍ପତି ଥିଲେ । ୨୦୨୨ରେ ବିରେନ ସରକାରରେ ମନ୍ତ୍ରୀ ଥିଲେ ।

ସୂଚନାଯୋଗ୍ୟ ଯେ ୨୦୨୩ ଏପ୍ରିଲ ୧୪ରେ ହାଇକୋର୍ଟ ମେଇତି ସମ୍ପ୍ରଦାୟକୁ ଏସ୍‌ଟି ମାନ୍ୟତା ଦେବା ପାଇଁ ସରକାରଙ୍କୁ ସୁପାରିସ କରିଥିଲେ । ଏହି ନିର୍ଦ୍ଦେଶକୁ ନେଇ କୁକି ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିଲା ଏବଂ ସେବେଠାରୁ ମଣିପୁର ଅଶାନ୍ତ ହୋଇପଡ଼ିଥିଲା ।

## ସହପାଠିନୀକୁ ଗଣଦୁଷ୍କର୍ମ

# ୬ ନାବାଳକ ଗିରଫ

■ ବଲାଙ୍ଗିର/କଣ୍ଟାବାଞ୍ଜି, ୪।୨ (ସମିସ): ନାବାଳିକା ସହପାଠୀକୁ ଗଣଦୁଷ୍କର୍ମ କରିବା ସହ ଭିଡିଓ ଭାଇରାଲ କରିବା ଭଳି ଏକ ସ୍ପର୍ଶକାତର ଘଟଣାରେ ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ପୁଲିସ ଆଜି ୬ ନାବାଳକଙ୍କୁ ଗିରଫ କରି ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଇଛି । ଗତକାଲି ପୁଲିସ ଏମାନଙ୍କୁ ହେପାଜତକୁ ନେଇ ପଚରାଉଚରା କରିଥିଲା । ସେମାନଙ୍କ ସଂପୃକ୍ତି ଥିବା ପ୍ରମାଣ ପାଇବା ପରେ ପୁଲିସ ଆଜି ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ଏସ୍‌ପି ଅଭିଳାଷ ଜି. ସୂଚନା ଦେଇଛନ୍ତି ।

**୪୦ ଦିନ ତଳେ ହୋଇଥିଲା ଗଣଦୁଷ୍କର୍ମ**

**ଧମକଚମକ ଦେଇ ପରିବାରଲୋକଙ୍କୁ ଚୁପ୍ କରାଇଥିଲେ**

ନାବାଳିକାକୁ ଗଣଦୁଷ୍କର୍ମର ଭିଡିଓ ଭାଇରାଲ ହେବା ପରେ ଗତକାଲି ଏହି ଘଟଣା ସାମ୍ନାକୁ ଆସିଥିଲା । ପୁଲିସ ନିଜ ଆଡ଼ୁ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରୁ ଜଣାଯାଇଛି ଯେ ୪୦ ଦିନ ତଳେ (ଡିସେମ୍ବର ୨୫) ଏହି ବର୍ବରକାଣ୍ଡ ଘଟିଥିଲା । ଟ୍ୟୁସନ୍‌ରୁ ଫେରିବା ବେଳେ ଅଭିଯୁକ୍ତ ନାବାଳକମାନେ ତାଙ୍କୁ ଗଣଦୁଷ୍କର୍ମ କରିବା ସହ ତାହାର ଏକ ଭିଡିଓ ଉତ୍ତୋଳନ କରିଥିଲେ । ଖାଲି ସେତିକି ନୁହେଁ, ଏ ସଂପର୍କରେ କାହାରିକୁ ▶ପୃଷ୍ଠା-୭

## ଦୁବେଙ୍କ ମନ୍ତବ୍ୟକୁ ନେଇ ବିସ୍ଫୋରକ ପରିସ୍ଥିତି

# ଲୋକସଭା ଅଚଳ; ପ୍ରଧାନମନ୍ତ୍ରୀଙ୍କ ଉତ୍ତର ବାତିଲ

■ ନୂଆଦିଲ୍ଲୀ, ୪।୨ (ଏଜେନ୍ସି): ତୃତୀୟ ଦିନ ଧରି ଅଚଳ ରହିଥିବା ଲୋକସଭାରେ ଆଜି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି । ପୂର୍ବତନ ସେନାଧ୍ୟକ୍ଷ ଜେନେରାଲ ଏମ୍‌ଏମ୍ ନରବାଣେଙ୍କ ଅପ୍ରକାଶିତ ପୁସ୍ତକକୁ ନେଇ ହଟ୍ଟଗୋଳ ଜାରି ରହିଥିବା ବେଳେ ଗାନ୍ଧୀ ପରିବାର ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଆପତ୍ତିଜନକ ମନ୍ତବ୍ୟ ଆଜି ଲୋକସଭାରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିଲା । ହଟ୍ଟଗୋଳ ଯୋଗୁଁ ଗୃହ ଆଜି ବାରମ୍ବାର ମୁଲତବୀ ହେଉଥିବା ବେଳେ ବିରୋଧୀ ଦଳର ମହିଳା ସାଂସଦ ପ୍ରଥମେ ପ୍ରଧାନମନ୍ତ୍ରୀଙ୍କ ଚେୟାରକୁ ଅବରୋଧ କରିବା ସହିତ ଦୁବେଙ୍କ ଆସନ ଆଡ଼କୁ ମାଡ଼ିଯାଇଥିଲେ । ଶାସକ ମେଣ୍ଟର କିଛି ମହିଳା ସାଂସଦ ମଧ୍ୟ ଆଗକୁ ଆସିବାରୁ ସେମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ବାଚସ୍ପତି ଗୃହକୁ ଆଜି ଦିନକ ପାଇଁ ମୁଲତବୀ କରିଦେଇଥିଲେ ।



**ପ୍ରଧାନମନ୍ତ୍ରୀଙ୍କ ଆସନ ଅବରୋଧ କଲେ ବିରୋଧୀ ମହିଳା ସାଂସଦ**

ଫଳରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇପାରି ନ ଥିଲେ ପ୍ରଧାନମନ୍ତ୍ରୀ । ଗୃହ ମୁଲତବୀ ହେବାପରେ ମଧ୍ୟ ବିରୋଧୀ ଦଳର ମହିଳା ସାଂସଦ ବିଜେପି ନେତା ଦୁବେଙ୍କ ଆଡ଼କୁ ମାଡ଼ିବାରେ ଲାଗିଥିଲେ । ତେବେ କେତେକ ମନ୍ତ୍ରୀ ଓ କଂଗ୍ରେସ ସାଂସଦଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

ବୁଧବାର ପୂର୍ବାହ୍ନରେ ଲୋକସଭା ଆରମ୍ଭ ହେବାମାତ୍ରେ ହଙ୍ଗାମା ଦେଖିବାକୁ ମିଳିଥିଲା । ଜେନେରାଲ ନରବାଣେଙ୍କ ଅପ୍ରକାଶିତ ପୁସ୍ତକର କିଛି ଅଂଶ ପଢ଼ିବା ଲାଗି ରାହୁଲଙ୍କୁ ଅନୁମତି ଦିଆଯାଉ ବୋଲି ବିରୋଧୀ ସଭ୍ୟ ଦାବି କରିଥିଲେ । ସେମାନେ ହାତରେ ପ୍ଲାକାର୍ଡ ▶ପୃଷ୍ଠା-୭

## ଘନେଇଲା ଖାକି-ଖାକି ବିବାଦ

# ଡିଜିଙ୍କୁ ଚିଠି ଲେଖିଲେ ପିସିସିଏଫ୍

■ ରାଜନଗର/ଭୁବନେଶ୍ୱର, ୪।୨ (ସମିସ): ବଜ୍ରକାପ୍ତା ବେପାରୀଙ୍କ ଗିରଫଦାରୀକୁ ବିରୋଧ କରି କେନ୍ଦ୍ରପଡ଼ା ଜିଲ୍ଲା ପଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବନ ବିଭାଗର ରେଞ୍ଜ କାର୍ଯ୍ୟାଳୟରେ ପଶି ଏସିଏଫଙ୍କ ଉପରେ ବର୍ଷିବା ଘଟଣାରେ ପୁଲିସ-ବନ ବିଭାଗ (ଖାକି-ଖାକି) ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି । ଫରେଷ୍ଟ ଗାର୍ଡଙ୍କଠାରୁ ଆରମ୍ଭ କରି ଓଡିଶା ବନ ସେବା ସଂଘ ଯାଏଁ ସମସ୍ତେ ଏହି ଘଟଣାରେ ଖଡ୍‌ଗହସ୍ତ ହୋଇଛନ୍ତି । ସମ୍ପୃକ୍ତ ଆଇଆଇସି କେଉଁ ଅଧିକାରରେ ଅନ୍ୟ ଜଣେ ଅଧିକାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କଲେ ତାକୁ ନେଇ ପ୍ରଶ୍ନ ଉଠିଛି । ଏମିତି କି ଆଇଆଇସି ଜଣଙ୍କ ଏସ୍‌ଏଫଙ୍କୁ ଚଢ଼ା ଗଳାରେ କଥାବାର୍ତ୍ତା କରିଥିବାରୁ ବନ ବିଭାଗର ଅଧିକାରୀମାନେ ଏହାକୁ ଗ୍ରହଣ କରି ▶ପୃଷ୍ଠା-୭

**ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କଲା ବନ ବିଭାଗ**

**ପୂର୍ବରୁ କେନ୍ଦ୍ରୀୟ ରେଞ୍ଜ ଆଇଜିଙ୍କୁ ଚିଠି ଲେଖିଥିଲା ବିଭାଗ**






## ଆମେରିକା ସହ 'ଜିରୋ ଟାରିଫ୍' ଚୁକ୍ତି

# ଚାଷୀ ଓ କୃଷିଶିଳ୍ପ ପ୍ରତି ବିପଦ

■ ନୂଆଦିଲ୍ଲୀ, ୪।୨ (ଏଜେନ୍ସି): ଦୀର୍ଘ ଦିନର ପ୍ରତୀକ୍ଷା ପରେ ଘୋଷଣା ହୋଇଛି ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି । ହେଲେ ଏହି ଘୋଷଣାର ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ ଏଯାଏ ସ୍ୱଷ୍ଟତା ଆସିନାହିଁ । ତଥାପି ଭାରତ ସରକାର ଏହାକୁ ଏକ ବଡ଼ ସଫଳତା ବୋଲି କହୁଛନ୍ତି । ଏହି ଚୁକ୍ତିକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା ଜାରି ରହିଛି । ବଜାର ବିଶେଷଜ୍ଞଙ୍କ ମତରେ ଏହି ଚୁକ୍ତିକୁ ଏକ ରଣନୈତିକ ସହଭାଗିତା ଏବଂ କୃଷିଶିଳ୍ପର ସାର୍ବଭୌମତ୍ୱ ସହ ବୁଝାମଣା ଭାବେ ଦେଖାଯାଉଛି । ବିରୋଧୀ ଦଳଗୁଡିକ ଏହି ବାଣିଜ୍ୟ ଚୁକ୍ତିରେ ଦେଶର କୃଷି ଏବଂ ଦୁଗ୍ଧ କ୍ଷେତ୍ରର ସ୍ୱାର୍ଥକୁ ଉପେକ୍ଷା କରାଯାଇଥିବା କହୁଛନ୍ତି । ତେବେ ଏହାର ଜବାବରେ କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ ବୁଧବାର ସଂସଦରେ ଭାରତ ଏହାର କୃଷି ଏବଂ ଦୁଗ୍ଧ କ୍ଷେତ୍ରର ସ୍ୱାର୍ଥ ସହିତ କୌଣସି ସାଲିସ କରିନାହିଁ ବୋଲି କହିଛନ୍ତି । ଗୋଏଲ କହିଛନ୍ତି ଆଲୋଚନାର ଶେଷ ପର୍ଯ୍ୟାୟରେ ବାଣିଜ୍ୟ



ଚୁକ୍ତିର ବିବରଣୀ ଚୂଡ଼ାନ୍ତ କରାଯାଉଛି । ଖୁବ୍ ଶୀଘ୍ର ଭାରତ ଏବଂ ଆମେରିକାର ଏକ ମିଳିତ ବିବୃତି ଜାରି ହେବ ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ୨ ତାରିଖ ତାଙ୍କର ଟ୍ରୁଥ୍ ସୋସିଆଲରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଘୋଷଣା କରିଥିଲେ । ଚୁକ୍ତି ଅନୁଯାୟୀ, ଆମେରିକା ଭାରତ ଉପରେ ଲାଗୁ କରିଥିବା ୫୦% ଟାରିଫ୍‌କୁ ୧୮%କୁ ହ୍ରାସ କରିବ । ଅପରପକ୍ଷେ ଭାରତ ଆମେରିକା ଉତ୍ପାଦ ଉପରେ ଲାଗୁ

**ଚିନ୍ତା ବଢ଼ାଇଛି ଆମେରିକାର କୃଷି ସଚିବଙ୍କ ବିବୃତି**

**୫୦୦ ବିଲିୟନ ଡଲାରର ସାମଗ୍ରୀ କ୍ରୟ ବୋଝ ଅର୍ଥନୀତି ପାଇଁ ବଡ଼ ଆହ୍ୱାନ**

କରୁଥିବା ଟାରିଫ୍ ଏବଂ ଅଣ-ଟାରିଫ୍ ପ୍ରତିବନ୍ଧକଗୁଡିକୁ ଶୂନ କରିବା କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବ । ଅର୍ଥନୀତିଜ୍ଞଙ୍କ ମତରେ ଏହି ଚୁକ୍ତି ଭାରତର କୃଷି ଏବଂ ସ୍ଥାନୀୟ ଶିଳ୍ପ ଉପରେ ଆମେରିକାର ଚାପକୁ ନେଇ ଚିନ୍ତା ସୃଷ୍ଟି କରୁଥିବା କୁହାଯାଉଛି । ହେଲେ କେତେକ ଏହାକୁ ଭୂ-ରାଜନୈତିକ ଲାଭ ଏବଂ ପ୍ରଯୁକ୍ତିବିଦ୍ୟା ସହଭାଗୀତା ପାଇଁ ମଧ୍ୟ ଆବଶ୍ୟକ ବୋଲି କହୁଛନ୍ତି । ଚୁକ୍ତିରେ ଭାରତର ସାର୍ବଭୌମ କ୍ଷେତ୍ରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ବଜାର ବିଶେଷଜ୍ଞଙ୍କ ମତରେ ଏହି ଚୁକ୍ତି ଅନୁଯାୟୀ ଭାରତୀୟ ବଜାରକୁ ଆମେରିକୀୟ ଉତ୍ପାଦ (ଯେପରିକି କୃଷି ଏବଂ ଦୁଗ୍ଧ) ପାଇଁ ଖୋଲିବା ସ୍ଥାନୀୟ ଚାଷୀ ଏବଂ କୃଷି ଶିଳ୍ପର ସ୍ୱାର୍ଥକୁ ବିପଦରେ ପକାଇପାରେ । ଏହାକୁ 'ବାଧ୍ୟତା'ର ଫଳାଫଳ ଭାବରେ ମଧ୍ୟ ଦେଖାଯାଉଛି, କାରଣ ଆମେରିକାର ଚାପ ସାମ୍ନାରେ ଘରୋଇ ନୀତିରେ ସାଲିସ୍ କରାଯାଇଥିବା କୁହାଯାଉଛି । ଏହି ଚୁକ୍ତିରେ ଭାରତ ପାଇଁ ଆଉ ଏକ ବଡ଼ ଆର୍ଥିକ ବିପଦ ହେଉଛି, ଆମେରିକାରୁ ଶୁଳ୍କ ରିହାତି ଆଶା ମଧ୍ୟରେ ଭାରତୀୟ ଶିଳ୍ପ ଉପରେ ▶ପୃଷ୍ଠା-୭

ଆକାଶରେ ମେଘ ମାଳ

# ଖୋଲାରେ ପଡ଼ିଛି ଧାନ ବସ୍ତା; ଚିନ୍ତାରେ ଚାଷୀ

ବାରିକପୁର,୪।୨(ସମିସ)

୨ଦିନ ହେବ ଆକାଶରେ ମେଘ ମାଳମାଳ ହୋଇ ଭାସୁଥିବା ଦେଖିବାକୁ ମିଳିଛି। ପ୍ରାୟ ୪ମାସରୁ ଅଧିକ ହେବ ବର୍ଷା ହୋଇ ନ ଥିବାବେଳେ ଏବେ ମେଘ ଖଣ୍ଡକୁ ଦେଖି ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ପନିପରିବା ଓ ଅନ୍ୟାନ୍ୟ ଡାଲି ଜାତୀୟ ଚାଷ ପାଇଁ ଯଦିଓ ମେଘର ଆବଶ୍ୟକତା ରହିଛି କିନ୍ତୁ ଖରିଫ ଧାନ ବିକ୍ରି କରି ନ ଥିବା ଚାଷୀମାନଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ। ଠିକ୍ ଏତିକି ବେଳକୁ ମଣ୍ଡିରୁ ଧାନ ଯାଉ ନ ଥିବାରୁ କୃଷକମାନେ ନାନାଦି ଆଶା ଆଶଙ୍କା ମଧ୍ୟରେ ରହିଛନ୍ତି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍‌ର ପ୍ରାୟ ୧୬ଟି ମଣ୍ଡିରେ ଧାନ କ୍ରୟ ବ୍ୟବସ୍ଥା ଅତି ମନ୍ଥର ଗତିରେ ଚାଲିଛି। ମଣ୍ଡି ଶୁଭାରମ୍ଭକୁ ଏକ ମାସ ଅତିକ୍ରାନ୍ତ ହୋଇଥିବାବେଳେ ଏଯାଏଁ ଶସ୍ୟ କିଣା ତ୍ୱରାନ୍ୱିତ ହୋଇନାହିଁ। ହଜାର ହଜାର ଚାଷୀ ଟୋକନ୍ ପାଇସାରିବା ପରେ ଏବେ ଧାନ ବିକିବାକୁ ଅପେକ୍ଷା କରିଛନ୍ତି। କେଉଁଠି ଗାଁ ରାସ୍ତାରେ ଧାନ ବସ୍ତା ଗଦା ହୋଇଛି ତ ପୁଣି କେଉଁଠି ମଣ୍ଡିରେ ମଧ୍ୟ ହଜାର ହଜାର ବସ୍ତା ପଡ଼ି ରହିଛି। ଦୁଇ ଚାରୋଟି ମଣ୍ଡିକୁ ଛାଡ଼ିଦେଲେ ପ୍ରାୟ ମଣ୍ଡିରେ ଧାନ କ୍ରୟ ଧିମାରେ ଚାଲିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମିଲରମାନେ ପର୍ଯ୍ୟାୟ କ୍ରମେ ମଣ୍ଡିକୁ ଗାଡ଼ି ଦେଉ ନ ଥିବା କାରଣରୁ ଦିନ ଦିନ ଧରି ଧାନ ବସ୍ତା ପଡ଼ିକି ରହୁଛି। କ୍ରମାଗତ ଭାବେ ଧାନ କ୍ରୟ ହେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କେଉଁ ମଣ୍ଡିକୁ ଗୋଟିଏ ତ ପୁଣି କେଉଁ ମଣ୍ଡିକୁ ୨ଟି ଗାଡ଼ି ଦେଇ ଧାନ ନେବା ପରେ ମିଲର ଆଉ ଧରାଛୁଆଁ ଦେଉନାହାଁନ୍ତି। ଏଥିପାଇଁ ଚାଷୀମାନେ ହଇରାଣ ହରକତ ହେଉଛନ୍ତି। ଯେଉଁଭଳି ଭାବେ ମେଘମାଳ ଦେଖାଯାଉଛି ଯଦି ଦିନେ ଦୁଇଦିନ ମଧ୍ୟରେ ବର୍ଷା ହୁଏ, ତାହେଲେ କଥା ସରିବ। ତେଣୁ ଟୋକନ୍ ପାଇବା ପରେ ଶସ୍ୟ ବିକ୍ରି ପାଇଁ କମ୍ପ୍ୟୁଟର ସ୍କାନ୍ କରିଥିବା ଚାଷୀମାନଙ୍କ ନିକଟରୁ ତୁରନ୍ତ ଧାନ ନେବା ପାଇଁ ଦାବି ହୋଇଛି।



## ହିତାଧିକାରୀ ସଚେତନତା ଶିବିର



ବାରିକପୁର,୪।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ବୁଧବାର ହିତାଧିକାରୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ ସେମାନଙ୍କୁ ନେଇ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ବିଡିଓ ଦେବଦତ୍ତ ଦାଶ ଓ ସରପଞ୍ଚ ରଞ୍ଜନ କୁମାର ପରିଡ଼ା ଉପସ୍ଥିତ ରହି ଗୃହ ନିର୍ମାଣ ସମ୍ପର୍କରେ ସମୀକ୍ଷା କରିଥିଲେ। ନୂତନ ଗୃହ ନିର୍ମାଣକୁ ନେଇ ଦେଖାଦେଉଥିବା ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଯେଉଁମାନେ ନିର୍ମାଣ କାର୍ଯ୍ୟ ସାରିଛନ୍ତି ସେମାନେ ପ୍ରୋତ୍ସାହନ ରାଶି ପାଇଛନ୍ତି କି ନାହିଁ ସେନେଇ ବିଡିଓ ପଚାରି ବୁଝିଥିଲେ। ଏହାଛଡ଼ା ଅଧାରୁ କାମ ବନ୍ଦ କରିଥିବା ହିତାଧିକାରୀମାନେ ତୁରନ୍ତ ଘରକାମ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଏଥିରେ ୨୦ରୁ ଅଧିକ ହିତାଧିକାରୀ ଯୋଗଦେଇଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ଭଦ୍ରକ,୪।୨(ସମିସ): କଟକ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ରାଣୀତାଲସ୍ଥିତ ଜଗଦଲପୁର ପଞ୍ଚାୟତ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ପରିଚାଳନା କରିଥିଲେ। ଅତିଥିମାନଙ୍କ ମଧ୍ୟରେ ଏଲ୍‌ଏଡିସିଏସ୍ ପ୍ରତିପକ୍ଷ ଓକିଲ ଡ. ତାପସ କୁମାର ମହାନ୍ତି, ନ୍ୟାୟରକ୍ଷକ ସଞ୍ଜିତ ଦେଓ, ଭଦ୍ରକ ସହାୟକ ଶ୍ରମ ଅଧିକାରୀ ତେଜସ୍ୱିନୀ ନାୟକ, ଭଣ୍ଡାରିପୋଖରୀ ସହାୟକ ଶ୍ରମ ଅଧିକାରୀ ପ୍ରତିଭାମଞ୍ଜରୀ ସିଂ, ସରପଞ୍ଚ ତିଳୋତ୍ତମା ମହାପାତ୍ରଙ୍କ ସମେତ ୭୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଲୋକ ଅଦାଲତ ବିଷୟରେ, ମଧ୍ୟସ୍ଥତା ମାଧ୍ୟମରେ କିପରି ବିଚାରାଧୀନ ଥିବା କେସ୍‌ଗୁଡ଼ିକର ଅତି ସରଳ ଓ ସହଜରେ ସେମାନଙ୍କୁ ମିଳାମିଶା କରାଯାଇପାରେ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା), ଯାହାକି ଭଦ୍ରକଠାରେ ଅବସ୍ଥିତ ଏହାର କାର୍ଯ୍ୟ ଏବଂ ଏହି ଅଫିସ୍ ମାଧ୍ୟମରେ ଗରିବ ତଥା ନିଷ୍ପେସିତ ଲୋକମାନେ ଶୀଘ୍ର ଏବଂ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ଉପସ୍ଥିତ ଅତିଥିଗଣ ମତବ୍ୟକ୍ତ କରିଥିଲେ। ଶ୍ରୀ ରଥ ୧୫୧୦୦ ଦେୟମୁକ୍ତ ନମ୍ବର ବାବଦରେ ମଧ୍ୟ ଜଣାଇଥିଲେ। ଶ୍ରମ ଅଧିକାରୀ ମଧ୍ୟ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଦ୍ୱାରା ସାଧାରଣ ଲୋକଟିଏ ବହୁତ ସୁବିଧା ପାଇପାରିବା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚିଙ୍ଗୁଡ଼ି ପ୍ଲାଣ୍ଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାସୁଦେବପୁର,୪।୨(ସମିସ): ଘରେ ପତ୍ନୀଙ୍କ ଅନୁପସ୍ଥିତିରେ ସ୍ୱାମୀଙ୍କ ମୃତ୍ୟୁ। ଚିଙ୍ଗୁଡ଼ି ପ୍ଲାଣ୍ଟ ଘରୁ ସନ୍ଦେହଜନକ ଭାବେ ମୃତଦେହ ଉଦ୍ଧାର କରାଯାଇଛି। ପରିବାର ଲୋକେ ଆତ୍ମହତ୍ୟାର ରୂପ ଦେଉଥିବାବେଳେ ଶଶୁର ଘର ଲୋକ ହ୍ୱାଇଁର ହତ୍ୟା ଅଭିଯୋଗ ଆଣିଛନ୍ତି। ଏମିତି ଅଭିଯୋଗ ଆସିଛି ବାସୁଦେବପୁର ବ୍ଲକ୍‌ର ବିନୋବାଭାବେ ନଗର ପଞ୍ଚାୟତର ବିଦେଇପୁର ପାଳରୁ। ବିଦେଇପୁର ପାଳର ଗୌରାଙ୍ଗ ଗିରି ଟେଣ୍ଟ ହାଉସ୍ ମାଲିକ ଭାବେ ବେଶ୍ ପରିଚିତ। ବିଦେଇପୁର ପାଳର ଅଶିନୀ ମାଇତିଙ୍କ ଝିଅ ବୃନ୍ଦାବତୀଙ୍କ ସହିତ ୧୨ ବର୍ଷ ତଳେ ତାଙ୍କର ବିବାହ ହୋଇଥିଲା। ପରିବାରରେ ପତି ଓ ପତ୍ନୀଙ୍କ ମଧ୍ୟରେ ବିବାଦ ନ ଥିଲା। ଶାଶୂ ଓ ଶଶୁର ବୃନ୍ଦାବତୀଙ୍କୁ ନିର୍ଯ୍ୟାତନା ଦେଇ ଆସୁଥିଲେ ବୋଲି ଅଭିଯୋଗ ହୋଇଛି। ଯାହାକୁ ନେଇ ଏକାଧିକଥର ବସି ଭଦ୍ରଲୋକମାନେ ଆପୋଷ ସମାଧାନ କରିଥିଲେ। ସପ୍ତାହେ ପୂର୍ବରୁ ବୃନ୍ଦାବତୀ ବାପ ଘରକୁ ବୁଲିବାକୁ ଯାଇଥିଲେ। ମଙ୍ଗଳବାର ଶାଶୂ ହଠାତ୍ ବୋହୂକୁ ଘରକୁ ଆସିବାକୁ କହିଥିଲେ। ବୋହୂ ବୃନ୍ଦାବତୀ ଘରେ ପହଞ୍ଚିଥିଲେ। ସେତେବେଳକୁ ଗୌରାଙ୍ଗ ଘରେ ନ ଥିଲେ। ମଧ୍ୟାହ୍ନରେ ସ୍ଥାନୀୟ ଗ୍ରାମବାସୀ ଚିଙ୍ଗୁଡ଼ି ପ୍ଲାଣ୍ଟରୁ ଗୌରାଙ୍ଗଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାର ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ସମ୍ପର୍କରେ ପତ୍ନୀଙ୍କୁ କୌଣସି ସୂଚନା ଦେଇ ନ ଥିଲେ ଶାଶୂ-ଶଶୁର। ଗୌରାଙ୍ଗଙ୍କ ମୃତ୍ୟୁକୁ ନେଇ ପରିବାର ଲୋକ ଆତ୍ମହତ୍ୟା କହୁଥିବାବେଳେ ଶଶୁର ଘର ଲୋକ ଗୌରାଙ୍ଗଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଥାନାରେ ଏତଲା ଦେଇଛନ୍ତି। ଚିଙ୍ଗୁଡ଼ି ପ୍ଲାଣ୍ଟର ଏତେ ଛୋଟ ଘରେ ଜଣେ ରଶି ଲଗାଇ ଆତ୍ମହତ୍ୟା କରିବା ସମ୍ଭବ ନୁହେଁ ବୋଲି କହିଛନ୍ତି। ସ୍ୱାମୀଙ୍କୁ ଶେଷ ଦର୍ଶନ କରିବାକୁ ଝିଅର ବାପଘର ଲୋକ ଶଶୁର ଘରୁ ଝିଅକୁ ଆଣି ଡାକ୍ତରଖାନାରେ ପହଞ୍ଚିଥିଲେ। ବୁକୁଫଟା କାନ୍ଦବୋବାଳିରେ ସୃଷ୍ଟି ହୋଇଥିଲା ଶୋକାକୁଳ ପରିବେଶ। ସ୍ୱାମୀଙ୍କୁ ମାରି ଦେଇଛନ୍ତି ବୋଲି ପତ୍ନୀ ଅଭିଯୋଗ କରିଛନ୍ତି। ମୃତ ଗୌରାଙ୍ଗଙ୍କ ଶାଶୂ ସରସ୍ୱତୀ ମାଇତି କସିଆ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ଗୌରାଙ୍ଗ ଅର୍ଥ ରୋଜଗାର କରୁଥିଲେ ମଧ୍ୟ ସବୁତକ ଅର୍ଥ ବାପା-ମାଆଙ୍କୁ ପ୍ରଦାନ କରନ୍ତି। ଅର୍ଥକୁ ନେଇ ପରିବାର ମଧ୍ୟରେ ହତ୍ୟାକାଣ୍ଡ ଘଟଣା ଘଟିନାହିଁ ତ ! କସିଆ ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଅଭିଯୋଗ କ୍ରମେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।



**ଘଟଣାସ୍ଥଳର ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଜାରି**

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ,୪।୨(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ବୁଧବାର ସକାଳ ୯ଟା ସମୟରେ ଭଦ୍ରକ ପୁରୁଣା କଚେରି ପରିସରରେ ଥିବା ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଉତ୍କଳ ଗୌରବ ଏକାଧାରରେ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା, ଲେଖକ, କବି ଓ ବିଶିଷ୍ଟ ଆଇନଜୀବୀ ଥିଲେ ବୋଲି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥିସହ ଉତ୍କଳ ଗୌରବଙ୍କ ଦେଶପ୍ରେମ, ତ୍ୟାଗ ଓ ସଂଘର୍ଷମୟ ଜୀବନ ଆଜିର ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ବୋଲି ଜିଲ୍ଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ, ବରିଷ୍ଠ ନାଗରିକ ସଂଘର କୈଳାସ ମହାପାତ୍ର, ଉତ୍କଳ ସର୍ବୋଦୟ ମଣ୍ଡଳ ଜିଲ୍ଲା ସଭାପତି ଅମର କୁମାର ପାଣିଗ୍ରାହୀ, ସାହିତ୍ୟିକା ଡ. ରାଧାରାଣୀ ମହାପାତ୍ର, ଶିକ୍ଷାବିତ୍ ମୁକ୍ତିକାନ୍ତ ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ବାରିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ବିଧାୟକ ବ୍ୟୋମକେଶ ରାୟ ଭଦ୍ରକ ଜିଲ୍ଲା ବିଜେଡି ସଭାପତି

ଭଦ୍ରକ,୪।୨(ସମିସ): ଭଦ୍ରକ ଜିଲ୍ଲା ବିଜେଡିର ସଭାପତି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟଙ୍କୁ ନିଯୁକ୍ତି ମିଳିଛି। ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ମଙ୍ଗଳବାର ସନ୍ଧ୍ୟାରେ ଏହି ଘୋଷଣା କରିବା ପରେ ତାଙ୍କ ସମର୍ଥକ ତଥା ବିଜେଡି ଶିବିରରେ ଆନନ୍ଦ ପ୍ରକାଶ ପାଇଛି। ବିଧାୟକ ବ୍ୟୋମକେଶଙ୍କୁ ଜିଲ୍ଲା ସଭାପତି ଭାବରେ ଘୋଷଣା କରାଯିବା ପରେ ଜିଲ୍ଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।



ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାରେ ବିଜେଡି ସଂଗଠନକୁ ସୁଦୃଢ଼ କରିବା ପାଇଁ ଦଳର ନେତା ନବୀନ ପଟ୍ଟନାୟକ ବିଜେଡିର ଟାଣୁଆ ଯୁବ ନେତା ବିଧାୟକ ଡ. ବ୍ୟୋମକେଶ ରାୟଙ୍କୁ ଭଦ୍ରକ ଜିଲ୍ଲା ସଭାପତି ଭାବରେ ଚୟନ କରିଛନ୍ତି। ବିଧାୟକ ଡ. ରାୟ ଛାତ୍ର ରାଜନୀତିରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବାବେଳେ ସେ ୨୦୧୨ରୁ ୨୦୧୮ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଭାବରେ ରାଜ୍ୟରେ ଛାତ୍ର ସଂଗଠନକୁ ସୁଦୃଢ଼ କରିଥିଲେ। ପରେ ସେ ୨୦୨୦ରୁ ୨୦୨୬ ପର୍ଯ୍ୟନ୍ତ ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ଭାବରେ ଦାୟିତ୍ୱରେ ଥିଲେ। ତାଙ୍କର ସାଂଗଠନିକ ଦକ୍ଷତା ପାଇଁ ଦଳ ତାଙ୍କୁ ୨୦୧୪ରେ ଚାନ୍ଦବାଲି ଆସନରୁ ବିଧାୟକ ପ୍ରାର୍ଥୀ ଭାବରେ ଟିକଟ ଦେଇଥିଲା। ସେ ପ୍ରଥମ କରି ବିଧାୟକ ଭାବରେ ନିର୍ବାଚିତ ହେବା ପରେ ଦ୍ୱିତୀୟବାର ୨୦୧୯ ଓ ତୃତୀୟବାର ୨୦୨୪ରେ ବିଧାୟକ ଭାବରେ ବିଜୟୀ ହେବା ସହ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଦୁଇ ଦୁଇ ଥର ଚାନ୍ଦବାଲିରୁ ପରାସ୍ତ କରି ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି। ତାଙ୍କ ନେତୃତ୍ୱରେ ବିଜେଡି ଅଧିକ ସକ୍ରିୟ ଓ ସଂଗଠିତ ହୋଇ କାର୍ଯ୍ୟ କରିବ ବୋଲି କର୍ମୀ ମହଲରେ ଆଲୋଚନା ହେଉଛି।

## ଶ୍ରୀଶ୍ରୀ ଇନ୍ଦ୍ରଗୋବିନ୍ଦଜୀଉଙ୍କ ଇନ୍ଦ୍ରୋତ୍ସବ ଉଦ୍‌ଯାପିତ

ଅସୁରାଳି,୪।୨(ସମିସ): ଚୁଡ଼ାକୁଟି ପଞ୍ଚାୟତର ଚୁଡ଼ାକୁଟିଠାରେ ମାଘ ମାସ ପୂର୍ଣ୍ଣିମାଠାରୁ ୩ ଦିନ ଯାଏଁ ମହାଯଜ୍ଞ ଚାଲିଥାଏ। ଏହା ୨୦୦ ବର୍ଷ ଧରି ହୋଇ ଆସୁଛି। ଚଳିତ ବର୍ଷ ଗତ ୧ ତାରିଖଠାରୁ ଆରମ୍ଭ ହୋଇ ଏହା ୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଥମ ଦିବସ ଅବସରରେ ୧୦୮ ଘଟ ସ୍ଥାପନ କରାଯାଇ ଗୋ-ପୂଜା, ସୂର୍ଯ୍ୟ ପୂଜା ଆଦି କରାଯାଇ ମହାଯଜ୍ଞ ଆରମ୍ଭ କରାଯାଇଥିଲା। ପୂଜକ ଯତୀନ୍ଦ୍ର ପାଢ଼ୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପରେ ଓମ୍‌କାର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ପରିବେଶ। ପ୍ରତିଦିନ ବହୁ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ପ୍ରସାଦସେବନ କରିଥିଲେ। ଇନ୍ଦ୍ରଗୋବିନ୍ଦ କମିଟି ଏହିସବୁ କାର୍ଯ୍ୟକ୍ରମକୁ ତଦାରଖ କରିଥିଲା। ସଦସ୍ୟଗଣ ତଥା ସଭାପତି ପ୍ରଭାତ ଜେନା, ସମ୍ପାଦକ ଖଗେଶ୍ୱର ସାମଲ, ମୁଖ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ନରେନ୍ଦ୍ର ଦାସ, ଗୋପାଳ ମିଶ୍ର, ଚନ୍ଦ୍ରମଣି ପାତ୍ର, ବୃନ୍ଦାବନ ପତି, ଦୋଳଗୋବିନ୍ଦ ଦାସ, ବିଶ୍ୱରଞ୍ଜନ ବିଶ୍ୱାଳ, ଜ୍ଞାନ ରଞ୍ଜନ ମହାକୁଡ଼, ରାମଚନ୍ଦ୍ର ସାହୁ, ପ୍ରଶାନ୍ତ ସାହୁ, ବଟକୃଷ୍ଣ ପାତ୍ର, ସହଦେବ ମହାରଣା, ରାଜେଶ ମଲିକ୍, କରୁଣାକର ଗୋଛାୟତ, ବିଜୟ ସାହୁ, ଶ୍ରୀକାନ୍ତ ପୁହାଣ, ରମାକାନ୍ତ ସାମଲ, ସୁବାସ ଚନ୍ଦ୍ର ବେହେରା, ପ୍ରଫୁଲ୍ଲ ବେହେରା, ଉଦ୍ଧବ ଚରଣ ସାହୁ, ଶ୍ରୀଧର ରାଉତ, ପ୍ରଶାନ୍ତ ଶାହା ଓ ସ୍ଥାନୀୟ ଅଞ୍ଚଳ ଅଧିବାସୀ ପ୍ରମୁଖ ସହଯୋଗ ଯୋଗାଇଥିଲେ।

## ପିଏମ୍‌ଶ୍ରୀ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ



ବାରିକପୁର,୪।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପିଏମ୍‌ଶ୍ରୀ ରହଣିଆ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବଦତ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ପରିଡ଼ା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁ ସଭାପତି ସନ୍ତୋଷ କୁମାର ଦାସ, ମୋ ସ୍କୁଲ ଆଲୁମ୍ନି କମିଟି ସଭାପତି ରଞ୍ଜନ କୁମାର ବେହୁରିଆ, ଉପସଭାପତି କରୁଣାକର ତରାଇ, ହରେକୃଷ୍ଣ ଦାସ, ଅନୁସୟା ବାରିକ ପ୍ରମୁଖ ଯୋଗଦେଇ ଶିକ୍ଷା ସହିତ କ୍ରୀଡ଼ା ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସ୍ମୃତିରେଖା ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ପ୍ରଶାନ୍ତ କୁମାର ଜେନା ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ଇତିଶ୍ରୀ ନିବେଦିତା ସାହା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷକ ତାପସ କୁମାର ପଣ୍ଡା, ପ୍ରିୟବ୍ରତ ବାରିକ, ପ୍ରଭାତ ଦାସ, ସରୋଜ କୁମାର ସାହୁ, ପୂର୍ଣ୍ଣିମା ଧଳ, ନିର୍ମଳ କୁମାର ଧଳ, ସୁପ୍ରିୟା ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ମା' କୁଣ୍ଡିକାଳୀ ପୀଠରେ ୨୮ ତମ ସାଂସ୍କୃତିକ ମହୋତ୍ସବ



ଭଦ୍ରକ,୪।୨(ସମିସ): ଭଦ୍ରକ ବ୍ଲକ୍ ମାଳିଅରୁଆ ଗାଁର ପ୍ରସିଦ୍ଧ ମା' କୁଣ୍ଡିକାଳୀ ପୀଠରେ ସରସ୍ୱତୀ ପୂଜା କମିଟି ପକ୍ଷରୁ ୨୮ ତମ ସାଂସ୍କୃତିକ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଶିବଶଙ୍କର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷିକ ଅରୂପ ଅଭିଷେକ ବେହେରା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ସମ୍ମାନିତ ଅତିଥି ଭାବେ କବି ନିର୍ମଳ ଚନ୍ଦ୍ର ବେହୁରିଆ, ସାବରଙ୍ଗ ଥାନାଧିକାରୀ ଶାନ୍ତନୁ ଜେନା, ସରପଞ୍ଚ ନରହରି ସାହୁ ପ୍ରମୁଖ ଯୋଗଦେଇ ମା' କୁଣ୍ଡିକାଳୀ ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ ଯାହାଙ୍କ ଆଶୀର୍ବାଦରେ ଗ୍ରାମବାସୀଙ୍କର ଉନ୍ନତି ହୋଇଛି ବୋଲି କହିଥିଲେ। କୁନି କୁନି ପିଲାମାନଙ୍କ ମଧ୍ୟରେ ଶିକ୍ଷା ସହିତ ପ୍ରତିଭା ରହିଛି। ଏହି ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ କମିଟି ପକ୍ଷରୁ ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯାଇ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବିଚାରପତି ଭାବେ ପ୍ରଶାନ୍ତ ଓଝା ଓ ପଦ୍ମାଳୟା ଦାସ ନିଯୁକ୍ତ ହୋଇଥିଲେ। ସାମାଜିକ କର୍ମୀ ଦିବାକର ମଲ୍ଲିକ ପ୍ରାରମ୍ଭିକ ସୂଚନା, କମିଟିର ସମ୍ପାଦକ ଅକ୍ଷୟ କୁମାର ନାୟକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ମନୋଜ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ଆନ୍ତଃରାଜ୍ୟ ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## ସେମି ଫାଇନାଲରେ ବିଡ଼ାନାସୀ କ୍ଲବ୍



ବାସୁଦେବପୁର,୪।୨(ସମିସ): ବାସୁଦେବପୁର ଅଟଳବିହାରୀ ହାଇସ୍କୁଲ ପଡ଼ିଆରେ ଟାଉନ କ୍ଲବ୍ ଦ୍ୱାରା ଆୟୋଜିତ ୩୮ ତମ ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବୁଧବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନ ଖେଳରେ କଟକର ରକ୍‌ଷ୍ଟାର କ୍ଲବ୍‌କୁ ୫-୪ ଗୋଲ୍‌ରେ ପରାସ୍ତ କରି କଟକ ବିଡ଼ାନାସୀ କ୍ଲବ୍ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳରେ କଟକର ଦୁଇ ପ୍ରତିଦ୍ୱନ୍ଦ୍ୱୀ ଦଳ ମଧ୍ୟରେ ବେଶ୍ ଚିତାକର୍ଷକ ଭାବେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦୁଇ ଦଳର ଖେଳାଳିମାନେ ବିଜୟ ପାଇଁ ସଂଘର୍ଷ ଜାରି ରଖିଥିଲେ। କେହି କାହାରିକୁ ଗୋଲ୍ ଦେଇ ନ ପାରିବାରୁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ୫-୪ ଗୋଲ୍ ବ୍ୟବଧାନରେ କଟକର ବିଡ଼ାନାସୀ କ୍ଲବ ବିଜୟଲାଭ କରି ଚଳିତ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳକୁ ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସୁରେଶ ଚନ୍ଦ୍ର ମହାନ୍ତି, ଅଟଳବିହାରୀ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ରାଉତ ପ୍ରମୁଖ ଅତିଥି ଭାବେ ଯୋଗେଦଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ୍ ସଭାପତି ଗଗନ ବିହାରୀ ମହାନ୍ତି, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ କୁମାର ବାରିକ, ବରିଷ୍ଠ କର୍ମକର୍ତ୍ତା ସୁବାସ ଚନ୍ଦ୍ର ମହାନ୍ତି, ନୀଳାଦ୍ରି ନାୟକ, ନିର୍ମଳ ନାଥ, ଅମୀୟ ମହାନ୍ତି, ଅଜୟ ପଟ୍ଟନାୟକ, ଗୌତମ ଦେ, ଅଜୟ ପଳିତା, ତୁଳସୀ କଲ୍ୟାଣ ବେହେରା ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥେଠିଲା। ଖେଳକୁ ପ୍ରଶନ୍ନ ନାୟକ, ମାନସ ବିଶ୍ୱାଳ ଓ ସୁକାନ୍ତ ସିଂ ପରିଚାଳନା କରିଥିଲେ। ଗୁରୁବାର କଟକ ବିଡ଼ାନାସୀ କ୍ଲବ୍ ସହିତ ଭୁବନେଶ୍ୱରର ନଟୟେଟ କ୍ଲବ୍ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

ଚରମ୍ପା ବରିଷ୍ଠ ନାଗରିକ ସଂଘର ବାର୍ଷିକ ସମାରୋହ

## 'ପିତାମାତାଙ୍କ ସେବା ପିଲାମାନଙ୍କର କର୍ତ୍ତବ୍ୟ'

ଭଦ୍ରକ,୪।୨(ସମିସ)



ସମାଜରେ ବରିଷ୍ଠମାନେ ଅଲୋଡ଼ା ବୋଲି ଭାବିବା ଅନୁଚିତ୍, କାରଣ ସେମାନେ ଜଣେ ଜଣେ ଅନୁଭବୀ ଓ ଅମୂଲ୍ୟ ସମ୍ପଦ। ପାଶ୍ଚାତ୍ୟ ସଭ୍ୟତାକୁ ଆଜିର ଉଚ୍ଚଶିକ୍ଷିତ ପିଲାମାନେ ଆପଣାଇ ନିଜର ସ୍ତ୍ରୀକୁ ରାଣୀ କରି ରଖି ପିତାମାତାଙ୍କୁ ସମ୍ମାନ ଦେଉନାହାନ୍ତି। ଏହାକୁ ପାଥେୟ କରି ଚରମ୍ପାର ବରିଷ୍ଠ ନାଗରିକମାନେ ସଂଘ ଜରିଆରେ ସଂଗଠିତ ହୋଇ ସମାଜକୁ ଏକ ନିଆରା ବର୍ତ୍ତା ଦେଇଛନ୍ତି "ଆମେ ବି ସମର୍ଥ'। ସକାଳ ୯ଟାରେ ଭେଷଜ ବିଶେଷଜ୍ଞ ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା ଓ ଡାକ୍ତର ପୂର୍ଣ୍ଣ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଅଭିଜ୍ଞ ଟେକ୍‌ନିସିଆନଙ୍କ ସହାୟତାରେ ସଂଘର ସମସ୍ତ ସଦସ୍ୟଙ୍କୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା ଓ ତା'ର ନିଦାନ ପାଇଁ ଡାକ୍ତରୀ ପରାମର୍ଶ ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏରେଇଁ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଚରମ୍ପା ବରିଷ୍ଠ ନାଗରିକ ସଂଘର ୭ମ ବାର୍ଷିକ ସମାରୋହରେ ସଂଘ ସଭାପତି ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଓ ମୁଖ୍ୟବକ୍ତା ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆର ଓଡ଼ିଶା ଶାଖା ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ବରେଣ୍ୟ ଅତିଥି ଜିଲ୍ଲା ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଏରେଇଁ ସରପଞ୍ଚ ଉର୍ମିଳା ଯେନା ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ସହ ବରିଷ୍ଠଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସମାଜକୁ ଶୃଙ୍ଖଳିତ କରିବାକୁ ହେଲେ ଏହି ଉତ୍ସବ ଜରିଆରେ ନିଜ ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ବୃଦ୍ଧ ପିତାମାତାଙ୍କ ସାମାଜିକ ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ପାଇଁ ସଚେତନ କରିବାକୁ କହିଥିଲେ। ଶଶିକାନ୍ତ ପାଢ଼ୀ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ରମେଶ ଦାଶ ବେଦପାଠ, ରତ୍ନାକର ମଲ୍ଲିକ ଅତିଥି ପରିଚୟ, ପଦ୍ମଲୋଚନ ମହାଳିକ ସ୍ୱାଗତ ଭାଷଣ ଦେଇଥିଲେ। ରତ୍ନାକର ସାମଲ, ବାବୁଲାଲ ଦାସ, ରାଧାମାଧବ ଶତପଥୀ, ଗୋପୀନାଥ ନାୟକ, ସୁଦର୍ଶନ ସାହୁ, ଲକ୍ଷ୍ମୀଧର ଦାସଙ୍କୁ ବରିଷ୍ଠ ନାଗରିକ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ନରସିଂହ ମିଶ୍ର, ମଧୁସୂଦନ ଅଗ୍ରୱାଲ, କାଳନ୍ଦୀ ଚରଣ ପାତ୍ର, ବିଜୟ ସେନାପତି, ପିତାମ୍ବର ରାଉତ, ଶଙ୍କର୍ଷଣ ସାହୁ, ପ୍ରଭାକର ଦାସ, ସୁଦର୍ଶନ ବିଶ୍ୱାଳ, ବୀରେନ୍ଦ୍ର ନାୟକ, ଅମର ନାଥ ସାହୁ ଯୋଗଦେଇଥିଲେ। ଭାଗବତ ସାହୁ କବିତାପାଠ କରିଥିଲେ।

# ଜିଲ୍ଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରି

ଅନୁଗୋଳ,୪।୨(ସମିସ)




ଅନୁଗୋଳ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ବାର୍ଷିକ କ୍ୟାମ୍ପୋରି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୧୦ଟାରେ ଅନୁଷ୍ଠାନର ମୁଖ୍ୟ କମିଶନର ତଥା ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲ୍ଲା ସମ୍ପାଦକ ତଥା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିନୋଦ ଚନ୍ଦ୍ର ଦେହୁରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲାର ସମସ୍ତ ସ୍କାଉଟ୍ସ, ଗାଇଡ୍ସ, ସ୍କାଉଟ ମାଷ୍ଟର, ଗାଇଡ କ୍ୟାପଟେନ ଓ ସମସ୍ତ ପଦାଧିକାରୀଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ ସମାରୋହ ଅନୁଷ୍ଠିତ ହୋଇଥିଲା। କ୍ୟାମ୍ପୋରିରେ କୁଇଜ୍, ମାର୍ଚ୍ଚପାଷ୍ଟ, କଲର ପାର୍ଟି, ଫୁଡ୍ ଭିଲ୍ଲା, ଗାଁ ହାଟ, କଳାକୃତି ପ୍ରଦର୍ଶନ, ହସ୍ତତନ୍ତ ପ୍ରଦର୍ଶନ ପ୍ରଭୃତି ପ୍ରତିଯୋଗିତା ହୋଇଥଲା। ଅପରାହ୍ନ ୩ଟାରେ ଜିଲ୍ଲା ସମ୍ପାଦକଙ୍କ ସଭାପତିତ୍ୱରେ ଉଦଯାପାନୀ ଉତ୍ସବ ଅନୁଷ୍ଠିତ ହେଉଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ, ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନ, ଜିଲ୍ଲା ସ୍କଉଟ୍ କମିସନର ଆଶୁତୋଷ ମହାପାତ୍ର, ଜିଲ୍ଲା ଗାଇଡ କମିସନର ଲତିକା ମହାପାତ୍ର ପ୍ରମୁଖ ଉପସ୍ଥିତଥିଲେ। ସମସ୍ତ ଅତିଥି ଶିକ୍ଷା ସହିତ ସ୍କାଉଟ ଗାଇଡର ଭୂମିକା ଓ ଏହା ଜୀବନ ଶୈଳୀକୁ ଶୃଙ୍ଖଳିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମନୋଜ କୁମାର ସାହୁ, ସତ୍ୟାନନ୍ଦ ରାଉତ, ଅହିଂସା ସେନାପତି, ମନ୍ଦାକିନୀ ପ୍ରଧାନ, ସୁନୀତା ଦାସଗୁପ୍ତାଙ୍କ ସମେତ ସମସ୍ତ ସ୍କଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ ସହଯୋଗ କରିଥିଲେ।

## ଗୁଣ୍ଡୁରୀନାଳିରେ ଅଗ୍ନି ଉତ୍ସବ ଓ ଲଉଡ଼ି ଖେଳ

କଣିହାଁ,୪।୨(ସମିସ): କଣିହାଁ ବ୍ଲକ ଜରଡ଼ା ପଞ୍ଚାୟତ ଗୁଣ୍ଡୁରୀନାଳି ଗ୍ରାମ ଗୋପାଳ ସମାଜ ତରଫରୁ ମାଘ ପୂର୍ଣ୍ଣିମା ମା' ମଙ୍ଗଳା ଓ ପରମେଶ୍ୱରଙ୍କୁ ଆବାହନ କରି ବିଧିକ୍ରମେ ପୂଜାର୍ଚ୍ଚନା ସହ ଅଗ୍ନି ଉତ୍ସବ ଅନୁଷ୍ଠିତ ହୋଇଛି। ମଙ୍ଗଳା ମନ୍ଦିର ପୂଜକ ଦୁଃଖବନ୍ଧୁ ବେହେରା ଓ ସହଯୋଗୀ ପୂଜକ ବିମ୍ବାଧର ଭୂତିଆଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇ ସନ୍ଧ୍ୟାରେ ପୂଜା ସମାପ୍ତ ହୋଇଥିଲା। ପରମ୍ପରାନୁସାରେ ଗୋପାଳ ଲଉଡ଼ି ଖେଳ ଅନୁଷ୍ଠିତ ହୋଇଥିଲା। ଗୋପାଳ ସମାଜ ପକ୍ଷରୁ ଫାଲଗୁନ ମାସରେ ଘରେ ଘରେ ଭଗବାନ ଶ୍ରୀକୃଷ୍ଣ ଓ ଶ୍ରୀରାଧାରାଣୀଙ୍କ ଯୁଗଳ ପ୍ରତିମା ପୂଜା ସହ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଗଣ୍ଡବେରଣା, ଦଣ୍ଡସିଂହା, ଖଇରିନାଳି ଚନ୍ଦ୍ରବିଲ, ସାନତ୍ରିବିଡ଼ା, ବିଜୁଗୋଳ, ଜୁଲିବନ୍ଧ ସମେତ ଅନେକ ଗ୍ରାମରେ ଅଗ୍ନି ଉତ୍ସବ ପାଳିତ ହୋଇଛି।



## ହେମାମାଳିନୀଙ୍କୁ ଭେଟି ସମବେଦନା ଜଣାଇଲେ ସାଂସଦ



ଅନୁଗୋଳ,୪।୨(ସମିସ): କିଛିଦିନ ପୂର୍ବରୁ ପ୍ରଖ୍ୟାତ ହିନ୍ଦୀ ଚଳଚ୍ଚିତ୍ର ଅଭିନେତା ଧର୍ମେନ୍ଦ୍ରଙ୍କ ବିୟୋଗ ଘଟିଥିଲା। ଧର୍ମେନ୍ଦ୍ର ବହୁ ଦଶନ୍ଧି ଧରି ହିନ୍ଦୀ ଚଳଚ୍ଚିତ୍ର ଜଗତରେ ସୁନାମଧନ୍ୟ ଅଭିନେତା ଭାବେ ବେଶ ଜଣାଶୁଣା। ତାଙ୍କ ଧର୍ମପତ୍ନୀ ହେମାମାଳିନୀ ମଧ୍ୟ ହିନ୍ଦୀ ଚଳଚ୍ଚିତ୍ର ଜଗତରେ ଜଣେ ସୁନାମଧନ୍ୟ ଅଭିନେତ୍ରୀ ସହ ସାଂସଦ ଅଛନ୍ତି। ବୁଧବାର ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ନୂଆଦିଲ୍ଲୀ ପାର୍ଲାମେଣ୍ଟରେ ଧର୍ମେନ୍ଦ୍ରଙ୍କ ଧର୍ମପତ୍ନୀ ସାଂସଦ ପଦ୍ମଶ୍ରୀ ହେମାମାଳିନୀଙ୍କୁ ଭେଟି ଧର୍ମେନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ସହ ସମବେଦନା ଜଣାଇଛନ୍ତି।

## ବଇଣ୍ଡା ହାଇସ୍କୁଲର ବାର୍ଷିକ ଉତ୍ସବ



ବଇଣ୍ଡା,୪।୨(ସମିସ): ଯେଉଁ ଅଞ୍ଚଳରେ ଶିକ୍ଷାର ଅଗ୍ରଗତି ହେଉନାହିଁ ସେହି ଆଞ୍ଚଳ ସବୁବେଳେ ପଛୁଆ ହୋଇ ରହିଯାଉଛି। ସବୁବେଳେ ଶିକ୍ଷାର କିପରି ବିକାଶ ହୋଇପାରିବ, ଶିକ୍ଷାକୁ ଶିକ୍ଷକ ସମାଜ ବ୍ରତ ଭାବେ ଗ୍ରହଣ କରନ୍ତୁ ବୋଲି ବୁଧବାର ବଇଣ୍ଡା ହାଇସ୍କୁଲର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚଟମ୍ବାଙ୍କ ସଭପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଇଓ ଅରୁଣ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖମାରି, ସମ୍ମାନିତ ଅତିଥି ଭାବେ ହଣ୍ଡପା ଥାନା ଆଇଆଇସି ରାଜେଶ କୁମାର ଶତପଥୀ, ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ, ସିଆରସିସି ରଞ୍ଜନ କୁମାର ବିଶ୍ୱାଳ, ଅନୁଗୋଳ ବାଜି ରାଉତ ଛାତ୍ରାବାସର ଉପଦେଷ୍ଟା କ୍ରୀଷ୍ଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କାର ବଣ୍ଟନ କରିଥିଲେ। ଶିକ୍ଷକ ଅନାଦି ବିଶି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶିକେଶନ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୋପାଳ ଚନ୍ଦ୍ର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଭବାନୀ ଶଙ୍କର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କଳ୍ପନା ସାହୁ, ରଶ୍ମି ବେହେରା, ଜ୍ୟୋତ୍ସ୍ନାରାଣୀ ସାହୁ, ନରେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।

## ଶ୍ରୀସାଇଙ୍କ ମନ୍ଦିର ପ୍ରତିଷ୍ଠା

ବଅଁରପାଳ,୪।୨(ସମିସ): ବଅଁରପାଳ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ସାଇଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ସକାଳେ କଳସଯାତ୍ରା ସହ ପୂଜାର୍ଚ୍ଚନା ହୋଇଥିଲା। ବୁଧବାର ଭୋରରୁ ସୂର୍ଯ୍ୟପୂଜା ସହ ହୋମଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂଜକ ମିନକେତନ ନାଥ, ତ୍ରିନାଥ ନାଥ, ଗୋବିନ୍ଦ ଚନ୍ଦ୍ର ମିଶ୍ର ଓ ପ୍ରମୋଦ ମହାପାତ୍ରଙ୍କ ଉପସ୍ଥିତରେ ଶ୍ରୀସାଇଙ୍କ ମନ୍ଦିର ପ୍ରବେଶ ହୋଇଥିଲା। ରୁଦ୍ରନାରାୟଣ ପରିଡ଼ା ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସିଦ୍ଧେଶ୍ୱର ପୂଜା କମିଟି ସଭାପତି ଅଜିତ ସାହୁ, ଭକ୍ତ ଟଙ୍କଧର ସାମଲ, ସୁବାସିନୀ ସାମଲ, ସ୍ୱପ୍ନା ସାମଲ, ଅଜିତ ସାମଲ, ସୁଜିତ ସାମଲ, ମିତା ସାମଲଙ୍କ ସହ ବହୁ ସାଇ ଭକ୍ତ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।



## ମହାରାଜା ସୋମନାଥ ସିଂହ ଜଗଦେବଙ୍କ ତ୍ୟାଗ ଦିବସ ପାଳିତ




ଅନୁଗୋଳ,୪।୨(ସମିସ): ଅନୁଗୋଳ ପୌରପାଳିକା ଏବଂ ମହାରାଜା ସୋମନାଥ ସିଂହ ଜଗଦେବ ସ୍ମୃତି କମିଟି ମିଳିତ ଆନୁକୂଲ୍ୟରେ ଅନୁଗୋଳର ଶେଷ ସ୍ୱାଧୀନ ରାଜା ମହାରାଜା ସୋମନାଥ ସିଂହ ଜଗଦେବଙ୍କ ମହାନ ତ୍ୟାଗ ଦିବସ ପାଳିତ ହୋଇଛି। ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖ ମହାରାଜାଙ୍କ ପ୍ରତିମୂର୍ତ୍ତିରେ କମିଟି ପ୍ରତିଷ୍ଠାତା ଗୋବିନ୍ଦଚନ୍ଦ୍ର ରାଜଗୁରୁ ପୂଜାର୍ପଣ କରିଥିଲେ। କମିଟି ଉପସଭାପତି ହେମନ୍ତ କୁମାର ଦାଶ, ସଂଯୋଜକ ଡ. ଧରଣୀଧର ନାଥ, କୋଷାଧ୍ୟକ୍ଷ, ହେମନ୍ତ କୁମାର ଦାସ, ସମ୍ପାଦକ ବନବିହାରୀ ପଟ୍ଟନାୟକ, ସଦସ୍ୟ ସ୍ନେହଲତା ସିଂହସାମନ୍ତ ଓ ସୁବୋଧ କୁମାର ସିଂହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମହାରାଜା ସୋମନାଥ ସିଂହ ଜଗଦେବଙ୍କ ଗୌରବମୟ ଇତିହାସ ଲୋକଲୋଚନକୁ ଆଣି ଦେଶ ଇତିହାସକୁ ଶ୍ରୀମଣ୍ଡିତ କରାଯାଉ ଏବଂ ମହାରାଜା ସୋମନାଥ ସିଂହ ଜଗଦେବଙ୍କ ନାମରେ ଅନୁଗୋଳ ବିଶ୍ୱବିଦ୍ୟାଳୟ ସ୍ଥାପନ ହେଉ ବୋଲି ଏହି ଅବସରରେ ଦାବି ଉପସ୍ଥାପନ କରାଯାଇଥିଲା। ଅନୁଗୋଳ ସ୍ୱାଭିମାନ ନିମିତ୍ତ ପୁରୁଣାଗଡ଼, କୃଷ୍ଣଚକ୍ରଗଡ଼ ଟିକରପଡ଼ାକୁ ଐତିହାସିକ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରାଯାଉ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଦାମୋଦର ଦାଶ, ଅକ୍ଷୟ କୁମାର ପଣ୍ଡା, ରୋହିତ କୁମାର ବେହେରା, ମାନସ କୁମାର ସିଂହ, ଜିତୁ ରାଜଗୁରୁ, ଗୀତାମୟୀ ମହାପାତ୍ର, ପ୍ରଭାସ ସାହୁ, ରାଜକିଶୋର ଦାସ, ଶ୍ରୀନାଥ ଗଡ଼ନାୟକ, ଅଚ୍ୟୁତାନନ୍ଦ ମିଶ୍ର, ଗୋବିନ୍ଦ ସାମନ୍ତ, ନିମାଇଁ ସାହୁ, ପ୍ରମୋଦ ଚନ୍ଦ୍ର ଦାସ, ପ୍ରଦୀପ ସାହୁ, ସଦାନନ୍ଦ ପରିଡ଼ା, ସେବକ କୁମାର ଦାସ, ରବି ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବକ୍ତି ଯୋଗଦେଇଥିଲେ।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଖମାର,୪।୨(ସମିସ): ଖମାର ଥାନା ପରାଛାଟ ପଞ୍ଚାୟତ କଣ୍ଟିଆପଶିସ୍ଥିତ ଉଚ୍ଚ ବିଦ୍ୟାପୀଠରେ ଚଳିତ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସଦାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଧୋବେଇ ବେହେରା, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା, ରାମନାଥ ରାଉଳ, ଅଜୟ ସାହୁ, ରୀନା ମହାନ୍ତି, ଦେବେନ୍ଦ୍ର ଗଡ଼ନାୟକ, ଅଜୟ ସାହୁ, ଦେବେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ନବମ ଶ୍ରେଣୀ ଛାତ୍ରଛାତ୍ରୀ ବିଦାୟ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାତ୍ରଛାତ୍ରୀମାନେ ନିଜ ଅନୁଭୂତି ବାଣ୍ଟିଥିଲେ।

### ସେଲୁନ ଦୋକାନରେ ହାଇଡ୍ରାମା

## ସନ୍ଦିଗ୍ଧ ମହିଳା ଓ ପୁରୁଷଙ୍କୁ ପଚାରଉଚୁରା ପରେ ଛାଡ଼ିଦେଲେ ସିକ୍ୟୁରିଟି

ଅନୁଗୋଳ,୪।୨(ସମିସ): ନାଲକୋ ନଗର ଥାନା ଅଞ୍ଚଳରେ ବିଭିନ୍ନ ହୋଟେଲ ରେଷ୍ଟୁରାଣ୍ଟ, ପାର୍କରେ ପ୍ରେମୀଯୁଗୋଳଙ୍କ ଆଖଡ଼ା ଜମୁଛି। ନିକଟରେ ପ୍ରେମ ପାଇଁ ଜଣେ ମହିଳାଙ୍କୁ ହତ୍ୟା ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ମଙ୍ଗଳବାର ଜଣେ କଲେଜ ଛାତ୍ରୀ ନିଖୋଜ ଘଟଣା ଛକ ବଜାରରେ ଚର୍ଚ୍ଚା ହେଉଛି। ସନ୍ଧ୍ୟାରେ ଏକ ସେଲୁନ ଭିତରେ ମହିଳାଙ୍କ ପ୍ରବେଶ ଏବଂ ଦୀର୍ଘ ସମୟ ବାହାରକୁ ନ ବାହାରିବାରୁ ଖବର ରୋଚକ ହୋଇଛି। ନାଲକୋ କଲୋନୀ ଭିତରେ ମାର୍କେଟ କମ୍ପ୍ଲେକ୍ସରେ ଏକ ସେଲୁନ ଦୋକାନ ଭିତରେ ଜଣେ ମହିଳା ପଶି ଦୀର୍ଘ ସମୟ ବାହାରକୁ ବାହାରି ନ ଥିଲେ। ସନ୍ଧ୍ୟା ସମୟ ଯୋଗୁଁ ଗ୍ରାହକ କେହି ଆସି ନ ଥିଲେ। ସେଲୁନ କର୍ମଚାରୀ ଓ ମହିଳା ଦୁହେଁ କବାଟ ବନ୍ଦକରି ପ୍ରାୟ ଘଣ୍ଟାଏ ସମୟ ସେଲୁନ ଦୋକାନ ଭିତରେ ରହିଥିବାରୁ ବଜାର ଲୋକଙ୍କ ସନ୍ଦେହ ବଢ଼ିଥିଲା।

ଲୋକେ ସିକ୍ୟୁରୀଟି ସଂସ୍ଥାକୁ ଖବର ଦେଇଇଲେ। ନାଲକୋ ଘରୋଇ ସୁରକ୍ଷା କର୍ମଚାରୀମାନେ ପହଞ୍ଚି ପ୍ରଥମେ ଜାଣିବାବାକୁ ପାଇଲେ ଯେ ସେଲୁନ ଦୋକାନୀ ଓ ସମ୍ପୃକ୍ତ ମହିଳା ସମ୍ପର୍କରେ ସ୍ୱାମୀ-ସ୍ତ୍ରୀ। ତେବେ ସୁରକ୍ଷା କର୍ମଚାରୀ ଅଧିକ ପଚରାଉଚୁରା ପାଇଁ ଉଭୟଙ୍କୁ ସିକ୍ୟୁରିଟି କଣ୍ଟ୍ରୋଲ ରୁମକୁ ନେଇଯାଇଥିଲେ। ପରେ ସେମାନଙ୍କ ପରିବାର ଲୋକଙ୍କ ହସ୍ତକ୍ଷେପ ପରେ ସିକ୍ୟୁରିଟି ଅଫିସରୁ ଦୁହିଁଙ୍କୁ ଛାଡ଼ି ଦିଆଯାଇଛି।

### ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ

## ସ୍କୁଲରେ ତାଲା ପକାଇଲେ ଅଭିଭାବକ



ଖମାର,୪।୨(ସମିସ): ପାଲଲହଡ଼ା ଶିକ୍ଷା ଜିଲ୍ଲା ଅନ୍ତର୍ଗତ ଡଙ୍ଗାପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ବିଦ୍ୟାଳୟରେ ପ୍ରାୟ ୮୫ ଛାତ୍ରଛାତ୍ରୀ ପାଠପଢୁଥିବା ବେଳେ ୨ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ନିକଟରେ ଜଣେ ଶିକ୍ଷକ ଅବସର ନେଇଛନ୍ତି। ଦୁଇ ଶିକ୍ଷକଙ୍କ ମଧ୍ୟରୁ ଜଣେ ଛୁଟିରେ ରହିଲେ ଜଣେ ଏତେ ପିଲାଙ୍କ କଥା ବୁଝିବା କଷ୍ଟସାଧ୍ୟ। ଆଉ ଦିନ କେଇବା ପରେ ବାର୍ଷିକ ପରୀକ୍ଷା ହେବ। ସରକାରୀ ସ୍ତରରେ କୌଣସି ପଦକ୍ଷେପ ନ ନିଆ ଯିବାରୁ ବାଧହୋଇ ଗ୍ରାମବାସୀ ତଥା ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇଥିଲେ। ବିଇଓ ଜଣେ ଶିକ୍ଷକଙ୍କୁ ପାଠ ପଢ଼େଇବା ପାଇଁ ପଠେଇଥିଲେ। ମାତ୍ର ପୁଣି ସେହି ଶିକ୍ଷକ ନିଜ ବିଦ୍ୟାଳୟକୁ ଛାଡ଼ିବାକୁ ନାରାଜ। ଲୋକଙ୍କ ସରକାରରେ ଲୋକେ ସାଧାରଣ ସମସ୍ୟା ଶିକ୍ଷାକୁ ପ୍ରାଥମିକତା ଦିଆଯିବ ବୋଲି କହିବୁଲୁଥିବା ବେଳେ ଏଠି କିନ୍ତୁ ତା'ର ବିପରୀତ ଘଟୁଛି। ବିଇଓଙ୍କୁ ପଚାରିବାରୁ ସ୍ଥାୟୀ ବଦଳି କେବଳ ଜିଲ୍ଲାପାଳ କରିପାରିବେ ବୋଲି କହିଛନ୍ତି। ଯଥାଶୀଘ୍ର ଏହାର ସମାଧାନ ନ କଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ କହିଛନ୍ତି।

### ● ହାଣ୍ଡିଧୂଆଁ ଅଞ୍ଚଳରେ ମାଟି ଦବିବା ଘଟଣା

## ବୈଜ୍ଞାନିକ ପଦ୍ଧତିରେ ସ୍ଥାୟୀ ସମାଧାନ ପାଇଁ ସାଂସଦଙ୍କ ଅନୁରୋଧ

ଅନୁଗୋଳ,୪।୨(ସମିସ): ତାଳଚେର ଟାଉନ ହାଣ୍ଡିଧୂଆଁ ଅଞ୍ଚଳରେ କିଛିଦିନ ପୂର୍ବେ ମାଟି ଦବି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଏହାକୁ ନେଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଗଭୀର ଉଦବେଗ ପ୍ରକାଶ କରିବା ସହ ଏମସିଏଲ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପାର୍ଲାମେଣ୍ଟ ଚାଲିଥିବା ହେତୁ ସାଂସଦ ପାଣି ନୂଆଦିଲ୍ଲୀରେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିସାନ ରେଡ୍ଡୀଙ୍କୁ ପତ୍ରଲେଖି ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହ ବୈଜ୍ଞାନିକ ପଦ୍ଧତିରେ ଏହାର ସ୍ଥାୟୀ ପ୍ରତିକାର କରିବାକୁ ଅନୁରୋଧ କରିଛନ୍ତି।

## ପବିତ୍ରନଗରରେ ପାଳିତ ହେବ ରାଜ୍ୟସ୍ତରୀୟ ପବିତ୍ର ଜୟନ୍ତୀ

କଣିହାଁ,୪।୨(ସମିସ): କଣିହାଁ ବ୍ଲକ ପବିତ୍ରନଗରଠାରେ ଆଗାମୀ ୮ ତାରିଖ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ହେବ। ଏଥିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତିଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦାନ କରିବା ସୂଚନା ମିଳିଛି। ଏ ନେଇ ମଙ୍ଗଳବାର ପବିତ୍ରନଗର କଲେଜରେ ବିଧାୟକଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଛି। ବିଧାୟକ ଅଶୋକ ମହାନ୍ତି ସମସ୍ତ ସଂଗଠନ, ଶିକ୍ଷାନୁଷ୍ଠାନ ଏହି ଜୟନ୍ତୀ ପାଳନରେ ସାମିଲ ହେବା ସହ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି। ଧୁମଧାମରେ ଜୟନ୍ତୀ ପାଳନ ହେବ ବୋଲି କହିଛନ୍ତି। ଏଥିରେ ଯୁକ୍ତଦୁଇ ଅଧ୍ୟକ୍ଷ ରମାକାନ୍ତ ସାହୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ବନୋଜ କୁମାର ପ୍ରଧାନ, ବୁଦ୍ଧିଜୀବୀ ମାନସ ରଞ୍ଜନ ପ୍ରଧାନ, ଲମ୍ବୋଦର ପ୍ରଧାନ, ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ କହିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାନୁଷ୍ଠାନ ମୁଖ୍ୟ ଏଥିରେ ଯୋଗଦାନ କରିଥିଲେ।

ରାଜ୍ୟପାଳଙ୍କ ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ମଧ୍ୟ ହେବା ବୋଲି ବିଧାୟକ ସୂଚନା ଦେଇଛନ୍ତି। ବିଶେଷ କରି ବହୁ ପ୍ରତୀକ୍ଷିତ ପବିତ୍ର ମୋହନ ସ୍ମୃତି ମଣ୍ଡପ ଉଦଘାଟନ ଏହିଦିନ ରାଜ୍ୟପାଳଙ୍କ ଦ୍ୱାରା କରାଯିବ ବୋଲି ସୂଚନା ମିଳିଛି।

## କଲେଜ ଛାତ୍ରୀ ନିଖୋଜ ଅଭିଯୋଗ

ଅନୁଗୋଳ,୪।୨(ସମିସ): ନାଲକୋ ନଗର ଥାନା ଗିରାଙ୍ଗ ଗ୍ରାମର ଜଣେ ୧୬ ବର୍ଷୀୟ ନାବାଳିକା ଛାତ୍ରୀ କଲେଜକୁ ପାଠ ପଢ଼ିବାକୁ ଯାଇ ଘରକୁ ନ ଫେରିବାରୁ ତାଙ୍କ ମା' ଥାନାରେ ନିଖୋଜ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଛାତ୍ରୀ ଜଣକ କଲେଜକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ମା' ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ନିଖୋଜ ମାମଲା ରୁଜୁ କରି କରିଛି। ଥାନା ଅଧିକାରିଣୀ ନମିତା ନାୟକ ଘଟଣାର ତଦନ୍ତ କରୁଛନ୍ତି।

## ଚୋରାମଦ ଦୋକାନୀ ମାଡ଼ରେ ପଡ଼ୋଶୀ ଆହତ

### ● ଥାନାରେ ମାମଲାର ସମାଧାନ

ଅନୁଗୋଳ,୪।୨(ସମିସ): ନାଲକୋ ଥାନା ଅଞ୍ଚଳରେ ସରକାରୀ ସ୍ୱୀକୃତିପ୍ରାପ୍ତ ୩ଟି ବିଦେଶୀ ମଦ ଦୋକାନ ଏବଂ ଗୋଟିଏ ଦେଶୀ ମଦଭାଟି ଥିବା ବେଳେ ଢାବା, ହୋଟେଲ, ରେଷ୍ଟୁରାଣ୍ଟଠାରୁ ଆରମ୍ଭ କରି କେତେକ ପାନ ଦୋକାନ, ରାସନ ଦୋକାନରେ ସବୁବେଳେ ଚୋରାମଦ ବିକ୍ରି ହେଉଛି। ଏପରିକି ଅବୈଧ ଧଳାଜହର କାରବାରର ମଧ୍ୟ ହବ୍ ପାଲଟିଛି ଏ ଅଞ୍ଚଳ। ଫଳରେ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ତଥା ସଡ଼କ ଦୁର୍ଘଟଣାକୁ ରୋକାଯାଇ ପାରୁନି। ମଙ୍ଗଳବାର ସନ୍ଧ୍ୟାରେ ଏକ ଚୋରା ମଦଦୋକାନରେ ଗ୍ରାହକ ଭିଡ଼ ଜମାଇଥିଲେ। ମଦ୍ୟପ ଗ୍ରାହକଙ୍କ ଉଚ୍ଚ ସ୍ୱରରେ ଅଶ୍ଳୀଳ ଯୁକ୍ତିତର୍କରେ ସଞ୍ଜମତା ରଖିବାକୁ ଦୋକାନର ପଡ଼ୋଶୀ ଲୋକ ଆସି କହିଥିଲେ। ତେବେ ଗ୍ରାହକଙ୍କୁ ସୁରକ୍ଷା ଦେବାକୁ ଯାଇ ଚୋରା ମଦ ଦୋକାନୀ ପଡ଼ୋଶୀ ଲୋକଙ୍କୁ ଆକ୍ରମଣ କରିଥିଲେ। ଆହତ ପଡ଼ୋଶୀ ନ୍ୟାୟ ପାଇଁ ଥାନା ଦ୍ୱାରସ୍ଥ ହୋଇଥିଲେ। ହେଲେ ଥାନାରେ ମାମଲା ରଫାଦଫା ହୋଇଥିବା ସୂଚନା ମିଳିଛି। ଚୋରା ମଦ ଦୋକାନୀ ଚାପରେ ଆଇନ ଚେପା ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

### ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍

## କାଇଁଶିରିପାଲି ୫-୦ ଗୋଲରେ ବିଜୟୀ

ଅନୁଗୋଳ,୪।୨(ସମିସ): ପିଟିସି ପଡ଼ିଆରେ ଚାଲିଥିବା ଅନୁଗୋଳ ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍‌ର ଆଜିର ମ୍ୟାଚ୍‌ରେ ପାଲଲହଡ଼ା କାଇଁଶିରିପାଲି ଦଳ ୫-୦ ଗୋଲରେ କୁଇଓକୁ ପରାସ୍ତ କରିଛି। ମନୋଜ ଦାସ ଖେଳ ପରିଚାଳନା କରିଥିଲେ। ସମାଜସେବୀ ମନୋଜ କୁମାର ନାଥ, ମନୋଜ ଆଦିତ୍ୟ ଦାସ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରମେଶ ଚନ୍ଦ୍ର ସାହୁ, ପ୍ରଶାନ୍ତ ସିହ୍ନା, ଯୁଧିଷ୍ଠିର ସେଠ, ହୃଦାନନ୍ଦ ପଣ୍ଡା, ରୁଚିର ଦାସ, ବସନ୍ତ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ଗୁରୁବାର କାଇଁଶିରିପାଲି ଓ ପତକା ଦଳ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## କ୍ରିକେଟ, ବିବାହ, ବ୍ରତ ଉତ୍ସବରେ ନେତାଙ୍କ ଫିତାକଟା

ତାଳଚେର,୪।୨(ସମିସ): ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଦିନକୁ ଦିନ ଦ୍ରୁତ ଗତିରେ ଜନସଂଖ୍ୟା ବୃଦ୍ଧି ପାଇବା ସହ ସେହି ଅନୁପାତରେ କୋଇଲା ଖଣି କଳାକାରଖାନା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଏଠାରେ ବେକାରୀ ସମସ୍ୟା ମୁଣ୍ଡ ଟେକିଛି। କିନ୍ତୁ ସ୍ଥାନୀୟ ନେତାମାନେ ବାହାରଘ ଭୋଜି, କ୍ରିକେଟ୍ ମ୍ୟାଚ୍, ମନ୍ଦିର, ଧର୍ମଶାଳାକୁ ଯାଇ ବେଶ୍ ଆନନ୍ଦରେ ଫିତାକାଟି ସୋସିଆଲ ମିଡିଆରେ ଭାଇରାଲ୍ ହୋଇ ବାହାବା ନେଉଥିବା ବେଳେ ତାଳଚେର ବିକାଶ ଦିନକୁ ଦିନ ଝୁଣ୍ଟିବାରେ ଲାଗିଛି। ଶିକ୍ଷିତ ଯୁବକ, ଯୁବତୀଙ୍କ ନିଯୁକ୍ତିଠାରୁ ଆରମ୍ଭକରି ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ଉପୁଜୁଥିବା ବେଳେ ଶିକ୍ଷିତ ଯୁବକମାନେ ନିଯୁକ୍ତି ନ ପାଇ ମାରାତ୍ମକ ନିଶା କବଳରେ ପଡ଼ି ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ ରହି ପରିବାରକୁ ଦୁଃଖ ଦେବା ସହ ସମାଜପାଇଁ ବୋଝ ପାଲଟୁଛନ୍ତି। ଅନ୍ୟପଟେ ନେତାମାନେ କର୍ମୀଙ୍କୁ କିଛି କିଛି ସାହାଯ୍ୟ କରି ସହାନୁଭୂତି ସାଉଣ୍ଟୁଥିବା ବେଳେ ସେହି କର୍ମୀଙ୍କୁ କେବଳ ସେମାନଙ୍କ ସ୍ୱାର୍ଥ ହାସଲରେ ନିୟୋଜିତ କରୁଛନ୍ତି। ଏବେ ୧୪୯ନଂ ଜାତୀୟ ରାଜପଥ ମରଣଯନ୍ତା ସାଜିଥିବା ବେଳେ ଠିକାଦାର ୪ଲେନ ରାସ୍ତା ନିର୍ମାଣ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ତେବେ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା, ରାସ୍ତାକଡ଼ରୁ ପାଇପ୍ ଲାଇନ୍ ହଟାଇବା, ବିଦ୍ୟୁତ୍ ଟ୍ରାନ୍ସଫର୍ମର ଇତ୍ୟାଦି ହଟୁ ନ

### ତାଳଚେର ବିକାଶ ପ୍ରତି ଧ୍ୟାନ ନାହିଁ



ଥିବାରୁ ଏହି ରାସ୍ତା କେବେ ନିର୍ମାଣ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତାଳଚେର ଅଞ୍ଚଳରୁ ଲ୍ୟାଣ୍ଡ ଆକ୍ୟୁଜେସନ୍ କାର୍ଯ୍ୟାଳୟ ସମେତ ପ୍ରାୟ ୧୮ଟି ସରକାରୀ ଦପ୍ତର ଚାଲିଯାଇଥିଲେ ମଧ୍ୟ ତାଳଚେରର କୌଣସି ନେତା ମୁହଁ ଖୋଲୁ ନ ଥିବା ଦୁର୍ଭାଗ୍ୟର ବିଷୟ ହୋଇଛି। ଏପରିକି, ଏମସିଏଲ ସିଏସଆର ଅର୍ଥରୁ ପ୍ରାୟ ୧୮ଶହ କୋଟି ଟଙ୍କାରେ ଘଣ୍ଟପଡ଼ା ଗ୍ରାମ ନିକଟରେ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ଲାଘବ ଓ ଖଣି କଳକାରଖାନା ଯୋଗୁଁ ମାରାତ୍ମକ ରୋଗର ଶିକାର ହେଉଥିବାରୁ ୫ଶହ ଶଯ୍ୟାବିଶିଷ୍ଟ ମେଡିକାଲ କଲେଜ ନିର୍ମାଣ କରାଗଲା। ମାତ୍ର ଏଥିରେ ପାଠପଢ଼ିବା ଛଡ଼ା ଏପର୍ଯ୍ୟନ୍ତ ରୋଗୀ ଚିକତ୍ସା ପାଇଁ ବାଟ ଖୋଲି ପାରିଲା ନାହିଁ। ବହୁ ଦାବି ପରେ ୧୦ ବର୍ଷରେ କେବଳ ଘଣ୍ଟପଡ଼ା ରେଲୱେ ଲାଇନ ଉପରେ ଓଭରବ୍ରିଜ୍ ନିର୍ମାଣ କରାଯାଇଥିଲେ ମଧ୍ୟ ତାଳଚେର ଅଞ୍ଚଳର ଚତୁଃପାର୍ଶ୍ୱରେ ବିଭିନ୍ନ ମୁଖ୍ୟ ରାସ୍ତା ଉପରେ କମ୍ପାନୀ ପକ୍ଷରୁ ଟ୍ରେନ ଲାଇନ୍ ବିଛାଯାଇଛି। ହେଲେ ସେଠାରେ କୌଣସି ଅଣ୍ଡରପାସ୍ କିମ୍ବା ଓଭରବ୍ରିଜ୍ ନିର୍ମାଣ ନ ହେବା ଅତି ପରିତାପର ବିଷୟ। ପବିତ୍ରମୋହନ ମେଡିକାଲ କଲେଜରେ ରୋଗୀସେବା ପାଇଁ ଆଜକୁ ୨୫ ଦିନ ହେବ ତାଳଚେର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଥିଲେ ମଧ୍ୟ ପ୍ରଶାସନ ଉପରେ ଏହାର କୌଣସି ପ୍ରଭାବ ନାହିଁ। ତେଣୁ ଏଠାରେ ମା'ମାଟି ପାଇଁ ନେତାଙ୍କର କେତେ ଦରଦ ଏଥିରୁ ସ୍ପଷ୍ଟ ଅନୁମେୟ। ବିବାହ ଉତ୍ସବ, ଏକୋଇଶିଆ, ବର୍ଷପୂରାଣୀ, ଶୁଦ୍ଧଘର ଭଳି କାର୍ଯ୍ୟରେ ନେତାମାନେ ଯୋଗ ଦେଉଥିବା ବେଳେ ଏବେ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫିତାକଟାରେ ସେମାନଙ୍କ କାମ ସୀମିତ ରହିଛି। ନେତାମାନେ ତୁରନ୍ତ ତାଳଚେରର ବିକାଶ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଏପ୍ରିଲରୁ ଜାନୁଆରୀ ମଧ୍ୟରେ ସେଲ୍‌ର ନୂଆ ରେକର୍ଡ

ରାଉରକେଲା, ୪।୨(ସମିସ): ଦେଶର ସର୍ବବୃହତ ମହାରତ୍ନ ଇସ୍ପାତ ନିର୍ମାତା ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍) ୨୦୨୫-୨୬ ଆର୍ଥିକ ବର୍ଷର ଏପ୍ରିଲରୁ ଜାନୁଆରୀ ଅବଧିରେ ମୋଟ ବିକ୍ରୟରେ ୧୬ ପ୍ରତିଶତ ବୃଦ୍ଧି କରି ୧୬.୬ ନିୟୁତ ଟନ୍ (ଏମଟି) ହାସଲ



କରି ନୂଆ ରେକର୍ଡ ସ୍ଥାପନ କରିଛି। ଯାହା ଗତ ବର୍ଷର ସମାନ ଅବଧିରେ ୧୪.୩ ନିୟୁତ ଟନର ରେକର୍ଡକୁ ଅତିକ୍ରମ କରିଛି। ଏହା କମ୍ପାନୀ ଦ୍ୱାରା ରେକର୍ଡ କରାଯାଇଥିବା ସର୍ବକାଳୀନ ସର୍ବାଧିକ କ୍ରମାଗତ ବିକ୍ରୟ ଅଟେ। ସେଲ୍ ୨୦୨୬ ଜାନୁଆରୀ ମାସରେ ଏହାର ସର୍ବୋତ୍ତମ ବିକ୍ରୟ ୧.୮୪ ନିୟୁତ ଟନ ପଞ୍ଜୀକୃତ କରିଛି, ଯାହା ପୂର୍ବ ବର୍ଷର ସମାନ ମାସରେ ୧.୬୮ ନିୟୁତ ଟନ ଥିଲା। ଯାହା ୧୦ ପ୍ରତିଶତରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହାର ଫଳ ସ୍ୱରୂପ ୦.୨୫ର ଇନଭେଣ୍ଟରୀ ହ୍ରାସ ସହ ଋଣ ନେବାରେ ଯଥେଷ୍ଟ ହ୍ରାସ ଘଟିଛି। ଏହି ସମୟ ମଧ୍ୟରେ ରେକର୍ଡ ଭଙ୍ଗ ପ୍ରଦର୍ଶନ ବିକ୍ରୟ, ଚାଲାଣ, ଅର୍ଥ ଆଦାୟ ଏବଂ ଗ୍ରାହକଙ୍କୁ ଡୋର ଟୁ ଡୋର ବିତରଣ ସମେତ ବିଭିନ୍ନ ପରିମାପକତା ଦ୍ୱାରା ବ୍ୟାପ୍ତ। କମ୍ପାନୀ ପ୍ଲାଣ୍ଟଗୁଡ଼ିକରୁ ରେକର୍ଡ ଚାଲାଣ, ଡୋର ଟୁ ଡୋର ବିତରଣର ପରିମାଣ ବୃଦ୍ଧି ଏବଂ ଗୋଦାମ ବିକ୍ରୟ ବୃଦ୍ଧି ହାସଲ କରିଛି, ଯାହା ଗ୍ରାହକ-କୈନ୍ଦ୍ରିକ ଏବଂ ଲଜିଷ୍ଟିକ୍ସ ଦକ୍ଷତା ଉପରେ ଏହାର ଦୃଢ଼ ଧ୍ୟାନକୁ ସ୍ପଷ୍ଟ କରିବା ସହ ବଜାର ପ୍ରବେଶକୁ ଗଭୀର କରୁଛି। ଏହି ସଫଳତାଗୁଡ଼ିକ ମାର୍କେଟିଂ ଭର୍ଟିକାଲର ପଦକ୍ଷେପ ଦ୍ୱାରା ପରିଚାଳିତ ଗ୍ରାହକ-କୈନ୍ଦ୍ରିକ ରଣନୀତି ସହିତ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ମିଶ୍ରଣ କରିବାରେ ସେଲ୍‌ର କ୍ଷମତାକୁ ପ୍ରଦର୍ଶନ କରିଥାଏ। ପୂର୍ବ ରେକର୍ଡଗୁଡ଼ିକୁ ନିରନ୍ତର ଅତିକ୍ରମ କରିବା ଏବଂ ବ୍ୟବସାୟ ଯୋଜନା ଲକ୍ଷ୍ୟ ପୂରଣ କରି, ସେଲ୍ ଭାରତର ଅଭିବୃଦ୍ଧିର କାହାଣୀରେ ଏକ ବିଶ୍ୱସ୍ତ ଅଂଶୀଦାର ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିଚାଲିଛି।

## ରାଉରକେଲା ପୁଲିସର ଅପରେସନ ଅନୁସନ୍ଧାନ

# ୧୦ ଦିନରେ ୬୭ ମହିଳା, ୬ ଶିଶୁ ଉଦ୍ଧାର

ରାଉରକେଲା, ୪।୨(ସମିସ)





ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମାନବ ଚାଲାଣ ଓ ନିଖୋଜ ବ୍ୟକ୍ତିଙ୍କ ବିରୋଧ ଅଭିଯାନରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରି ରାଉରକେଲା ପୁଲିସ ଅପରେସନ୍ ଅନୁସନ୍ଧାନ -୨ ଅଧୀନରେ ୬୭ ଜଣ ମହିଳା ଓ ୬ ଜଣ ଶିଶୁଙ୍କୁ ଉଦ୍ଧାର କରିଛି। ଜାନୁଆରୀ ୨୧ରୁ ୩୦ ତାରିଖ ଯାଏଁ କରାଯାଇଥିବା ଏହି ସ୍ୱତନ୍ତ୍ର ପ୍ରବର୍ତ୍ତନ ଅଭିଯାନରେ ଅନେକ ସମ୍ବେଦନଶୀଳ ମାମଲା ସଫଳତାର ସହ ସମାଧାନ କରାଯାଇଥିବା ପୁଲିସ କହିଛି। ପୁଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଉଦ୍ଧାର ଶିଶୁମାନଙ୍କ ମଧ୍ୟରେ ୫ ଜଣ ନାବାଳିକା ଓ ଜଣେ ନାବାଳକ ଅଛନ୍ତି। ସେମାନଙ୍କୁ ରାଉରକେଲା ପୁଲିସ ଅଧୀନରେ ଥିବା ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ନିଖୋଜ ରିପୋର୍ଟ ଏବଂ ସୁଚିନ୍ତିତ କ୍ଷେତ୍ର ଅଭିଯାନ ଆଧାରରେ ଅନେକ ସ୍ୱତନ୍ତ୍ର ପୁଲିସ ଦଳ ଗଠନ କରାଯାଇଥିଲା। ଯାହା ସଫଳତାର ସହ ସମସ୍ତ ମହିଳା ଓ ଶିଶୁଙ୍କୁ ଉଦ୍ଧାର କରିଥିଲା। ଉପଯୁକ୍ତ ଯାଞ୍ଚ ଏବଂ ଆଇନଗତ ଔପଚାରିକତା ସମାପ୍ତ ହେବା ପରେ ସେମାନଙ୍କୁ ସୁରକ୍ଷିତ ଭାବରେ ସେମାନଙ୍କ ପରିବାର ସହିତ ପୁନଃମିଳନ କରାଯାଇଥିଲା। ଅପରେସନ୍ ଅନୁସନ୍ଧାନ-୨ ବିଶେଷ ଭାବରେ ମାନବ ଚାଲାଣ ରୋକିବା, ନିଖୋଜ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଏବଂ ମହିଳାମାନଙ୍କୁ ଚିହ୍ନଟ କରିବା ପାଇଁ ଡିଜାଇନ୍ କରାଯାଇଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ୧୨ରେ ସିପିଆଇଏମ୍‌ର ଧର୍ମଘଟ

ରାଉରକେଲା, ୪।୨(ସମିସ): ଭାରତର କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଆସନ୍ତା ୧୨ ତାରିଖରେ ସାଧାରଣ ଧର୍ମଘଟ ହେବ। ଏଥିରେ ସାମିଲ ହେବା ପାଇଁ ସୁନ୍ଦରଗଡ଼ ଜିଲ୍ଲା ଓ ରାଉରକେଲାର ସମସ୍ତ ଶ୍ରମିକ, କୃଷକ, ଗ୍ରାମୀଣ ଶ୍ରମିକ, କ୍ଷେତ ମଜଦୁର, ଯୁବକଯୁବତୀ, ମହିଳା, ଛାତ୍ର ଏବଂ ସମାଜର ସମସ୍ତ ବର୍ଗଙ୍କୁ ଆହ୍ୱାନ କରାଯାଇଛି। କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନମାନଙ୍କର ମିଳିତ ମଞ୍ଚ, ସଂଯୁକ୍ତ କୃଷକ ମୋର୍ଚ୍ଚା, କ୍ଷେତ ମଜଦୂର ୟୁନିଅନମାନଙ୍କର ମିଳିତ ମଞ୍ଚ ଏବଂ ସ୍ୱାଧୀନ ଫେଡେରେସନ ସମୂହ ଦ୍ୱାରା ଆହୂତ ସାଧାରଣ ଧର୍ମଘଟ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଏବଂ କର୍ପୋରେଟ୍ ସପକ୍ଷବାଦୀ ନୀତି ବିରୁଦ୍ଧରେ ଡକରା ଦିଆଯାଇଛି। ଶ୍ରମ ସୁରକ୍ଷାକୁ ଆହୁରି ଦୁର୍ବଳ କରିବା ପାଇଁ ଚାଲିଥିବା ଶ୍ରମିକ ବିରୋଧୀ ନିୟମ ଓ ନୀତି ଗୁଡ଼ିକୁ ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ଦୃଢ଼ ଭାବେ ନିନ୍ଦା କରୁଛି। ବିଜେପି ସରକାରଙ୍କ ଜନ ବିରୋଧୀ ନୀତିକୁ ବିରୋଧ କରୁଥିବା ସମସ୍ତ ବିରୋଧୀ ଦଳ ଏବଂ ଗଣତାନ୍ତ୍ରିକ ଶକ୍ତି ଏହି ଧର୍ମଘଟରେ ସାମିଲ ହେବା ପାଇଁ ସମ୍ପାଦକ ରାଜକିଶୋର ପ୍ରଧାନ, ସମ୍ପାଦକ ମଣ୍ଡଳୀ ସଦସ୍ୟ ବି ପି ମହାପାତ୍ର, ବସନ୍ତ ନାୟକ, ତାଜମୁନ ନେହାର, ଅଜୟ ଶର୍ମା, ଭାଗିରଥି ଟୁଡୁ, ବିଶ୍?ଜିତ ମାଝୀ, ଯଯାତି କେଶରୀ ସାହୁ, ଚନ୍ଦ୍ରଭାନୁ ଦାସ, ଚନ୍ଦ୍ରଭାନୁ ଦାସ, ଆଞ୍ଚଳିକ କମିଟି ସଦସ୍ୟ ଏନ୍‌ଏନ୍ ପାଣିଗ୍ରାହୀ, ସୁରେନ୍ଦ୍ର ମହାନ୍ତି, ପ୍ରଦୀପ ସେଠୀ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ଅରୁଣ ମହାରଣା, ଅରିନ୍ଦମ ଦତ୍ତ, ଅନାଦି ସାହୁ, ଅଜିତ୍ ଏକ୍କା, ସୁଧାଂଶୁ ଜେନା, ସମ୍ବିତ ସ୍ୱାଇଁ ପ୍ରମୁଖ ନିବେଦନ କରିଛନ୍ତି।

## କୋଇଡାରେ 'ଝରଣା ମହୋତ୍ସବ'

# ନାଟକ 'ଲୁହରେ ଲୁହରେ ରାତି ପାହିଲା' ମଞ୍ଚସ୍ଥ



କୋଇଡା,୪।୨(ସମିସ): କୋଇଡାରେ ଝରଣା ମହୋତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବର ପୂର୍ବାହ୍ନରେ ମୁଖ୍ୟଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇ ଐତିହ୍ୟ, ଭାଷା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବାରେ କୋଇଡାରେ ଝରଣା ମହୋତ୍ସବ ସହାୟକ ହୋଇଆସିଛି ବୋଲି କହିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ତହସିଲଦାର ନିର୍ମଳ ବିଶ୍ୱାଳ, ବିଡିଓ ସମରେନ୍ଦ୍ର କୁମାର ସାରା, କୋଇଡା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବ ଆରମ୍ଭରେ ସ୍ୱର୍ଗତ ବେଣୁଧର ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଂଘର ଉପଦେଷ୍ଟା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ମାହୁନ୍ତ ବିବରଣୀ ପାଠ କରିଥିଲେ। ସଂଧାରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ କୁଶ ଆପଟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୟୁଟ୍ୟୁବ୍ କଳାକାର କାକା ନାଇଡୁ ଓ କାକୀ ମନୋରଞ୍ଜନ କରିଥିବା ବେଳେ ପରେ କଣ୍ଠଶିଳ୍ପୀ ସୌରଭ ନାୟକ ନିଜ ଭଜନ ମାଧ୍ୟମରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେହିପରି ଝରଣା ମହୋତ୍ସବର ଦ୍ୱିତୀୟ ଦିନ ଓଡିଶା ସିନେ ମହାନାୟକ ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଜିଲ୍ଲା ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲ୍ଲା କାର୍ଯ୍ୟ ନିର୍ବାହୀ ପ୍ରକଳ୍ପ ନିର୍ଦ୍ଦେଶକ ସୁରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଓଡିଆ ସିନେ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର ନିଜର ଚଳଚ୍ଚିତ୍ରର ଡାଇଲଗ୍ ଓ ଗୀତ ଗାଇ ସମସ୍ତଙ୍କ ମନ ଜିଣିଥିଲେ।

ଏହି ଅବସରରେ ସାମାଜିକ ନାଟକ 'ଲୁହରେ ଲୁହରେ ରାତି ପାହିଲା' ପରିବେଷିତ ହୋଇଥିଲା। କୋଇଡା ଅଞ୍ଚଳର ବହୁ କଳାକାର, ସମାଜସେବୀ, ଛାତ୍ରଛାତ୍ରୀ, ବ୍ୟକ୍ତି ବିଶେଷଙ୍କୁ ଝରଣା ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ରୁକୁ ସୁନା ଓ ଓଡିଶାର ବିଶିଷ୍ଟ କଳାକାରଙ୍କ କଳା ପରିବେଷଣ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ସଂଘ ସଭାପତି ସଞ୍ଜୀବ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଦ ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର; କାରଣ ଅସ୍ପଷ୍ଟ

ବଣାଇଁ,୪।୨(ସମିସ): ବଣାଇଁ ସହର ଚର୍ଚ୍ଚ ଛକ ସେଣ୍ଟ ଯୋଶେଫ ସ୍କୁଲ ନିକଟସ୍ଥ ଏକ ବନ୍ଦ ଘରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସନ୍ଧ୍ୟାରେ ପୁଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରାଯାଇଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତକ ବଣାଇଁ ଥାନା ଅନ୍ତର୍ଗତ ଗିଲି ବନେଇକଳା ଗ୍ରାମର ଯତୀନ ମଣିହିରା (୨୫) ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ଯତୀନ ଗତ ଖରା ଛୁଟିରୁ ବଣାଇଁ ସେଣ୍ଟ ଯୋଶେଫ ସ୍କୁଲ ନିକଟରେ ଥିବା ବିଜୟା ଦାସଙ୍କ ଘରେ ଭଡ଼ାରେ ରହୁଥିଲେ। ବାପା ଲୋକନାଥ ମଣିହିରା ଡଲେଇଶରା ସ୍କୁଲରେ ଶିକ୍ଷକ ଥିବା ବେଳେ ଛୁଟିଦିନରେ ମଝିରେ ମଝିରେ ପୁଅ ପାଖକୁ ଆସୁଥିଲେ। ଗତକାଲି ରାତିରେ ହୋଟେଲରୁ ଖାଇବା ନେଇ ଯତୀନ ଘରକୁ ଯାଇଥିଲେ। ଖାଇସାରି ଘରେ ଶୋଇଥିଲେ। ଆଜି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରୁ ବାହାରକୁ ବାହାରି ନଥିବା ବେଳେ ସାଙ୍ଗମାନେ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନଥିଲେ। ଫଳରେ ସନ୍ଧ୍ୟାରେ କିଛି ସାଙ୍ଗ ଘରକୁ ଆସି ତାଙ୍କୁ ଡାକିଥିଲେ ମଧ୍ୟ ସେ ଉଠାଇ ନଥିଲେ। ଭିତରୁ କବାଟ ବନ୍ଦ ରହିଥିଲା। ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେବା



ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘରର କବାଟ ଖୋଲିଥିଲେ। କବାଟ ଖୋଲିବା ପରେ ଜତୀନଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ମଧୁବାବୁଙ୍କ ଶ୍ରାଦ୍ଧ ବାର୍ଷିକୀ

ରାଉରକେଲା,୪।୨(ସମିସ): ସ୍ଥାନୀୟ ସେକ୍ଟର-୭ ସ୍ଥିତ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ମଧୁ ବାବୁଙ୍କ ୯୩ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ




ହୋଇଯାଇଛି। ଏହି ଅବସରରେ ପ୍ରଗତି ଉତ୍କଳ ସଂଘର ବରିଷ୍ଠ କର୍ମକର୍ତ୍ତା ସକାଳେ ମଧୁସୂଦନ ମାର୍ଗ ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଇସ୍ପାତ ଜେନେରାଲ ହସ୍ପିଟାଲ୍‌ର ବ୍ଲଡ ବ୍ୟାଙ୍କଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଆଇଜିଏଚର ନିର୍ଦ୍ଦେଶକ ଡ. ଜୟନ୍ତ କୁମାର ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରି ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ଶିବିରରେ ୨୦ ଜଣ ବ୍ୟକ୍ତି ରକ୍ତଦାନ କରିଥିଲେ। ପ୍ରଗତି ଉତ୍କଳ ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ରାଧାମୋହନ ନାୟକ, ଘନଶ୍ୟାମ ଧଳ, ଅଶୋକ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ପଟ୍ଟନାୟକ, ପ୍ରସନ୍ନ କୁମାର ମହାନ୍ତି, ଇନ୍ଦ୍ରମଣି ମହାପାତ୍ର, ଧରଣୀ ଧର ସାମଲ, ଆର୍ତ୍ତତ୍ରାଣ ମହାପାତ୍ର, ସ୍ମିତା ମିଶ୍ର, ବରୁଣ ନାହାକ, ଶାନ୍ତନୁ କୁମାର ମହାନ୍ତି, ନାରାୟଣ ଚନ୍ଦ୍ର ମହାନ୍ତ ଓ ସତ୍ୟନାରାୟଣ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଲହୁଣୀପଡ଼ା,୪।୨(ସମିସ): ଗୋପନା ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କର୍ଣ୍ଣ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଆଦିବାସୀ ଉର୍ଣ୍ଣୟନ ସଂସ୍ଥା ପ୍ରକଳ୍ପ ଅଧିକାରୀ ସ୍ୱଦିପ ଟପ୍ପୋ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ମାହାନ୍ତି, ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ଅତିରିକ୍ତ ଜନମଙ୍ଗଳ ଅଧିକାରୀ ବାବୁଲାଲ ମାଝୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ପବିତ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ କାର୍ତ୍ତିକେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ଯୋଗାଇବାରେ ଶିକ୍ଷକ ଏବଂ ଅଭିଭାବକ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିବା ଅତିଥିମାନେ କହିଥିଲେ। କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭା ଶେଷରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଯୋଗିନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ବୃଦ୍ଧା ଶ୍ରମ' ନାଟକ ମଞ୍ଚସ୍ଥ ହୋଇଥିଲା। ପରେ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଛାତ୍ରୀଙ୍କ ଆଦିବାସୀ ଗୀତରେ ମିଳିତ ଗ୍ରୁପ ନୃତ୍ୟ ପରିବେଷଣ ଅତ୍ୟନ୍ତ ମନ୍ତ୍ରମୁଗ୍ଧକର ଥିଲା। ଗୋପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଗଣେଶ୍ୱର ମାଝୀ, ଅଧ୍ୟାପିକା ଅନିତା ସେଠି, ନଳିନୀ ମାହାନ୍ତ, ମଧୁସ୍ମିତା ବାରିକ, ଶିକ୍ଷକ କିଶୋର କୁମାର ସରେନ, ଲାଲୁ ମାହାନ୍ତ, ଶିକ୍ଷୟିତ୍ରୀ ନମିତା ରାଣୀ କର, ମଞ୍ଜୁଲତା କର, କୁନୀଲତା ମାଝୀ, ଏଏନଏମ ସୁଚିସ୍ମିତା ଜେନାଙ୍କ ସହ ବିଦ୍ୟାଳୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ରାଉରକେଲା ପୁସ୍ତକ ମହୋତ୍ସବ ଉଦ୍‌ଘାଟିତ

# 'ପୁସ୍ତକକୁ ନିଜର ଶ୍ରେଷ୍ଠ ବନ୍ଧୁ ମନେ କରନ୍ତୁ ଯୁବପିଢ଼ି'

ରାଉରକେଲା, ୪।୨(ସମିସ)



ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏବଂ ଭଞ୍ଜ ସାଂସ୍କୃତିକ ନ୍ୟାସ ସହଭାଗିତାରେ ମଙ୍ଗଳବାର ସେକ୍ଟର-୫ ସ୍ଥିତ ଭଞ୍ଜ ଭବନରେ ମେଗା ପୁସ୍ତକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଫିତା କାଟି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦୀପିକା ମହିଳା ସଂଘତି ଅଧ୍ୟକ୍ଷା ନମ୍ରତା ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଏମ୍‌ଡି-ସିଏମଡିର ନିର୍ବାହୀ ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି. ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ମହିଳା ସଂଘତିର ସମସ୍ତ ଉପାଧକ୍ଷା ପ୍ରଭାତୀ ମିଶ୍ର, ଶ୍ରୀମତୀ ସ୍ମିତା ଗିରି, ଡକ୍ଟର ପ୍ରତିଜ୍ଞା ପଲାଇ, ରୀତା ରାଣୀ, ବନ୍ଦନା ସିଂହ, ନବନୀତା ପାଲ ଚୌଧୁରୀଙ୍କ ସମେତ ବିତ୍ତ ଏବଂ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଚିକିତ୍ସା ଏବଂ ସେବା ବିଭାଗର ସିଏମଓ ଇନଚାର୍ଜ ଡ. ଜୟନ୍ତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡିଆଇସି ଶ୍ରୀ ବର୍ମା, ଆଜିର ପିଢ଼ି ପୁସ୍ତକ ସହିତ ଅଧିକ ସମୟ ବିତାଇବା ଏବଂ ସେଗୁଡ଼ିକୁ ନିଜର ଶ୍ରେଷ୍ଠ ବନ୍ଧୁ ମନେ କରିବା ଉଚିତ। ଓଡ଼ିଆ ଭାଷା ସଂସ୍କୃତର ନିକଟତମ ଏବଂ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଯେଭଳି ବିକଶିତ ହୋଇଛି, ଏହାକୁ ପ୍ରୋତ୍ସାହିତ କରିବା ଏବଂ ଲୋକମାନଙ୍କୁ ଓଡ଼ିଆରେ ପଢ଼ିବା ଏବଂ ଲେଖିବା ପାଇଁ ଉତ୍ସାହିତ କରିବା ଏବେ ଆମର ଦାୟିତ୍ୱ ବୋଲି ସେ କହିଥିଲେ। ଆରଏସପି ଜନ ସମ୍ପର୍କ ବିଭାଗର ଡେପୁଟି ମ୍ୟାନେଜର ଶଶାଙ୍କ ଶେଖର ପଟ୍ଟନାୟକ ଉଦ୍‌ଘାଟନୀ ଉତ୍ସବକୁ ପରିଚାଳନା କରିଥିବା ବେଳେ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟର ଟ୍ରଷ୍ଟିମାନେ ସଂଯୋଜନା କରିଥିଲେ। ଏହି ମହୋତ୍ସବରେ ପ୍ରାୟ ୧୧୪ଟି ଷ୍ଟଲ୍ ରହିଛି। ଭୁବନେଶ୍ୱର ଏବଂ କଟକର ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥା ବ୍ୟତୀତ ଦିଲ୍ଲୀ, ମୁମ୍ବାଇ, କୋଲକାତା, ରାୟପୁର, ପୁନେ ପ୍ରମୁଖ ସହରରୁ ପ୍ରକାଶକମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏକ ଥିମ୍ ଆଧାରିତ ସେଲ୍ଫି ପଏଣ୍ଟ ଦର୍ଶକଙ୍କ ମଧ୍ୟରେ ବିଶେଷ ଆଗ୍ରହ ସୃଷ୍ଟି କରୁଛି। ଏହି ପୁରସ୍ତକ ମହୋତ୍ସବ ପ୍ରତିଦିନ ଅପରାହ୍ନ ୨ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଖୋଲା ରହିଥିବା ବେଳେ କେବଳ ରବିବାର ଦିନ ୧୦ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ସୂଚନା ମିଳିଛି। ପ୍ରତ୍ୟେକ ସନ୍ଧ୍ୟାରେ ପୁସ୍ତକ ଉନ୍ମୋଚନ, ସାହିତ୍ୟିକ କର୍ମଶାଳା, କବିତା ପାଠୋତ୍ସବ, ଲେଖକମାନଙ୍କ ସହିତ ମତବିନିମୟ ଅଧିବେଶନ ଅନୁଷ୍ଠିତ ହେବ। ପ୍ରତି ସନ୍ଧ୍ୟାରେ ସ୍ପଟ୍ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯିବାର ଯୋଜନା ରହିଛି।

# ବରିଷ୍ଠ ଫୁଟବଲ୍ କୋଚ୍ ଅଶୋକ ପରିଜାଙ୍କ ପରଲୋକ

ରାଉରକେଲା,୪।୨(ସମିସ): ବର୍ଷିଆନ ଫୁଟବଲ୍ ଖେଳାଳି ତଥା କୋଚ୍ ଅଶୋକ ପରିଜାଙ୍କ ପରଲୋକ ହୋଇଯାଇଛି। ଆଜି ଭୋର ୪ଟା ୧୫ ମିନିଟ୍ ସମୟରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି



ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ସେ ଜଣେ ଭଲ ଫୁଟବଲ ଖେଳାଳି ଭାବେ ସୁନାମ ଅର୍ଜନ କରିବା ସହ ଫୁଟବଲର ମର୍ଯ୍ୟାଦା ଜନକ ସନ୍ତୋଷ ଟ୍ରଫି ଖେଳିଥିଲେ। ସେ ୧୯୮୮ ମସିହାରେ କଲିକତାକୁ ଯାଇଥିବା ଓଡ଼ିଶା ଟିମ୍‌ର କୋଚ୍ ନିଯୁକ୍ତ ହୋଇଥିଲେ। ରାଉରକେଲା ଇସ୍ପାତ କାରଖାନାରେ ଚାକିରି କାଳରେ ୧୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଆନ୍ତଃ ଇସ୍ପାତ କାରଖାନା ଚାମ୍ପିଅନ୍‌ରେ ରାଉରକେଲା ଇସ୍ପାତ କାରଖାନା ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେ କଳିଙ୍ଗ ସ୍ପୋର୍ଟସ କ୍ଲବ୍ ଓ ଇସ୍ପାତ ସ୍ପୋର୍ଟିଂ କ୍ଲବ୍‌ର ସଦସ୍ୟମାନଙ୍କୁ କୋଚିଂ ଦେଇ ଅନେକ ଜାତୀୟ ଓ ରାଜ୍ୟସ୍ତରର ଖେଳାଳି ସୃଷ୍ଟି କରିଥିଲେ। ତାଙ୍କର ମୃତ୍ୟୁରେ ବିଭିନ୍ନ କ୍ରୀଡ଼ା ସଂଗଠନ, କ୍ରୀଡା ପ୍ରେମୀ ବିଶେଷ କରି ଫୁଟବଲ ପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଚନ୍ଦ୍ରଶେଖର କ୍ରୀଡା ସଂଗଠନର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସାଧାରଣ ସମ୍ପାଦକ ଦେବଦତ୍ତ ଜେନା ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଅମର ଆତ୍ମାର ସଦଗତି କାମନା କରି ଚନ୍ଦ୍ରଶେଖର କ୍ରୀଡା ସଂଗଠନ, କଳିଙ୍ଗ ସ୍ପୋର୍ଟସ ଫେଡେରେସନ, ରେଲୱେ କଲୋନୀ ସ୍ପୋର୍ଟସ କ୍ଲବ୍, ଗ୍ରାସରୁଟ୍ ଫୁଟବଲ୍ ଟ୍ରେନିଂ ସେଣ୍ଟରର ସମସ୍ତ ସଦସ୍ୟ ପ୍ରାର୍ଥନା କରିଥିଲେ। ତାଙ୍କର ବିୟୋଗରେ ବରିଷ୍ଠ ଫୁଟବଲ ଖେଳାଳି ଡ. ସୁଶାନ୍ତ କୁମାର ଦତ୍ତରାୟ, ଆନ୍ତର୍ଜାତିକ ଫୁଟବଲ ଖେଳାଳି ଭାରତୀ ମିଶ୍ର, ବୈଦ୍ୟନାଥ ମିଶ୍ର, ବେସିଲ ତିର୍କୀ, ସଞ୍ଜୟ ବେବୁଟା, ବିଭୁତି ମାହାନ୍ତି, ଭାସ୍କର ନନ୍ଦ, ମୋହନ ରାଓ ଏବଂ ସୁଶାନ୍ତ କୁମାର ମାହାନ୍ତି ଶୋକ ବ୍ୟକ୍ତ କରିଛନ୍ତି।

# ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର



ଝାରସୁଗୁଡ଼ା,୪।୨(ସମିସ): ଝାରସୁଗୁଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ ମାନସରଞ୍ଜନ ମଲ୍ଲିକଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଝାରସୁଗୁଡ଼ା ପୌରାଧ୍ୟକ୍ଷା ଏବଂ କାଉନସିଲରଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନିର୍ବାହୀ ଅଧିକାରୀ ଟେଣ୍ଡର ଫିକ୍ସିଂ, କମ୍ପାନୀ ଗୁଡିକୁ ହୋଲଡିଂ ଚାର୍ଜରେ ଅନୁକମ୍ପା ପ୍ରଦାନ, ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ପିସି କାରବାର ସହିତ ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥିବା ନେଇ ଝାରସୁଗୁଡ଼ା ପୌର ପରିଷଦ ଅଧକ୍ଷା ଏବଂ କାଉନସିଲର ମାନେ ଅଭିଯୋଗ କରିଛନ୍ତି। ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି।


ଅଭିଯୋଗ ଅନୁସାରେ ନିର୍ବାହୀ ଅଧିକାରୀ ମାନସରଞ୍ଜନ ପୌର ପରିଷଦର କିଛି ଅଧିକାରୀଙ୍କୁ ନିଜ ଦଳରେ ସଂଶ୍ଳିଷ୍ଟ କରି ବିଭିନ୍ନ ଟେଣ୍ଡର ପ୍ରକ୍ରିୟାରେ ଫିକ୍ସିଂ କରି ଆସୁଛନ୍ତି। ନିର୍ଦ୍ଦିଷ୍ଟ ଜଣେ ବ୍ୟକ୍ତିଙ୍କୁ ହିଁ ପୌର ପରିଷଦର ବିଭିନ୍ନ କାମ ପ୍ରଦାନ କରିବା, ପୌର ପରିଷଦରେ କାର୍ଯ୍ୟ କରୁଥିବା ପରିମଳ ଠିକାଦାରଙ୍କୁ ଅନୁକମ୍ପା ପ୍ରଦାନ କରି ତାଙ୍କ ଠାରୁ ମୋଟା ଅଙ୍କର ଟଙ୍କା ଆଦାୟ କରିବା, ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ୧୦ ପ୍ରତିଶତ ପିସି ନେବା, ବିଭିନ୍ନ କୋଠା ନିର୍ମାଣ ପାଇଁ ଡିଡ ସ୍ୱାକ୍ଷର ବେଳେ ଲାଞ୍ଚ ଦାବି କରିବା, ତୃତୀୟ ପକ୍ଷକୁ ଲଗାଇ ଲକ୍ଷାଧିକ ଟଙ୍କା ସଂଗ୍ରହ କରିବା, ପ୍ରତି ମାସ ରାଜ୍ୟ ନଗର ଉନ୍ନୟନ ଏବଂ ଗୃହ ନିର୍ମାଣ ବିଭାଗର ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଟଙ୍କା ପଠାଉଛି କହି ପୌର ପରିଷଦର ବିଭିନ୍ନ କର୍ମଚାରୀଙ୍କୁ କହି ବିଭିନ୍ନ ବିଭାଗରୁ ଟଙ୍କା ଆଦାୟ କରାଇବା, ଝାଡେଶ୍ୱର ମନ୍ଦିର ନିକଟରେ ଥିବା ଇକୋ ପାର୍କ ଏବଂ ଅନ୍ୟାନ୍ୟ ପର୍ଯ୍ୟଟନ କାର୍ଯ୍ୟର ଇ-ଟେଣ୍ଡର ପୋର୍ଟାଲରେ ଅଣ ସୂଚୀବଦ୍ଧ ଜିନିଷର ନିର୍ଦ୍ଦିଷ୍ଟ କରଣ ବିନା ଟେଣ୍ଡର ଆହ୍ୱାନ, ଓପିଡବ୍ଲ୍ୟୁଡି କୋଡକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରି ଟେଣ୍ଡର ପ୍ରକ୍ରିୟାକୁ ଦୁର୍ନୀତିଯୁକ୍ତ କରିବା ଆଦି ଅଭିଯୋଗ ହୋଇଛି। ଏହାସହ

## ପୌରାଧ୍ୟକ୍ଷା ଓ କାଉନସିଲର ଆଣିଲେ ଦୁର୍ନୀତି ଅଭିଯୋଗ

ନିର୍ବାହୀ ଅଧିକାରୀ ଅନେକ ବେଆଇନ କାର୍ଯ୍ୟକଳାପରେ ନିଜେ ଲିପ୍ତରହି ପୌରପରିଷଦର କିଛି କର୍ମଚାରୀଙ୍କୁ ମଧ ଏହି କାର୍ଯ୍ୟରେ ସାମିଲ କରାଇଛନ୍ତି। ନିର୍ବାହୀ ଅଧିକାରୀ ମଲ୍ଲିକ ଆଗରୁ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ଉକ୍ତ କମ୍ପାନୀର ଟାଉନସିପ ହୋଲଡିଂ ଚାର୍ଜର ମୂଲ୍ୟାୟନ ଉଦ୍ଦେଶ୍ୟମୂଳକ ଭାବେ କରି ଉକ୍ତ କମ୍ପାନୀର କୋଟି କୋଟି ହୋଲଡିଂ ଚାର୍ଜକୁ ହ୍ରାସ କରିବା, କମ୍ପାନୀରେ ବେଆଇନ ନିର୍ମାଣକୁ ବନ୍ଦ ନ କରିବା, କମ୍ପାନୀକୁ ବିଭିନ୍ନ ସୂତ୍ରରୁ ଲାଭବାନ କରି ଉକ୍ତ କମ୍ପାନୀ ଠାରୁ ନିଜେ କୋଟି କୋଟି ଟଙ୍କା ରୋଜଗାର କରିବା ଆଦି ଦୁର୍ନୀତି କାର୍ଯ୍ୟରେ ଲିପ୍ତ ଥିବା କଥା ଉଲ୍ଲେଖ କରି ପୌରାଧ୍ୟକ୍ଷା ଓ କାଉନସିଲର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଦାବିପତ୍ରରେ ଝାରସୁଗୁଡ଼ାବାସୀଙ୍କ ସ୍ୱାର୍ଥ ଏବଂ ପୌର ପାଳିକାର ସମ୍ମାନରେ ଏପରି କାର୍ଯ୍ୟକଳାପ କ୍ଷତି କରୁଛି କହି ପୌରାଧ୍ୟକ୍ଷା ରାନୀ ହାତୀଙ୍କ ସହିତ କାଉନସିଲର ଗୀତାଞ୍ଜଳି ପଣ୍ଡା, ବାସନ୍ତୀ ଟପ୍ପୋ, ପ୍ରତିମା ଭଇଂସା, ସୁନିତା ମିରିଗ, ପୱନ ଶର୍ମା, ବୈଶାଳୀ, କୈଳାଶ ନନ୍ଦ, ନବନୀତ କୌର, ବବିତାରନବିଡା, ନିତୁରାଣୀ ସେଠ, ମନୀଷା ଚୌହାନ, ଝରଣା ଭୋଇ, ସୁଷମା ବରାଡ଼, ଜୟନ୍ତୀ ନାୟକ, ବିମା ପଟେଲ ପ୍ରମୁଖ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପୃକ୍ତ ନିର୍ବାହୀ ଅଧିକାରୀ ମଲ୍ଲିକ କରୁଥିବା ଦୁର୍ନୀତିର ତଦନ୍ତ ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଇବା ପାଇଁ ଦାବି କରିଛନ୍ତି।

**ବିଶ୍ୱ କର୍କଟ ଦିବସ**

# ଯାଜ୍ଞସେନୀ ହସ୍ପିଟାଲରେ ନିଃଶୁଳ୍କ କର୍କଟ ପରୀକ୍ଷା ଶିବିର



ଝାରସୁଗୁଡ଼ା,୪।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଯାଜ୍ଞସେନୀ ହସ୍ପିଟାଲ ଠାରେ ବୁଧବାର ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମାଗଣା କର୍କଟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। କର୍କଟରୋଗ ବିଶେଷଜ୍ଞ ଡାକ୍ତର ଗୋପାଳ ମହାନ୍ତି ଏବଂ ଡାକ୍ତର ବିକାଶ ନାୟକ ଜନସାଧାରଣଙ୍କ ନିଃଶୁଳ୍କରେ କର୍କଟରୋଗ ପରୀକ୍ଷା କରିଥିଲେ। କର୍କଟରୋଗର ଲକ୍ଷଣ ଦେଖାଯାଉଥିବା ଲୋକଙ୍କ ନିରୀକ୍ଷଣ କରିବା ସହିତ ଆବଶ୍ୟକ ସ୍ଥଳେ ସେମାନଙ୍କ ଚିକିତ୍ସା ଓ ଔଷଧ ଦେବା ବ୍ୟବସ୍ଥା କରାଯାଇଥିଲା। କର୍କଟ ଭଳି ମାରାତ୍ମକ ରୋଗକୁ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶରେ ଲଢ଼ିବା ପାଇଁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଯାଜ୍ଞସେନୀ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତିରୋଗ ବିଶେଷଜ୍ଞ ଡାକ୍ତର ଏସଜେ ପଟେଲ ଓ ରୀନା ନାୟକ ଉପସ୍ଥିତ ଥିଲେ।

# ପୁଲିସ ପକ୍ଷରୁ ଉଦ୍ଧାର ଚୋରି ମୋବାଇଲ ହସ୍ତାନ୍ତର



ଝାରସୁଗୁଡ଼ା,୪।୨(ସମିସ): ଜିଲ୍ଲା ପୁଲିସ୍ ପ୍ରଶାସନ ପକ୍ଷରୁ ଉଦ୍ଧାର ହୋଇଥିବା ଚୋରି ମୋବାଇଲ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଛି। ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର ଯୋଗ ଦେଇ ଉଦ୍ଧାର ମୋବାଇଲ ହସ୍ତାନ୍ତର କରିଥିଲେ। ବିଗତ ଦିନରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ମୋବାଇଲ ଚୋରି ମାମଲାର ଲିଷ୍ଟ ପ୍ରସ୍ତୁତ କରିବା ସହ ସମସ୍ତ ମୋବାଇଲ ଗୁଡିକୁ ଉଦ୍ଧାର କରିବା ପାଇଁ ଏସ୍‌ପି ରାଘବେନ୍ଦ୍ର ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରୁ ୧୦୨ଟି ମୋବାଇଲ ଉଦ୍ଧାର ହୋଇଥିଲା। ଉଦ୍ଧାର ମୋବାଇଲ ଗୁଡିକୁ ଆଜି ମୋବାଇଲ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଆଗାମୀ ଦିନରେ କାହାରି ମୋବାଇଲ ଚୋରି ଅବା ହଜିଗଲେ ସାଇବର କ୍ରାଇମ୍ ପୋର୍ଟାଲ ଅବା ଜିଲ୍ଲା ସାଇବର ସେଲଙ୍କୁ ଯୋଗାଯୋଗ କରିବାକୁ ଏସ୍‌ପି ରାଘବେନ୍ଦ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ମଧୁସିକ୍ତା ମିଶ୍ର, ଏସଡିପିଓ ଉମା ଶଙ୍କର ସିଂ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ସହ ବିଭିନ୍ନ ଥାନାର ଥାନାଧିକାରୀ ଓ ବହୁ ପୁଲିସ୍ ଅଧିକାରୀ ଉପସ୍ଥିତ ଥିଲେ।

# ବରିକେଲ ଉଚ୍ଚ ବିଦ୍ୟାଳୟ ପୁରାତନ ବ୍ୟାଚ୍‌ର ବନ୍ଧୁମିଳନ

ପଦ୍ମପୁର,୪।୨(ସମିସ): ପଦ୍ମପୁର ଉପଖଣ୍ଡ ଶୈବ ପୀଠ ଦେବଦର୍ହା ପରିସରରେ ବୁଧବାର ୧୯୯୩ର ବରିକେଲ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ପୂର୍ବତନ ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବତନ ଛାତ୍ରଛାତ୍ରୀ ନିଜ ନିଜ ପରିବାର ସଦସ୍ୟଙ୍କ ସହ ଉପସ୍ଥିତ ହେବା ସହ ଦୀର୍ଘ ୩୩ ବର୍ଷ ପରେ ବିଦ୍ୟାଳୟର ସ୍ମୃତିଚାରଣ କରିଥିଲେ। ଗୁରୁଜନଙ୍କ ମଧ୍ୟରୁ ପୂର୍ବତନ ପ୍ରଧାନଶିକ୍ଷକ ପରକ୍ଷିତ ବେହେରା, ସହକାରୀ ଶିକ୍ଷକ ହେମଶାଗର ସାହୁ, ଗୋପାଳଜୀ ପାଣିଗ୍ରାହୀ, ସଂସ୍କୃତ ଶିକ୍ଷୟିତ୍ରୀ ଭାରତୀ ସାମନ୍ତରାୟ, ଚତୁର୍ଥ ଶ୍ରେଣୀ କର୍ମଚାରୀ ନିର୍ମଳ ବାଙ୍କ ଓ ଦିଲୀପ ସାହୁ ଏବଂ ଅତିଥି ଖେଳ ଶିକ୍ଷକ କ୍ଷୀରୋଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱର୍ଗତ ବିଜ୍ଞାନ ଶିକ୍ଷକ ଭାଗବତିଆ ସାହୁ ଓ ଚତୁର୍ଥ କର୍ମଚାରୀ ଗୋପୀ ଭୁଏଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ



ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଗଙ୍ଗାଧର ଜାଲ, ନବୀନ ମେହେର, ରମେଶ ମେହେର, ତୃପ୍ତି ମହାନ୍ତି, ପ୍ରଶନ୍ନ ମେହେର, କ୍ଷେତ୍ରପାଳ ସାହୁ, ନିରୋଜ କୁମ୍ଭାର, ରାଜୀବ ଲୋଚନ ପାଣ୍ଡେ, ସୁଷମା ମେହେର, ସୁଭାଗିନୀ ବିଶି, ସନ୍ତୋଷିନୀ ଶତପଥୀ, ଦିଲୀପ ସାହୁ, ସୁଭାଷିନୀ ସାହୁ, ବେଦମତି ସାହୁ, ଅକ୍ଷୟ ସାହୁ, ଦ୍ରୌପଦୀ କୁମ୍ଭାର, ଗୁଜରାମ ରଣା, ସବିତା ବେହେରା, ଅଶୋକ ସାହୁ, ସୁଷମା ବଡଗୁଛିଆ, ରେବତୀ ସାହୁ, ରାଜକିଶୋର ସାହୁ, ବାବୁଲାଲ ସାହୁ, ପ୍ରଶାନ୍ତ ବେହେରା, ହସ୍ମିତା ସୁନା, ବନମାଳୀ ସାହୁ, ଧନମତି ମହାନନ୍ଦ, ରୁଦ୍ର ପୁରୋହିତ, ରାଜୁ ସାହୁ, ବୁଦ୍ଧଦେବ ସାହୁ, ସୁରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପରିଚାଳନା ରମେଶ ମେହେର କରିଥିବା ବେଳେ ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୌଡ଼ମାଲରେ ସାପ୍ତାହିକ ବଜାର ଶୁଭାରମ୍ଭ



ଝାରବନ୍ଧ,୪।୨(ସମିସ): ଝାରବନ୍ଧ ବ୍ଲକ୍ ଅଧୀନ ଗୌଡମାଲ ଗାଁରେ ବୁଧବାର ନୂତନ ସାପ୍ତାହିକ ବଜାରର ଆରମ୍ଭ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ବଜାରର ଶୁଭାରମ୍ଭ କରିଥିଲେ। ଗାଁ ଝାଁକରଙ୍କ ଦ୍ୱାରା ମାଁ ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇ ଶୁଭସ୍ତମ୍ଭ ସ୍ଥାପନ ସହ ବଜାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମ ଦିନରୁ ହିଁ ବଜାରରେ ବ୍ୟବସାୟୀମାନଙ୍କ ଭିଡ଼ ଲାଗିଥିଲା। କୃଷି ଉତ୍ପାଦ, ଘରୋଇ ସାମଗ୍ରୀ ଓ ଦୈନିକ ପ୍ରୟୋଜନୀୟ ଜିନିଷର ବ୍ୟାପକ କ୍ରୟବିକ୍ରୟ ହୋଇଥିଲା। ଏହି ବଜାର ଆରମ୍ଭ ପାଇଁ ପଦ୍ମନ ରଣା, ଧନଞ୍ଜୟ ପ୍ରଧାନ, ସ୍ୱଦେଶ ପ୍ରଧାନ, ନାରାୟଣ ମେହେର, ମଦନ ଜାଲ, କୂଳମଣି ପ୍ରଧାନ ଓ ବସନ୍ତ ବାଗଙ୍କ ସମେତ ଗ୍ରାମବାସୀ ପ୍ରୟାସ କରିଥିଲେ। ସମସ୍ତଙ୍କ ଦୃଢ଼ଇଚ୍ଛା ଶକ୍ତି ବଳରେ ସାପ୍ତାହିକ ବଜାର ଆରମ୍ଭ ହୋଇଥିବ ସୂଚନା ରହିଛି। ଗୌଡମାଲ ସମଲେଶ୍ୱରୀ ମନ୍ଦିର ପାଖରେ ବଜାର ବସିବା ଦ୍ୱାରା ଆଖପାଖ ଗ୍ରାମବାସୀମାନଙ୍କୁ ଏବେ ଦୂରକୁ ଯିବାର ଆବଶ୍ୟକ ହେବନାହିଁ। ଏହି ବଜାର ଗ୍ରାମୀଣ ଜୀବନଜୀବିକାରେ ଉନ୍ନତି ଆଣିବା ସହ ସ୍ଥାନୀୟ ଅର୍ଥନୀତିକୁ ଶକ୍ତିଶାଳୀ କରିବ ବୋଲି ମତ ପ୍ରକାଶ ପାଇଛି।

## ବ୍ରହ୍ମା କୁମାରୀ ଈଶ୍ୱରୀୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ପାଇକମାଲ,୪।୨(ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲରେ ଗୀତା ପାଠଶାଳ ମାଉସୀ ମନ୍ଦିରରେ ସମସ୍ତ ବ୍ରହ୍ମା କୁମାରୀ ଈଶ୍ୱରୀୟ ପରିବାରର ଭାଇଭଉଣୀମାନେ ତଥା ବଲାଙ୍ଗିରରୁ ବ୍ରହ୍ମ ସୂରୁ ଭାଇ, ସୁଧାକର ଭାଇଙ୍କ ସହାୟତାରେ ପାଇକମାଲ ସଞ୍ଚାଳିକା ବ୍ରହ୍ମା କୁମାରୀ ଝୁନା ଭଉଣୀ ଓ ସନ୍ଧ୍ୟା ଭଉଣୀଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସ୍ୱାଗତ କରିଛନ୍ତି।

## ୨୦ରେ ଜଡା ଗାଁରେ ଧବଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା

ବରଗଡ଼,୪।୨(ସମିସ): ଭଟଲି ବ୍ଲକ୍ ଜଡାଗାଁରେ ବାବା ଧବଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ବୈଦିକ ରୀତିରେ ପୂଜାର୍ଚ୍ଚନା ସହ ଅନୁଷ୍ଠିତ ହେବ। ଆଜି ମନ୍ଦିର ପ୍ରତିଷ୍ଠା ପାଇଁ କର୍ତ୍ତାଭାବେ ଜଡା ଗାଁର ଗୌନ୍ତିୟା ପ୍ରଶାନ୍ତ ଆଚାର୍ଯ୍ୟଙ୍କୁ ବରଣ କରାଯାଇଛି। ବାବା ଧବଳେଶ୍ୱର ମନ୍ଦିର ପ୍ରତିଷ୍ଠାରେ ପ୍ରଧାନ ଆଚାର୍ଯ୍ୟ ଭାବେ ପଣ୍ଡିତ ବୈଷ୍ଣବ ଷଡଙ୍ଗୀଙ୍କୁ ନିମନ୍ତ୍ରଣ କରାଯାଇଛି। ଚଣ୍ଡିପ୍ରସାଦ ଷଡଙ୍ଗୀ, ହିମାଂଶୁ ଆଚାର୍ଯ୍ୟ, ପ୍ରଶାନ୍ତ ମହାପାତ୍ର, ଶେଷଦେବ ଷଡଙ୍ଗୀ, ପଦ୍ମଲୋଚନ ନନ୍ଦ, ବିଶ୍ୱନାଥ ଆଚାର୍ଯ୍ୟ, ଆଲୋକ ନନ୍ଦଙ୍କୁ ସହଯୋଗୀ ପଣ୍ଡିତ ଭାବେ ନିମନ୍ତ୍ରଣ ଦିଆଯାଇଛି। ଶୁଭସ୍ତମ୍ଭ ରୋପଣ କର୍ମ ପୂଜାର୍ଚ୍ଚନା ସହ ଅନୁଷ୍ଠିତ ହୋଇଯାଇଛି।

## ଅର୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାରସୁଗୁଡ଼ା,୪।୨(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ଆଶ୍ରମ ସ୍କୁଲରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦିପ ପଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରିଣୀ ଜୟଶ୍ରୀ, ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପ୍ରଫେସର ଡ.ଯୁବରାଜ ଖମାରୀ, ସମ୍ମାନିତ ଅତିଥି ଭାବେ କିର୍ମିରା ଏକଲବ୍ୟ ସ୍କୁଲ ଅଧ୍ୟକ୍ଷ ଅରବିନ୍ଦ ସିଂହ, କିର୍ମିରା ବିଇଓ ଜୟନାରାୟଣ ପଣ୍ଡା, ଲଇକେରା ବିଇଓ ହିମାଂଶୁ ବାଗ, ବ୍ଲକ୍ ମଙ୍ଗଳ ଅଧିକାରିଣୀ ସଞ୍ଜିତା ମହାନ୍ତ, ଏସଏମସି ସଭାପତି ବିଭୀଷଣ ବାଗ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅତିଥି ମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବଞ୍ଜାରୀ ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ କୁମୋଦ ଚନ୍ଦ୍ର ପ୍ରଧାନ, ସୋଢ଼ାମାଲ ପ୍ରଧାନଶିକ୍ଷକ ସୁଦର୍ଶନ ସରାଫ୍, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀନାରାୟଣ ସିଂହ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ଦମୟନ୍ତୀ ଗୁରୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସଞ୍ଜୀବ ତ୍ରିପାଠୀ, ପୁରୁଷୋତ୍ତମ ନାୟକ, ଚନ୍ଦ୍ରଶେଖର ଭର୍ସା, ନିର୍ମଳ ସାହୁ, ସୁଭାଷ ଦାଶ, ବସନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ତୁଳସା ମହାନନ୍ଦ, ଉଷାରାଣୀ ବେହେରା, କଲ୍ୟାଣୀ ମିଶ୍ର, ଟଙ୍କଧର ମଲ୍ଲିକ, ସୁଶାନ୍ତ ଝାଙ୍କର ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଭୂୟାଁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଭରତ ଦାସଙ୍କ ପରଲୋକ

ଅତାବିରା,୪।୨(ସମିସ): ଅତାବିରାର ବିଶିଷ୍ଟ ବ୍ୟବସାୟୀ କଂସାରୀ ସମାଜର ଅନ୍ୟତମ ମୁଖ୍ୟ ଭରତ ଦାସ(୭୫)ଙ୍କ ବୁଧବାର ପରଲୋକ ଘଟିଛି।



ସେ ଫୁସଫୁସ୍ କର୍କଟ ରୋଗରେ ଆକ୍ରାନ୍ତ ହୋଇ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଅତାବିରା ସ୍ଥିତ ନିଜ ବାସଭବନରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଗତକାଲି ବରଗଡ଼ର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଆଜି ସକାଳେ ତାଙ୍କ ଦେହାନ୍ତ ହୋଇଥିଲା। ଅନ୍ତିମ ସଂସ୍କାର ପାଇଁ ତାଙ୍କ ପ୍ରାର୍ଥୀବ ଶବକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ପରେ ଅତାବିରା ଦୁର୍ଗା ମନ୍ଦିର କମିଟିର କର୍ମକର୍ତ୍ତା, ଅତାବିରାର ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କ ଘରକୁ ଯାଇ ଅନ୍ତିମ ଦର୍ଶନ କରିଥିଲେ। ବଡ଼ ପୁତ୍ର ଡ.ତ୍ରିବିକ୍ରମ ମୁଖାଗ୍ନି ଦେଇଥିଲେ।

## ଖଗେଶ୍ୱର ସାହିତ୍ୟ କଳା ପରିଷଦର ବଛରକିଆ ଉଛବର ପ୍ରସ୍ତୁତି



ବିଜେପୁର,୪।୨(ସମିସ): ବରଗଡ଼ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଖଗେଶ୍ୱର ସାହିତ୍ୟ କଳା ପରିଷଦର ବଛରକିଆ ଉଛବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମୋହନ ସିଂ କହ୍ନେଇଙ୍କ ଅଧ୍ୟକ୍ଷତାରେ ପ୍ରାଧ୍ୟାପକ ଡକ୍ଟର ପ୍ରଦୀପ ପ୍ରଧାନ, ସାବିତ୍ରୀ ମେହେର, କିଶୋର ଗଡତୀୟା, ଦେବେନ୍ଦ୍ର ମଟାରୀ, ବିଜୟ ବେଶ୍ରା, ବୁଲୁ ପଧାନ, ଯୁଗେଶ୍ୱର ତାଣ୍ଡି, ପୂର୍ଣ୍ଣ ଚନ୍ଦ୍ର ମେହେର, ମନୋଜ ପାଣ୍ଡେ, ହେମରେଣୁ ମେହେର ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ। ସମ୍ପାଦକ ରାଜେଶ୍ୱର ବେହେରା ବୈଠକରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଫେବୃଆରୀ ୧୮ରେ ପରିଷଦର ବଛରକିଆ ଉଛବ ଅବସରରେ ବିଶିଷ୍ଟ କଳାକାର ତୁଳସୀ ପ୍ରସାଦ ଗଡତୀୟାଙ୍କର ଜୟନ୍ତୀ ଓ ସାହିତ୍ୟାପ୍ରାଣ କବି ଖଗେଶ୍ୱର ଶେଠଙ୍କର ପୁଣ୍ୟ ତିଥି ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ବିଶିଷ୍ଟ ଚିତ୍ରଶିଳ୍ପୀ ତୁଳସୀ ପ୍ରସାଦ ଗଡତୀୟା ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଚତୁର୍ଥରୁ ନବମ ଶ୍ରେଣୀର ଶିକ୍ଷାର୍ଥୀ ଅଂଶଗ୍ରହଣ କରିବେ। ଏହାପରେ ଉଭୟ ପ୍ରତିଭାଙ୍କ ଜୟନ୍ତୀ ଓ ପୁଣ୍ୟ ତିଥି ପାଳନ, ସମ୍ବଲପୁରୀ କବିତା ଆସର, ନୃତ୍ୟ ମହୋଛବ, ସଙ୍ଗୀତ ସମାରୋହ, ସମ୍ବଲପୁରୀ ଲୋକନୃତ୍ୟ, ନାଟକ ଆଦି ପରିବେଷଣ ହେବ ବୋଲି ସୂଚନା ମିଳିଛି। ସହ ସମ୍ପାଦକ ମକରଧ୍ୱଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁର୍ଦା ହାଇସ୍କୁଲ ପ୍ରଧାନଶିକ୍ଷକ ନିଲମ୍ବିତ

● ବରପାଲି ବିଇଓ ଅଫିସରେ ଯୋଗ ଦେବାକୁ ନିର୍ଦ୍ଦେଶ

ଭେଡେନ,୪।୨(ସମିସ): ଭେଡେନ ବ୍ଲକ୍ ଅଧୀନ ବୁର୍ଦା ହାଇସ୍କୁଲର ବହୁ ଚର୍ଚ୍ଚିତ ପକ୍ସୋ ଆକ୍ଟ ମାମଲାରେ ଗିରଫ ଅଭିଯୁକ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମେହେରଙ୍କୁ ସ୍କୁଲରୁ ନିଲମ୍ବନ କରାଯାଇଛି। ବରପାଲି ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେବାକୁ ଜିଲ୍ଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ ବିନା ଅନୁମତିରେ ହେଡକ୍ୱାର୍ଟର ନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ହାଇସ୍କୁଲର ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ମେହେର ଏକ ଛାତ୍ରୀଙ୍କୁ ଫୋନ ମାଧ୍ୟମରେ ଅଶ୍ଳୀଳ ଇଙ୍ଗିତ କରିଥିବା ଛାତ୍ରୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଭେଡେନ ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା ହୋଇ ତାଙ୍କୁ ପକ୍ସୋ ଆଇନ ଅନୁଯାୟୀ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜେଲରୁ ଫେରିଲା ପରେ ପରେ ସ୍କୁଲ ପରିଚାଳନା କମିଟିର ଗତ ୩୦ ଜାନୁଆରୀରେ ଏକ ବୈଠକ ହୋଇ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ବିହିତ ପଦକ୍ଷେପ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତାବ ନେଇଥିଲେ। କମିଟିର ପ୍ରସ୍ତାବ, ବର୍ତ୍ତମାନର ପ୍ରଧାନଶିକ୍ଷକଙ୍କ ପତ୍ର ସଂଖ୍ୟା-୦୪/ ତା.୩୦.୧.୨୦୨୬ ଭିତ୍ତିରେ ଜିଲ୍ଲା ଶିକ୍ଷାଧିକାରୀ ଏହି ନିର୍ଦ୍ଦେଶନାମା ଦେଇଛନ୍ତି।

## ଅଲ୍‌ଟ୍ରାଟେକ୍ ସିମେଣ୍ଟ ପକ୍ଷରୁ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

ଝାରସୁଗୁଡ଼ା,୪।୨(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ ଧୁତରା ନିକଟସ୍ଥ ଅଲ୍ଟ୍ରାଟେକ୍ ସିମେଣ୍ଟ କାରଖାନା ଝାରସୁଗୁଡ଼ା ୟୁନିଟରେ ୩୭ତମ ସଡକ ସୁରକ୍ଷା ମାସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତପନ ବିଶ୍ୱାଳ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସଡକ ସୁରକ୍ଷା ଓ ଚାଳକଙ୍କ ସଚେତନତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଲ୍ଟ୍ରାଟେକ୍ ସିମେଣ୍ଟ କାରଖାନା ଝାରସୁଗୁଡ଼ା ୟୁନିଟର ହେଡ ପୁରୁଷୋତ୍ତମ ୱେମୁରୀ ସଡକ ସୁରକ୍ଷାକୁ ସଂସ୍ଥାର ମୂଳ ମୂଲ୍ୟବୋଧର ଏକ ଅଂଶ ବୋଲି କହିଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଶ୍ରୀ ବାରିକ ସହକାରୀ ଉପ ନିରୀକ୍ଷକ (ଏଏସ୍ଆଇ) ବାଗଡିହି ପୁଲିସ ଥାନା ଏବଂ ଆର୍‌ଟିଓ କାର୍ଯ୍ୟାଳୟର ଶ୍ରୀ ଲେଙ୍କା ସଡକ ସୁରକ୍ଷା ଉପରେ ମତାମତ ରଖିଥିଲେ। ସଡକ ସୁରକ୍ଷା ମାସ ଅବଧିରେ ଅଲ୍ଟ୍ରାଟେକ୍ ସିମେଣ୍ଟ ଦ୍ୱାରା ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା, କର୍ମଚାରୀମାନଙ୍କ ଦ୍ୱାରା ସଚେତନତା ରାଲି, ଟ୍ରକ୍ ଚାଳକମାନଙ୍କ ପାଇଁ ସଡକ ସୁରକ୍ଷା ଶିବିର ଓ ଅନ୍ୟାନ୍ୟ ଜାଗୃକତା କାର୍ଯ୍ୟକ୍ରମ ସମ୍ମିଳିତ ଥିଲା। ମୁଖ୍ୟ ସୁରକ୍ଷା ଅଧିକାରୀ ଦେବାନନ୍ଦ ବିଶ୍ୱାଳ, ସେଫ୍ଟି ଅଫିସର ଘନଶ୍ୟାମ ପାଣ୍ଡା ଏବଂ ଲଜିଷ୍ଟିକ୍ସ ଅଫିସର ରାକେଶ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଜାତୀୟ ଜନଗଣନା ପାଇଁ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର

**ଡିଜିଟାଲ ଜନଗଣନା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି** | **ଏପ୍ରିଲ ୧୬ରୁ ଗୃହ ତାଲିକାକରଣ**

ଝାରସୁଗୁଡ଼ା,୪।୨(ସମିସ)

ଜିଲ୍ଲାରେ ଆଗାମୀ 'ଜନଗଣନା-୨୦୨୭'କୁ ସୂଚାରୁ ରୂପେ ପରିଚାଳନା କରିବା ନିମନ୍ତେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ମୁଖ୍ୟ ଜନଗଣନା ଅଧିକାରୀ କୁଣାଲ ମୋତିରାମ ଚହ୍ୱାଣ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜନଗଣନା କାର୍ଯ୍ୟକୁ ସଠିକ୍ ସମୟରେ ଓ ନିର୍ଭୁଲ ଭାବେ ସମ୍ପାଦନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୧୬ ରୁ ମଇ ୧୫ ପର୍ଯ୍ୟନ୍ତ ଜନଗଣନାର ପ୍ରଥମ ପର୍ଯ୍ୟାୟରେ 'ଗୃହ ତାଲିକାକରଣ ଓ ଗୃହ ଗଣନା' କାର୍ଯ୍ୟକ୍ରମ ହେବ। ସାଧାରଣ ଜନତାଙ୍କ ସୁବିଧା ପାଇଁ ଏପ୍ରିଲ ୧ ରୁ ୧୫ ପର୍ଯ୍ୟନ୍ତ ନିଜସ୍ୱ ଗଣନା ବ୍ୟବସ୍ଥା ଉପଲବ୍ଧ ହେବ। ଯେଉଁଠାରେ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ



କରିପାରିବେ। ଏହା ଦେଶର ପ୍ରଥମ 'ଡିଜିଟାଲ ଜନଗଣନା' ହୋଇଥିବାରୁ ଏଥିରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର ଓ ପୌର ନିର୍ବାହୀ ଅଧିକାରୀ (ଚାର୍ଜ ଜନଗଣନା ଅଧିକାରୀ) ଏବଂ ଅତିରିକ୍ତ ତହସିଲଦାରମାନଙ୍କୁ (ଅତିରିକ୍ତ ଚାର୍ଜ ଜନଗଣନା ଅଧିକାରୀ) ମୋବାଇଲ ଆପ୍ ବ୍ୟବହାର ଓ 'ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ' (ସିଏମ୍ଏମ୍ଏସ୍) ସମ୍ପର୍କରେ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ଜିଲ୍ଲା ଜନଗଣନା ଅଧିକାରୀ ବ୍ରଜବନ୍ଧୁ ଭୋଇ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଡେପୁଟି କଲେକ୍ଟର (ଜନଗଣନା) ଲୋପାମୁଦ୍ରା କାଲୋ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ (ଯୋଜନା ଓ ସଂଖ୍ୟାୟନ) ଦେବେନ୍ଦ୍ର ମଲ୍ଲିକ, ତାରିଣୀ ବେହେରା ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ଜନଗଣନା କାର୍ଯ୍ୟ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାହୁ ଏବଂ ଜିଲ୍ଲା ଦାୟିତ୍ୱରେ ଥିବା ଅଧିକାରୀ ରବିରଞ୍ଜନ ପ୍ରଶିକ୍ଷାର୍ଥୀମାନଙ୍କୁ ତଥ୍ୟ ସଂଗ୍ରହର ବୈଷୟିକ ଦିଗ ଉପରେ ତାଲିମ ଦେଇଥିଲେ।

## ବାଉଁଶରେ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



ଜୟପୁର,୪।୨(ସମିସ): କେନ୍ଦ୍ରୀୟ ପରିବେଶ ପାଠ୍ୟକ୍ରମ ଏବଂ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟରେ ଏକ କର୍ମଶାଳାର ଆୟୋଜନ ହୋଇଥିଲା। ଏଥିରେ ବାଉଁଶ ଶିଳ୍ପ ମାଧ୍ୟମରେ ସ୍ୱାବଲମ୍ବୀ ହୋଇ ପାରିବା ଓ ଏଥି ପାଇଁ ଜୟପୁର ଏବଂ ଆଖପାଖ ଅଞ୍ଚଳରେ ବାଉଁଶ ତିଆରି ଜିନିଷର ବ୍ୟବସାୟୀକରଣ ନିମନ୍ତ ପ୍ରୟାସର ଆବଶ୍ୟକତା ରହିଛି। କୋରାପୁଟ ଜିଲ୍ଲାରେ ବାଉଁଶ ଏକ ପ୍ରାକୃତିକ ସମ୍ପଦ ଭାବେ ଭରପୁର ମାତ୍ରାରେ ରହିଛି। ତେଣୁ ଏହି କର୍ମଶାଳା ଉଦ୍ଦେଶ୍ୟ ଅନୁଯାୟୀ ଏହି ପାରମ୍ପରିକ ବାଉଁଶ କାରିଗର ମାନଙ୍କୁ ପ୍ରଶାସନ ସେବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଏହି କାରୁକାର୍ଯ୍ୟ ପାଇଁ ତାଲିମ ପ୍ରଦାନ କରାଯାଇ ବିଭିନ୍ନ ସାମଗ୍ରୀ ନିର୍ମାଣ କରିପାରିବା। ପ୍ଲାଷ୍ଟିକର ବିକଳ୍ପ ଭାବରେ ବାଉଁଶ ନିର୍ମିତ ସାମଗ୍ରୀ ବହୁମାତ୍ରାରେ ବ୍ୟବହାର କରିଲେ ଏହା ପରିବେଶ ପ୍ରତି ମଧ୍ୟ ଅନୁକୂଳ ପ୍ରଭାବ ପଡିବ ବୋଲି ପ୍ରଶିକ୍ଷଣ ପ୍ରାରମ୍ଭରୁ ଶିକ୍ଷାର୍ଥୀ ମାନଙ୍କୁ ସଚେତନ କରାଯାଇଥିଲା। ଏହି କର୍ମଶାଳାରେ ପ୍ରଶିକ୍ଷକ ଭାବେ ନୃସିଂହ ପ୍ରସାଦ ଷଡ଼ଙ୍ଗୀ ଓ ବେବୀ ମହାପାତ୍ର ବାଉଁଶରେ ପ୍ରସ୍ତୁତ ଫୁଲଦାନୀ, ଲ୍ୟାମ୍ପ ସେଡ୍, ପେନ୍ ଷ୍ଟାଣ୍ଡ, ବୋତଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ନିର୍ମାଣ କୌଶଳ ସହଜ ଉପାୟ ପ୍ରଶିକ୍ଷଣ ଦେଇଥିଲେ। ଜୟପୁର ଅଞ୍ଚଳର ବାଉଁଶ କଳାକୁ ଏକ ନୂତନ ପରିଚୟ ମିଳିବା ପାଇଁ ଏଭଳି କର୍ମଶାଳାର ଆୟୋଜନ କରାଯାଇଥିବା ନେଇ ଇକୋ କ୍ଲବ୍ ପ୍ରଭାରୀ ଶିକ୍ଷକ ପ୍ରଦୀପ କୁମାର ପଟ୍ଟନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବି.ସୁଜାତା, ଅଧକ୍ଷ ସୁଧାକର ପଟ୍ଟନାୟକ, ଶିକ୍ଷୟିତ୍ରୀ ବନ୍ଦିତା ପାଣିଗ୍ରାହୀ, ବ୍ରାହ୍ମୀ କୁମାରୀ ମିଶ୍ର ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ୩ ବର୍ଷ ପରେ ରାଇପାହାଡ଼ରେ ଜିଲ୍ଲା ପ୍ରଶାସନ

ନନ୍ଦପୁର, ୪।୨(ସମିସ):



ଗତ ତିନି ବର୍ଷ ତଳେ ରାଇପାଡ ଚୁକ୍ତି ପରେ ଆଜି ତଥା ବୁଧବାର କୋରାପୁଟ ଜିଲ୍ଲା ପ୍ରଶାସନ ରାଇପାହାଡ଼ରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ତିନି ବର୍ଷ ତଳେ ଯେଉଁ ସ୍ଥିତିରେ ଚୁକ୍ତି ନାମା ଶେଷ ହୋଇଥିଲା ସେଇ ସ୍ଥିତି ରହିଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ବି ଆନ୍ଧ୍ର ଦୟାରେ ରାଇପାହାଡ଼ବାସୀ। ସୂଚନା ଅନୁଯାୟୀ, କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ ରୋକିବା ତଥା କୋଟିଆର ସାନି ବିକାଶ ନେଇ ଗତ କିଛିଦିନ ତଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ କୋଟିଆ ଗସ୍ତ କରି ଏକ ରିପୋର୍ଟ ପ୍ରସ୍ତୁତ କରିବା ସହ ଉକ୍ତ ରିପୋର୍ଟକୁ ଆଧାର କରି ଏକ ଉଚ୍ଚସ୍ତରୀୟ ବୈଠକରେ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା। ପ୍ଲାନ୍ ଅନୁସାରେ ଗୃହ ବିଭାଗ, କୃଷି ବିଭାଗ, ବିଦ୍ୟୁତ୍ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ବିଭାଗ, ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଏହି ଭଳି ୨୦ ବିଭାଗ ଏହି ଅଞ୍ଚଳର ସାନି ବିକାଶ ଲାଗି ଦାୟୀତ୍ୱ ଦିଆଯାଇଥିବା ଜଣାପଡିଛି। ବିଭିନ୍ନ ବିଭାଗ ଦ୍ୱାରା କରାଯିବାକୁ ଥିବା ବିକାଶ ମୂଳକ କାର୍ଯ୍ୟକ୍ରମ ଲାଗି ମୋଟ ୨୯୦ କୋଟି ଟଙ୍କାର ବିଶାଳ ପ୍ୟାକେଜ ଅନୁମୋଦନ କରାଯାଇଛି। ରାଇପାଡକୁ ଅଣଦେଖା ନେଇ ଖବର ପ୍ରକାଶିତ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଣି ରାଇ ପାହାଡ଼ ଗ୍ରାମ ମୁହାଁ ହୋଇଛନ୍ତି। କୋରାପୁଟ ସିଡିଓ ବେଣୁଧର ଶବରଙ୍କ ସମେତ କୋରାପୁଟ ଉପ ଜିଲ୍ଲପାଳ ପ୍ରେମ ଲାଲ ହିଆଲ, ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ତହସିଲଦାର ଦେବବ୍ରତ ମହାରଣା, ସିଡିପିଓ ମିନତିବାଲା ପଟ୍ଟନାୟକ ସମେତ ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ରାଇପାହାଡ଼ ପହଞ୍ଚିଥିଲେ। ତେବେ ଗତ ତିନି ବର୍ଷ ତଳେ ଯେଉଁ ସ୍ଥିତିରେ ଆନ୍ଧ୍ରର ଆଧାର, ଆବାସ ଓ ରାସନ୍ ସହ ବିଦ୍ୟୁତ୍ ଉପରେ ଭରସାରେ ଥିଲେ, ଏବେ ମଧ୍ୟ ସେଇ ଅବସ୍ଥା। ଗସ୍ତ ପରେ ସିଡିଓ ବେଣୁଧର ଶବର କହିଛନ୍ତି ବର୍ତ୍ତମାନ କଣ ହୋଇଛି କେତେ ଦୂର ହୋଇଛି ସ୍ଥିତି ସମୀକ୍ଷା କରାଯାଇଛି। ଏମିତି ନାହିଁ ଯେ ଓଡ଼ିଶା ସରକାରଙ୍କ ଯୋଜନା ଗ୍ରାମରେ ଅପହଞ୍ଚ ରହିଛି। ସମସ୍ତ ଯୋଜନା ଚାଲୁ ରହିଛି । ଅଙ୍ଗନବାଡି, ରାସନ୍, ପାଣି ଯୋଗାଇ ଦିଆଯାଉଛି। ଆନ୍ଧ୍ରର ମାଗଣା ବିଦ୍ୟୁତ୍ ଯୋଗୁ ଗ୍ରାମବାସୀ ଓଡ଼ିଶା ବିଦ୍ୟୁତ୍ ବ୍ୟବହାର କରୁନାହାନ୍ତି। ରାସ୍ତା ଘାଟ ଓ ଆଧାର ତ୍ରୁଟି ଯୋଗୁଁ ଆବାସ ଗୃହ ଉପରେ ବାଧା ସୃଷ୍ଟି ହୋଇଛି । ଖୁବଶୀଘ୍ର ସେ ସବୁ ଉପରେ କାର୍ଯ୍ୟ ପ୍ରସ୍ତୁତି କରାଯିବ ବୋଲି କହିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କୋରାପୁଟ ଠାରେ ଗଣମଧ୍ୟମ ପ୍ରତିନିଧିଙ୍କୁ ଭେଟି ଜିଲ୍ଲାରେ ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ଅଞ୍ଚଳର ସ୍ଥିତି ସମୀକ୍ଷା କରାଯାଇ ଉନ୍ନୟନ ମୂଳକ କାର୍ଯ୍ୟପନ୍ଥା ଅବଲମ୍ବନ ଉପରେ ଏକ କମିଟି ଗଠନ କରାଯାଇଛି ବୋଲି ସୂଚନା ଦେଇଛନ୍ତି। ହେଲେ ଦୁଃଖ ଓ ପରିତାପ ବିଷୟ ବିକାଶ ତ ଦୂର କଥା, ଆଜି ସୁଦ୍ଧା ମାଟି ମୁଠାଏ ମଧ୍ୟ ଖୋଲା ହୋଇ ପାରିଲାନି ରାଇପାଡରେ ବୋଲି ଅଞ୍ଚଳବାସୀ କହିଛନ୍ତି। ପାଟ୍ଟଲୁଙ୍ଗ, ବିଲାପୁଟ୍, ଗୋଲୁର୍ , ଚାଟୁଆ ପଞ୍ଚାୟତ ମୁଖ୍ୟତଃ ଆନ୍ଧ୍ରର ଲୋଲୁପ ଦୃଷ୍ଟିରେ ରହିଛି। ସରକାର ଓ ପ୍ରଶାସନ ସମେତ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସ୍ୱତନ୍ତ୍ର ଦୃଷ୍ଟି ପଡୁ ନଥିବା ହେତୁ ଏହି ଅଞ୍ଚଳର ଗୋଟିଏ ପରେ ଗୋଟେ ଗାଁ ଆନ୍ଧ୍ରର ବଶବର୍ତ୍ତୀ ହେବାରେ ଲାଗିଛି। ଏହାର ଜ୍ୱଳନ୍ତ ଉଦାହରଣ ବିଲାପୁଟ୍‌ର ଜଲାପୁଟ, ପାଟ୍ଟଲୁଙ୍ଗର ସୋଭାପୁଟ ଓ ଗୋଲୁରୁର ରାଇପା । ତଥାପି ଏହି ଅଞ୍ଚଳ ସରକାରଙ୍କ ଦୃଷ୍ଟି ଆଢୁଆଳରେ କାହିଁକି ବୋଲି ଆଜି ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ।

## ନୂତନ ଥାନାଧିକାରୀଙ୍କ ଯୋଗଦାନ



କୋଷାଗୁମୁଡା, ୪।୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର କୋଡ଼ିଙ୍ଗା ସଦର ମହକୁମା ସ୍ଥିତ ଥାନାରେ ନୂତନ ଭାବେ ଦୀପକ କୁମାର ଜେନା ଥାନାଧିକାରୀ ଭାବେ ଯୋଗଦାନ ସହ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ପାପଡାହାଣ୍ଡି ସଦରରେ କାର୍ଯ୍ୟରତ ଥିଲେ। ବର୍ତ୍ତମାନ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଅସାମାଜିକ କାର୍ଯ୍ୟକଳାପକୁ ସୁଧାରିବେ ବୋଲି କହିଛନ୍ତି। ପୁଷ୍ପଗୁଚ୍ଛ ଦେଇ ନୂତନ ଥାନାଧିକାରୀଙ୍କୁ ଥାନାର ସମସ୍ତ ଏସଆଇ, ଏଏସଆଇ, କନେଷ୍ଟବଳ ଓ ହୋମଗାର୍ଡ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

# କେନ୍ଦ୍ର ବଜେଟ୍ ଅବିଭକ୍ତ କୋରାପୁଟ ଜିଲ୍ଲାର ଖଣିଖାଦାନ ଲୁଟ୍ ପାଇଁ ଉଦ୍ଦିଷ୍ଟ : କଂଗ୍ରେସ



ଜୟପୁର,୪।୨ (ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା କଂଗ୍ରେସ ଭବନ ଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ବଜେଟ୍‌କୁ ବିରୋଧ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରକ ଏହି ବଜେଟ ଅବିଭକ୍ତ କୋରାପୁଟ ଜିଲ୍ଲା ଏବଂ ଓଡିଶାର ଖଣିଖାଦାନ ଲୁଟିବା ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯୋଗ କରିଛନ୍ତି। ଗରିବ ଏବଂ ମଧ୍ୟବର୍ତ୍ତୀ ପରିବାର ବିରୋଧି ଏହି ବଜେଟ। ଦେଶର ଧନୀ ଓ ଶିଳ୍ପପତି ମାନଙ୍କୁ ଲାଭ କରିବା ଏବଂ ସୁହାଇଲା ଭଳି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବଜେଟ ପ୍ରସ୍ତୁତ କରିଛନ୍ତି ବୋଲି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ତୁରୁକ ଗୁରୁତର ଅଭିଯୋଗ କରିଛନ୍ତି। ଦୁଇଦିନ ପୂର୍ବରୁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟମରେ ଏହି ବଜେଟ ଐତିହାସିକ ବୋଲି କହିବା ହାସ୍ୟାସ୍ପଦ। ସରକାରୀ ଦଳର ମନ୍ତ୍ରୀ ବଜେଟ ଭଲ ବୋଲି ବାହାସ୍ଫୋଟ ବନ୍ଦ କରିବା ବଦଳରେ ସାଧାରଣ ଜନତାଙ୍କ ପାଇଁ କେତେ ଉତ୍ତମ ତାହା ସାଧାରଣ ଲୋକଙ୍କୁ ପଚାରିବାକୁ ପରାମର୍ଶ ଦେଇଥିଲେ। କୋରାପୁଟ ଜିଲ୍ଲାରେ ପର୍ଯ୍ୟଟନର ବିକାଶ ପାଇଁ ଅନେକ ସ୍ଥାନ ରହିଥିଲେ ସୁଦ୍ଧା କୌଣସି ସ୍ଥାନକୁ ପର୍ଯ୍ୟଟନ ବିକାଶରେ ସାମିଲ କରାଯାଇନାହିଁ। ସେହିପରି ଜୟପୁର-ମାଲକାନଗିରି ଏବଂ ଜୟପୁର-ନବରଙ୍ଗପୁର ଜିଲ୍ଲାକୁ ରେଳ ଯୋଗାଯୋଗ ପାଇଁ ଗତ ୨୦୧୬ ମସିହାରେ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଏହିପରି ଚଳିତ ବଜେଟରେ ମଧ୍ୟ ଏହାର ନିର୍ମାଣ ବାବଦକୁ କୌଣସି ପ୍ରସ୍ତାବ ନାହିଁ ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଆମେରିକାର ଟାରିଫ ଲାଗାଇବା ଏବଂ ପୁଣି ଏହାକୁ କୋହଳ କରିବା ନେଇ ରହସ୍ୟକୁ ନେଇ କେନ୍ଦ୍ର ସରକାର ଦେଶବାସୀଙ୍କୁ ଅବଗତ କରିବାକୁ ଦାବି କରାଯାଇଥିଲା। ତେଣୁ ଗରୀବ ଓ ମଧ୍ୟବିତ୍ତ ପରିବାରକୁ ମାରଣନୀତିକୁ କଂଗ୍ରେସ ଦଳ ଆଗାମୀ ଦିନରେ ଘୋର ବିରୋଧ କରିବା ବୋଲି ଜିଲ୍ଲା ସଭାପତି ଶ୍ରୀ ତୁରୁକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଥିଲେ। ଏହି ଅବସରରେ ଜୟପୁର ପୌରଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ପୂର୍ବତନ ବିଧାୟକ ନିମାଇଁ ସରକାର, ଜିଲ୍ଲା କୋଷାଧ୍ୟକ୍ଷ ନିହାର ବିଶୋୟୀ, ବ୍ଲକ ସଭାପତି ବସନ୍ତ ନାୟକ, ଜିଲ୍ଲା ସଭାପତି ସୂର୍ଯ୍ୟ ପଟ୍ଟନାୟକ, ସାଧାରଣ ସମ୍ପାଦକ ପ୍ରଣବ କିଶୋର ନାୟକ, ରାମ ନାୟକ, ପ୍ରଣବ ନାୟକ, ଦିଲାବର ସାହା ପ୍ରମୁଖ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମ ଶାରୀରିକ ଚିକିତ୍ସା ଶିବିର



ଜୟପୁର,୪।୨(ସମିସ): ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଶାରିରୀକ ଅକ୍ଷମ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଭିନ୍ନକ୍ଷମ ଶାରରୀକ ଚିକିତ୍ସା ଶିବିର ସ୍ଥାନୀୟ ଜିଲ୍ଲା ଶିକ୍ଷ ଶିକ୍ଷା ତାଲିମ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟପୁର ବ୍ଲକ ଓ ପୌରାଞ୍ଚଳର ସମୁଦାୟ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ଶାରିରିକ ଚିକିତ୍ସା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଜୟପୁର ବିଇଓ ଚନ୍ଦନ କୁମାର ନାୟକ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷ ବିଭାଗର ଅଧିକାରୀ ରାଜେନ୍ଦ୍ର ନାରାୟଣ ପାଢି. ଶିକ୍ଷା ବିଭାଗର ବରିଷ୍ଠ ସହାୟକ ଶଶୀଭୂଷଣ ଦାଶ, ସୂଚନା ସଂଯୋଜିକା ଲିପ୍ସା ସାହୁ, ଦିବ୍ୟା ତେଜା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଇନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ଡାକ୍ତର ବିଭୁଦତ୍ତ ବଳିଆର ସିଂ ଛାତ୍ରଛାତ୍ରୀଙ୍କୁ ଶାରିରୀକ ଚିକିତ୍ସା କରିଥିବା ବେଳେ ସହାୟକ ଭାବେ ସୂରଜ୍ କୁମାର ସହେଲ ଯୋଗ ଦେଇଥିଲେ। ଏହି କାର୍ଯକ୍ରମକୁ ସୁଦର୍ଶନ ସୁନ୍ଦର୍, ପ୍ରିୟା ପାତ୍ର ଓ ଶୁଭଶ୍ରୀ ପାତ୍ର ପରିଚାଳନା କରିଥିଲେ । ଆସନ୍ତା ୩ ଦିନ ଏହି ଶିବିର ଚାଲୁ ରହିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## କ୍ରସର ବିରୋଧରେ ଗ୍ରାମବାସୀଙ୍କ ଅଭିଯୋଗ

ପଡିଆ, ୪।୨(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ମାଟେରୁ ପଞ୍ଚାୟତ ଅନ୍ତର୍ଗତ ଝିଲିଗୁଡ଼ା ଗ୍ରାମରେ ଅବୈଧ କ୍ରସରକୁ ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଦୁଇ ଦିନ ପୂର୍ବେ ଗ୍ରାମବାସୀମାନେ ଏହି କ୍ରସରକୁ ବନ୍ଦ କରିଥିବା ଜଣାପଡ଼ିଛି। ଘଟଣା ସୂଚନା ପାଇବା ପରେ ଉପ ଜିଲ୍ଲାପାଳ ଗ୍ରାଉଣ୍ଡ ଜିରୋରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ଯେଉଁ ଜମିରେ କ୍ରସର ଚାଲୁଛି ସେହି ଜମି ଆଦିବାସୀଙ୍କ ନାମରେ ପଟା ଅନ୍ତର୍ଭୁକ୍ତ ଅଛି। ଗ୍ରାମବାସୀମାନଙ୍କ ଅଭିଯୋଗ ଅନୁସାରେ, କ୍ରସରରୁ ଉଡୁଥିବା ଧୂଳି ଓ ଡଷ୍ଟ ଯୋଗୁଁ ଚାରିପାଖରେ ଥିବା ଗଛଗୁଡ଼ିକ ଶୁଖି ମରୁଛି ଓ ଜଙ୍ଗଲ ସମ୍ପଦ ଭୟଙ୍କର ଭାବେ ନଷ୍ଟ ହେଉଛି। ସେହିପରି ପଥର ବ୍ଲାଷ୍ଟ କାରଣରୁ ଗ୍ରାମର ଘରଗୁଡ଼ିକରେ ଧାର ଫାଟିଯାଇଥିବା ବେଳେ ଗ୍ରାମ ରାସ୍ତା ମଧ୍ୟ ଭାଙ୍ଗି ଯାଇଛି। ଏହି ସମସ୍ୟାଗୁଡ଼ିକୁ ନେଇ ଗ୍ରାମବାସୀମାନେ ପ୍ରଶାସନ ନିକଟରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଲକ୍ଷ୍ମୀପୁର ବ୍ଲକ୍‌ରେ ସମ୍ପୂର୍ଣ୍ଣତା ଅଭିଯାନ

ଲକ୍ଷ୍ମୀପୁର,୪।୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ବାସନ୍ତୀ କଲ୍ୟାଣ ମଣ୍ଡପଠାରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ର ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ୬ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏହା ଭରତ ସରକାରଙ୍କ ନୀତିଆୟଗ କାର୍ଯ୍ୟକ୍ରମ ରେ ଅନ୍ତର୍ଭୁକ୍ତ ଅଟେ। ଏହି କାର୍ଯ୍ୟକ୍ରମ ରେ ୫ଟି ଥିମ୍ ରହିଛି। କୋରାପୁଟ ଜିଲ୍ଲାର ଦୁଇଟି ବ୍ଲକକୁ ଅନୁନ୍ନତ ବ୍ଲକ ଭାବେ ନିଆ ଯାଇଛି, ତହିଁରେ ଲକ୍ଷ୍ମୀପୁର ବ୍ଲକ ରହିଛି। ଏହାର ସମ୍ପୂର୍ଣ୍ଣ ବିକାଶ ପାଇଁ ଏହି ଯୋଜନା କାର୍ଯ୍ୟ କରିବା ଆରମ୍ଭ କରିଥିବା ନେଇ ଏହାର ପରିଚାଳକ ପାର୍ବତୀ ମହାନ୍ତି କହିଛନ୍ତି। ଏହା ଚଳିତ ଜାନୁୟାରୀ ମାସ ୨୮ ତାରିଖ ରୁ ଏପ୍ରିଲ ମାସ ୧୪ ତାରିଖ ମଧ୍ୟରେ ସମ୍ପୂର୍ଣ୍ଣ ହେବ ପାଇଁ ଲକ୍ଷ୍ୟ ରଖାଯାଇ ଥିବା ଶ୍ରୀମତୀ ମହାନ୍ତି କହିଛନ୍ତି। ଗତ ୨୦୨୪ ମସିହାରେ ଏହି ଅଭିଯାନ କାମ ଆରମ୍ଭ ହୋଇ ଥିଲା ଏବଂ ଅକ୍ଟୋବର ୨୦୨୫ ମସିହାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ରୌପ୍ୟ ପୁରସ୍କା ବ୍ଲକ ଆଣି ଥିଲା। ଏଥର ଭଲ ପ୍ରଦର୍ଶନ କରି ଭଲ ପୁରସ୍କାର ଆଣିବା ପାଇଁ ଚେଷ୍ଟା ଜାରି ରହିବ ବୋଲି ବିଡିଓ ସବ୍ୟସାଚୀ ବେହେରା କହିଥିଲେ। କାର୍ଯ୍ୟକ୍ରରେ ବ୍ଲକ ଅଧକ୍ଷା ସୁୱାଇ କୁଲେସିକା, ଉପଦକ୍ଷା ଆରତୀ କୁଲଦୀପ, ବିଧାୟକଙ୍କ ପ୍ରତିନିଧିତ୍ୱରେ ମୋଣ୍ଟୀ ଖରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜି ନାୟକ, ସମିତି ସଭ୍ୟା ନୟନା ମାଣ୍ଡିଙ୍ଗା, ଜିଲ୍ଲାପରିଷଦ ସଭ୍ୟା ପିଙ୍କି ହିମେରିକା ଏବଂ ବ୍ଲକର ସରପଞ୍ଚ, ସମିତି ମେମ୍ବର, ଆଶା ଦିଦି, ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାଡ଼ି ଦିଦି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁତି ଭୁଷଣ ତାକ୍ରି, ମଦନ ମୋହନ ମୁଦୁଲିଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ମାନସିକ ରୋଗୀଙ୍କ ଆତ୍ମହତ୍ୟା

କୋରୁକୋଣ୍ଡା, ୪।୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଥାନା ସଦର କେନ୍ଦ୍ରାଗୁମ୍ପା ସାହିରେ ସେହି ସାହିର ପଦ୍ମ ମାଡ଼କାମୀ ଏକ ଭଙ୍ଗା ଘର ପଛପଟ ଏକ କାଠରେ ରଶି ସାହାର୍ଯ୍ୟରେ ଝୁଲି ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ ଆଜି ସକାଳେ ଦେଖିବାକୁ ପାଇଥିଲେ। ଏହାକୁ ନେଇ ତୁରନ୍ତ ମାଲକାନଗିରି ସଦର, କୋରୁକୋଣ୍ଡା ଥାନକୁ ଜଣାଇଥିଲେ। ଖବର ପାଇ ଥାନା ଅଧିକାରୀ ଆର ବିଜୟୀ କୁମାର ଘଟନାସ୍ଥଳକୁ ତଦନ୍ତ କରିଛନ୍ତି। ମୃତ୍ୟର କାରଣ ଅସ୍ପଷ୍ଟ ରହିଥିବାବେଳେ ଏସ ଆଇ ମହାପ୍ରଶାଦ ନାୟକ ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଶ୍ରୀ କୁମାର କହିଛନ୍ତି। ସୂଚାନା ଥାଉକି ମୃତ ପଦ୍ମ ଜଣେ ମାସିକ ରୋଗୀ ହୋଇଥିବା ବେଳେ, ତାଙ୍କର ଆଉ ଦୁଇଜଣ ଭାଇ ମଧ୍ୟ ଅଛନ୍ତି। ସେ କିଛିଦିନ ହେବ ସେ ବାହାରକୁ ଚାଲିଯାଇଥିଲେ, ବର୍ତ୍ତମାନ ତିନିଦିନ ହେବ ଗାଁ କୁ ଫେରିଥିବା ବେଳେ ସେ ପାଗଳ ଭାଳି ଆଚାର ବ୍ୟବହାର କରୁଥିଲେ।

## ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଉଦ୍‌ଘାଟିତ

ଡାବୁଗାଁ,୪।୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଉଦ୍‌ଘାଟନ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏଥିରେ ପ୍ରଥମେ ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରୁ ଏକ ରାଲି ବାହାରି ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ପରେ ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ ବିଭାଗର ଷ୍ଟଲ ଗୁଡିକ ଉଦ୍‌ଘାଟନ କରାଯାଇଥିଲା। ପରେ ଶପଥ ପାଠ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ଯୋଜନା ଉପନିର୍ଦ୍ଦେଶକ ଐଶ୍ୱର୍ଯ୍ୟ ଭଞ୍ଜ, ନୀତି ଆୟୋଗର ପ୍ରତିନିଧି ପିରାମିଡ ଫାଉଣ୍ଡେସନର କାର୍ଯ୍ୟକ୍ରମ ପରିଚାଳକ ବିକ୍ରମ କିଶୋର ରାଣା, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋଇ, ବିଡିଓ ସମୀର କୁମାର ପାତ୍ର, ସିଡିପିଓ ମିନତୀ ଦାଶ, ପ୍ରାଣୀ ଚିକିତ୍ସକ ଏନ. ଲୋକନାଥ ରେ‡ୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମାଝି, ଏମ୍. ଆପ୍ପା ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଭାଜପା ଡାବୁଗାଁ ମଣ୍ଡଳ ସଭାପତି ମନୋଜ ପାତ୍ର, ବୋରୀଗାଁ ମଣ୍ଡଳ ସଭାପତି ଜଗଦୀଶ ଭତ୍ରା, ଜିଲା ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ଭାଜପା ଜିଲା ସମ୍ପାଦକ ଜେ. ରାଜଶେଖର ରାଓ, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଘୋଡାଖୁଣ୍ଟା ପଞ୍ଚାୟତ ସରପଞ୍ଚ ଲୀଳାଦେଇ ମାଝି, ସମିତି ସଭ୍ୟ ପର୍ଶୁରାମ ଶବର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଓଏଲଏମ ବିପିଏମ ଦୀପ୍ତି କିଶୋର ନାୟକ, ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଆକାଂକ୍ଷା ବ୍ଲକ ସହଭାଗୀ ମୋନାଲ ପରିଡା ଓ ପେସା ସଂଯୋଜକ ଶୁଭଶ୍ରୀ ମହାଙ୍କୁଡ ପରିଚାଳନା କରିଥିବା ବେଳେ ବ୍ଲକ ଓ ଆଇସିଡିଏସ ଅଧିକାରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ସରକାରୀ ଆଇଟିଆଇରେ ଛାତ୍ରଙ୍କୁ ଲୁହା ଛଡ଼ରେ ଆକ୍ରମଣ କଲେ ଛାତ୍ର

ରାୟଗଡ଼ା,୪।୨(ସମିସ): ରାୟଗଡ଼ା ସହର ସ୍ଥିତ ସରକାରୀ ଆଇଟିଆଇ ତାଲିମ ଅନୁଷ୍ଠାନର ୱେଲଡ଼ର ଟ୍ରେଡ଼ର ଦୁଇ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଜଣାପଡିଛି । ଜଣେ ଛାତ୍ରକୁ ଆଉ ଜଣେ ଛାତ୍ର ଲୁହା ରଡ଼ରେ ପିଟି ରକ୍ତାକ୍ତ କରିଥିବା ନେଇ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଆହତ ଛାତ୍ରଙ୍କ ବଡ଼ବାପା। ଆହତ ଜଣକ ହେଲେ କୋଲନରା ବ୍ଲକ ଥେରୁବାଲି ଡିପି କ୍ୟାମ୍ପ ଅଞ୍ଚଳର କାମଦେବ ଗୌଡ଼ଙ୍କ ପୁତୁରା ତଥା ତାଙ୍କ ସାନ ଭାଇ ସ୍ୱର୍ଗତ ଉଦ୍ଧବ ଗୌଡ଼ଙ୍କ ପୁଅ ମନୋଜ ଗୌଡ଼(୧୬) । କାମଦେବଙ୍କ ଲିଖିତ ଅଭିଯୋଗ ଅନୁସାରେ ମନୋଜ ସରକାରୀ ଆଇଟିଆଇରେ ୱେଲଡର ଟ୍ରେଡରେ ପଢୁଛନ୍ତି। ତେବେ ସେଠାରେ ପଢୁଥିବା ଜଣେ ଛାତ୍ର ଭୁବନ ଲିମା ଆଜି ପୂର୍ବ ଶତ୍ରୁତାକୁ ନେଇ ମନୋଜଙ୍କୁ ଲୁହା ଛଡ଼ରେ ମୁଣ୍ଡରେ ମାରି ରକ୍ତାକ୍ତ କରିଦେଇଛନ୍ତି। ମନୋଜ ଗୁରୁତର ଅବସ୍ଥାରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ଅଛନ୍ତି। ପୁତୁରା ଆହତ ହୋଇଥିବା ନେଇ କାମଦେବ ଖବର ପାଇବା ପରେ ଗ୍ରାମବାସୀଙ୍କ ସହିତ ଆସି ଜିଲା ମୁଖ୍ୟ ଚିକିତ୍ସାଳୟରେ ପୁତୁରା ମନୋଜକୁ ଭେଟିଥିଲେ। ପୁତୁରା ଓ ସହପାଠୀମାନଙ୍କ ଠାରୁ ବିଷୟ ବୁଝିବା ପରେ ଏନେଇ କାମଦେବ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ କରୁଥିବା ଆଇଆଇସି ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି।

## ବିଶ୍ୱାସ ରାୟ, ମଧୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ଜୟପୁର,୪।୨(ସମିସ): କୋରାପୁଟ ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ରାଜ୍ୟର ମନ୍ତ୍ରୀ ରାଧାକୃଷ୍ଣ ବିଶ୍ୱାସରାୟ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ସଂସଦର ମୁଖ୍ୟ ଉପଦେଷ୍ଟା ଇଂ କେଦାରନାଥ ବେହେରାଙ୍କ ଅଧକ୍ଷତା ସମ୍ପାଦକ ବୈରାଗୀ ଚରଣ ସାହୁ, ସଦସ୍ୟ ତପନ କିରଣ ତ୍ରିପାଠୀ, ପ୍ରମୋଦ କୁମାର ରାଉଳ ଯୋଗଦେଇ ଉଭୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲ୍ଲା କୋର୍ଟ ପରିସରରେ ରାଜ୍ୟର ପ୍ରଥମ ବାରିଷ୍ଟର ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ଅବସରରେ ଜିଲ୍ଲା ଆଇନଜୀବୀ ସଂଘର ସଭାପତି ସରୋଜ କୁମାର ଦାଶଙ୍କ ନେତୃତ୍ୱରେ ସମ୍ପାଦକ ସଚ୍ଚିଦାନନ୍ଦ ମିଶ୍ର, ରବିନ୍ଦ୍ର ପାତ୍ର, ତାରିଣୀ ପାଣିଗ୍ରାହୀ, ମହେନ୍ଦ୍ର ଅଧିକାରୀ, ସୁଧିର ତ୍ରିପାଠୀ, ସହଦେବ ପଟ୍ଟନାୟକ, ଉମାକାନ୍ତ ସାହୁ ଓ ମନମୋହନ ମିଶ୍ର ଉପସ୍ଥିତ ଥିଲେ।

# ଶୀତ ରାତିରେ ମଣ୍ଡି ଜଗିଛନ୍ତି ଚାଷୀ



ବୈପାରୀଗୁଡ଼ା,୪।୨(ସମିସ): ମଣ୍ଡିର ଉଠୁନି ଧାନ। ଶୀତ ରାତିରେ ମଣ୍ଡି ଜଗିଛନ୍ତି ଚାଷୀ। ମଣ୍ଡିରେ ପଡି ରହିଛି କ୍ୱିଣ୍ଟାଲ, କ୍ୱିଣ୍ଟାଲ ଧାନ। ସାତ ଦିନ ଧରି ମଣ୍ଡିରେ କଷ୍ଟ ଉପାର୍ଜିତ ଧାନକୁ ଜଗି ରହିଛନ୍ତି ଚାଷୀ। ଆଉ ଦିନକ ପରେ ଟୋକନ ଅବଧି ଶେଷ ହୋଇଯିବ। କିନ୍ତୁ ଧାନ ଉଠନି, ଚିନ୍ତାରେ ଚାଷୀ । ଏଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି କୁନ୍ଦୁରା ବ୍ଲକ ଘୁମର ଧାନ ମଣ୍ଡିରୁ । ମଣ୍ଡିରେ ଶହ ଶହ ଚାଷୀ ନିଜ ଧାନକୁ ଗଚ୍ଛିତ ରଖି ସରକାରୀ ବ୍ୟବସ୍ଥାକୁ ଅନେଇ ବସିଛନ୍ତି। ଧାନ କ୍ରୟ ଲାଗି ଟୋକନ ମଧ୍ୟ ପାଇଛନ୍ତି ଚାଷୀ। ହେଲେ ସାତ ଦିନ ହେଲା ଧାନ ନେବା ପାଇଁ ମିଲରଙ୍କ ଦେଖା ନାହିଁ। ଟାର୍ଗେଟ ନାହିଁ ବୋଲି ଅଭିଯୋଗ ହୋଇଛି। ଆଉ ଦିନକ ପରେ ଟୋକନ ଅବଧି ସରିଯିବ। ଏଣୁ ଚାଷୀଙ୍କ ଚିନ୍ତା ବଢିଯାଇଛି । ଦିନ ରାତି କେତେ କଷ୍ଟରେ ଧାନ ଅମଳ କରିଛୁ ପୁଣି ବିକ୍ରି ପାଇଁ ମଧ୍ୟ ହଇରାଣ ହେଉଛି ବୋଲି କହିଛନ୍ତି ଚାଷୀ। ଅତି ଶୀଘ୍ର ଧାନ ଉଠାଇବା ପାଇଁ ଦାବି କରୁଛନ୍ତି,ନଚେତ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ଘୁମର ମଣ୍ଡିରେ ଶହେ ଚାଷୀଙ୍କ ୩ ହଜାର କ୍ୱିଣ୍ଟାଲ ଧାନ ପଡିରହିଛି। ଟୋକନ ଅବଧି ସରିଯିବ, ଏଣୁ ଧାନ ଉଠାଇବାକୁ ସ୍ଥାନୀୟ ଚାଷୀ ଦୁର୍ଯ୍ୟୋଧନ ହରିଜନ, ପୂର୍ବତନ ସରପଞ୍ଚ ତିଲଚନ ଗଦବା, ଦାମ ଗଦବା, ପଦ୍ମନ ମଲିକ, ଅମିତ କୁମାର ପଟ୍ଟନାୟକ, କୃଷ୍ଣ ମୁର୍ଜିଆ ପ୍ରମୁଖ ଅଭିଯୋଗ କରିଛନ୍ତି। ସେପଟେ ଲ୍ୟାମ୍ପସ କର୍ମଚାରୀ ଡାଟା ଅପରେଟର ମଦନ ଗାଦବା କହିଛନ୍ତି, ଟାର୍ଗେଟ ନଥିଲା ବୋଲି ଧାନ ପଡି ରହିଛି, ଆଜି ସନ୍ଧ୍ୟା ୬ ଟାରେ ଟାର୍ଗେଟ ମିଳିଛି । ଅତି ଶୀଘ୍ର ଧାନ ଉଠିବ। ସେପଟେ ଲ୍ୟାମ୍ପସ ଏମ୍‌ଡି ପୁରୁଷୋତ୍ତମ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ଘୁମର ମଣ୍ଡିରୁ ଧାନ ଉଠାଯାଉଛି। କୁନ୍ଦୁରା ବ୍ଲକର ୧୨ ମଣ୍ଡିରୁ ଧାନ କିଣାଯାଉଛି। ଗତ ବର୍ଷ ୨ ଲକ୍ଷ ୪୩ ହଜାର କ୍ୱିଣ୍ଟାଲ ଧାନ କିଣା ଯାଇଥିବା ବେଳେ ଚଳିତ ବର୍ଷ ଏପର୍ଯ୍ୟନ୍ତ ୩ ଲକ୍ଷ ୨୬ ହଜାର କ୍ୱିଣ୍ଟାଲ ଧାନ ଉଠୁଛି ଆଉ ୨୫ ହଜାର କ୍ୱିଣ୍ଟାଲ ଧାନ ଉଠିବ ବୋଲି ଆଶଙ୍କା କରାଯାଉଛି।

## ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଆଲୋଚନାଚକ୍ର

ନବରଙ୍ଗପୁର,୪।୨(ସମିସ): ନବରଙ୍ଗପୁର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜିଲ୍ଲା ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ କୋରାପୁଟ ଇଗ୍ନୋ ରିଜିଓନାଲ ଡାଇରେକ୍ଟର ଡ. ଲତିକା ମିଶ୍ର ବକ୍ତା ଭାବରେ ଯୋଗଦାନ କରିଥିବା ବେଳେ ନବରଙ୍ଗପୁରର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଭୟ ଶିକ୍ଷା ସହ ଛାତ୍ର ଛାତ୍ରୀ ମାନଙ୍କର ଅବେଗିକ, ନୈତିକ ବିକାଶକୁ ଗୁରୁତ୍ୱ ଦେବାକୁ କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ରୂପେ ଡ.ମନୋରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ନବରଙ୍ଗପୁର ମହାବିଦ୍ୟାଳୟ ର ଇତିହାସ ବିଭାଗ ମୁଖ୍ୟ ଶ୍ରୀମତୀ ସଙ୍ଗୀତ। ତ୍ରିପାଠୀ, ପ୍ରଫେସର ସୁଶାନ୍ତ କୁମାର ମହାରଣା, ସତ୍ୟନାରାୟଣ ନାୟକ, ନବରଂଗପୁର ମହିଳା ମହାବିଦ୍ୟାଳୟର ଡ ସଂଯୁକ୍ତା ପଣ୍ଡା, ଡ. ଭୋଳାନାଥ ଦୁର୍ଗା, ବିଶିଷ୍ଟ ଶିକ୍ଷାବତ୍ ରଥ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଡ. ପ୍ରଦୀପ ମିଶ୍ର, ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ମହାଲିକ ଓ ସୁପ୍ରିୟା ନାୟକ, ନୀଳାଚଳ ମେହେର, ଶ୍ରୀକାନ୍ତ ଜାନି, ସୁଦୀପ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧକ୍ଷ ଡ. ଓଁକାର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଜ୍ଲି ଏକ୍କା, ପଲ୍ଲବୀ ସିଂହ, ବି କରିସ୍ମା ପ୍ରମୁଖଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ନନ୍ଦାହାଣ୍ଡି,୪।୨(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସରୁଗୁଡା ଠାରେ ଆଜି ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ଦେବୀ ପ୍ରସାଦ ମହାପାତ୍ର ଯୋଗଦେଇ ଆଜିର ଏହି ମଣ୍ଡି ଉଦଘାଟିତ ହୋଇଛି। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସ୍କିମ୍ ଅଫିସର ସିଦ୍ଧାର୍ଥ ସାରଥୀ ପରିଡ଼ା, ସହକାରୀ କୃଷି ଅଧିକାରୀ ଅମିତ୍ କୁମାର ମଲ୍ଲିକ, ଡିଡିସିସିଓଏଲ ଡିଏମଓ ପ୍ରକାଶ କୁମାର ଦାସ, ଦୋସ୍ତ ଏନ ଜି ଓ ମୁଖ୍ୟ ନିର୍ଦ୍ଦେଶକ ନବୀନ ସାଧୁ, ବ୍ଲକ ସଂଯୋଜକ ଯାକୋବ ବେନିଆ ଓ ଅତିରିକ୍ତ ସଂଯୋଜକ ସୁରେନ୍ଦ୍ର ଟାକ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଯେଉଁ ଚାଷୀମାନେ ସରୁଗୁଡା ଆର୍‌ଏମ୍‌ସି ଠାରେ ପଞ୍ଜିକୃତ କରିଥିବେ ସେମାନଙ୍କ ଠାରୁ ମାଣ୍ଡିଆ ସଂଗ୍ରହ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ମଣ୍ଡିରେ ଆସନ୍ତା ବୁଧବାର ଦିନ ଚାଷୀଙ୍କ ମାଣ୍ଡିଆ କ୍ରୟ କରାଯିବ। ଚଳିତ ବର୍ଷ ସାଧାରଣ କ୍ୱିଣ୍ଟାଲ ପ୍ରତି ୪୮୮୬ ଟଙ୍କା ରହିଛି।

# ଆନନ୍ଦପୁର ମହାବିଦ୍ୟାଳୟରେ ରକ୍ତଦାନ ଶିବିର




ଆନନ୍ଦପୁର, ୪।୨ (ସମିସ): ଆନନ୍ଦପୁର ମହାବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଯୁବ ରେଡକ୍ରସ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା, ସ୍କାଉଟ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ମିଳିତ ଉଦ୍ୟମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ମୁଖ୍ୟଅତିଥି ଏବଂ ଭାରତୀୟ ଷ୍ଟେଟବ୍ୟାଙ୍କ ଆନନ୍ଦପୁର ଶାଖାର ମୁଖ୍ୟ ପ୍ରବନ୍ଧକ ସୁକାନ୍ତ କୁମାର ସାହୁ ବିଶିଷ୍ଟ ଅତିଥି ଅସପେୟାରର ବ୍ଲକ ସଂଯୋଜକ ସମୀର ମହାକୁଡ ସମ୍ମାନିତ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ନାରାୟଣ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଲେଫ୍ଟନାଣ୍ଟ ରଘୁଦୀପ୍ତି ନାୟକ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ପୁଷ୍ପଲତା ରାମ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ଡ଼ାକ୍ତର ଉଦୟ ଭାସ୍କର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଡ ଶକ୍ତିପ୍ରସାଦ ମହାପାତ୍ର, ଡ ନିମାଇଁ ଚାରଣ ରାଉତ, ବିଶ୍ୱଜିତ ରାଉତ, ଓଜେଲ ପଟ୍ଟନାୟକ, ମଧୁସ୍ମିତା ସାହୁ, ପୂର୍ଣ୍ଣନନ୍ଦ ପାର୍ଥସାରଥୀ ଶଙ୍ଖୁଆ, ପ୍ରକାଶ କୁମାର ସାହୁ, ଦିବ୍ୟରଞ୍ଜନ ସାହୁ, ଦେବାପ୍ରକାଶ ରାମ, ଆରତୀ ଲୁଗୁନ, ସଂଘମିତ୍ରା ରାଉତ, ଭାରତୀ ସାହୁ, ମିତାଶ୍ରୀ ବେହେରା, ମମତା ମିଶ୍ର, ସବିନା ଆରା ବେଗମ୍, ଡ ବଡିଷ୍ଟ ବେହେରା, କାହ୍ନୁଚାରଣ ଜେନା, ରଞ୍ଜନ ନାୟକ, ପ୍ରତାପ କଅଁର, ଉପେନ୍ଦ୍ର ମିଶ୍ର, ନାରାୟଣ ହେମ୍ବ୍ରମ, ଦେବାଶିଷ ଆଚାର୍ଯ୍ୟ, ରତିକାନ୍ତ ଦାସ, ଭଗବାନ ସାହୁ, ରାସନ୍ ଭେଂଗ୍ରା, ପ୍ରଦୀପ ପୂର୍ତ୍ତି, ଦୁର୍ଗାଶଙ୍କର ପରିଡ଼ା, ସୂର୍ଯ୍ୟମଣି ଜେନା, ନିହାରିକା ପ୍ରିୟଦର୍ଶିନୀ ପାତ୍ର, ପ୍ରଫୁଲ୍ଲ ପଣ୍ଡା, ସତ୍ୟବ୍ରତ ପରିଡା, ସୁବ୍ରତ ସାହାଣୀ, ନରେଶ ସାହାରୀମାନ ଆଚାର୍ଯ୍ୟ ଡ ରବୀନ୍ଦ୍ର ସାହୁ ହେମା ଗୁପ୍ତା, ଅଜିତ ଜେନା, ସୁଲୋଚନା ସାହୁ, ସତ୍ୟାନନ୍ଦ ନାୟକ, ସତ୍ୟବାନ୍ ସେଠୀ, ଗୌରୀଶଙ୍କର ପଣ୍ଡା ଶଶିକାନ୍ତ ଜେନା, କେଶବ ଜେନା ତଥା ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## କେମୁଣ୍ଡିଆ ରୂପାକୁଣ୍ଡ ବୈତରଣୀ ବାଲିଘାଟରେ ଚଢ଼ଉ

# ଜେସିବି ମେସିନ୍, ହାଇୱା ସହ ବେଆଇନ ବାଲି ଡମ୍ପିଂ ଜବତ

ତୁରୁମୁଙ୍ଗା, ୪।୨(ସମିସ): କେନ୍ଦୁଝର ଜିଲ୍ଲା ବାରିଆ ଓ ତୁରୁମୁଙ୍ଗା ଥାନାଞ୍ଚଳରେ ବେଆଇନ ବାଲି ଚୋରା ଚାଲାଣ ସହ ସଞ୍ଚ ନଇଁଲେ ମାଫିଆଙ୍କ ଦୌରାତ୍ମ୍ୟ ବଢୁଥିବା ନେଇ 'ସକାଳ'ରେ ଖବର ପ୍ରକାଶ ପରେ ବୁଧବାର ଚମ୍ପୁଆ ବ୍ଲକ ଉଚ୍ଚବାଲି ପଞ୍ଚାୟତ ଅନ୍ତର୍ଗତ କେମୁଣ୍ଡିଆ ବୈତରଣୀ ନଦୀ ରୂପାକୁଣ୍ଡ ଚୋରା ବାଲିଘାଟରେ ଚଢ଼ଉ କରାଯାଇଛି। କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ରାଜସ୍ୱ ବିଭାଗ, ଖଣି ବିଭାଗ ସ୍ଥାନୀୟ ପୁଲିସ ସହାୟତାରେ ଚଢ଼ଉ କରିଛନ୍ତି। ଗୋଟିଏ ଜେସିବି ମେସିନ ଓ ୧ଟି ହାଇୱା ଜବତ କରାଯାଇଛି। ବାଲି ମାଫିଆଙ୍କ ସହିତ ଜେସିବି ଓ ହାଇୱା ଡ୍ରାଇଭର ଫେରାର ହୋଇଯାଇଥିଲେ। ବାଲି ମାଫିଆମାନେ ବୈତରଣୀ ନଦୀରୁ ବାଲି ଉତ୍ତୋଳନ କରି



ସ୍ଥାନେ ସ୍ଥାନେ ଡମ୍ପିଂ କରି ବାଲି ମହଜୁଦ କରି ରଖିଥିବା ଦେଖାଯାଇଥିଲା। ଜବତ ବାଲି ୨୮ ହାଇୱାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।

ପ୍ରାୟ ଦେଢ଼ ବର୍ଷ ହେବ ବାଲି ମାଫିଆ ଗ୍ରାମର କେତେକ ମୁଷ୍ଟିମେୟ ବ୍ୟକ୍ତି ଓ ଅଞ୍ଚଳର ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ପ୍ରଲୋଭିତ କରି ବାଲି ଚାଲାଣ କରି ଆସୁଥିଲେ। ଚଢ଼ଉରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ସହ ଚମ୍ପୁଆ ତହସିଲଦାର ରାକେଶ ପଣ୍ଡା, ଜୁନିୟର ମାଇନିଙ୍ଗ ଅଫିସର ପ୍ରଦୀପ ମହାନ୍ତ, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ, ଚମ୍ପୁଆ ଆରଆଇ ସମ୍ପଦ ପ୍ରଧାନ, ଭଣ୍ଡା ଆରଆଇ ଅଲେଖ ମାଝୀ, ଉଖୁଣ୍ଡା ବନପାଳ ପ୍ରଦୀପ ବାରିକ, ବନରକ୍ଷୀ ସାଗରିକା ବେଜ ପ୍ରମୁଖ ସାମିଲ ଥିଲେ। ଦୀର୍ଘ ଦିନରୁ ଚୋରା ବାଲି ଚାଲାଣ ଯୋଗୁ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିଲା। କେମୁଣ୍ଡିଆ ବୈତରଣୀ ବାଲିଘାଟ ବ୍ୟତୀତ ଭଣ୍ଡା ମେରମେଦା ନାଳ, କମଣ୍ଡ, ଭୂଇଁପୁର, ମଙ୍ଗଳପୁର-ପଡୁଆ (ବାଘଡେଗା ନାଳ), ବୈତରଣୀ ନଦୀ ଘାଟ ଜ୍ୟୋତିପୁର, ମାଳିପଶି, ଫୁଲକଅଁଳେଇ ଓ ରରୁଆଁଗୋଡ଼ା, ଟିଆଁସିପଶି, ବନିକା ଇତ୍ୟାଦିରୁ ଚୋରାରେ ମାଫିଆମାନେ ବାଲି ଉଠାଇ ବିଭିନ୍ନ ସ୍ଥାନରେ ଡମ୍ପିଙ୍ଗ କରି ରାତ୍ରିରେ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଖୁବ୍‌ଶୀଘ୍ର ଅନ୍ୟାନ୍ୟ ଚୋରା ବାଲିଘାଟରେ ମଧ୍ୟ ଚଢ଼ଉ ଜାରି ରଖି ଦୋଷୀଙ୍କୁ ଗିରଫ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଅନ୍ୟାନ୍ୟ ବାଲିଘାଟଗୁଡିକ ନିଲାମ କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି।

# ପାଲଟପୁରରେ ସ୍ୱାସ୍ଥ୍ୟ ଶିବିର



ଦଶରଥପୁର, ୪।୨ (ସମିସ): ଆଜି ବିଶ୍ୱ କ୍ୟାନ୍ସର ଦିବସ ଅବସରରେ ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏହି ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଏକ ସ୍ୱାସ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପିଏଚ୍‌ଓ ବନିତା ଦାସଙ୍କ ସଭାପତିତ୍ୱରେ ଏହି ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ଏଡିପିଏଚଓ ଡା. ଗୋପାଳ ମଲିକ, ଡା. ସଂଯୁକ୍ତା ପଣ୍ଡା, ଏନ୍‌ସିଡି ସସ୍ମିତା ମହାପାତ୍ର, ଡିଏମଆରସିଏଚ ଶୁଭ୍ରାଂଶୁ ଶେଖର ବାଲ, ଡେନଟିଷ୍ଟ ଡା. ଶୁଭଲକ୍ଷ୍ମୀ ରଥ, ଏଲଟିଡି ସୌରଭ କୁମାର ପଣ୍ଡା, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅମ୍ରିତା ପ୍ରିତମ ମଲ୍ଲ, ଏସଟିଜି ବିଜୟ କୁମାର ନାୟକ, ସୁପରଭାଇଜର ଚନ୍ଦ୍ରଜିତ ପତି, ସିଏଚଓ ଜିନା ମଲିକ, ସରପଞ୍ଚ ଲିପିକା ମଲିକ, ସମାଜସେବୀ ଚନ୍ଦ୍ର ଶେଖର ସାହୁ ପ୍ରମୁଖ ଯୋଗଦେଇଥିଲେ। କ୍ୟାନ୍ସର ହେବାର ପ୍ରମୁଖ କାରଣ ଏବଂ ରୋଗକୁ ଚିହ୍ନଟ କରି ତାର ନିରାକରଣ କରାଗଲେ ରୋଗକୁ ପରାସ୍ତ କରିହେବ ବୋଲି ମତ ପ୍ରକାଶ ପାଇଥିଲା। ଏଣୁ ନିଜେ ସଚେତନ ହେବା ସହିତ ଅନ୍ୟ ଲୋକଙ୍କୁ ମଧ ସଚେତନ କରାଇବାକୁ ନିଷ୍ପତି ନିଆଯାଇଥିଲା। ଏଥିରେ ପଞ୍ଚାୟତର ଶତାଧିକ ଲୋକ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ ୧୦୭ ଜଣଙ୍କୁ ବିଭିନ୍ନ ଚିକିତ୍ସା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା।

# ଧର୍ମଶାଳାରୁ ବେଆଇନ୍ ମଦ ବେପାର ବନ୍ଦ ପାଇଁ ଉଦ୍ୟମ

ଧର୍ମଶାଳା, ୪।୨(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ହେଉଥିବା ମଦ ବ୍ୟବସାୟ ଉପରେ ରୋକ ଲଗାଇବା ଲାଗି ଧର୍ମଶାଳା ବିଧାୟକ ଚିଠି ଲେଖିଛନ୍ତି। ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବ୍ୟାପକ ମଦ ବ୍ୟବସାୟ ଚାଲିଥିବା ନେଇ ବିଧାୟକଙ୍କ ଦୃଷ୍ଟି ଗୋଚରକୁ ଅସିଥିଲା। ଏନେଇ ବିଧାୟକ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ତେବେ ଜିଲ୍ଲାରେ ଆବଶ୍ୟକ ଅବକାରୀ କର୍ମଚାରୀଙ୍କ ଅଭାବ ପାଇଁ ଏହା ସମ୍ଭବପର ହୋଇ ନଥିଲା। ପରେ ଏନେଇ ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ, ଅବକାରୀ ବିଭାଗ କମିସନର ଓ ଯାଜପୁର ଜିଲ୍ଲାପାଳଙ୍କୁ ପତ୍ର ଲେଖି ଅବଗତ କରିଥିଲେ ବିଧାୟକ। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବେଆଇନ ମଦ ବ୍ୟବସାୟକୁ ରୋକିବା ସହିତ ବେପାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବକାରୀ ବିଭାଗର ଅତିରିକ୍ତ କମିଶନର ରୁଦ୍ରନାରାୟଣ ମହାନ୍ତି ପତ୍ର ସଂଖ୍ୟା ୮୩/୨୬ରେ ଯାଜପୁର ଅବକାରୀ ବିଭାଗକୁ ଡେପୁଟେସନରେ ଅଧିକ କର୍ମଚାରୀ ପଠାଇବକୁ ଅବକାରୀ ବିଭାଗ ଅଧିକ୍ଷକ ୟୁନିଟ ୧ ଓ ୟୁନିଟ ୨କୁ ଜଣାଇଛନ୍ତି। ସୂଚନା ଅନୁସାରେ ଧର୍ମଶାଳା ଅଞ୍ଚଳର ବିଭିନ୍ନ ଗ୍ରାମରେ ଅବାଧ ଭାବେ ମଦ ବ୍ୟବସାୟ ଚାଲୁଛି। ଯାହା ଫଳରେ ଯୁବପିଢ଼ି ଏହାର ଶିକର ହୋଇ ଅସାମାଜିକ କାର୍ଯ୍ୟକଳାପ କରୁଛନ୍ତି। ସମାଜ ଉପରେ ଏହାର କୁପ୍ରଭାବ ପଡୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି।

# ଦି କିଡ୍ କ୍ଲାଉଡ୍ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ



ଆନନ୍ଦପୁର, ୪।୨ (ସମିସ): ଆନନ୍ଦପୁର ସାଇ କଲୋନୀ ନିକଟସ୍ଥ କିଡ଼ କ୍ଲାଉଡ଼ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷ ଅରୁଣଜିତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆନନ୍ଦପୁର ଏସଡ଼ିପିଓ କମଳ କୁମାର ପଣ୍ଡା, ମୁଖ୍ୟଅତିଥି ମୁଖ୍ୟବକ୍ତା ଭାବେ ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ର କୁମାର ମହାନ୍ତି, ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ତଥା ଓଡ଼ିଶା ବୈତରଣୀ ଗ୍ରାମ୍ୟ ବ୍ୟାଙ୍କର ଅବସରପ୍ରାପ୍ତ ମ୍ୟାନେଜର ସୁଦର୍ଶନ ବଳ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଚିକିତ୍ସାଳୟର ଭାରପ୍ରାପ୍ତ ଅଧୀକ୍ଷକ ଡ଼. କୃଷ୍ଣଚନ୍ଦ୍ର ଦାଶ, କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣା ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିବା ବେଳେ ଛାତ୍ରଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଭିଭାବକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

# କୃଷି ଯନ୍ତ୍ରପାତି ମେଳାରେ ହାଟଡ଼ିହୀ ଚାଷୀ

ହାଟଡ଼ିହୀ, ୪।୨(ସମିସ): ଗତ ୨୯ ତାରିଖରୁ ୨ତାରିଖ ଯାଏଁ କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଥିଲା ବେଳେ ହାଟଡ଼ିହୀ ଅଞ୍ଚଳରୁ ମୋଟ୍ ୧୩୦ଜଣ ଚାଷୀ ସେଥିରେ ସାମିଲ ହୋଇଥିଲେ। ହାଟଡ଼ିହୀ କୃଷି କାର୍ଯ୍ୟାଳୟର ଭାରପ୍ରାପ୍ତ କୃଷି ଅଧିକାରୀ ଭାମାଞ୍ଜରୀ ମହାନ୍ତଙ୍କ ତତ୍ତ୍ୱାବଧାନରେ ଚାଷୀମାନେ ଜିଲ୍ଲାସ୍ତରୀୟ କୃଷି ମେଳାରେ ସାମିଲ ହୋଇଥିଲେ। ଚାଷୀଙ୍କ ସହାୟକ ଭାବେ ଏଟିଏମ୍ ଅଶୋକ ବିଶ୍ୱାଳ, ସହକାରୀ ଏଟିଏମ୍ ବିଜୟ ପ୍ରଧାନ, ଭଏଡବ୍ଲ୍ୟୁ ବ୍ରଜମୋହନ ମୁଣ୍ଡା ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। ଚାଷୀମାନେ ୫ଟି ପର୍ଯ୍ୟାୟରେ ସାମିଲ ହୋଇଥିଲା ବେଳେ ୧ମ ପର୍ଯ୍ୟାୟରେ ୯ ଜଣ ଚାଷୀ ଯାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୪୨ଜଣ, ୩ୟ ପର୍ଯ୍ୟାୟରେ ୩୪ଜଣ, ୪ର୍ଥ ପର୍ଯ୍ୟାୟରେ ୨୭ଜଣ ଓ ୫ମ ପର୍ଯ୍ୟାୟରେ ୧୮ ଜଣ ଚାଷୀ ସାମିଲ ହୋଇଥିଲେ କ୍ଷ କିଛି ଚାଷୀ ମେଳାରେ ରିଆତି ମୂଲ୍ୟର ଆବଶ୍ୟକ ଯନ୍ତ୍ରପାତି କ୍ରୟ କରିଥିଲେ।

# ବାଜାଜ ଚେତକ ସି ୨୫ ବଜାର ପ୍ରବେଶ



ବ୍ୟାସନଗର, ୪।୨(ସମିସ): ବ୍ୟାସନଗର ସହର ସନ୍ତରା ଇସ୍କନ ମନ୍ଦିର ନିକଟରେ ଥିବା ବଜାଜ ଚେତକ ଶୋ'ରୁମରେ ଆଜି ସି ୨୫ ବଜାର ପ୍ରବେଶ କରିଛି। ନଗରପାଳ ସୁବାସ ବଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବନେତା ପ୍ରକାଶ ପରିଡା, ଉକ୍ତ ୱାର୍ଡର କାଉନସିଲର ପ୍ରତିନିଧି ମନୋଜ ପରିଡ଼ା ଯୋଗଦେଇଥିଲେ। ଶୋ'ରୁମ ସତ୍ତ୍ୱାଧିକାରୀ ଦେବାଶିଷ ବଳ, ସହ ପରିଚାଳକ ଅବନୀ ରାଉତ, ମ୍ୟାନେଜର ରଞ୍ଜନ କୁମାର ପରିଡା, ସର୍ଭିସ ମ୍ୟାନେଜର ରିତେଶ ସିଂ, କର୍ମଚାରୀ କିର୍ତ୍ତୀ ରଞ୍ଜନ ବେହେରା, ସିପୁନ୍ କୁମାର ମଲ୍ଲିକ, ବିକାଶ ନାୟକ, ସୁରେଶ ଧଳ, ଅନିସା ପାଲ, ସରସ୍ୱତୀ ଜେନା, ଡଲି ବାରିକ, ପ୍ରତାପ ଜେନା, ସୁରେଶ ସାହୁ ସୌମ୍ୟରଞ୍ଜନ, ଅର୍ପିତ ସିଂ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୩ ଜଣ ଗ୍ରାହକ ଅନିତା ଚଇନ, ଅଲେଖ ବିଶ୍ୱାଳ, ରାଜେନ୍ଦ୍ର ଦାସ ଗାଡ଼ି କିଣିଛନ୍ତି।

# ମାନବିକ ବିଦ୍ୟାଭବନକୁ ପୋଷ୍ୟ ବିଦ୍ୟାଳୟ କଲେ ଡା. ଶୀତକଣ୍ଠ ଦାସ



କେନ୍ଦୁଝର, ୪।୨(ସମିସ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ବ୍ରଜମୋହନପୁରସ୍ଥିତ ମାନବିକ ବିଦ୍ୟାଭବନକୁ କଳିଙ୍ଗ ହସପିଟାଲ ଅଧକ୍ଷ ଡ. ଶୀତ କଣ୍ଠ ଦାଶ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି। ନିକଟରେ ଶ୍ରୀ ଦାଶ ଏହି ବିଦ୍ୟାଳୟରେ ଅନୁଷ୍ଠିତ ସଦ୍‌ଭାବନା ଦିବସରେ ଆମେରିକାରୁ ଆସି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନାନା ଅଭାବ ଅସୁବିଧା ଭିତରେ ଚାଲିଥିବା ଏହି ଘରୋଇ ଆଦର୍ଶ ମଣିଷ ତିଆରି କାରଖାନାକୁ ସେ ପୋଷ୍ୟ ଭାବେ ଗ୍ରହଣ କଲେ ବୋଲି ସଭାରେ ସର୍ବସମ୍ମୁଖରେ ଘୋଷଣା କରିଥିଲେ। ଛାତ୍ରଛାତ୍ରୀଙ୍କ ଲାଗି ଶ୍ରେଣୀଗୃହ ପାଇଁ ସହଯୋଗ ସହ ଉନ୍ନତମାନର ଏକ ଗୋଷ୍ଠୀ ଶୌଚାଳୟ ଏବଂ ବିଦ୍ୟାଳୟରେ ଏକ ସୁଦୃଶ୍ୟ ମଞ୍ଚ ନିର୍ମାଣ ଲାଗି ପ୍ରତିଶ୍ରୁତି ଦେଇଥିଲେ। ବୁଧବାର ପ୍ରଥମ ପର୍ଯ୍ୟାୟରେ ନୂତନ ଶ୍ରେଣୀଗୃହ ନିର୍ମାଣ ଲାଗି ୫ ଲକ୍ଷ ଟଙ୍କାର ଏକ ଚେକ ଦେଇଛନ୍ତି। କାମ ଆରମ୍ଭ ହେବାପରେ ଆଉ ୫ ଲକ୍ଷ ଟଙ୍କା ଦେବାକୁ କଥା ଦେଇଛନ୍ତି। କଳିଙ୍ଗ ହସ୍ପିଟାଲ ପରିସରେ ଶ୍ରୀ ଦାଶ ମାନବିକ ବିଦ୍ୟାଭବନର ସମ୍ପାଦିକା କନକଲତା ନାୟକଙ୍କୁ ଏହି ଚେକ୍ ପ୍ରଦାନ କରିଥିଲେ। କଳିଙ୍ଗ ହସପିଟାଲର ସିଇଓ ଡ. ସନ୍ତୋଷ ଦୋରା, ଡ. ଦାଶଙ୍କ ବ୍ୟକ୍ତିଗତ ସଚିବ ଏସ୍ ଅପରାଜିତା, ସିଏଫଓ ନୃସିଂହ ସ୍ୱାଇଁ, ମାର୍କେଟିଂ ବ୍ରାଣ୍ଡ ମାନେଜର ବିନୟନନ୍ଦ ଦାସ, କମ୍ପାନୀ ସେକ୍ରେଟାରୀ ଦେବାଶିଷ ଦିବ୍ୟଜ୍ୟୋତି ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନପୋଶି ପଞ୍ଚାୟତକୁ ସରକାରୀ ବସ୍ ଚଳାଚଳ ଦାବି

ଚମ୍ପୁଆ, ୪।୨(ସମିସ): ପୂର୍ବ ସରକାରରେ ଗ୍ରାମାଞ୍ଚଳରୁ ବ୍ଲକ ମୁଖ୍ୟାଳୟକୁ ଗମନାଗମନ ସୁବୁଧା ନିମନ୍ତେ ଲକ୍ଷ୍ମୀ ବସ ଚଳାଚଳ କରୁଥିଲା। ମାତ୍ର ପରେ ଏହି ବସଗୁଡିକ ରାଜ୍ୟ ସରକାରଙ୍କ ଅଧୀନରେ ଚଳାଚଳ କରୁଛି। ମାତ୍ର ଚମ୍ପୁଆ ବ୍ଲକର ସୁନାପୋଶି ପଞ୍ଚାୟତକୁ ଏହି ବସ ଆଜିପର୍ଯ୍ୟନ୍ତ ଚଳାଚଳ ହୋଇପାରିଲା ନାହିଁ। ଫଳରେ ଗ୍ରାମବାସୀ ଏହି ବସ ଚଳାଚଳ ଦାବି କରି ଚମ୍ପୁଆ ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ସୁନାପୋଶି ପଞ୍ଚାୟତ କାର୍ଯ୍ୟାଳୟଠାରୁ ବସଷ୍ଟାଣ୍ଡଟି ୩ କିମି ଦୂର ହେଉଥିବା ବେଳେ ଗ୍ରାମବାସୀଙ୍କୁ ବିଭିନ୍ନ କାମ ପାଇଁ ବ୍ଲକ ମୁଖ୍ୟାଳୟକୁ ଚାଲିଚାଲି ଆସିବାକୁ ପଡୁଛି। ଫଳରେ ଠିକ ସମୟରେ କୌଣସି କାମ ହୋଇପାରୁ ନଥିବା ବେଳେ ଫେରିବା ସମୟରେ ଗ୍ରାମବାସୀ ନାନା ହଇରାଣ ହରକତ ହେବା ସହିତ ଆର୍ଥିକ ସମସ୍ୟା ଭୋଗୁଛନ୍ତି। ବାରମ୍ବାର ଗ୍ରାମସଭାରେ ଏନେଇ ସରପଞ୍ଚଙ୍କୁ ମଧ ଅବଗତ କରାଯାଇଛି। ମାତ୍ର ଆଜିପର୍ଯ୍ୟନ୍ତ ତାହା ସଫଳ ଭାବେ ସମାଧାନ ହୋଇପାରି ନାହିଁ। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଥିବା ବେଳେ ଚମ୍ପୁଆ ବିଡିଓ ରଶ୍ମିରଂଜନ ସାହୁ କହିଛନ୍ତି, ମୁଁ ପ୍ରୋପଜାଲ ପକାଇ ସାରିଛି। ଲମ୍ବା ବସ ହେତୁ ଉକ୍ତ ଗାଁକୁ ଥିବା ବୁଲାଣି ରାସ୍ତାରେ ଚଳାଚଳ ସୁବିଧା ହୋଇପାରୁ ନାହିଁ। ମୁଁ ବିଭାଗୀୟ କର୍ମଚାରୀଙ୍କୁ ଏହାର ସମାଧାନ ପାଇଁ ଡକାଇଛି। ଖୁବଶୀଘ୍ର ଏହାର ସମାଧାନ ହେବ।

# ଗାଁ ସାଥୀ ମେଟ୍ ସଂଘ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର




କେନ୍ଦୁଝର, ୪।୨(ସମିସ): ଗାଁ ସାଥୀ ମେଟ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, କେନ୍ଦୁଝର ଜିଲ୍ଲା ଶାଖା ତରଫରୁ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ଓ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମନରେଗା ପ୍ରକଳ୍ପଗୁଡିକ ତୁରନ୍ତ ଚାଲୁ କରିବା ଓ ବକେୟା ପ୍ରାପ୍ୟ ପ୍ରଦାନ କରିବା ସଂପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ବିଗତ ଅଗଷ୍ଟରୁ ଆଜି ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟ ବନ୍ଦ ରହିଛି। ଜିଲ୍ଲାର ହରିଚନ୍ଦନପୁର, ବାଂଶପାଳ, ପାଟଣା, ଘଟଗାଁ, ସଦର, ତେଲକୋଇ ଓ ସାହାରପଡା ବ୍ଲକର ଆଦିବାସୀ ଦିନମଜୁରିଆ ଖଟିଖିଆ ଏବଂ ଗାଁସାଥୀ ମେଟମାନଙ୍କ ଜୀବନଜୀବିକା ପ୍ରଭାବିତ ହେବା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଫଳ ହେଉଛି। ପୂର୍ବରୁ ଚାଲୁଥିବା ପ୍ରକଳ୍ପଗୁଡିକର କାମ ବନ୍ଦ ଥିବାରୁ ଶ୍ରମିକଙ୍କୁ ମଜୁରୀ ମଧ ପ୍ରଦାନ କରାଯାଇନାହିଁ। ଫଳରେ ଅଣକୁଶଳୀ ଶ୍ରମିକମାନେ ଗାଁ ସାଥୀ ମେଟ ମାନଙ୍କୁ ମଜୁରୀ ପ୍ରଦାନ ନିମନ୍ତେ ବାରମ୍ବାର ତାଗିଦ କରୁଛନ୍ତି।

# ବନ ବିଭାଗର ବନାଗ୍ନି ନିରାକରଣ ସଚେତନତା



ତୁରୁମୁଙ୍ଗା/ହାଟଡିହୀ, ୪।୨(ସମିସ): ପାଟଣା ରେଞ୍ଜ ତୋଣ୍ଡ ବିଟ୍ ରହଣିଦୁମା ଗ୍ରାମରେ ମଙ୍ଗଳବାର ବନ ବିଭାଗ ପକ୍ଷରୁ ବନାଗ୍ନି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଟେଇ ସଂରକ୍ଷିତ ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରାଯିବ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ବିଷୟରେ ଆଲୋଚନା କରାଯାଇଲୋକଙ୍କୁ ସଚେତନ କରାଯାଇଥିଲା। ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାରଙ୍କ ସଭାପତିତ୍ୱରେ ବନପାଳ ନିରଞ୍ଜନ ସେଠୀ, ବନରକ୍ଷୀ ଦୀପକ ସ୍ୱାଇଁ, ରଣଜିତ ପଲେଇ ଯୋଗ ଦେଇଥିଲେ। ବନରକ୍ଷୀ ଦୀପକ ସ୍ୱାଇଁ ପରିଚାଳନା କରିଥିଲେ।

ସେହିପରି କେନ୍ଦୁଝର ଜିଲ୍ଲାର ବନଖଣ୍ଡ ଅନ୍ତର୍ଗତ ହଦଗଡ଼ ବନାଞ୍ଚଳ ଅଧୀନ ଗଡ଼ଚଣ୍ଡୀ ଫରେଷ୍ଟ ଗେଷ୍ଟ ହାଉସଠାରେ ଜଙ୍ଗଲ ନିଆଁ ପ୍ରତିରୋଧ ଓ ସଚେତନତା ନିମନ୍ତେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ରଙ୍ଗାମାଟିଆ ପରିବେଶ ବିକାଶ ସମିତି(ଇଡିସି)ର ରଙ୍ଗାଧର ହୋ, ଭରତ ନାଇକ, ରାଇମଣି ମୁଣ୍ଡା, ଗଡ଼ଚଣ୍ଡୀ ଇଡିସିର ନଳିନୀପ୍ରଭା ଘଡ଼?ଇ, ରମେଶ ଚନ୍ଦ୍ର ହୋ, ବିକାଶ ନାଇକ, କାଳିଆମ୍ବ ଇଡିସିର ସୁବର୍ଣ୍ଣ ଦଣ୍ଡପାଟ, ଲସ ଟୁଡୁ, କୁଶ କଶିମାଳ, ସଙ୍ଗମ ବନ ସୁରକ୍ଷା ସମିତିର ନିରୁପମା ପରିଡ଼ା, ସୁଶାନ୍ତ ପରିଡ଼ା, ହରଡ଼ବାଡ଼ି ଇଡିସିର ଅହଲ୍ୟା ସେଠୀ, ମଙ୍ଗୁଲୁ ଚରଣ ସେଠୀ, ପଡ଼ିଆରିପଲ୍ଲୀ ବନ ସୁରକ୍ଷା ସମିତି ଗଜେନ୍ଦ୍ର ପାତ୍ର, ପୁରୁଣାପାଣି ଇଡିସିର ଲିତୁ ମୁର୍ମୁ, ସୁରୁବାଲି ହୋ, ଅସିଆ, ପଥରପଦା ଏବଂ ୯ଟି ଇଡିସି ଓ ଭିଏସଏସର ୧ଶହରୁ ଉର୍ଦ୍ଧ ସଭ୍ୟସଭ୍ୟା ଶପଥ ଗ୍ରହଣ କରିଥିଲେ। କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଣ୍ଡା, ସହକାରୀ ବନ ସଂରକ୍ଷକ ଅଶୋକ ବିଶ୍ୱାଳ, ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ, ବନପାଳ ମଳୟ ସାହୁ, ଲକ୍ଷ୍ମୀଧର କିସ୍କୁ, ବନରକ୍ଷୀ ସୁଶ୍ରୀ ଗୀତିସ୍ମିତା ମହାପାତ୍ର, ଜୋସ୍ନାରାଣୀ ନାଇକ, ଜ୍ୟୋତିରଞ୍ଜନ ମାଝୀ, ରବିନ୍ଦ୍ର ନାଇକ, ମଣିଶଙ୍କର ରାଜ୍ ସହ ଓଏଫଏସଡ଼ିଏସ୍ ଟିମ୍ ଲିଡ଼ର ବିଜୟ ସାହା, ଡ଼ିଓ ବିବେକାନନ୍ଦ ପଣ୍ଡା ଗ୍ରାମବାସୀଙ୍କୁ ସଚେତନ କରିଥିଲେ।

# ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପୋରୀ ଉଦ୍‌ଘାଟିତ




କେନ୍ଦୁଝର, ୪।୨(ସମିସ): ପିଏମ୍‌ଶ୍ରୀ ସନ୍‌ଥେ ଭଞ୍ଜ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟ, ପଳାଶପଙ୍ଗାଠାରେ ୩୮ତମ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପୋରୀ ଉଦଘାଟିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଯୋଗ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲ, ସଦର ଗୋଷ୍ଠୀ ଶିକ୍ଷାଧିକାରୀ ଓଁକାର ଅନ୍ୱେଷ, ସହ ଗୋଷ୍ଠୀ ଶିକ୍ଷାଧିକାରୀ କପିଳଚନ୍ଦ୍ର ଦାସ, ଜିଲ୍ଲା କମିସନର ସ୍କାଉଟ୍ ସୁଶୀଳ ନାୟକ, ଜିଲ୍ଲା କମିସନର ଗାଇଡ୍ ସନ୍ତୋଷିନୀ ସେଠୀ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୬୦୦ ଜଣ ସ୍କାଉଟ୍, ଗାଇଡ୍, ସ୍କାଉଟ୍ ମାଷ୍ଟର, ଗାଇଡ୍ କ୍ୟାପଟେନ ଯୋଗ ଦେଇଥିଲେ। ପ୍ରଫୁଲ୍ଲଚନ୍ଦ୍ର ଘୋଷ, ଫକୀର ମୋହନ ମହାନ୍ତ, ଦେବୀଦାସ ପଣ୍ଡା, ସଚ୍ଚିଦାନନ୍ଦ ମହାନ୍ତ, ମୌଳିନ୍ଦୁ ମହାନ୍ତ, ପ୍ରଶାନ୍ତ ପରିଡ଼ା, ରଞ୍ଜନ ମହାନ୍ତ, ସଂଯୁକ୍ତା ନାଥ ତଥା ପିଏମ୍‌ଶ୍ରୀର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୁବନେଶ୍ୱର ସିଟି



## ଖଣ୍ଡଗିରି ଯାତ୍ରା ମହାକୁମ୍ଭ

# ସଂଳାପ ନିଦ ଭାଙ୍ଗୁଛି; ଲୁହରେ ଆଖି ଭିଜୁଛି

## ବହି ବଦଳାଇଲେ ଶିବାନୀ ଓ ସୂର୍ଯ୍ୟମନ୍ଦିର

ଭୁବନେଶ୍ୱର,୪।୨ (ସମିସ):

ଖଣ୍ଡଗିରି ଯାତ୍ରା ମହାସମର ନବମ ରାତିରେ ପହଞ୍ଚିଥିବା ବେଳେ ୭ଟି ଯାତ୍ରା ଦଳ ନାଟକ ପରିବେଷଣ କରୁଛନ୍ତି। ଯାତ୍ରା ମହାସମର ସରିବାକୁ ଆଉ ଦିନ କେଇଟା ବାକି ଥିବାବେଳେ ସମସ୍ତେ ନିଜ ନିଜର ଶ୍ରେଷ୍ଠତା ଦେଖାଇବା ଲାଗି ଫୁଲ୍ ଦମରେ ଲାଗିଛନ୍ତି। କେହି କାହାରିକୁ ଛାଡୁନାହାନ୍ତି କି ପଛଘୁଞ୍ଚା ଦେଉନାହାନ୍ତି। ହାଇ ଭୋଲଟେଜ ଲଢ଼େଇ ଦେଖିବା ପାଇଁ ଯାତ୍ରାପ୍ରେମୀଙ୍କ ଭିଡ଼ ଜମୁଛି। କଳିଙ୍ଗ ଗଣନାଟ୍ୟ'ରାଜଧାନୀର ରାଜା ଆଚାର୍ଯ୍ୟ' ନାଟକକୁ ନେଇ ମଇଦାନରେ ପାଦ ଥାପିଛି। ଦର୍ଶକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ୪ଟି ପାର୍ଟି ବହି ରିପିଟ୍ କରିଥିବା ବେଳେ ଶିବାନୀ ଓ ସୂର୍ଯ୍ୟମନ୍ଦିର ବହି ବଦଳାଇଛନ୍ତି। ବୁଧବାର ୭ଟି ଯାକ ପେଣ୍ଡାଲ ହାଉସ ଫୁଲ୍ ଯାଇଛି। ତେବେ ପ୍ରାୟ ସବୁ ଯାତ୍ରାରେ ପାଥେଟିକ୍ କାହାଣୀ ସହ କଳାକାରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ମଞ୍ଚତଳେ କାନ୍ଦିବା ପାଇଁ ବାଧ୍ୟ କରୁଛି।

କଳିଙ୍ଗ ପେଣ୍ଡାଲରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ଖଣ୍ଡଗିରି ଲଢ଼େଇରେ ନିଜକୁ ସାମିଲ୍ କରିଛି। ପ୍ରଥମ ରଜନୀରେ ଚର୍ଚ୍ଚିତ ନାଟକ 'ରାଜଧାନୀର ରାଜା ଆଚାର୍ଯ୍ୟ' ପରିବେଷଣ କରିଛି। ସିନେ କଳାକାର ଅଶ୍ୱିନୀ, ହାପି, ମାମୁନି, ବର୍ଷା, ଅକ୍ଷୟ ସାହୁଙ୍କ ଅଭିନୟ ସହିତ ଖଳନାୟକ ନିଲ୍‌ଙ୍କ ଦମଦାର ଡାଇଲଗ ଓ କ୍ୟାଲେଣ୍ଡରଙ୍କ କମେଡି ଦେଖିବାକୁ ମିଳିଛି।



| କେଉଁ ପେଣ୍ଡାଲରେ କୋଉ ବହି | | |
|---|---|---|
| ହରେକୃଷ୍ଣ ମହତାବ ପେଣ୍ଡାଲ | ତୁଳସୀ ଗଣନାଟ୍ୟ | ଏଇ ବୋଧେ ଶେଷ ଦେଖା |
| ସନାତନ ପେଣ୍ଡାଲ | ଅପେରା ସୂର୍ଯ୍ୟମନ୍ଦିର | ହାଇଦର୍ |
| ଇନ୍ଦିରା ସାଂସ୍କୃତିକ ପେଣ୍ଡାଲ | ଶିବାନୀ ଗଣନାଟ୍ୟ | ଏ ମନ କାଶୀ ବୃନ୍ଦାବନ |
| ମା ମଙ୍ଗଳା ପେଣ୍ଡାଲ | ଯାତ୍ରା ରଙ୍ଗ ମହଲ | କଟି କଟି ଡବଲ କଟି |
| ଜୟଦୁର୍ଗା ପେଣ୍ଡାଲ | ଯାତ୍ରା ବିଶ୍ୱ ଦରବାର | ବଦନାମ ଗଳିର ବାଦଶାହା |
| କଳିଙ୍ଗ ପେଣ୍ଡାଲ | 'କଳିଙ୍ଗ ଗଣନାଟ୍ୟ' | ରାଜଧାନୀର ରାଜା ଆଚାର୍ଯ୍ୟ |
| ଅନନ୍ତ କେଶରୀ ଦେବ ପେଣ୍ଡାଲ | ଅପେରା ନାଟ୍ୟ ମଣ୍ଡପ | ଲେଡି ଗ୍ୟାଙ୍ଗଷ୍ଟର |

ସନାତନ ସେବା ସମିତି ପେଣ୍ଡାଲରେ ନାଚୁଥିବା ଅପେରା ସୂର୍ଯ୍ୟମନ୍ଦିର ନାଟକ ବଦଳାଇଛି। ଗତକାଲି 'ଅଭାଗିନୀ ଅଞ୍ଜଳି' ପରିବେଷଣ କରିଥିବା ବେଳେ ଆଜି ବହୁ ଚର୍ଚ୍ଚିତ ନାଟ 'ହାଇଦର୍' ମଞ୍ଚସ୍ଥ କରିଛି। ତୃତୀୟ ରାତିରେ ହୃଷିକେଶ ମିଶ୍ର, ମାମା, ସିଲୁ, କାଳୀ ଓ ଡ୍ୟାନି ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଛନ୍ତି। ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ଶିବାନୀ ଗଣନାଟ୍ୟ ଦୁଇ ରାତି ନାଟକ ରିପିଟ୍ କରି ବହି ବଦଳାଇଛି। ତୃତୀୟ ରାତିରେ 'ଏ ମନ କାଶୀ ବୃନ୍ଦାବନ' ନାଟକ ପରିବେଷଣ କରିଛି। ଗୌର ଦାସ, କାବେରୀ ଓ ଖଳନାୟକ ଟାହିଆ ପ୍ରମୁଖ ଚରିତ୍ରରେ ନଜର ଆସିଛନ୍ତି। ଏଥିସହିତ ବ୍ରଜ ପାଣିଙ୍କ କମେଡି ହସି ହସି ବେଦମ ହୋଇଛନ୍ତି ଦର୍ଶକ।

ହରେକୃଷ୍ଣ ମହତାବ ମଞ୍ଚରେ ଲଗାତାର ୪ ଦିନ ଧରି 'ଏଇ ବୋଧେ ଶେଷ ଦେଖା' ଦର୍ଶକଙ୍କୁ କିମିଆ କରିଥିବାବେଳେ ବୁଧବାର ପୁଣି ସେହି ନାଟକ ମଞ୍ଚସ୍ଥ କରିଛି। ସାଇ, ସୋନାଲି ଓ ପାୟଲଙ୍କ ଅଭିନୟ ଦେଖିବାକୁ ଭିଡ଼ ଜମୁଛି।

ମା ମଙ୍ଗଳା ମଞ୍ଚରେ ଖେଳୁଥିବା ଯାତ୍ରା ରଙ୍ଗ ମହଲ ମଧ୍ୟ 'କଟି କଟି ଡବଲ କଟି' ନାଟକ ପରିବେଷଣ କରିଛି। ପ୍ରତାପ, ଜିତା, ଜୀବନ କବି, ଜୀବନ ପତି, ମାମା ଓ ମୁନୁ ପଣ୍ଡାଙ୍କ ଅଭିନୟ ତୃତୀୟ ଦିନରେ ପ୍ରଶଂସା ସାଉଁଟିଛି। ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ଶ୍ରୀ ବିଶ୍ୱ ଦରବାର ଦ୍ୱିତୀୟ ରଜନୀରେ 'ବଦନାମ ଗଳିର ବାଦଶାହା' ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ସିନେ ଷ୍ଟାର ଲରେନ୍ସ, କମଳ ନନ୍ଦ, ଭାରତୀ, ଗୌର ପାଢ଼ୀ, ସୁକାନ୍ତି ପାଢ଼ୀଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ସତ୍ୟଙ୍କ ଛାତିଥରା ଡାଇଲଗ୍ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହେଉଛି। ଅନନ୍ତ କେଶରୀ ଦେବ ମଞ୍ଚରେ ନାଟକ ପରିବେଷଣ କରୁଥିବା ନାଟ୍ୟ ମଣ୍ଡପ ବହି ରିପିଟ୍ କରିଛି। ରାଣୀ ପଣ୍ଡାଙ୍କ ଅଭିନୀତ 'ଲେଡି ଗ୍ୟାଙ୍ଗଷ୍ଟର' ନାଟକ ମଞ୍ଚସ୍ଥ ହେଉଥିବା ବେଳେ ତୃତୀୟ ରାତିରେ ମଧ୍ୟ ହାଉସ୍ ଫୁଲ୍ ଯାଇଛି। ଜୟଶ୍ରୀ (ବିନି), ସ୍ନେହାଶ୍ରୀ, ସାଙ୍ଗକୁ ବାବୁଲି ପଣ୍ଡାଙ୍କ ଦମଦାର ଡାଇଲଗ ଓ ଗୁଡୁଙ୍କ କମେଡି ଦେଖିବାକୁ ମିଳିଛି।

ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ଶିବାନୀ ଗଣନାଟ୍ୟ ଡଃ ନିହାର ରଞ୍ଜନ ମହାନ୍ତିଙ୍କ ରଚିତ ଓ ପ୍ରଶାନ୍ତ ନାୟକ (ବଳିଆ)ଙ୍କ ନିର୍ଦ୍ଦେଶିତ 'ଏ ମନ କାଶୀ ବୃନ୍ଦାବନ' ନାଟକ ମଞ୍ଚସ୍ଥ କରିଛି। ଗୌର ଦାସ ଓ କାବେରୀଙ୍କୁ ଦୁଇ ସାଙ୍ଗ ଭୂମିକାରେ ଦେଖିବାକୁ ମିଳୁଥିବା ବେଳେ ଖଳନାୟକ ଭୂମିକାରେ ଟାହିଆ ଅଭିନୟ କରୁଛନ୍ତି। ଗାଁ ମୁଖିଆ ତଥା ଗୌରଙ୍କ ବାପା ଟାହିଆଙ୍କ ବେଆଇନ କାରବାରକୁ ବିରୋଧ କରି ଆସୁଛନ୍ତି। କାବେରୀଙ୍କ ସାକ୍ଷୀ ବଳରେ ଏକ ହତ୍ୟା ମାମଲାରେ ଟାହିଆଙ୍କ ଭାଇଙ୍କୁ ୫ ବର୍ଷ ଜେଲରେ ରହିବାକୁ ପଡୁଛି। ଗାଁରେ ଦୋଳ ଉତ୍ସବ ଆୟୋଜନ ଚାଲିଥିବା ବେଳେ ଟାହିଆ ଚକ୍ରାନ୍ତ କରି ଗୌରଙ୍କ ବାପାଙ୍କୁ ଭାଙ୍ଗ ପଣା ଦେଇ ଦେଇଛନ୍ତି। ସେ ନିଶାସକ୍ତ ହୋଇ କାବେରୀଙ୍କୁ ଦୁଷ୍କର୍ମ କରି ଦେଉଛନ୍ତି। କାବେରୀ ଠାରୁ ଘଟଣା ବିଷୟରେ ଜାଣି ଗୌର ତାଙ୍କ ବାପାଙ୍କ ପାଖକୁ ଯିବା ବେଳକୁ ସେ ଆତ୍ମହତ୍ୟା କରି ଦେଉଛନ୍ତି। ହେଲେ କାବେରୀ ଗର୍ଭରୁ ଯାଆଁଳା ଶିଶୁ ଜନ୍ମ ହେବାପରେ ତାଙ୍କ ବାପାର ପରିଚୟକୁ ନେଇ ବିରାଟ ପ୍ରଶ୍ନ ଛିଡ଼ା ହେଉଛି। ମୋ ବାପାଙ୍କ ଔରସରୁ ତୁମେ ପୁଅଝିଅ ଜନ୍ମ ଦେଇଥିବାରୁ ତୁମେ ମୋ ମାଆ। କିନ୍ତୁ ଦୁନିଆ ଆଗରେ ପରିଚୟ ଦେବାକୁ ଗୌର ବାଧ୍ୟହୋଇ କାବେରୀଙ୍କୁ ମିଛିମିଛିକା ବିବାହ କରୁଛନ୍ତି। ଏଥିସହିତ ଭବିଷ୍ୟତରେ ବିବାହ କରିବେ ନାହିଁ କି କେହି ଉତ୍ତରାଧିକାରୀ ଦାବି କରିବେ ନାହିଁ ବୋଲି ବଜ୍ର ଶପଥ ନେଉଛନ୍ତି। ସମୟକ୍ରମେ ଗୌର ଓ କାବେରୀ ବୟସର ଅପରାହ୍ଣରେ ପହଞ୍ଚିଥିବା ବେଳେ ପୁଅ ଓ ଝିଅ ବଡ଼ ହେଉଛନ୍ତି। ଆମେ ୩ ଜଣ ଭାଇଭଉଣୀ କହିବା ସହ କାବେରୀଙ୍କୁ ବୋଉ ବୋଲି ସେମାନଙ୍କୁ ପରିଚୟ ଦେଉଛନ୍ତି। ହେଲେ କାବେରୀ ଓ ଗୌରଙ୍କ ବୟସର ତାରତମ୍ୟ ରହୁନଥିବାରୁ ପୁଅ ଓ ଝିଅ ସନ୍ଦେହ କରିଛନ୍ତି। ତଥାକଥିତ ଭାଇ ତଥା ଗୌର ହିଁ ତାଙ୍କ ମାଆଙ୍କ ସହ ଖରାପ ସମ୍ପର୍କ ରଖିବାରୁ ଆମେ ଜନ୍ମ ହୋଇଛନ୍ତି ବୋଲି ପିଲାମାନଙ୍କ ମନରେ ଭୁଲ୍ ଧାରଣା ସୃଷ୍ଟି ହୋଇଛି। ପୁଅଝିଅ ମିଶି ଗୌର ଓ କାବେରୀଙ୍କୁ ଅତ୍ୟାଚାର କରିବା ସହ ଘରୁ ବାହାର କରି ଦେଉଛନ୍ତି। କାହାଣୀ ଶେଷରେ ପୁଅ ଓ ଝିଅ ଭୁଲ୍ ବୁଝିବା ବେଳକୁ ଗୌର ଓ କାବେରୀ ମୃତ୍ୟୁବରଣ କରୁଛନ୍ତି। କାବେରୀ ରକ୍ତ କର୍କଟ ରୋଗରେ ପଡ଼ି ପ୍ରାଣ ହରାଉଥିବା ବେଳେ ଟାହିଆ ଓ ସୁଧାଂଶୁ ମିଶି ଗୌରକୁ ହତ୍ୟା କରୁଛନ୍ତି। ମାଆର ଅଭିଶାପରେ ପୁଅ ପକ୍ଷାଘାତ ହୋଇଯାଉଥିବା ବେଳେ ଝିଅକୁ ଖଳନାୟକ ଗୋଷ୍ଠୀ ହତ୍ୟା କରୁଛନ୍ତି।

# ଖଣ୍ଡଗିରି ଆସି ନପାରିଲେ, ପରୀକ୍ଷାରୁ ବଞ୍ଚିତ ହେବା ଭଳି ଲାଗେ

ଅଭିନେତ୍ରୀ ଇଜି ସ୍ୱାଇଁ (କାଳୀ)ଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର

**ଯାତ୍ରାକୁ କେବେ ଓ କିପରି ଆସିଲେ?**

ମୋ ପୂର୍ବରୁ ମୋ ଭଉଣୀ ଓ ଭିଣୋଇ ଯାତ୍ରାରେ ଥିଲେ। ସେମାନଙ୍କ ସାଙ୍ଗରେ ବୁଲାବୁଲି କରୁ କରୁ ୧୯୯୪ ମସିହାରେ ଯାତ୍ରା ଜଗତକୁ ଆସିଲି।

**ପ୍ରଥମରୁ କେଉଁ ଚରିତ୍ରରେ ଅଭିନୟ କରୁଥିଲେ?**

ପ୍ରଥମେ ଯାତ୍ରାରେ ନୃତ୍ୟଶିଳ୍ପୀ ଭାବେ କାମ କରୁଥିଲି। ସେ ସମୟରେ ଜଣେ ନାୟିକା ଗର୍ଭବତୀ ହୋଇଯିବାରୁ ତାଙ୍କ ସ୍ଥାନ ଫାଙ୍କା ପଡ଼ିଥିଲା। ସେ ସମୟରେ ଯାତ୍ରା ମାଲିକ ମୋତେ ନାୟିକା ଭାବେ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ। ସେବେଠାରୁ ଆଉ କେବେ ପଛକୁ ଫେରି ନାହିଁ।

**ସେବେକାର ନାଟକ ଓ ଏବେ ମଧ୍ୟରେ କଣ ଫରକ ଦେଖୁଛନ୍ତି?**

ସେତେବେଳେ ଦର୍ଶକ ନାଟକ ଦେଖିବାକୁ ଆସୁଥିଲେ। ଏବେ ଭାଇରାଲ ଭିଡିଓ ଦେଖି ଯାତ୍ରା ଦେଖିବାକୁ ଆସୁଛନ୍ତି। ସୋସିଆଲ ମିଡିଆର କୁପ୍ରଭାବ ମାତ୍ର ଉପରେ ପଡ଼ିଛି। ସେତେବେଳର କାହାଣୀ ଆଉ ନାହିଁ।

**କାହାଣୀରେ କିଛି ପରିବର୍ତ୍ତନ ହୋଇଛି କି? ଆଉକିଛି ପରିବର୍ତ୍ତନ ଦରକାର କି?**

ହଁ, କାହାଣୀରେ ବିରାଟ ପରିବର୍ତ୍ତନ ହୋଇଛି। ସେତେବେଳେ ରଚୟିତା ମାନେ ସ୍ୱାଧୀନ ଭାବେ କାହାଣୀ ଲେଖୁଥିଲେ ଓ ତାହା ଦର୍ଶକଙ୍କ ମନକୁ ପାଉଥିଲା। ହେଲେ ଏବେ ମାଲିକ ଓ ବରିଷ୍ଠ କଳାକାରଙ୍କ ଚାପର ବଶବର୍ତ୍ତୀ ହୋଇ କାହାଣୀ ଲେଖୁଛନ୍ତି। ଫଳରେ କାହାଣୀ ଏକପାଖିଆ ହୋଇଯାଉଛି ଓ ପାସ୍ ଆଉଟ୍ କଳାକାରଙ୍କୁ ଉଚିତ୍ କାମ ମିଳୁନାହିଁ। କାହାଣୀରେ ଚରିତ୍ରକୁ ଗୁରୁତ୍ୱ ଦେବା ସହ ସଂସ୍କାରକୁ ମାନି ଚଳିବାକୁ ପଡ଼ିବ। କଳାକାରଟିଏ କମ୍ ସିନ୍ ପାଉ, କିନ୍ତୁ ତାର ଗୁରୁତ୍ୱ ରହିବା ଦରକାର।

**ଖଣ୍ଡଗିରିକୁ ନେଇ କଣ କହିବେ?**

ଖଣ୍ଡଗିରି ହେଉଛି ଯାତ୍ରା କଳାକାରଙ୍କ ପାଇଁ ସ୍ୱତନ୍ତ୍ର। ସବୁ କଳାକାରମାନଙ୍କ ମନରେ ଖଣ୍ଡଗିରିରେ ନାଟକ ପରିବେଷଣ କରିବାକୁ ଆଗ୍ରହ ଥାଏ। ଏଥିପାଇଁ ରିହର୍ସାଲ ସମୟରୁ ହିଁ କଳାକାର ଟିଏ ପ୍ରସ୍ତୁତ ହୁଏ। ଯେମିତି ବର୍ଷସାରା ପଢ଼ି ପଢ଼ି ପରୀକ୍ଷାରୁ ବଞ୍ଚିତ ହୁଅନ୍ତି, ସେମିତି ଖଣ୍ଡଗିରି ଆସି ନପାରିଲେ କଷ୍ଟ ଲାଗିବ। ଅନେକ ପାର୍ଟି ଏଠାକୁ ଆସିନପାରି କଷ୍ଟ ପାଉଛନ୍ତି।

**ନାଟକ ପ୍ରେମୀଙ୍କ ସଂଖ୍ୟା ବଢ଼ିଛି ନା କମିଛି?**

ଗୋଟେ ସମୟ ଥିଲା, କେବଳ ବୟସ୍କ ବା ଗୁରୁଜନ ଶ୍ରେଣୀର ଲୋକମାନେ ନାଟକ ଦେଖିବାକୁ ଆସୁଥିଲେ। ଏହି ଧାରାରେ ପରିବର୍ତ୍ତନ ହୋଇଛି। ଏବେ ଯୁବପିଢ଼ି ମଧ୍ୟ ନାଟକ ଦେଖିବାକୁ ମନ ବଳାଇଲେଣି। ସେଇ ଅନୁସାରେ ସେମାନଙ୍କ ରୁଚି ମଧ୍ୟ ବଦଳିଛି। ତାକୁ ଆଖି ଆଗରେ ରଖି ନାଟକରେ ମଧ୍ୟ ପରିବର୍ତ୍ତନ ହୋଇଛି।

**ଯାତ୍ରାରେ ଅଶ୍ଳୀଳତାର ଆବଶ୍ୟକତା ରହିଛି କି? ଅଶ୍ଳୀଳତା କିପରି ଆସିଲା?**

ଯାତ୍ରା ହେଉଛି କଳାର ମଞ୍ଚ। ଆମେ କଳା ମାଧ୍ୟମରେ ଦର୍ଶକଙ୍କ ମନ ଜିଣିବାକୁ ଚେଷ୍ଟା କରିବା। ଯାତ୍ରାରେ ଅଶ୍ଳୀଳତାର ଆବଶ୍ୟକତା ପୂର୍ବରୁ ନଥିଲା କି ଏବେ ମଧ୍ୟ ନାହିଁ। ବ୍ୟବସାୟିକ ଫାଇଦା କିଛି ଲୋକଙ୍କୁ ଅଶ୍ଳୀଳତା ମୁହାଁ କରିଥିଲା। ଏବେ ସେଥିରେ ପରିବର୍ତ୍ତନ ଆସିଲାଣି।



## ରିଲିଜ୍ ହେଲା 'ବର ବଧୂ'ର ଟ୍ରେଲର୍

ଭୁବନେଶ୍ୱର,୪।୨(ସମିସ): ରିଲିଜ୍ ହେଲା ଓଡ଼ିଆ ପାରିବାରିକ ଚଳଚ୍ଚିତ୍ର 'ବର ବଧୂ' ର ଟ୍ରେଲର ରିଲିଜ୍ କାର୍ଯ୍ୟକ୍ରମ ଏସପ୍ଲାନେଡ ମଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦ ଯୁଜଫୁଲ ଗାରବେଜ୍ କ୍ରିଏସନ୍ସ ବ୍ୟାନର ଏବଂ କଣ୍ଟ୍ରି ବଏଜ୍ ଷ୍ଟୁଡିଓ ଓ ସାର୍ଫଲିନ୍ ଫିଲ୍ମ ପ୍ରାଇଭେଟ ଲିମିଟେଡ ସହଯୋଗରେ ନିର୍ମିତ ଏହି ସିନେମାର ପ୍ରଯୋଜନା ଚନ୍ଦ୍ରମଣି କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱରଞ୍ଜନ। ନିଛକ ଓଡ଼ିଆ କାହାଣୀ ଉପରେ ଆଧାରିତ ଏହି ସିନେମାରେ ସୁଭାଶିଷ ଶର୍ମା, ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ମହାପାତ୍ର, ହର ରଥ ଓ ଭାସ୍ୱତୀ ବସୁ ପ୍ରମୁଖଙ୍କ ଅଭିନୟ ଦର୍ଶକ ମହଲରେ ବେଶ୍ ଆଦୃତ ହୋଇଛି।

## ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ମଧୁସୂଦନଙ୍କ ପୁଣ୍ୟ ତିଥି

# ମଧୁସୂଦନ ଥିଲେ ଏ ଜାତିର ପୁରୋଧା

ଭୁବନେଶ୍ୱର,୪।୨(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ଏ ଜାତିର ଜନଜୀବନର ପୁରୋଧା ଓ ଅସ୍ମିତାର ପୃଷ୍ଠପୋଷକ। ତାଙ୍କର ଦୂରଦୃଷ୍ଟି ଓ ଅଦମ୍ୟ ସଂଗ୍ରାମ ଆମକୁ ଆଜି ସ୍ୱତନ୍ତ୍ରତାର ପ୍ରତିଷ୍ଠା ପ୍ରଦାନ କରିଛି ବୋଲି ବୁଧବାର ତାଙ୍କ ପୁଣ୍ୟ ତିଥିରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଭବନ ସମ୍ମୁଖରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାର ଆରମ୍ଭରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ପାର୍ଥସାରଥୀ ପ୍ରତାପ ସିଂ, ଡ. ହରି ନାରାୟଣ ପାଢ଼ୀ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସମାଜସେବୀ ମନୋରଞ୍ଜନ ମହାନ୍ତି, ସୁରଜିତ ପରିଡ଼ା, ପ୍ରଭାତ ବିଶ୍ୱାଳ, ବିଶ୍ୱଜିତ୍ ପଟ୍ଟନାୟକ, ଅମିତ୍ ପାତାଳ ସିଂ, ଡ. ପ୍ରୀତିରଞ୍ଜନ ମାଝୀ ପ୍ରମୁଖ ଯୋଗଦାନ କରି କୁଳବୃଦ୍ଧଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।




## ମଧୁସୂଦନ ଦାସ ଥିଲେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ

ଭୁବନେଶ୍ୱର,୪।୨(ସମିସ): ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ମାନର ପ୍ରତୀକ, ଓଡ଼ିଆ ଜାତୀୟତାର ଜନକ ତଥା ନବଜାଗରଣର ପ୍ରବର୍ତ୍ତକ ବୋଲି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଲୋକଭବନ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗର ନିର୍ଦ୍ଦେଶକ ବୈଷୟିକ ଗୁରୁବୀର ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।



## ଜାତୀୟ ନାଟ୍ୟ ପର୍ବ ଦ୍ୱିତୀୟ ଦିବସ

# ପ୍ରେମ ଓ ଆଶା ଆକାଂକ୍ଷାର ବାର୍ତ୍ତା ଦେଲା 'ଆଗାମୀ'

ଭୁବନେଶ୍ୱର,୪।୨(ସମିସ): ଇଣ୍ଟରନ୍ୟାସନାଲ୍ ଥିଏଟର୍‌ର ୫୧ତମ ଜାତୀୟ ନାଟ୍ୟ ପର୍ବର ଦ୍ୱିତୀୟ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ନାଟକ 'ଆଗାମୀ' (ଓଡ଼ିଆ) ମଞ୍ଚସ୍ଥ ହୋଇଯାଇଛି। ଇଣ୍ଟରନ୍ୟାଶନାଲ୍ ଥିଏଟର ଭୁବନେଶ୍ୱର ପକ୍ଷରୁ ଏହି ନାଟକକୁ ପରିବେଷଣ କରାଯାଇଥିଲା। ନାଟକର ରଚନା ମନୋରଞ୍ଜନ ଦାସ କରିଥିଲେ ଓ ମିହିର ମେହେର ନିର୍ଦ୍ଦେଶନା ଦେଇଥିଲେ। ମଞ୍ଚରେ ବିଭିନ୍ନ ଭୂମିକାରେ ଉପେନ୍ଦ୍ର ପତି, ଅବିନାଶ ଦଣ୍ଡପାଟ, କୁମାର ଶ୍ରୀସୁରଜିତ ପ୍ରସାଦ, ରସାନନ୍ଦ ଦାଶ, ସୁକାନ୍ତ କୁମାର ଦାଶ, ଜିତେନ୍ଦ୍ର ପଟ୍ଟନାୟକ, ଦେବଦତ୍ତ ମଲ୍ଲିକ, ଜ୍ୟୋତିର୍ମୟୀ ପଣ୍ଡା, ଲକ୍ଷ୍ମୀପ୍ରିୟା ସେନାପତି ପ୍ରମୁଖ ଅଭିନୟ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଏବଂ ମଞ୍ଚ ଅଭନେତା ଜିତେନ୍ଦ୍ର କୁମାର ପଟ୍ଟନାୟକ, ଯୁବ ନାଟ୍ୟ ନିର୍ଦ୍ଦେଶକ ତଥା ମଞ୍ଚ ଅଭିନେତା ଦୀପକ ରଞ୍ଜନ ପତି (ଅମନ)ଙ୍କୁ ଇଣ୍ଟରନ୍ୟାସନାଲ ଥିଏଟର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ବାଦିକା ସ୍ୱାଗତିକା ସାହୁଙ୍କୁ ଇଣ୍ଟରନ୍ୟାସନାଲ ଥିଏଟର ମିଡ଼ିଆ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେପି ରାଜ୍ୟ ଉପ ସଭାପତି ଗୋଲଖ ପ୍ରସାଦ ମହାପାତ୍ର, ସଂପାଦକ ସମୟ ଦୈନିକ ଓଡ଼ିଆ ଖବର କାଗଜ ଗୁରୁ କଲ୍ୟାଣ ମହାପାତ୍ର, ପୂର୍ବତନ ଓଡିଶା ପୋଲିସ ଡିଜି ଅମୀୟ ଭୂଷଣ ତ୍ରିପାଠୀ, ବିଜେପି ମୁଖ୍ୟ ପାତ୍ର ପବିତ୍ର ମୋହନ ଦାସ, ନାଟ୍ୟସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ, ଆଇଟି ଅନୁଷ୍ଠାନର ନିର୍ଦ୍ଦେଶକ ମହିର ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ।

# ପର୍ଯ୍ୟଟନ କାରାଭାନ୍ ଲୋକାର୍ପିତ

**ସ୍ୱଚ୍ଛନ୍ଦରେ ପର୍ଯ୍ୟଟକମାନେ ପାର୍ବତ୍ୟାଞ୍ଚଳଠାରୁ ଆରମ୍ଭ କରି ଦୁର୍ଗମ ଗ୍ରାମାଞ୍ଚଳକୁ ପରିଭ୍ରମଣ କରିପାରିବେ**

ଭୁବନେଶ୍ୱର/ଧଉଳି,୪।୨(ସମିସ): ଶାନ୍ତିସ୍ତୂପ ଧଉଳିଠାରେ ବୁଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟନ କାରାଭାନ୍‌କୁ ଲୋକାର୍ପିତ କରିଛନ୍ତି। ପର୍ଯ୍ୟଟନ ବିଭାଗ ଦ୍ୱାରା ଭାଏବିଲିଟି ଗ୍ୟାପ୍ ଫଣ୍ଡି ଅଧୀନରେ ସ୍ୟାଣ୍ଡ ଏବଂ ପେଏବଲ୍ ଟୁର୍ସ ସଂସ୍ଥା ସହଯୋଗରେ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ଉଦ୍‌ଘାଟନ କରି ଶ୍ରୀମତୀ ପରିଡ଼ା କହିଲେ ଯେ ଏହି କାରାଭାନ୍ ଟୁରିଜିମ୍ ୟୁରୋପୀୟ ଦେଶରେ ମଧ୍ୟ ଖୁବ୍ ଲୋକପ୍ରିୟ। ଏ କ୍ଷେତ୍ରରେ ଆମର ଅନନ୍ୟ ପ୍ରୟାସ ଯୁବ ପର୍ଯ୍ୟଟକ ଏବଂ ଦୁଃସାହସିକ ଏବଂ ପ୍ରକୃତି ଆଧାରିତ ପର୍ଯ୍ୟଟକ ପ୍ରେମୀଙ୍କୁ ଆକର୍ଷିତ କରିବ। ଏହି କାରାଭାନ୍ ଯାତ୍ରା ବିଶେଷ ଭାବରେ ଶାନ୍ତ, କାନ୍ତ, କମନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନଗୁଡିକରେ ନୂତନ ଅଭିଜ୍ଞତା ଆଣିଦେବା ସହ ନିଜେ କିମ୍ବା ନିଜ ପରିବାର ଓ ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନକୁ ଯାଇ ସେଠାକାର ଖାଦ୍ୟପେୟ, ସଂସ୍କୃତି ଏବଂ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରିବାର ସୁଯୋଗ ପାଇପାରିବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଧାୟକ ବାବୁ ସିଂ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରି କହିଲେ ଯେ ପର୍ଯ୍ୟଟନ କ୍ଷେତ୍ର ପରିବ୍ୟାପ୍ତ ହେବା ସହ ସୁଖଦ ଓ ସୁରକ୍ଷିତ ଯାତ୍ରା ଲକ୍ଷ୍ୟ ହାସଲ ଦିଗରେ ସହାୟକ ହୋଇପାରିବ।

ସ୍ୱାଗତ ଭାଷଣ ପ୍ରଦାନ କରି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର କହିଲେ ଯେ ନିଜ ସ୍ୱଚ୍ଛନ୍ଦରେ ପର୍ଯ୍ୟଟକମାନେ ପର୍ବତ୍ୟାଞ୍ଚଳଠାରୁ ଆରମ୍ଭ କରି ଦୁର୍ଗମ ଗ୍ରାମାଞ୍ଚଳକୁ ପରିଭ୍ରମଣ କରିପାରିବେ, ଯାହା ପର୍ଯ୍ୟଟକମାନଙ୍କୁ ଭ୍ରମଣଭିତ୍ତିକ ଆନନ୍ଦ ପ୍ରଦାନ କରିବ। ପର୍ଯ୍ୟଟନ ବିଭାଗ ପକ୍ଷରୁ ହୀରାକୁଦ, ଶିମିଳିପାଳ, ଦାରିଙ୍ଗବାଡି, ଦେଓମାଳି, ତାଳସାରି, ପେଣ୍ଠ, ମଙ୍ଗଳାଯୋଡି, ଯିରାଙ୍ଗ ଏବଂ ଅନ୍ୟାନ୍ୟ ମନୋରମ ସ୍ଥାନକୁ ଏହି କାରାଭାନ୍ ଟୁରିଜିମ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରଥମେ ଏହି କାରାଭାନ୍ ବାଲେଶ୍ୱରର ତାଳସାରୀ ପର୍ଯ୍ୟଟନସ୍ଥଳୀକୁ ଯିବ। କାରାଭାନ୍‌ରେ ପ୍ରଥମେ ଯାତ୍ରା କରୁଥିବା ଦମ୍ପତି ଅନ୍ନଦା ପ୍ରସାଦ ପାଢ଼ୀ ଏବଂ ଅର୍ଚ୍ଚନା ପାଢୀଙ୍କୁ ଟିକଟ୍ ପ୍ରଦାନ କରାଯାଇଛି।

## ଆଦିବାସୀ ମେଳା

# ସରୁଛି ସମୟ, ବଢୁଛି ଭିଡ଼



ଭୁବନେଶ୍ୱର,୪।୨(ସମିସ):

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ଆଦିବାସୀ ମେଳା-୨୦୨୬ର ୧୦ ଦିନରେ ପହଞ୍ଚିଛି। ମେଳାର ଅବଧି ସରିଆସୁଥିବା ବେଳେ ଦର୍ଶକଙ୍କ ଭିଡ଼ ମଧ୍ୟ ବଢ଼ି ଚାଲିଛି। ଅପରାହ୍ଣ ୨ଟାରୁ ରାତି ୯ଟା ଯାଏ ମେଳା ପରିସରରେ ଅସଂଖ୍ୟ ଗହଳି ଜମୁଛି। ଶିତୁଆ ସନ୍ଧ୍ୟାରେ ବୁଲିବା ସାଙ୍ଗକୁ ଫୁଡ କୋର୍ଟରେ ବିଭିନ୍ନ ପାରମ୍ପରିକ ଖାଦ୍ୟ ସାଙ୍ଗକୁ ଚଟପଟା ଖାଦ୍ୟ ଖାଇବାର ମଜ୍ଜା ନେଉଛନ୍ତି ଗ୍ରାହକ। ସେହିପରି ବିଭିନ୍ନ ଷ୍ଟଲରେ ବିକ୍ରି ହେଉଥିବା ହାତ ତିଆରି ଜିନିଷର ପ୍ରସ୍ତୁତି ପ୍ରଣାଳୀ ବା ଲାଇଭ୍ ଡେମୋନଷ୍ଟ୍ରେସନ୍ ଦେଖିବାକୁ ସମସ୍ତଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖିବାକୁ ମିଳିଛି। ବିଭିନ୍ନ କଳାବସ୍ତୁର ପ୍ରଦର୍ଶନୀ ଓ ପ୍ରସ୍ତୁତି ସାଙ୍ଗକୁ ହସ୍ତତନ୍ତ ପ୍ରତି ଗ୍ରାହକ ଆକୃଷ୍ଟ ହେଉଛନ୍ତି। ସେହିପରି ପ୍ରତି ସନ୍ଧ୍ୟାରେ ମେଳାର ସାଂସ୍କୃତିକ ମଞ୍ଚରେ ଦର୍ଶକମାନେ ଜନଜାତିଙ୍କ ନୃତ୍ୟକୁ ମନଭରି ଉପଭୋଗ କରୁଛନ୍ତି।

### 'ବୀରପୁତ୍ର କୃତ୍ତିବାସ' ମଞ୍ଚସ୍ଥ

ଆଦିବାସୀ ମେଳାରେ ଅନୁସୂଚିତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ଆଦିବାସୀ ମେଳା ମଞ୍ଚରେ କ୍ଷୁଦ୍ର ନାଟକ 'ବୀରପୁତ୍ର କୃତ୍ତିବାସ' ପରିବେଷଣ କରାଯାଇଛି। ବିପ୍ଳବୀ କୃତ୍ତିବାସ ପାଟଶାଣୀଙ୍କ ଜୀବନ ଓ ଚରିତ୍ରକୁ ନେଇ ସ୍ୱର୍ଗତ ପର୍ଶୁରାମ ହରିଚନ୍ଦନଙ୍କ ରଚିତ ଏହି କ୍ଷୁଦ୍ର ନାଟକର ନିର୍ଦ୍ଦେଶନା ଅନନ୍ତ କିଶୋର ସାହୁ ଦେଇଥିବା ବେଳେ ସହ ନିର୍ଦ୍ଦେଶନା ଦେଇଛନ୍ତି ଯୁଗଳ କିଶୋର ମହାନ୍ତି ଓ ରାଜକିଶୋର ନାୟକ। ନାଟକର କାହାଣୀ ଅନୁସାରେ, କୃତିବାସ ପାଟଶାଣୀ ଓଡ଼ିଶାର ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ। ସେ ୧୮୩୬ ମସିହାରେ ବାଣପୁରରେ ସଶସ୍ତ୍ର ସଂଗ୍ରାମ କରି ତିନି ଦିନ ପାଇଁ ଏହାକୁ ସ୍ୱାଧୀନ କରି ଦେଇଥିଲେ। ବାଣପୁର ପାଇକ ବିଦ୍ରୋହର ସେ ଥିଲେ ନେତା। ପରେ ଆତ୍ମୀୟଙ୍କ ବିଶ୍ୱାସଘାତକତା ଯୋଗୁଁ ତାଙ୍କୁ ଇଂରେଜ ସରକାର ଗିରଫ କରି ଫାଶୀ ଦେଇଥିଲେ। ଏହି ଐତିହାସିକ ମହାନ ବିପ୍ଳବୀଙ୍କ ଜୀବନୀକୁ ନେଇ ବିଭାଗର କର୍ମଚାରୀ ଓ ଅଧିକାରୀଙ୍କ ଦ୍ୱାରା ମଞ୍ଚସ୍ଥ ଏହି ନାଟକ ଉପସ୍ଥିତ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।



## ସୁନାପୁର ବେଳାଭୂମି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଦର୍ଶକଙ୍କୁ ବିଭୋର କଲେ ଶୈଳେନ୍ଦ୍ର-ସୋହାନୀ, ସୁଜ୍ଞାନୀ, ଅଲ୍ଲୀ



ବ୍ରହ୍ମପୁର,୪ ।୨(ସମିସ): ସୁନାପୁର ବେଳାଭୂମି ମହୋତ୍ସବର ଦ୍ୱିତୀୟ ଦିବସରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଓ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ଚିକିଟି ବିଧାୟକ ତଥା ମହୋତ୍ସବର ସଭାପତି ମନୋରଞ୍ଜନ ଦ୍ୟାନ ସାମନ୍ତରା, ସାଂସଦଙ୍କ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ଭାରତୀୟ ଜନତା ଦଳର ଜିଲ୍ଲା ସଭାପତି ସରୋଜ ସାବତ, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେର୍କେଟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାନ୍ଧ୍ୟ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ।

ମୁଖ୍ୟଅତିଥି ଶ୍ରୀ ନାଏକ ପଞ୍ଚ ଦେବୀଙ୍କୁ ପ୍ରଣିପାତ କରି କହିଥିଲେ ଯେ, ଗଞ୍ଜାମ ମାଟି କଳା ସାହିତ୍ୟ ସଂସ୍କୃତି ଓ ପରମ୍ପରାର ଅଦ୍ୱିତୀୟ ମାଟି। ପୃଥିବୀର ଯେଉଁ କୋଣ ଅନୁକୋଣକୁ ଯାଆନ୍ତୁ ନିଶ୍ଚୟ ଜଣେ ଗଞ୍ଜାମ ଜିଲ୍ଲାର ଲୋକକୁ ପାଇବେ। ଏହା ଠାରୁ ଅଧିକ ଗର୍ବର ବିଷୟ ଏ ମାଟି ପାଇଁ ଆଉ କ'ଣ ହୋଇପାରେ। ଗଞ୍ଜାମର ବେଳାଭୂମି ଓ ଅନ୍ୟାନ୍ୟ ସୌନ୍ଦର୍ଯ୍ୟ ପୃଷ୍ଠଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସଂକଳ୍ପବଦ୍ଧ। ଗଞ୍ଜାମର ଆର୍ଥିକ ଦୁର୍ବଳ ସମସ୍ତ ଲୋକଙ୍କ ପାଇଁ ଗୃହ ଏବଂ ଚିକିଟି ନିର୍ବାଚନ ମଣ୍ଡଳୀ ଓ ସୁନାପୁରର ଆଖପାଖ ପଞ୍ଚାୟତରେ ଲବଣ ପାଣି ଯୋଗୁଁ ଉତ୍ପନ୍ନ ପାନୀୟ ଜଳ ସମସ୍ୟାର ଦୂରୀକରଣ ପାଇଁ ବିଭାଗ ପକ୍ଷରୁ ଅଳ୍ପ ଦିନ ବ୍ୟବଧାନ ଭିତରେ ନିଆଯିବାକୁ ଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଶ୍ରୀ ନାଏକ ଉଲ୍ଲେଖ କରିଥିଲେ।

ସୁନାପୁର କେବଳ ଗଞ୍ଜାମର ଗର୍ବ ନୁହେଁ ସମଗ୍ର ଓଡ଼ିଶାର ଗର୍ବ। ଏଭଳି ଭବ୍ୟ ଆୟୋଜନ ଦ୍ୱାରା ଆଗାମୀ ଦିନରେ ସୁନାପୁରର ସୁନାମ ଆହୁରି ଅଧିକ ବଢିବ ବୋଲି ଆସ୍କା ବିଧାୟକ ଶ୍ରୀ ପାଢ଼ୀ ଆଶାବ୍ୟକ୍ତ କରିଥିଲେ।

ଖଲ୍ଲିକୋଟ ବିଧାୟକ ଶ୍ରୀ ସେଠୀ ଓଡ଼ିଶାର ନୌବାଣିଜ୍ୟ ପରମ୍ପରାର ସମୃଦ୍ଧ ଇତିହାସ ସମ୍ପର୍କରେ ବର୍ଣ୍ଣନା କରିବା ସହିତ ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସ୍ୱାଗତ ଭାଷଣରେ ବି ଜେ ପି ଜିଲ୍ଲା ସଭାପତି ଶ୍ରୀ ସାବତ ସୁନାପୁର ବେଳାଭୂମିକୁ ଏ ମହୋତ୍ସବ ଜରିଆରେ ଭାରତବର୍ଷର ଏକ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବାର ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ଚିକିଟି ବିଧାୟକ ଶ୍ରୀ ଦ୍ୟାନ ସାମନ୍ତରା ଧନ୍ୟବାଦ ଜ୍ଞାପନ ଅବସରରେ ବ୍ଲୁ ଫ୍ଲାଗ ମାନ୍ୟତା ପ୍ରାପ୍ତ ସୁନାପୁରର ସୌନ୍ଦର୍ଯ୍ୟ ଓ ଅରୁଣିମାକୁ ଦେଶରେ ସର୍ବଜନବିଦିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ସ୍ଥାନୀୟ ଅଞ୍ଚଳର ପାନୀୟ ଜଳ ସମସ୍ୟା ସମ୍ପର୍କରେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଜିର ସନ୍ଧ୍ୟାରେ ସୁପ୍ରସିଦ୍ଧ ଗାୟିକା ସୁଜ୍ଞାନୀ ମହାପାତ୍ର, ଓଲିଉଡ୍ ଡ୍ୟାନ୍ସର ଶୈଳେନ୍ଦ୍ର-ସୋହାନୀ ଓ ଟଲିଉଡ୍‌ର ହାସ୍ୟ ଅଭିନେତା ମହମ୍ମଦ ଅଲ୍ଲି ଙ୍କ ନୃତ୍ୟ, ସଂଗୀତ ଓ ଅଭିନୟ ଦେଖଣାହାରୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

ଏହି ଅବସରରେ ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଗଣମାଧ୍ୟମ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବରିଷ୍ଠ ସାମ୍ବାଦିକ ତଥା ଦୈନିକ ସକାଳ ଖବର କାଗଜର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପାତ୍ରପୁରର ପାଲା ଗ୍ରୁପ୍, ଶ୍ରୀଶ୍ରୀ ମା ବୁଢ଼ୀ ଠାକୁରାଣୀ ନାଟ୍ୟ ସଂଘ, ସୁନାପୁରର ଠାକୁରାଣୀ ନୃତ୍ୟାନୁଷ୍ଠାନ, ନୂଆପଡ଼ାର ନିୟୁ ଷ୍ଟାର୍ ଡ୍ୟାନ୍ସ ଗ୍ରୁପ୍, ଚିକିଟିର ମଧୁ ଗ୍ରୁପ୍, ଛତ୍ରପୁରର ସଲମାନ ଡ୍ୟାନ୍ସ ଗ୍ରୁପ୍, ବ୍ରହ୍ମପୁରର ଅନ୍ୱେଷା କଳା କେନ୍ଦ୍ର, ଛତ୍ରପୁରର ଡ଼ିଏସଆର ସାଂସ୍କୃତିକ ଏବଂ ଚାରିଟେବୁଲ୍ ଟ୍ରଷ୍ଟ, ବ୍ରହ୍ମପୁରର ଶ୍ରୁତି ଡ୍ୟାନ୍ସ ଏକାଡେମୀ, ସ୍ୱାଗୀ ସ୍କ୍ୱାଡ୍ ଡ୍ୟାନ୍ସ ଏବଂ ଫ୍ୟାଶନ ଏକାଡେମୀ ଆଦି ଅଂଶ ଗ୍ରହଣ କରି ନିଜ କଳା ମାଧ୍ୟମରେ ଦର୍ଶକଙ୍କ ମନ କିଣି ନେଇଥିଲେ। ଏହି ଅବସରରେ ବିଭିନ୍ନ ବେଳାଭୂମି କ୍ରୀଡାର ଆୟୋଜନ ଏବଂ ଉପାନ୍ତ ସାହିତ୍ୟ ସଂସଦ ଦ୍ୱାରା କବିତା ଆସର ଓ ସାହିତ୍ୟ ଆଲୋଚନା କରାଯାଇଥିଲା। ଚିକିଟି ବିଡିଓ ବିବେକାନନ୍ଦ ମିଶ୍ର, ଚିକିଟି ତହସିଲଦାର ବିଶ୍ୱରଂଜନ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହଯୋଗରେ ଆଜିର ସମସ୍ତ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ନାମକୁ ମାତ୍ର ଚାଲିଛି ସ୍କାଉଟ୍‌ସ-ଗାଇଡ୍‌ସ ୟୁନିଟ୍

**ଆଡଭାନ୍ସ ଟ୍ରେନିଂ କରୁନାହାନ୍ତି ସରକାରୀ ବିଦ୍ୟାଳୟ ଶିକ୍ଷକ**

**ରାଜ୍ୟ ପୁରସ୍କାର ପରୀକ୍ଷାରୁ ବଞ୍ଚିତ ଶତାଧିକ ଛାତ୍ରଛାତ୍ରୀ**

ବ୍ରହ୍ମପୁର, ୪।୨ (ସମିସ): ସରକାରୀ ବିଦ୍ୟାଳୟମାନଙ୍କରେ କମିବାରେ ଲାଗିଛି ସ୍କାଉଟ ଗାଇଡ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟା। ଦକ୍ଷତା ସମ୍ପନ୍ନ ଶିକ୍ଷକଙ୍କ ମାର୍ଗଦର୍ଶନ ଅଭାବ କାରଣରୁ ଛାତ୍ରଛାତ୍ରୀ ଏହି ଶିକ୍ଷଣ ପାଠ୍ୟକ୍ରମରୁ ମୁହଁ ଫେରାଉଛନ୍ତି। ସରକାରୀ ତଥ୍ୟ ମୁତାବକ ସ୍କାଉଟ ଗାଇଡ୍‌ରେ ଦୁଇ ପ୍ରକାର ଟ୍ରେନିଂ ରହିଛି। ପ୍ରଥମ ବେସିକ୍ ଓ ଦ୍ୱିତୀୟ ହେଲା ଆଡ୍‌ଭାନସ୍। ଜିଲ୍ଲା ଶିକ୍ଷା ପ୍ରଶାସନର ତଥ୍ୟ ଅନୁଯାୟୀ ଜିଲ୍ଲାରେ ମୋଟ ୬୨୮ ଶିକ୍ଷାନୁଷ୍ଠାନ ରହିଛି। ତନ୍ମଧ୍ୟରୁ ବେସିକ୍ କୋର୍ସରେ ପ୍ରାୟ ୪୦୦ ୟୁନିଟ୍ ରହିଥିବା ବେଳେ ଆଡ୍‌ଭାନସ୍‌ରେ ମାତ୍ର ୭୧ ଅଛନ୍ତି। ବର୍ତ୍ତମାନ ରାଜ୍ୟ ପୁରସ୍କାର ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଆଡ୍‌ଭାନସ୍ କୋର୍ସକରିବା ବାଧ୍ୟତାମୂଳକ ରହିଥିବାବେଳେ ଅନେକ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ନାନାଦି କାରଣରୁ ବଞ୍ଚିତ ହୋଇଛନ୍ତି। ଘରୋଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଉଥିବାରୁ ଏହି କୋର୍ସ କରିବାକୁ ଅଧିକ ଇଚ୍ଛା ପ୍ରକାଶ କରୁଛନ୍ତି। ସ୍କାଉଟ ଓ ଗାଇଡ୍‌ସରେ ନାମ ଲେଖାଇଥିବା ବିଦ୍ୟାର୍ଥୀଙ୍କୁ ଯୁକ୍ତ ଦୁଇର ଫଳାଫଳରେ ଅତିରିକ୍ତ ପାଞ୍ଚ ପ୍ରତିଶତ ମାର୍କ ମିଳୁଥିବା ବେଳେ ରେଳବିଭାଗରେ ଚାକିରି ସମୟରେ ଅନୁକମ୍ପା ମଧ ମିଳୁଛି। କିନ୍ତୁ ଉତ୍ତମ ଶିକ୍ଷକଙ୍କ ଅଭାବ କାରଣରୁ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିକଟରେ ଏହି କୋର୍ସର ଉପାଦେୟତା ପହଞ୍ଚି ପାରୁନଥିବାରୁ ପ୍ରତି ଶିକ୍ଷାବର୍ଷରେ ନାମ ଲେଖାଉଥିବା ବିଦ୍ୟାର୍ଥୀଙ୍କ ସଂଖ୍ୟା କମିବାରେ ଲାଗୁଛି। ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ଏହି ସମସ୍ୟାକୁ ଗୁରୁତ୍ୱ ଦେଉନଥିବା ବେଳେ ସରକାରୀ ବିଦ୍ୟାଳୟର ଶିକ୍ଷକଙ୍କ ଆଡ୍‌ଭାନସ୍ ଟ୍ରେନିଂର ବ୍ୟବସ୍ଥା କରାଯାଇ ନଥିବା ଅଭିଯୋଗ ହୋଇଛି। ଶିକ୍ଷକଙ୍କ ଆଡ୍‌ଭାନସ୍ ଟ୍ରେନିଂର ଶେଷ କରିନଥିବାରୁ ପ୍ରତି ବର୍ଷ ଶତାଧିକ ଛାତାଛାତ୍ରୀ ରାଜ୍ୟ ପୁରସ୍କାର ପରୀକ୍ଷାରେ ଅଂଶଗ୍ରହଣ କରିବା ଅଧିକାରରୁ ବଞ୍ଚିତ ରହୁଛନ୍ତି। ଏଭଳି କ୍ଷେତ୍ରରେ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାକୁ ଅଭିଭାବକ ଇଚ୍ଛାପ୍ରକାଶ କରୁନଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତରେ ଜିଲ୍ଲାର ବିଭିନ୍ନ ସରକାରୀ ବିଦ୍ୟାଳୟରେ ଦିନକୁ ଦିନ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସରକାରୀ ବିଦ୍ୟାଳୟର ଶିକ୍ଷକଙ୍କ ସ୍କାଉଟ ଗାଇଡ୍ ଆଡ୍‌ଭାନସ୍ ଟ୍ରେନିଂର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ବୋମାମାଡ଼ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ପୁଲିସ

ବ୍ରହ୍ମପୁର,୪।୨(ସମିସ): ରେଷ୍ଟୁରାଣ୍ଟ ଉପରକୁ ବୋମାମାଡ଼, ଖଣ୍ଡା ଦେଖାଇ ଟଙ୍କା ଆଦାୟ, ଏକାଧିକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଧରିବାରେ ପୁଲିସ ବିଫଳ ରହିଛି। ସେପଟେ ପ୍ରତିଦିନ ସହରରେ ଛୋଟମୋଟ ଚୋରି ସହ ଲୁଟ୍ ହେଉଥିବା ଅଭିଯୋଗ ରହିଛି। ସହରରେ ଚୋରି ମାମଲା ବୃଦ୍ଧି ଯୋଗୁଁ ପୁଲିସର ଚିନ୍ତା ବଢ଼ାଇଦେଇଥିବା ବେଳେ ସେପଟେ ମହୋତ୍ସବ ପାଇଁ ପୁଲିସ ଅଧିକାରୀ ଓ ଶତାଧିକ ପୁଲିସ କର୍ମଚାରୀମାନେ ଲୋକଙ୍କୁ ସୁରକ୍ଷା ଦେବାରେ ନିୟୋଜିତ ରହିଛନ୍ତି। ଗତ ଜାନୁୟାରୀ ୫ ତାରିଖ ରାତିରେ ସୁବାରାଓ ଛକ ନିକଟରେ ଥିବା ଅଲିଭ୍ ରେଷ୍ଟୁରାଣ୍ଟ ଉପରକୁ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ତ ଦୂରର କଥା ଅଭିଯୁକ୍ତ ଚିହ୍ନଟ କରିବାରେ ମଧ ବିଫଳ ରହିଛି। ସେହିପରି ଜାନୁୟାରୀ ୨୬ ତାରିଖ ରାତି ୧୧ଟା ବେଳେ ସୁବାରାଓ ଛକ ନିକଟସ୍ଥ ଗଳି ଅର୍ଥାତ ଖ୍ରୀଷ୍ଟିଆନ ସାହିରେ ଥିବା ଏକ ଲଜ ସମ୍ମୁଖରେ ୩ଜଣ ଦୁର୍ବୃତ୍ତ ଗୋଟିଏ ସ୍କୁଟିରେ ଖଣ୍ଡା ଧରି ଆସି ବାଇକରେ ଯାଉଥିବା ଦୁଇ ଯୁବକଙ୍କୁ ଅଟକାଇ ମାରପିଟ କରିବା ସହ ଟଙ୍କା ଆଦାୟ କରୁଥିବା ଭାଇରାଲ୍ ଭିଡ଼ିଓରୁ ସ୍ପଷ୍ଟ ଜଣା ପଡ଼ିଥିଲା। ଏହାସହ ନିକଟରେ ଥିବା ଏକ କାରକୁ ପଥରମାଡ଼ କରିଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଏଯାବତ ଅଭିଯୁକ୍ତ ଚିହ୍ନଟ ହୋଇନଥିବା ଜଣାପଡିଛି। ସେହିପରି ଗତ ୩୦ ତାରିଖ ରାତିରେ ରାମ ନଗର ତୃତୀୟ ଲାଇନ ନିବାସୀ ଟି ସନ୍ଦୀପ ଦୋରା(୨୪) ଗୋପାଳପୁର ବେଳାଭୂମି ମହୋତ୍ସବରୁ ଫେରି ଘରକୁ ଯାଉଥିବା ବେଳେ ଦୁର୍ଗା ମନ୍ଦିର ନିକଟରେ ପ୍ରେମ ନାମକ ଜଣେ ଯୁବକ ଓ ଅନ୍ୟ ଦୁଇ ସାଙ୍ଗ ମିଶି ସନ୍ଦୀପକୁ ଗାଳି ଗୁଲଜ କରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ସନ୍ଦୀପ ଆହତ ହୋଇଥିଲେ।ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ( ୫୧/୨୬)ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

## ଆତ୍ମାହୁତି ଉଦ୍ୟମବେଳେ ମହିଳା ଉଦ୍ଧାର

ବ୍ରହ୍ମପୁର,୪।୨(ସମିସ): ଜଣେ ମହିଳା ଆତ୍ମାହୁତି ପାଇଁ ଯୋଜନା କରୁଥିଲେ। ଏ ନେଇ ପୁଲିସ ଆଗୁଆ ସୂଚନା ପାଇ ସମ୍ପୃକ୍ତ ମହିଳାଙ୍କୁ କାବୁ କରି ଆସିକା ଥାନାକୁ ନିଆଯାଇଥିବା ଜଣାପଡ଼ିଛି। ଏହାସହ ମହିଳା ଜଣକ ଧରିଥିବା ପେଟ୍ରୋଲ କିମ୍ବା କିରାସିନି ଭଳି କିଛି ଦହନୀୟ ପଦାର୍ଥକୁ ପୁଲିସ ଜବତ କରିଥିବା ଜଣାପଡ଼ିଛି। ପୁଲିସ ସମ୍ପୃକ୍ତ ମହିଳାଙ୍କୁ ନୋଟିସ ଦେଇ ଛାଡ଼ିଥିବା ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଶେରଗଡ଼ ଥାନା ଅଞ୍ଚଳରେ ଆନ୍ଧ୍ରପ୍ରଦେଶ ମୁଠାଙ୍ଗି ଅଞ୍ଚଳର ବି ଗୌରୀ ନାଥ (୨୩) ନାମକ ଜଣେ ଯୁବକଙ୍କ ଗଳା କାଟି ହତ୍ୟା କରିବା ପରେ ଦୁର୍ବୃତ୍ତମାନେ ପ୍ରମାଣ ନଷ୍ଟ କରିବା ପାଇଁ ପେଟ୍ରୋଲ ପକାଇ ଜାଳି ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଉକ୍ତ ହତ୍ୟା ମାମଲାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଜାରି ରଖିଛି। ବର୍ତ୍ତମାନ ପୁଲିସ କବଜାରେ ଏକାଧିକ ଅଭିଯୁକ୍ତ ରହିଥିବା ସୂଚନା ମିଳିଛି। ଖୁବଶୀଘ୍ର ପୁଲିସ ଏ ନେଇ ସାମ୍ବାଦିକ ସମ୍ମିଳନୀ କରିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ହତ୍ୟା ମାମଲାରେ ସମ୍ପୃକ୍ତ ମହିଳାଙ୍କ ପୁଅ ଅଭିଯୁକ୍ତ ଥିବା ସନ୍ଦେହରେ ଥାନାରେ ପୁଲିସ ତାକୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ପୁଅକୁ ଛାଡିବା ଦାବିରେ ମାଆ ଆଜି ଆସିକା ଏସଡିପିଓଙ୍କ କାର୍ଯ୍ୟାଳୟକୁ ଆସିଥିଲା। ମହିଳା ଜଣକ ଏକ ବ୍ୟାଗରେ ପେଟ୍ରୋଲ କିମ୍ବା କିରାସିନି ଭର୍ତ୍ତି ବୋତଲ ସାଙ୍ଗରେ ନେଇ ଆସିଥିଲେ। ମହିଳା ଜଣକ ଆସିକା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଅଥବା ଶେରଗଡ଼ ଥାନା ସମ୍ମୁଖରେ ଆହୁତି ଦେବାକୁ ଯୋଜନା କରିଥିଲେ। ତେବେ ତାହା ପୂର୍ବରୁ ପୁଲିସ ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରି ଥାନାକୁ ନେଇ ନୋଟିସ କରିବା ସହ ଦହନୀୟ ପଦାର୍ଥ ଜବତ କରାଯାଇଥିବା ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ମୃତ ସୂର୍ଯ୍ୟଙ୍କ ପତ୍ନୀଙ୍କୁ ମିଳିଲା ଚାକିରି

ବ୍ରହ୍ମପୁର,୪।୨(ସମିସ): ହଳଦିଆ ପଦର ଓଭର ବ୍ରିଜରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବ୍ରହ୍ମପୁର ଅଯୋଧାନଗରର ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ସୂର୍ଯ୍ୟ ପରିବାର ଏକ ମାତ୍ର ରୋଜଗାରକ୍ଷମ ରହିଥିବା ବେଳେ ତାଙ୍କର ମୃତରେ ପରିବାର ସମ୍ପୂର୍ଣ୍ଣ ଭାଙ୍ଗ ପଡ଼ିଛନ୍ତି। ଏହି ସମୟରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ମୃତ ସୂର୍ଯ୍ୟଙ୍କ ପରିବାରକୁ ସାହା ହୋଇଛନ୍ତି। ବିଧାୟକଙ୍କ ପ୍ରଚେଷ୍ଟାରେ ସୂର୍ଯ୍ୟଙ୍କ ସ୍ତ୍ରୀ ରଶ୍ମିତା ପଣ୍ଡାଙ୍କୁ ଏକ ଘରୋଇ ଠିକା ସଂସ୍ଥାରେ ଚାକିରି ମିଳିଛି। ସେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ କାର୍ଯ୍ୟ କରିବେ। ଏ ନେଇ ବୁଧବାର ଦିନ ତାଙ୍କ ବାସଭବନରେ ତାଙ୍କୁ ନିଯୁକ୍ତପତ୍ର ପ୍ରଦାନ କରିଛନ୍ତି। ଏହା ସହ ଆଗାମୀ ଦିନରେ ପରିବାରକୁ ଆବଶ୍ୟକ ମୁତାବକ ସମସ୍ତ ସହଯୋଗ କରିବା ନିମନ୍ତେ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଦୁର୍ଘଟଣା ଦିନ ବିଧାୟକ କୌଣସି କାର୍ଯ୍ୟରେ ସହର ବାହାରେ ଥିବା ସତ୍ତ୍ୱେ ଫୋନରେ ସୂର୍ଯ୍ୟଙ୍କ ପରିବାର ସଦସ୍ୟଙ୍କ ସହ କଥା ହୋଇ ସମବେଦନା ଜଣାଇଥିଲେ। ବିଧାୟକଙ୍କ ଏଭଳି ସହଯୋଗ କାର୍ଯ୍ୟ ପାଇଁ ସ୍ଥାନୀୟ ଜନସାଧାରଣ ମହଲରେ ପ୍ରଶଂସାର କରାଯାଇଛି।



# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ



ବ୍ରହ୍ମପୁର,୪।୨(ସମିସ): ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୨ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ମଞ୍ଚ ପକ୍ଷରୁ ସ୍ଥାନୀୟ ଗାନ୍ଧୀନଗର ଛକ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଆ ଜାତୀୟ ଆନ୍ଦୋଳନର ଅଗ୍ରଣୀ ପୁରୋଧା ଥିଲେ। ସେ ଓଡ଼ିଆ ଭାଷା, ସଂସ୍କୃତି ଓ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ପାଇଁ ଅବିରତ ସଂଘର୍ଷ କରିଥିଲେ। ଉତ୍କଳ ସମ୍ମିଳନୀ ଗଠନ କରି ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଦାବିକୁ ସଂଗଠିତ ରୂପ ଦେଇଥିଲେ। ଓଡ଼ିଆ ଭାଷାର ସ୍ୱାଭିମାନ ଓ ଅଧିକାର ସୁରକ୍ଷା ପାଇଁ ତାଙ୍କର ଅବଦାନ ଅତୁଳନୀୟ। ସାମାଜିକ ସୁଧାର, ଶିକ୍ଷା ଓ ଆଇନ କ୍ଷେତ୍ରରେ ମଧୁବାବୁଙ୍କ ଅବଦାନ ଚୀରସ୍ମରଣୀୟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ସଭାରେ ସମାଜସେବୀ ମନୋଜ କୁମାର ତରାଇ, ଅବସରପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ସାହୁ, ଚାଷୀ ନେତା ବୃନ୍ଦାବନ ଖଟେଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କୁନି କୁମାରୀ ଦେବୀ, ଶିକ୍ଷକ ସଂଗଠନ ନେତା ଅଶୋକ କୁମାର ଦଳାଇ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଅର୍ଚ୍ଚନା ପଣ୍ଡା, ଆୟୁଂଶ ଅରିଜିତ ପାଣିଗ୍ରାହୀ, ଆଇନଜୀବୀ ରାଜେନ୍ଦ୍ର ଦାସ ଓ ଦିନବନ୍ଧୁ ଶ୍ରୀପଲ୍ଲଭ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଗାନ୍ଧୀନଗର ଛକ ସ୍ଥିତ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା, ମାନବ ଅଧିକାର ବିକାଶ ମଞ୍ଚ ଓ ଶୈକ୍ଷିକ ସମାଜ ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ତିରୋଧାନ ଦିବସ ପାଳିତ କରାଯାଇ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ସଭାପତି ଡ଼. ସୁବ୍ରତ କୁମାର ସାହୁ, ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ, ଭିକ୍ଷାଚାର୍ଯ୍ୟ ଚୌଧୁରୀ, ସୀମାଞ୍ଚଳ ବିଷୋୟୀ, ସୁରେଶ ଚନ୍ଦ୍ର ତ୍ରିପାଠୀ, ରାଜେନ୍ଦ୍ର କୁମାର ପୂଜାରୀ, ତାରିଣୀ ପ୍ରସାଦ ନାୟକ, ରାଜ କିଶୋର ସ୍ୱାଇଁ, ରାଜେନ୍ଦ୍ର କୁମାର ଦାସ, ଲାଲ ବାହାଦୁର ପଟ୍ଟନାୟକ ଓ ସୁଶାନ୍ତ କୁମାର ବିଷୋୟୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କ ଆତ୍ମହତ୍ୟା

ଦିଗପହଣ୍ଡି,୪।୨(ସମିସ): ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତ ପତାଣ୍ଡ ଗ୍ରାମର ଜଣେ ଯୁକ୍ତ ୨ ଦ୍ୱିତୀୟବର୍ଷ ଛାତ୍ରୀ ଏସ.ଅନିତା ଦୋରା(୧୭) କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ବୁଧବାର ଦିଗପହଣ୍ଡି ପୁଲିସ ବ୍ରହ୍ମପୁର ବଡ଼ ଡାକ୍ତରଖାନାରୁ ଛାତ୍ରୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଅନିତା ଗାଁ ନିକଟସ୍ଥ ଏକ କଲେଜରେ ପାଠ ପଢୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ କୌଣସି କାରଣରୁ କୀଟନାଶକ ପିଇ ଦେଇଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଭଉଣୀ ଏସ.ବନିତା ଦୋରା ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଥାନା ଅପମୃତ୍ୟୁ ମାମଲା ନଂ.୪/୨୬ ଅନୁଯାୟୀ ଏଏସଆଇ ଦିଲ୍ଲୀପ ଗୋରଡ଼ା ମୃତଦେହ ଜବତ କରିଥିଲେ।

## ଚୋରି ଆସାମୀଙ୍କୁ ଜେଲ୍ ଦଣ୍ଡାଦେଶ

ଛତ୍ରପୁର,୪।୨(ସମିସ): ଚୋରି ମାମଲାରେ ବିଚାର କରି ଛତ୍ରପୁର ଅତିରିକ୍ତ ଜିଲା ଓ ଦୌରା ଜର୍ଜ ପ୍ରଦୀପ କୁମାର ସାମଲ ଜଣକୁ ୧ ବର୍ଷ୧୦ମାସ ଓ ୧୨ ଦିନ କାରାଦଣ୍ଡ ରେ ଦଣ୍ଡିତ କରିବା ସହ ୫ଶହ ଟଙ୍କା ଜରିମନା ଆଦେଶ ଦେଇଛନ୍ତି। ଜରିମନା ଅନାଦେୟ ଅତିରିକ୍ତ ୧ମାସ ଜେଲଦଣ୍ଡ। ଅଭିଯୁକ୍ତ ଜଣକ ହେଲେ ହିଞ୍ଜିଳି ଥାନା କଙ୍କରଡା ଅଞ୍ଚଳର ଶତ୍ରୁଘନ ନାୟକ। ସୂଚନା ଥାଉକି ଅଭିଯୁକ୍ତ ଜଣକ ହିଞ୍ଜିଳି ଥାନା ଅଧିନ ରାମଚନ୍ଦ୍ରପୁର ଗ୍ରାମର ଜଣେ ମହିଳାଙ୍କ ଘରେ ପସି ଘରୁ ବିଭିନ୍ନ କାଗଜପତ୍ର ଚୋରି କରିବା ସହ ଜୋରଜବରସ୍ତ ବଳତ୍କାର କରିଥିଲେ। ଏନେଇ ମହିଳା ଜଣକ ୨୨ ମାର୍ଚ୍ଚ ୨୦୨୪ରେ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ୨୬୮/୨୪ ମାମଲା ରୁଜୁ ହେବା ସହ ଅଭିଯୁକ୍ତ ଜଣକୁ ଗିରଫ ହୋଇଥିଲା। ଯାହାର ଏସଟି କେଶ ୧୩୨/୨୪ ମାମଲା କୋର୍ଟରେ ବିଚରଣା ଚାଲିଥିଲା। ଏପରିକି ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା କାଗଜପତ୍ର ଜବତ କରିଥିଲା ପୁଲିସ। ବୁଧବାର ଛତ୍ରପୁର ସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଏହି ମାମଲାର ବିଚାରଣା କରିଥିଲେ। ଚୋରି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ବଳତ୍କାର ଘଟଣାରେ ପ୍ରମାଣ ମିଳିନଥିଲା। ଏହି ମକଦ୍ଦମାକୁ ସରକାରଙ୍କ ପକ୍ଷରୁ କ୍ୟାଡର ଆଡିସନାଲ ପିପି ନିହାର ରଞ୍ଜନ ଜେନା ଓ ସହଯୋଗୀ ଭାବେ ଗଙ୍ଗାଧର ପଣ୍ଡା ପରିଚାଳନା କରିଥିଲେ।

## ନଦୀକୁ ଗାଧୋଇବାକୁ ଯାଇ ଯୁବକ ମୃତ

ପୋଲସରା,୪।୨(ସମିସ): ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଧନେଇ ନଦୀ ଲେମ୍ବୁଘାଇରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଯୁବକ ଜଣକ ହେଲେ ପୋଲସରା ଥାନା ରାଣୀପଡ଼ା ଗ୍ରାମର ଜୟସେନ ବେହେରା। ସୂଚନା ମୁତାବକ ସେ ବୃତ୍ତିରେ ମାଛ ବ୍ୟବସାୟୀ ଅଟନ୍ତି। ବୁଧବାର ସନ୍ଧ୍ୟାରେ ନିଜ ମାଛ ବେପାର ସାରି ଘରକୁ ଆସି ରାଣୀପଡ଼ାସ୍ଥିତ ଲେମ୍ବୁଘାଇକୁ ଗାଧୋଇବାକୁ ଯାଇଥିବା ଗୋଡ଼ଖସି ପାଣିରେ ବୁଡ଼ିଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତ ଶରୀରକୁ ଉଦ୍ଧାର କରିଥିଲେ।

## ପ୍ରଥମ ସିଏମ୍ ଟ୍ରଫି ଖୋଖୋ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଚୟନ ଶିବିର

ବ୍ରହ୍ମପୁର,୪।୨(ସମିସ): ପ୍ରଥମ ଅନ୍ତଃ ୧୪ବର୍ଷିୟ ସିଏମ୍ କପ ଖୋଖୋ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଚଳିତ ମାସ ୯ତାରିଖରେ ଚୟନ ଶିବିର ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ଖେଳାଳି ନିଜ ଆଧାର କାର୍ଡ ନକଲ(ଜେରକ୍ସ) ଓ ବୟସ ପ୍ରମାଣ ପତ୍ର ସହ ଗିରିସୋଲାସ୍ଥିତ ମଦନ ମୋହନ ନୋଡାଲ ହାଇସ୍କୁଲରେ ନିଜ କୀଟ୍ ସହ ଯୋଗ ଦେବାକୁ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ କୁହାଯାଇଛି। ଶିବିରରେ ଅଂଶଗ୍ରହଣ କରିବାକୁ ଥିବା ଖେଳାଳିଙ୍କ ବୟସ ସୀମା ୧ ଜାନୁଆରୀ ୨୦୧୩ ମସିହା ଠାରୁ ୧ ଜାନୁଆରୀ ୨୦୧୬ମସିହା ମଧ୍ୟରେ ହୋଇଥିବା ଆବଶ୍ୟକ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଇଚ୍ଛୁକ ଖେଳାଳି ଖୋଖୋ ପ୍ରଶିକ୍ଷକ ମଧୁସୂଦନ ବେହେରା, ଆଶିଷ କୁମାର ସାହୁ ଓ ପ୍ରୀତିରଞ୍ଜନ ପ୍ରଧାନଙ୍କ ଯୋଗାଯୋଗ କରିବାକୁ ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ପରାମର୍ଶ ଦେଇଛନ୍ତି।

## ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିଅନ୍‌ସିପ୍ ନିମନ୍ତେ ଖେଳାଳି ଚୟନ

ବ୍ରହ୍ମପୁର,୪।୨(ସମିସ): ଚଳିତ ମାସ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୭୩ତମ ରାଜ୍ୟସ୍ତରୀୟ ସିନିୟର ଉଭୟ ପୁରୁଷ ଓ ମହିଳା ବର୍ଗ କବାଡି ଚାମ୍ପିଆନସିପ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିନିମନ୍ତେ ଆସନ୍ତା ୮ତାରିଖ ଦିନ ବ୍ରହ୍ମପୁରସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଗଞ୍ଜାମ ଜିଲ୍ଲା କବାଡି ଦଳ ଚୟନ ଶିବିର ଆୟୋଜିତ ହେବ। ଆଗ୍ରହୀ ଖେଳାଳି ନିଜ କୀଟ୍ ସହ ଯୋଗ ଦେଇପାରିବେ। ଶିବିରରେ ଅଂଶଗ୍ରହଣ କରିବାକୁ ଥିବା ପୁରୁଷ ଖେଳାଳିଙ୍କ ଓଜନ ୮୫ କି.ଗ୍ରାରୁ କମ ହୋଇଥିବା ଆବଶ୍ୟକ ଥିବାବେଳେ ମହିଳା ଖେଳାଳିଙ୍କ ଓଜନ ୭୫ କି.ଗ୍ରାରୁ କମ ରହିଥିବା ସଂଘ ପକ୍ଷରୁ କୁହାଯାଇଛି। ଉଭୟ ବର୍ଗର ଖେଳାଳି ନିଜର ଆଧାର କାର୍ଡ ନକଲ(ଜେରକ୍ସ) ଓ ୩ଟି ପାସଫଟୋ ସହ ଯୋଗ ଦେବାକୁ କୁହାଯାଇଛି। ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ଉପସଭାପତି କେଦାର ଚୌଧୁରୀ ଓ ଗଞ୍ଜାମ ଜିଲ୍ଲା କବାଡି ସଂଘ ସହ ସମ୍ପାଦକ ସୀତାରାମ ବେବର୍ତ୍ତାଙ୍କୁ ଯୋଗାଯୋଗ କରିବାକୁ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ପରାମର୍ଶ ଦେଇଛନ୍ତି।

# ସଚେତନ ହେଲେ କର୍କଟମୁକ୍ତ ଭାରତ ଗଠନ ସମ୍ଭବ




ବ୍ରହ୍ମପୁର,୪।୨(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ କ୍ରାନ୍ତି ପକ୍ଷରୁ ବୁଧବାର ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ଼. ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଳି ଦାଶ, ଦେବ ପ୍ରସାଦ ଦାଶ, ଡା. ଆଯୋଧାନାଥ ପାଢ଼ୀ, ଡା. ପ୍ରୀୟଜିତ୍ ପାଣିଗ୍ରାହୀ, ଡା. ଶିବଶଙ୍କର ମହାପାତ୍ର, ଡା. ସାଇ ରୁଦ୍ର ପୁହାନ, ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାଶ, ଅନୁଷ୍ଠାନର ଡା. ଅତୁଲ୍ୟ କୁମାର ପଟ୍ଟନାୟକ ଓ ଆଇଏସଆର୍‌ଡିର ନିର୍ଦ୍ଦେଶକ ସୁଧୀର ସାବତ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କୁ କର୍କଟ ରୋଗର ଭୟାବହତା ବିଷୟରେ ସଚେତନତା କରାଇଥିଲେ। ମିଳିମିଶି ସଚେତନ କଲେ, କର୍କଟ ମୁକ୍ତ ଭାରତ ଗଠନ ସମ୍ଭବ ହେବ ବୋଲି ଅତିଥିମାନେ କହିଥିଲେ। ଏ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠନାର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠାନ ପକ୍ଷରୁ ସଚେତନତା ସଭା ଓ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସମସ୍ତେ ମିଳିମିଶି ସଚେତନ କରିବା ଓ ଭାରତକୁ କର୍କଟ ମୁଖରୁ ରକ୍ଷା କରିବା ନିମନ୍ତେ ଉପସ୍ଥିତ ବ୍ୟକ୍ତିଙ୍କୁ ଶପଥ କରାଇ ତମାଖୁ ଛାଡ଼ନ୍ତୁ ଜୀବନ ବାଛନ୍ତୁ ଏହି ମନ୍ତ୍ର ସଂକଳ୍ପ କରାଇଥିଲେ। କାର୍ଯ୍ୟକ୍ରମରେ ସାମନ୍ତରାୟ ଏକାଡେମୀର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ, କ୍ରାନ୍ତି ଅନୁଷ୍ଠାନର ଦେବରାଜ ରାଉତ, ନିର୍ମଳା ଦାଶ, ଅରୁଣ ପଟ୍ଟନାୟକ, ଚର୍ଚ୍ଚିକା ଦାଶ, ଚିନ୍ମୟାନନ୍ଦ ଦାଶ, ବି. ସଂଜୟ ପାତ୍ର, ଲିଙ୍ଗରାଜ ପଟ୍ଟନାୟକ, ପୂର୍ଣ୍ଣ ଚନ୍ଦ୍ର ସାହୁ, ସୁମନ ମିଶ୍ର ଓ ଦିନେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।





## ସଦ୍‌ଗୁରୁ କ୍ୟାନ୍ସର ଓ ରିସର୍ଚ୍ଚ ସେଣ୍ଟରରେ ବିଶ୍ୱ କର୍କଟ ଦିବସ



କଟକ,୪।୨(ସମିସ): କଟକ ଜଗତପୁରସ୍ଥିତ ସଦଗୁରୁ ମେଡିକାଲ୍ ଏବଂ ରିସର୍ଚ୍ଚ ସେଣ୍ଟର ପରିସରରେ ବିଶ୍ୱ କର୍କଟ ଦିବସ 'ୟୁନାଇଟେଡ ବାଇ ୟୁନିକ୍' ବିଷୟବସ୍ତୁ ଆଧାରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ମହାନ୍ତି, ମେଡିକାଲ୍ ଅଧୀକ୍ଷକ ଡ଼. ସମିତା ମହାନ୍ତି ଓ ମୁଖ୍ୟ ଅଙ୍କୋଲୋଜିଷ୍ଟ ଡ଼. ସୌମ୍ୟ ରଞ୍ଜନ ମିଶ୍ର ଓ ପ୍ରସିଦ୍ଧ ଯୋଗଗୁରୁ ଡ଼. ବିଶ୍ୱରଞ୍ଜନ ରଥ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୩୦ ଜଣ କର୍କଟ ଆକ୍ରାନ୍ତମୁକ୍ତ ବ୍ୟକ୍ତି ଯୋଗଦେଇ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରାୟ ୧୫୦ରୁ ଅଧିକ କ୍ୟାନ୍ସର ରୋଗୀଙ୍କୁ ନିଜକୁ କିଭଳି ଏହି ରୋଗରୁ ଆରୋଗ୍ୟ ଲାଭ କରାଇଛନ୍ତି ସେ ସଂକ୍ରାନ୍ତରେ ବୁଝାଇ କହିଥିଲେ। ପରିଚାଳନା ନିର୍ଦ୍ଦେଶକ ଡ଼. ମହାନ୍ତି ଏଥିରେ ଅଧ୍ୟକ୍ଷତା କରି କହିଲେ ଯେ ପ୍ରତ୍ୟେକ କ୍ୟାନ୍ସର ରୋଗୀଙ୍କ ଯାତ୍ରା ଅଲଗା ହେଲେ ମଧ୍ୟ, ସେବା, ଯତ୍ନ ଓ କରୁଣା ମାଧ୍ୟମରେ ସମସ୍ତେ ଐକବଦ୍ଧ ହୋଇ ଏହି ରୋଗକୁ ପରାସ୍ତ କରିପାରିବା। ଏହି ଅବସରରେ ସଦଗୁରୁ କଲେଜ୍ ଅଫ୍ ନର୍ସିଂ ଓ ଆଲାଇଡ୍ ମେଡିକାଲ୍ ସାଇନ୍ସର ଛାତ୍ରଛାତ୍ରୀମାନେ ଅଭିନୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କ୍ୟାନ୍ସର ସଚେତନତା ବାର୍ତ୍ତା ଦେଇଥିଲେ। ହସ୍ପିଟାଲ୍ ପକ୍ଷରୁ ଏକ ମାଗଣା କ୍ୟାନ୍ସର ସ୍କ୍ରିନିଂ ଶିବିରରେ ପ୍ରାୟ ୩୦ଜଣ ମହିଳାଙ୍କ ମ୍ୟାମୋଗ୍ରାଫି ଓ ପାପ୍ ସ୍ମିୟର ପରୀକ୍ଷା ଡାକ୍ତର ଉପାସନା ଦାସ ଓ ଡ. ଶ୍ରୀଲେଖା ମହାପାତ୍ରଙ୍କ ଦ୍ୱାରା କରାଯାଇଥିଲା। ହସ୍ପିଟାଲର ଡେପୁଟି ସୁପରିନ୍‌ଟେଣ୍ଡାଣ୍ଟ ଡ. ଶୀଲ୍ ମହାନ୍ତିଙ୍କ ନେତୃତ୍ୱରେ କ୍ୟାନ୍ସର ସଚେତନତା ଓ ରୋଗୀଙ୍କୁ ପୂର୍ଣ୍ଣ ସହଯୋଗ ପାଇଁ ସାମୂହିକ ଶପଥ ଗ୍ରହଣ କରାଯାଇଥିଲା।

## ବେଆଇନ ଔଷଧ ଦୋକାନରେ ଚଢ଼ଉ

କଟକ,୪।୨(ସମିସ): କଟକ ଜିଲ୍ଲା ଚୌଦ୍ୱାର ଅଞ୍ଚଳରେ ଥିବା ଏକ ଔଷଧ ଦୋକାନ ଉପରେ ବୁଧବାର ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଉକ୍ତ ଦୋକାନରେ କିଛି ନିର୍ଦ୍ଦିଷ୍ଟ ଔଷଧ ଆବଶ୍ୟକତାଠାରୁ ଅଧିକ ପରିମାଣରେ ଗଚ୍ଛିତ ଥିବା ଖବର ପାଇ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଦୋକାନଟି ଡ୍ରଗ୍ସ କଣ୍ଟ୍ରୋଲରଙ୍କ ବିନା ଅନୁମତିରେ ଚାଲୁଥିଲା। ପ୍ରାୟ ୨ ଲକ୍ଷ ୫୮ ହଜାର ଟଙ୍କା ମୂଲ୍ୟର ୪୬ ପ୍ରକାର ଔଷଧ ସମେତ ବିଭିନ୍ନ କିଣାବିକା କାଗଜପତ୍ର ଜବତ କରାଯାଇଛି। ଅତିରିକ୍ତ ଡ୍ରଗ୍ସ କଣ୍ଟ୍ରୋଲର ତୁଷାର ରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଡ୍ରଗ୍ ଇନ୍ସପେକ୍ଟର ଶର୍ମିଳା ସାହୁ, ଡକ୍ଟର ସତୀଶ କହଁର ଏବଂ ବିନାୟକ ଦଳବେହେରା ସ୍ଥାନୀୟ ପୁଲିସ ସହାୟତାରେ ଏହି ଚଢ଼ଉ କରିଥିଲେ। ଦୋକାନଟି ନିୟମ ଉଲ୍ଲଂଘନ କରି ଚାଲୁଥିବାରୁ ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




କଟକ,୪।୨(ସମିସ): ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ୮୨ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷା ଡକ୍ଟର ଦୀପା ନାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ରେଭରେଣ୍ଡ ପରିତୋଷ ରାଉତଙ୍କ ଦ୍ୱାରା ପ୍ରାରମ୍ଭିକ ପ୍ରାର୍ଥନା ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ଗୀତ ଗାନ କରଯାଇଥିଲା। ଅଧ୍ୟକ୍ଷା ଡକ୍ଟର ନାଗ ଚଳିତ ବାର୍ଷିକ ବିବରଣୀ ପାଠ କରିବା ସହ ଅବସରପ୍ରାପ୍ତ ମୁଖ୍ୟ ବନ ସଂରକ୍ଷକ ଅଧିକାରୀ ଅଜିତ ଭର୍ଥୁଆର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସଭାପତି ବିସପ ରାଇଟ ରେଭରେଣ୍ଡ ସୁରେନ୍ଦ୍ର ନନ୍ଦ ଓ ପରିଚାଳନା କମିଟିର ସମ୍ପାଦକ ସମରେନ୍ଦ୍ର ପ୍ରାମାଣିକ ମହାବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ପାରଦର୍ଶିତା ଲାଭ କରିଥିବା ତଥା ବିଭିନ୍ନ ବିଭାଗର ସଫଳ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଡ଼୍ ମୁନିରା ସଲିମ୍ ସ୍ୱାଗତ ଭାଷଣ, ଡ. ରିଶିକାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ସୋନାଲି ଦତ୍ତ ଧନ୍ୟବାଦ ଦେଇଥିଲେ।

# ତାଳଦଣ୍ଡା କେନାଲ ରାସ୍ତା ଆଲୋକୀକରଣ ଅଧପନ୍ତରିଆ

କଟକ,୪।୨(ସମିସ):

ଯୋବ୍ରାରୁ ନୂଆବଜାର ପର୍ଯ୍ୟନ୍ତ ତାଳଦଣ୍ଡା କେନାଲର ଉଭୟ ପାଶ୍ୱର୍ ଏବଂ ନୂଆବଜାରରୁ ବିରିବାଟୀ ପର୍ଯ୍ୟନ୍ତ କେବଳ ଦକ୍ଷିଣ ପାଶ୍ୱର୍ ରାସ୍ତା ପ୍ରଶସ୍ତୀକରଣ ପୂର୍ବକ ନୂତନ ଭାବେ ନିର୍ମାଣ କରାଯାଇଛି। ହେଲେ ଏହି

**କେବଳ ସିଏମ୍‌ସି ଅଞ୍ଚଳ ପାଇଁ କାମ ଆରମ୍ଭ, ବାକି ରାସ୍ତା ଅନ୍ଧାର**

ରାସ୍ତାରେ ଆଲୋକୀକରଣ କାର୍ଯ୍ୟ ଏବେ ବି ଅଧପନ୍ତରିଆ ଅବସ୍ଥାରେ ରହିଛି। ଯୋବ୍ରାଠାରୁ ମାତୃଭବନ ପର୍ଯ୍ୟନ୍ତ ରାସ୍ତାରେ ଷ୍ଟ୍ରିଟଲାଇଟ ଲଗାଯାଇଥିବା ବେଳେ ମାତୃଭବନରୁ ନୂଆବଜାର ପର୍ଯ୍ୟନ୍ତ ଗୋଟିଏ ପାଶ୍ୱର୍ ରାସ୍ତାରେ ଏହା କାର୍ଯ୍ୟକ୍ଷମ ହୋଇଛି। ହେଲେ ବାକି ରାସ୍ତା ଏବେ ବି ଅନ୍ଧାରରେ ରହିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନୂଆବଜାରରୁ ମତ୍ତଗଜପୁର ପର୍ଯ୍ୟନ୍ତ ରାସ୍ତାର ଆଲୋକୀକରଣ ପାଇଁ ମାସାଧିକ କାଳ ଧରି ଖୁଣ୍ଟ ପୋତାଯାଇ ଲାଇଟ ଲଗା କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ଏଥିରେ ବିଦ୍ୟୁତ ସଂଯୋଗ କରାଯାଇ ନଥିବାରୁ ରାସ୍ତା ଅନ୍ଧକାରମୟ ହୋଇ ରହିଛି। ମତ୍ତଗଜପୁରରୁ ବିରିବାଟୀ ପର୍ଯ୍ୟନ୍ତ ରାସ୍ତା ପାଶ୍ୱର୍ରେ ଷ୍ଟ୍ରିଟଲାଇଟ ଲଗାଇବା ପାଇଁ ଅଦ୍ୟାବଧି ଆର୍ଥିକ ଅନୁଦାନ ମଞ୍ଜୁର ହୋଇପାରିନାହିଁ। ଫଳରେ ଗୋଟିଏ ପ୍ରକଳ୍ପ ଅଧୀନରେ ନିର୍ମାଣ କରାଯାଇଥିବା ରାସ୍ତାର ଅର୍ଦ୍ଧେକ ଅଂଶ ଆଲେକିତ ହେବାକୁ ଯାଉଥିବା ବେଳେ ବାକି ଅନ୍ଧାର ରହିବା ସ୍ପଷ୍ଟ ହୋଇଛି। ତାଳଦଣ୍ଡା କେନାଲ ରାସ୍ତା ଆଲୋକୀକରଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ କେବଳ ସିଏମସି ଅଧୀନରେ ଯାଉଥିବା ନୂଆବଜାରରୁ ମତ୍ତଗଜପୁର ରାସ୍ତା ପାଇଁ ୧.୪୮କୋଟି ଟଙ୍କା ସିଏମସି ନିକଟରେ ଜମା କରାଯାଇ କାର୍ଯ୍ୟ ଚାଲୁ ରହିଛି। ମତ୍ତଗଜପୁରରୁ ବିରିବାଟୀ ପର୍ଯ୍ୟନ୍ତ ରାସ୍ତା କଟକ ସଦର ବ୍ଲକ ଅନ୍ତର୍ଗତ ହୋଇଥିବା ବେଳେ ଏଥିପାଇଁ କୌଣସି ଅର୍ଥ ମଞ୍ଜୁର ହୋଇପାରିନଥିବା ଜଣାପଡିଛି। ପ୍ରାୟ ୨କୋଟି ୮୨ଲକ୍ଷ ଟଙ୍କା ବ୍ୟୟ ଅଟକଳ ନୂଆବଜାରରୁ ବିରିବାଟୀ ପର୍ଯ୍ୟନ୍ତ ତାଳଦଣ୍ଡା ରାସ୍ତା ଆଲୋକୀକରଣ କାର୍ଯ୍ୟ ପାଇଁ କରାଯାଇଥିବା ନେଇ ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ହାଇକୋର୍ଟଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ପରବର୍ତ୍ତୀ ସମୟରେ କେବଳ ସିଏମସି ଅନ୍ତର୍ଗତ ରାସ୍ତା ପାଇଁ ଟେଣ୍ଡର କରି କାମ ଆରମ୍ଭ ହୋଇଯାଇଥିବା ବେଳେ ବାକି ରାସ୍ତା ପାଇଁ କେବେ ଅର୍ଥ ବରାଦ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଳଦଣ୍ଡା କେନାଲ ରାସ୍ତା ଅନ୍ଧକାରମୟ ହୋଇଥିବା ତଥା ଏଥିପାଇଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ହାଇକୋର୍ଟ ମଧ୍ୟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ପରେ ସରକାର ଏଥିପାଇଁ ତତ୍ପରତା ପ୍ରକାଶ କରିଥିଲେ। ମିଳିଥିବା ସୂଚନାନୁସାରେ ୧୬ନମ୍ବର ଜାତୀୟ ରାଜପଥ ଜଙ୍କସନ ତଥା ମାତୃଭବନ ନିକଟରୁ ନୂଆବଜାର ପର୍ଯ୍ୟନ୍ତ କେନାଲର ଉଭୟ ପାଶ୍ୱର୍ ଏବଂ ନୂଆବଜାର ଠାରୁ ମତ୍ତଗଜପୁର ପର୍ଯ୍ୟନ୍ତ କେନାଲର କେବଳ ଦକ୍ଷିଣ ପାଶ୍ୱର୍ ରାସ୍ତା ଆଲୋକୀକରଣ କରାଯାଇଛି। ଗତ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଆଲୋକୀକରଣ କାମ ସମ୍ପୂର୍ଣ୍ଣ କରିବାକୁ ପ୍ରଥମେ ଲକ୍ଷ୍ୟ ରଖାଯାଇଥିଲା। ହେଲେ ଏହି ସମୟ ଅତିକ୍ରାନ୍ତ ପରେ ୨୦୨୫ଡିସେମ୍ବର ୩୧ ସୁଦ୍ଧା ସରିବ ବୋଲି କୁହାଯାଇଥିଲା। ହେଲେ ୨୦୨୬ ଫେବୃଆରୀ ସରିବାକୁ ବସିଲାଣି କିନ୍ତୁ ଏବେ ସୁଦ୍ଧା କାମ ଶେଷ ହୋଇପାରିନାହିଁ।

## ଜିଲ୍ଲା ବିଜେଡି ପକ୍ଷରୁ ମଧୁ ବାବୁଙ୍କ ତିରୋଧାନ ଦିବସ



କଟକ,୪।୨(ସମିସ): କଟକ ଜିଲ୍ଲା ବିଜୁ ଜନତା ଦଳ ଦୋଳମୁଣ୍ଡାଇସ୍ଥିତ କାର୍ଯ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୨ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷତା କରି ଶ୍ରୀ ସିଂହ ମଧୁ ବାବୁଙ୍କ ସ୍ମୃତିଚାରଣ କରିବା ସହିତ ମଧୁ ବାବୁ ଓଡ଼ିଶାର ସ୍ୱାଭିମାନ ଓ ଚେତନାର ପ୍ରତିକ ଅଟନ୍ତି ବୋଲି କହିଥିଲେ। ସଭାରେ ବିଜେଡି ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରକାଶ ସିଂହ, ପ୍ରଫୁଲ୍ଲ ବେହେରା, ତାପସ ମହାନ୍ତି, ସୟଦ ଏକ୍ରାମ ହୁସେନ, ରାଜେନ୍ଦ୍ର ରଣା, ଦେବେନ୍ଦ୍ର ପାଣିଗ୍ରାହୀ, ପ୍ରଦୀପ ସିଂହ, ବିଜୟ ଓଝା, ଦେବେନ୍ଦ୍ର କାହାଳୀ, ତନ୍ମୟା ରାୟ, ନୀଳମାଧବ ଖୁଣ୍ଟିଆ, ସୌମିତ ମିତ୍ର, ପବିତ୍ର ଭୂୟାଁ, ଜନସନ ମହାପାତ୍ର, ବିଷ୍ଣୁ ସାହୁ, ଚନ୍ଦନ ବିଶ୍ୱାଳ, ସେକ ରିୟାଜୁଲା, ଶିମନ୍ତିନି ଶତପଥି, ଯୁଧିଷ୍ଠିର ବିଶ୍ୱାଳ, ଶୈଳେନ୍ଦ୍ର ପରିଡା, ସୁକାନ୍ତ ସାହୁ, ପ୍ରତାପ ନାୟକ, ସଜାଦ ହୁସେନ, କାଳନ୍ଦୀ ଚରଣ ମଲ୍ଲିକ, ରାକେଶ ଦାସ ପ୍ରମୁଖ ତାଙ୍କ ପବିତ୍ର ସ୍ମୃତିଚାରଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଚୋରି ମୋବାଇଲ ଫେରିପାଇଲେ ମାଲିକ

କଟକ,୪।୨(ସମିସ): ବିଭିନ୍ନ ସମୟରେ ଲୁଟ୍ ଓ ଚୋରି ହୋଇଥିବା ମୋବାଇଲ ମଧ୍ୟରୁ ୧୧ରୁ ଅଧିକ ମୋବାଇଲକୁ ଜବତ କରିବାରେ ପୁରୀଘାଟ ଥାନା ପୁଲିସ ସଫଳତା ହାସଲ କରିଛି। ବୁଧବାର ପ୍ରାଥମିକ ପର୍ଯ୍ୟାୟରେ ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ପୁଲିସ ୬ଟି ମୋବାଇଲକୁ ସେମାନଙ୍କର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ଗତ ୫ ମାସ ମଧ୍ୟରେ ପୂଜା ଓ ଭସାଣ ସମୟରେ କେବଳ ଦେବୀଗଡ଼ା ଅଞ୍ଚଳରୁ ୩୨ରୁ ଅଧିକ ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୁଲିସ ପୂର୍ବରୁ ୩ ଜଣଙ୍କୁ ଗିରଫ କରି ୯ ଟି ମୋବାଇଲ ଜବତ କରିଥିଲା। ନିକଟରେ ପୁଲିସ ପୁଣି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୧ଟି ମୋବାଇଲ ଜବତ କରିଥିଲେ। ସେଥିମଧ୍ୟରୁ ୬ ଜଣ ଉପଭୋକ୍ତାଙ୍କୁ ସେମାନଙ୍କ ମୋବାଇଲ ଫେରସ୍ତ କରାଯାଇଥିବା ନେଇ ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି।

## ଚୋର ଗିରଫ; ଗାଡ଼ି ଜବତ

କଟକ,୪।୨(ସମିସ): ସ୍କୁଟି ଚୋରି ଅଭିଯୋଗରେ ପୁରୀଘାଟ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ତା' ନିକଟରୁ ଚୋରା ଗାଡ଼ି ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ମର୍କତନଗର ସେକ୍ଟର-୭ ଅଞ୍ଚଳର ନିରଞ୍ଜନ ଓରଫ ଟୁନା ଦାସ। ବଜ୍ରକବାଟୀ ରୋଡ୍‌ର ବ୍ୟବସାୟୀ ବିଜୟ ସାହୁ ମଙ୍ଗଳବାର ଦିନ ନିଜ ଦୋକାନ ସମ୍ମୁଖରେ ସ୍କୁଟି ରଖିଥିବା ବେଳେ ତାହା ଚୋରି ହୋଇଯାଇଥିଲା। ଏନେଇ ଥାନାରେ ଏତଲା ଦେବା ପରେ ପୁଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରି କାଠଯୋଡ଼ି ବିହାର ବସ୍ତିରେ ଚଢ଼ଉ କରିଥିଲା। ପୁଲିସ ସୂଚନା ମୁତାବକ, ଅଭିଯୁକ୍ତ ଟୁନା ଜଣେ ଅଭ୍ୟାସଗତ ଚୋର ଏବଂ ଗତ କିଛି ମାସ ମଧ୍ୟରେ ସେ ପ୍ରାୟ ୪ଟି ଗାଡ଼ି ଚୋରି କରିସାରିଲାଣି। ପୂର୍ବରୁ ସେ ଗିରଫ ହୋଇ ଜେଲ୍ ଯାଇଥିଲେ ହେଁ ଫେରିବା ପରେ ପୁଣି ଏଭଳି ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଥିବା ଥାନାଅଧିକାରୀ ବିଶ୍ୱରଞ୍ଜନ ନାୟକ ପ୍ରକାଶ କରିଛନ୍ତି।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପାଲା ମହୋତ୍ସବ ଉଦ୍‌ଘାଟିତ

କଟକ,୪।୨(ସମିସ): ପାଲା ହେଉଛି ଉତ୍କଳୀୟ କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଏକ ବଳିଷ୍ଠ ବାହକ। ଏହା ସାରସ୍ୱତ, ସାଂସ୍କୃତିକ, ଧାର୍ମିକ ଓ ବିବିଧ କଳା ମିଶ୍ରିତ ଏକ ଚିତ୍ତାକର୍ଷକ ଦୃଶ୍ୟକାବ୍ୟ। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ପାଲା ମହୋତ୍ସବର ଉଦଘାଟନୀ ଉତ୍ସବରେ ଅତିଥିମାନେ ଏଭଳି କହିଛନ୍ତି। ଅନୁଷ୍ଠାନର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବକୁ ଓଡିଶା ମାନବାଧିକାର ଆୟୋଗ ସଦସ୍ୟ



ଅସୀମ ଅମିତାଭ ଦାସ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବିରଞ୍ଜନ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସହାୟତା କରୁଥିବା ବିଶିଷ୍ଟ ଗାୟକ ସୁରେନ୍ଦ୍ର ନାଥ ଛୋଟରାୟ ପାଲାର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଗାୟକ ଶିବଶଙ୍କର ମହାରଣାଙ୍କୁ "ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହିତ ତାଙ୍କ ସାଥୀମାନଙ୍କୁ ମଧ୍ୟ ପ୍ରମାଣପତ୍ର ପ୍ରଦାନ-ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ମହାରଣା ଓ ସାଥୀମାନେ "ଶ୍ରୀରାମଙ୍କ ମିଥିଳା ଗମନ' ବିଷୟରେ ପାଲା ପରିବେଷଣ କରିଥିଲେ। ମୃଦଙ୍ଗ ବାଦକ ଶିବ ଲାଭ ବେହେରାଙ୍କ ସମେତ ସଂଗୀତ ଶିଳ୍ପୀ ବଳଭଦ୍ର ବେହେରା, ଶରତଚନ୍ଦ୍ର ଦାଶ, କାଶୀନାଥ ବେହେରା ଓ ରବି ନାରାୟଣ ଜେନା ପାଲା ପରିବେଷଣକୁ ବେଶ୍ ମାଧୁର୍ଯ୍ୟପୂର୍ଣ୍ଣ କରିଥିଲେ। ସାଧାରଣ ସଂପାଦକ ରାଜୀବ ଷଡଙ୍ଗୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ଅବତାରଣା କରିଥିଲେ। କାର୍ଯ୍ୟନିର୍ବାହିକା ସମିତି ସଭ୍ୟା ଡକ୍ଟର ବୈଜୟନ୍ତୀମାଳା ଶତପଥୀ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲାବେଳେ ଗୀତାଞ୍ଜଳି ପୃଷ୍ଟି ମାନପତ୍ର ପାଠ କରିଥିଲେ। ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି ଓ କୋଷାଧ୍ୟକ୍ଷ ଦିଲ୍ଲୀପ ଦାସଙ୍କ ସମେତ କାର୍ଯ୍ୟନିର୍ବାହିକା ସମିତି ସଭ୍ୟା ମୀରା ବେଉରା ମହୋତ୍ସବ କାର୍ଯ୍ୟରେ ସହଯୋଗ କରିଥିଲେ। ଏଥିରେ ଶତାଧିକ ପାଲାପ୍ରେମୀ ଯୋଗ ଦେଇଥିଲେ।

**ବିଶ୍ୱବିଦ୍ୟାଳୟ ଦାବିରେ ଶୈଳବାଳା ଛାତ୍ରୀଙ୍କ ମଶାଲ ଶୋଭାଯାତ୍ରା**

# ଛାତ୍ରୀଙ୍କ ସହ ଧାରଣାରେ ବସିଲେ ମେୟର, ଜିଲ୍ଲାପାଳଙ୍କୁ ଘେରିଲେ

କଟକ,୪।୨(ସମିସ):




ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଆଜିକୁ ୧୩ ଦିନରେ ପହଞ୍ଚିଛି ଶୈଳବାଳା ଛାତ୍ରୀଙ୍କ ଧାରଣା। ଏହି ଆନ୍ଦୋଳନରେ ନିଜକୁ ସାମିଲ କରିଛି ମଧୁସ୍ମୃତି ସୁରକ୍ଷା ମଞ୍ଚ। ଆଜି ମଧୁବାବୁଙ୍କ ଶ୍ରାଦ୍ଧ ଦିବସରେ ମଧୁସ୍ମୃତି ସୁରକ୍ଷା ମଞ୍ଚ ଓ ଶୈଳବାଳା ଛାତ୍ରୀଙ୍କ ମିଳିତ ଉଦ୍ୟମରେ ଏକ ମଶାଲ୍ ଶୋଭାଯାତ୍ରା କଲେଜ ପରିସରରୁ ଆରମ୍ଭ ହୋଇ ତୁଳସୀପୁରସ୍ଥିତ ମଧୁବାବୁଙ୍କ ସମାଧିପୀଠକୁ ଯାଇଥିଲା। ଏହି ରାଲିକୁ ମଞ୍ଚର ସଭାପତି ଡ. ନଟବର ଶତପଥୀ ଓ ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ପ୍ରଫେସର ଗୋପା ଦାସ ମଶାଲରେ ଅଗ୍ନି ସଂଯୋଗ କରି ଉଦ୍‌ଘାଟନ କରିଥିଲେ। ମଧୁବାବୁଙ୍କ ତିରୋଧାନ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ମଧୁବାବୁଙ୍କ ସମାଧି ପୀଠକୁ ଯାଇଥିବା ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ କଟକ ମେୟର ସୁବାସ ସିଂହଙ୍କୁ ଛାତ୍ରୀ ମାନେ ଘେରିଥିଲେ। ଶେଷରେ ଦାବିକୁ ସମର୍ଥନ ଜଣାଇ ଛାତ୍ରୀମାନଙ୍କ ସହ ଧାରଣାରେ ବସିଥିଲେ ମେୟର ସୁବାସ ସିଂହ। ଖୁବ ଶୀଘ୍ର ଛାତ୍ରୀଙ୍କ ପ୍ରତିନିଧି ମଣ୍ଡଳୀଙ୍କୁ ଆଲୋଚନା ପାଇଁ ବିରୋଧୀ ଦଳ ନେତା ନବୀନ ବାବୁଙ୍କ ସହ ସାକ୍ଷାତ କରାଇବାକୁ ବ୍ୟବସ୍ଥା କରିବେ ବୋଲି ମେୟର୍ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମଂଚ ପକ୍ଷରୁ ଶୈଳବାଳାର ସ୍ୱାଭିମାନ ପାଇଁ ଲଢୁଥିବା ସଂଗ୍ରାମୀ ଛାତ୍ରୀଙ୍କୁ 'ବୀରାଙ୍ଗନା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସରକାର ଛାତ୍ରୀଙ୍କ ନ୍ୟାର୍ଯ୍ୟ ଦାବିକୁ ନମାନିଲେ ଆଗାମୀ ଦିନରେ ସହରର ଗଳି କନ୍ଦିରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ମଂଚର ସଂପାଦକ ସନ୍ତୋଷ ମହାରଣା କହିଛନ୍ତି। ରାଲିରେ ଶତାଧିକ ଛାତ୍ରୀ ପ୍ଲାକାର୍ଡ ଧରି ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ଦାବି କରିଥିଲେ। ମଧୁବାବୁଙ୍କ ସମାଧିପୀଠରେ ରାଲିକୁ ଜାଗୃତ ଓଡ଼ିଶା ଲୟର୍ସ ଫୋରମ୍‌ର ଆବାହକ ଅଧିବକ୍ତା ଜଗନ୍ନାଥ ମହାନ୍ତି ସ୍ୱାଗତ କରିଥିଲେ। ପରେ ଛାତ୍ରୀମାନେ ମଂଚର ୧୧୮୭ ଦିନ ନିତ୍ୟ ପୂଜ୍ୟପୂଜାରେ ଅଂଶ ଗ୍ରହଣ କରିବା ସହ ସମାଧିପୀଠରେ ପ୍ରାୟ ଦୁଇ ଘଣ୍ଟା ଧରି ଧାରଣା ଦେଇଥିଲେ। ଛାତ୍ରୀମାନେ ସେମାନଙ୍କ ବିଶ୍ୱବିଦ୍ୟାଳୟ ଦାବି ସଂପର୍କରେ ଉପସ୍ଥିତ ବୁଦ୍ଧିଜୀବୀଙ୍କୁ ସଚେତନ କରାଇବା ସହ ସେମାନଙ୍କ ସହଯୋଗ କାମନା କରିଥିଲେ। ଆଜିର ଆନ୍ଦୋଳନରେ ମଂଚ ପକ୍ଷରୁ ଡ, ପ୍ରଭାସ ଆଚାର୍ଯ୍ୟ, ଦେବୀରଞ୍ଜନ ସେଠୀ, ପ୍ରଦେଶ କୁମାରୀ ମହାରଣା, ବିଜୟିନୀ ମିଶ୍ର, ଜ୍ଞାନ ନନ୍ଦ, ଗୀତି ରଞ୍ଜନ ତ୍ରିପାଠୀ, କବିନ୍ଦ୍ର ବେହେରା, ଅକ୍ଷୟ ଆଚାର୍ଯ୍ୟ, ଅବିନାସ ନାୟକ, ପ୍ରଭାତୀ ସେଠୀ ଛାତ୍ରୀ ପଦ୍ମଜା ପ୍ରିୟଦର୍ଶିନୀ ନାୟକ, ସୁଚିତ୍ରା ସେଠୀ, ଅର୍ଚ୍ଚନା ସ୍ୱାଇଁ, ଅହଲ୍ୟା ସଏ, ଇଶା ପ୍ରିୟଦର୍ଶିନୀ, ଓମପ୍ରିୟା ପ୍ରଧାନ, ଅନୁଶ୍ରୀ ଅନନ୍ୟା, ସିମରାନ ଶର୍ମା, ଶୁଭସ୍ମିତା ମହାନ୍ତି, ଅଲିଭା ମହାନ୍ତି, ଉଷାରାଣୀ ଦାସ, ସ୍ମୃତିପ୍ରଜ୍ଞା ବେଉରା ପ୍ରମୁଖ ବହୁ ଛାତ୍ରୀ ଯୋଗ ଦେଇଥିଲେ।

## ବାର୍ ଆସୋସିଏସନ କଲ୍ୟାଣ ପାଣ୍ଠି ହେର୍‌ଫେର ନେଇ ଏତଲା

କଟକ,୪।୨(ସମିସ): କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏସନ, କଟକ ବାର ଆସୋସିଏସନ, ଏମଭି ଲୟର ଆସୋସିଏସନ ଓ ବୋର୍ଡ ଅଫ ରେଭିନ୍ୟୁ ବାର ଆସୋସିଏସନ ସଦସ୍ୟଙ୍କ କଲ୍ୟାଣ ପାଣ୍ଠିରୁ ବଡ଼ ଧରଣର ଆର୍ଥିକ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଆସୋସିଏସନର ଜଣେ କାର୍ଯ୍ୟାଳୟ ସହାୟିକା ଜାଲିଆତି କରି ପ୍ରାୟ ୩୧ରୁ ୪୦ ଲକ୍ଷ ଟଙ୍କା ହରିଲୁଟ୍ କରିଥିବା ନେଇ ଆଜି ଲାଲବାଗ ଥାନାରେ ଏକ ଏତଲା ଦାୟର କରାଯାଇଛି। କଟକ କ୍ରିମିନାଲ କୋର୍ଟ ବାର ଆସୋସିଏସନର ସହାୟିକା ସ୍ୱର୍ଣ୍ଣପ୍ରଭା ବେହେରା ନିଜର ବ୍ୟକ୍ତିଗତ ଫାଇଦା ପାଇଁ ଯୋଜନାବଦ୍ଧ ଭାବେ ଗୁରୁତ୍ୱପୂର୍ଣ୍ଣ ରେକର୍ଡପତ୍ର ନଷ୍ଟ କରିବା ସହ ବ୍ୟାଙ୍କ ପାସ୍‌ବୁକ୍ ଏବଂ ଡିପୋଜିଟ୍ ସ୍ଲିପ୍‌ରେ ତଥ୍ୟ ବଦଳାଇ ବିପୁଳ ଅର୍ଥ ହରିଲୁଟ୍ କରିଥିବା ଅଭିଯୋଗ ହୋଇଛି। କ୍ରିମିନାଲ କୋର୍ଟ ବାର ଆସୋସିଏସନର ସମ୍ପାଦକ ପୁନୀଲ ସ୍ୱାଇଁଙ୍କ ତରଫରୁ ଏହି ଏତଲା ପ୍ରଦାନ କରାଯାଇଛି। ପ୍ରକାଶଥାଉକି ୨୦୧୬ ମସିହାରେ କଟକର ଚାରୋଟି ପ୍ରମୁଖ ବାର୍ ଆସୋସିଏସନ୍ ଯଥା କଟକ ବାର୍, କ୍ରିମିନାଲ କୋର୍ଟ ବାର୍, ଏମ୍. ଭି ଲୟର୍ସ ଆସୋସିଏସନ୍ ଏବଂ ବୋର୍ଡ ଅଫ୍ ରେଭେନ୍ୟୁ ବାର୍ ମିଳିତ ଭାବେ ସେମାନଙ୍କ ସଦସ୍ୟଙ୍କ ପାଇଁ କଲ୍ୟାଣପାଣ୍ଠି ଯୋଜନା ଆରମ୍ଭ କରିଥିଲେ। ଏହି ପାଣ୍ଠିରେ ଆର୍ଥିକ ଅନିୟମିତତା ସନ୍ଦେହ କରି ଗତ ୨୦୨୫ ଅଗଷ୍ଟ ୮ରେ ଏକ ଯୁଗ୍ମ ତଦନ୍ତ କମିଟି ଗଠନ କରାଯାଇଥିଲା। କମିଟିର ରିପୋର୍ଟ ଅନୁସାରେ, ଅଗଷ୍ଟ ୨୦୨୧ ରୁ ଜୁଲାଇ ୨୦୨୫ ମଧ୍ୟରେ ପ୍ରାୟ ୩୧ ଲକ୍ଷରୁ ୪୦ ଲକ୍ଷ ଟଙ୍କା ମଧ୍ୟରେ ହେରଫେର କରାଯାଇଛି ବୋଲି ଜଣାପଡିଥିଲା। ଆଜି କ୍ରିମିନାଲ କୋର୍ଟ ବାର୍ ଆସୋସିଏସନର ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟିର ନିଷ୍ପତ୍ତି କ୍ରମେ ସମ୍ପାଦକ ପୁନିଲ କୁମାର ସ୍ୱାଇଁ ଲାଲବାଗ ଥାନା ଆଇଆଇସିଙ୍କୁ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି। ପୁଲିସ ଏହି ଘଟଣାକୁ ଗୁରୁତର ସହ ନେଇ ତୁରନ୍ତ ତଦନ୍ତ କରିବାକୁ ବାର୍ ଆସୋସିଏସନ୍ ପକ୍ଷରୁ ଦାବି କରାଯାଇଛି।

## ଡ୍ରିମ୍‌ସ ନର୍ସିଂ ସ୍କୁଲରେ ବିଶ୍ୱ କର୍କଟ ଦିବସ




କଟକ,୪।୨(ସମିସ): ଡ୍ରିମ୍‌ସ ନର୍ସିଂ ସ୍କୁଲର ସର୍ଜିକାଲ ନର୍ସିଂ ବିଭାଗ ଆନୁକୂଲ୍ୟରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷାନୁଷ୍ଠାନ ନିକଟରୁ ସଚେତନତା ପଦଯାତ୍ରା କ୍ୟାମ୍ପସ ପରିକ୍ରମା କରିଥିଲା। ପଦ୍ମିନୀ କେୟାର ହସ୍ପିଟାଲ ପରିସରରେ ଚଳିତ ବର୍ଷର ପ୍ରସଙ୍ଗ 'ୟୁନାଇଟେଡ୍ ବାଏ ୟୁନିକ୍' ଉପରେ ବିଏସ୍‌ସି ନର୍ସିଂ ୪ର୍ଥ ସେମିଷ୍ଟର ଛାତ୍ରଛାତ୍ରୀ ନାଟକ ପରିବେଷଣ କରିଥିଲେ। 'ଡିନ୍' ଡ. ପ୍ରଥିମା ପ୍ରକାଶମ୍ ପୋ÷ରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ବୃଦ୍ଧି ପାଉଥିବା କର୍କଟ ରୋଗ ସଂପର୍କରେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ପଦ୍ମିନୀ କେୟାରର ପରିଚାଳନା ନିର୍ଦ୍ଦେଶିକା ନୀଳଞ୍ଜନା ମୁଖାର୍ଜୀ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ସହକାରୀ 'ଡିନ୍' ଏନ ପ୍ରେମଲତା ଦେବୀ ଏବଂ ଶିକ୍ଷାନୁଷ୍ଠାନର ଅଧାପକ, ଅଧାପିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଭୁବନେଶ୍ୱର ସିଟି

**ଆଜାଦ୍ ନଗର ବୋମା ବିସ୍ଫୋରଣ ମାମଲା**

## ଚିକିତ୍ସାଧୀନ ମୁଖ୍ୟ ଅଭିଯୁକ୍ତ ସେହେନୱାଜ୍ ମୃତ

ଭୁବନେଶ୍ୱର, ୪।୨(ସମିସ):

ଅଜାଦ୍ ନଗର ବୋମା ବିସ୍ଫୋରଣ ମାମଲାରେ ନୂଆ ମୋଡ଼ ଆସିଛି। ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ସେହେନୱାଜ୍ ମଲ୍ଲିକ୍‌ର ଚିକିତ୍ସାଧୀନ ଅବସ୍ଥାରେ ମୃତ ହୋଇଛି। ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଥିଲା ବେଳେ ତାର ଶବ ବ୍ୟବଚ୍ଛେଦ କରାଯିବ। ତେବେ ତାର ମୃତ୍ୟୁକୁ ନେଇ ଅନେକ ଚର୍ଚ୍ଚା ଜୋର୍ ଧରିଛି। ସେହେନୱାଜ ମରିବା ପରେ କଣ ତାର କ୍ରାଇମ୍ ସିଣ୍ଡିକେଟ୍ ସାମ୍ନାକୁ ଆସିବ ନାଆ ସେ ମରିଗଲା ବୋଲି ଅନ୍ୟ କ୍ରାଇମର୍‌ମାନେ ତ୍ରାହି ପାଇଗଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ବୋମା କେଉଁଥି ପାଇଁ ପ୍ରସ୍ତୁତ ହୋଇଥିଲା। ଆଉ କେଉଁଠି ପଡ଼ିବ ବୋଲି ପୁଲିସ ଏସମ୍ପର୍କରେ ମୁହଁ ଖୋଲୁ ନଥିଲା ବେଳେ ଏହାର ତଦନ୍ତ କେତେ ଆଗକୁ ବଢିବ ବୋଲି ପ୍ରଶ୍ନ ଉଠିଛି।

ସେହେନୱାଜ୍ ରାଜଧାନୀ କ୍ରାଇମ୍‌ର ଅନ୍ୟତମ ଖଳନାୟକ ଭାବେ ବେଶ୍ ଜଣାଶୁଣା। ତାଙ୍କ ବିରୋଧରେ ବୋମାମାଡ ଠାରୁ ଆରମ୍ଭ କରି ହତ୍ୟା ଉଦ୍ୟମ କର୍ପୋରେଟରଙ୍କୁ ଖଣ୍ଡାରେ ହାଣିବା ଭଳି ଏକାଧିକ ମାମଲା ରହିଛି। ଏମାନେ ରାଜଧାନୀରେ ଏକ କ୍ରାଇମ୍ ଗ୍ୟାଙ୍ଗ୍ ଗଠନ କରିଥିଲେ। ଉକ୍ତ ଗ୍ୟାଙ୍ଗ୍‌ରେ ୧୦ରୁ ଊର୍ଦ୍ଧ୍ୱ କ୍ରିମିନାଲ ରହିଛନ୍ତି। ନିଶା କାରବାର ଠାରୁ ଆରମ୍ଭ କରି ଜମି ଜବରଦଖଲ, ଟଙ୍କା ନେଇ ଆକ୍ରମଣ, ଗୋରୁ ଚାଲାଣ ପ୍ରାୟ ସମସ୍ତ କ୍ରାଇମ୍‌ରେ ଏହି ଗ୍ୟାଙ୍ଗ ମୁଣ୍ଡ ପୁରାଉଥିଲା। ଗ୍ୟାଙ୍ଗ୍‌ରେ ସବୁ ପ୍ରକାର କ୍ରାଇମ୍‌ର ଥିଲା। ଯାହାର ଗୁମର ଏବେ ଧିରେ ଧିରେ ଖୋଲିବାରେ ଲାଗିଛି।

ବୋମା ବିସ୍ଫୋରଣ ଘଟଣାରେ ପୁଲିସ ସହ ଏନ୍‌ଆଇଏ ତଦନ୍ତ ଜାରି ରଖିଛି। ବୋମାରେ ଆରଡିଏକ୍ସର ଏକ ଉପାଦାନ ମିଳିବା ପରେ ଏନ୍‌ଆଇଏ ସକ୍ରୀୟ ହୋଇଉଠିଥିଲେ। ଏନ୍‌ଆଇଏର ଟିମ୍ ଦୁଇ ଥର ହସ୍ପିଟାଲ ଯାଇ ବୋମା ବିସ୍ଫୋରଣରେ ଆହତ ହୋଇଥିବା ସେହେନୱାଜ୍, ତାଙ୍କ ସହଯୋଗୀ ଅମୀୟ ମଲ୍ଲିକଙ୍କୁ ପଚରାଉଚରା କରିଥିଲା। ହସ୍ପିଟାଲରୁ ଫେରିଲା ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ସେହେନୱାଜ୍‌ଙ୍କ ମୃତ୍ୟୁ ହୋଇଥିଲା ବେଳେ ଏବେ କେବଳ ଅମୀୟ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ତେବେ ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ନୟାପଲ୍ଲୀ ସେହେନୱାଜ୍‌ଙ୍କ ମୁଖ୍ୟ ଅଡ୍ଡା ଥିଲା। ବହୁ ସଂଖ୍ୟାରେ କ୍ରାଇମ୍‌ର ଏଠାରେ ନିୟମିତ ଭାବେ ଏକତ୍ରିତ ହେଉଥିଲେ। ସେ ଓ ତାଙ୍କ ସହଯୋଗୀ ଓଡ଼ିଶା ଯୁବ ସଂଘ ନାମରେ ଏକ ସଂଗଠନ ଗଠନ କରିଥିଲେ। ସରକାରୀକୁ ଜମି ଜବରଦଖଲ କରି ଏହି ସଂଗଠନ ଗଢି ଉଠିଥିଲା। ଏହି ସଂଗଠନର ଅଧିକାଂଶ ସଦସ୍ୟଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାଳ ମାଳ ମାମଲା ରହିଛି। ବୋମା ବିସ୍ଫୋରଣ ସାମ୍ନାକୁ ଆସିବା ପରେ ଏହି ସଂଘରେ ଆଉ କେହି ଦେଖାଦେଉ ନାହାନ୍ତି। ପୋଷ୍ଟର ବ୍ୟାନର ସବୁକିଛି ଫାଡି ଦିଆଯାଇଛି।

ଏହି ସଂଗଠନର ଜଣେ ମୁଖିଆ ପୂର୍ବରୁ ଖୋର୍ଦ୍ଧା ଅଞ୍ଚଳରେ ନିଶା କାରବାର ସହ ଜଡ଼ିତ ଥିଲେ। ପୁଲିସ ତାଙ୍କୁ ଗିରଫ କରିଥିଲା। ଏହାପରେ ତାଙ୍କୁ ଏକ ରାଜନୈତିକ ଦଳରେ ପଦ ମିଳିଗଲା। ତେବେ ସେହେନୱାଜ୍‌ଙ୍କ ମୃତ୍ୟୁ ପରେ ଏମାନଙ୍କ ସମ୍ପର୍କରେ ପୁଲିସ ତଦନ୍ତ କରିବ କି ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କ୍ୟାନ୍‌ସର୍ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୪।୨(ସମିସ): ବିଶ୍ୱ କର୍କଟ ଦିବସ ଅବସରରେ କ୍ରାନ୍ତିକାରୀ ଫାଉଣ୍ଡେସନ୍ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଏକ କ୍ୟାନସର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶାରେ ଦିନକୁ ଦିନ ମାତ୍ରାଧିକ ଲୋକ କ୍ୟାନସର ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ଏହି ରୋଗ ପୁରା ରାଜ୍ୟ ଓ ଦେଶକୁ ଗ୍ରାସ କରିବାରେ ଲାଗିଛି। ଏଥିରୁ ମୁକ୍ତି ପାଇବା ପାଇଁ ଆମେ ସମସ୍ତେ ଆଗକୁ ଆସି ସମାଜରେ ସଚେତନତାର ବାର୍ତ୍ତା ବାଣ୍ଟିବାକୁ ପଡ଼ିବ ବୋଲି କ୍ରାନ୍ତିକାରୀ ଫାଉଣ୍ଡେସନର ଅଧ୍ୟକ୍ଷ ନଳିନୀକାନ୍ତ ନାୟକ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ନିଶାଯୁକ୍ତ ସମସ୍ତ ଖାଦ୍ୟ ଓ ପାନୀୟକୁ ବର୍ଜନ କରିପାରିଲେ ଆମେ ଏକ ସୁସ୍ଥ ସମାଜ ଗଠନ କରିପାରିବା। ବିଶ୍ୱ କ୍ୟାନସର ଦିବସରେ ଅନୁଷ୍ଠାନ ପକ୍ଷରୁ 'ନିଶା ଛାଡନ୍ତୁ ସମାଜ ଗଢ଼ନ୍ତୁ, ନିଶା ଛାଡନ୍ତୁ ଜୀବନ ବଞ୍ଚାନ୍ତୁ' ନାରା ଦିଆଯାଇ ସଭିଙ୍କୁ ସଚେତନ କରାଇ ନିଶାଠାରୁ ଦୂରେଇ ରହିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୀର ଅହମ୍ମଦ ଅଲ୍ଲୀ, ସୁଦାମ ପ୍ରଧାନ, ତାପସ ଦେ, ପ୍ରଜ୍ଞା ପରମିତା ମହାନ୍ତି, ମନସ୍ତୃପ୍ତି ମହାପାତ୍ର, ପୂର୍ଣ୍ଣିମା ନାୟକ ସମେତ ଅନେକ ଛାତ୍ରଛାତ୍ରୀ ଓ ସାମାଜିକ କର୍ମୀମାନେ ଉପସ୍ଥିତ ରହିଥିଲେ।

**ବନ୍ଧୁକ ମୁନରେ ସୁନା ଅଳଙ୍କାର ଲୁଟ୍ ଘଟଣା**

## ୨୪ ଘଣ୍ଟା ପରେ ବି ପୁଲିସ ହାତ ଖାଲି

ଭୁବନେଶ୍ୱର, ୪।୨(ସମିସ): ରାଜଧାନୀରେ ଲୁଟେରା ଉପରମୁହାଁ। ସୁନା ଅଳଙ୍କାର ତ ଦୂରରେ ଥାଉ। ଇମିଟେସନ୍ ଅଳଙ୍କାରକୁ ବି ଝାମ୍ପି ନେଉଛନ୍ତି। ବୁଧବାର ଭୋରୁ ନୟାପଲ୍ଲୀ ଥାନା ଅଞ୍ଚଳରେ ଲୁଟେରା ବନ୍ଧୁକ ଦେଖାଇ ଜଣେ ବୟସ୍କା ମହିଳାଙ୍କ ଚୁଡ଼ି ଓହ୍ଲାଇ ନେଇଯାଇଛନ୍ତି। ଏହାପରେ ମହିଳାଙ୍କ ଠାରୁ କାନଫୁଲ, ଅନ୍ୟାନ୍ୟ ଅଳଙ୍କାର ଖୋଲି ଲୁଟି ନେଇଛନ୍ତି। ରାଜଧାନୀର ନୟାପଲ୍ଲୀ ଭଳି ଅଞ୍ଚଳରେ ଏଭଳି ଲୁଟ୍ ପାଟ୍‌କୁ ଲୋକେ ସହଜରେ ଗ୍ରହଣ କରି ପାରି ନାହାନ୍ତି। ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଫଳ ଶୂନ। ଲୁଟ୍‌ର ଶିକାର ଇନ୍ଦୁମତିଙ୍କ କହିବା ଅନୁଯାୟୀ, ସେ ବୁଧବାର ଭୋର ପ୍ରାୟ ୪ଟା ୩୦ ବେଳେ ଉଠିଥିଲେ। ପରେ ବାଡ଼ିରେ ଫୁଲ ତୋଳି ଘରକୁ ଯାଇ ନିତ୍ୟକର୍ମ ସାରିଥିଲେ। ପରେ ସେ ଘର ବାହାରକୁ ଆସି ଝାଡୁ କରିଥିଲେ। ୫ଟା ୩୦ ବେଳେ ବିଦ୍ୟୁତ କଟିଯାଇଥିଲା। ଏହାପରେ ଇନ୍ଦୁମତି ଘରର ବିଭିନ୍ନ ପାଶ୍ୱର୍ରେ ଝାଡୁ କରିବା ସହ ଅନ୍ୟ ପଡୋଶୀ ମହିଳାମାନଙ୍କୁ ମଧ୍ୟ ଫୁଲ ଦେଇଥିଲେ। କିଛି ସମୟରେ ପରେ ସେ ଘର ସାମ୍ନାରେ ଏକା ଥିବାବେଳେ ବାଡ଼ିପାଶ୍ୱର୍ରୁ ହଠାତ୍ ଲୁଟେରା ଜଣକ ତାଙ୍କ ପାଖକୁ ଆସିଥିଲେ। ମୁଣ୍ଡରେ ବନ୍ଧୁକ ଲଗାଇ ଅଳଙ୍କାର ଦେଇଦେବାକୁ କହିଥିଲେ। ଭୟଭୀତ ହୋଇ ସେ ପିନ୍ଧିଥିବା ସୁନା କାନଫୁଲକୁ କାଢି ଦେଇଦେଇଥିଲେ। ଏହାପରେ ସେ ପିନ୍ଧିଥବା ଚୁଡ଼ିକୁ ମଧ୍ୟ ଦେବାକୁ ଲୁଟେରା କହିଥିଲେ। ହେଲେ ତାହା ଇମିଟେସନ୍ ଚୁଡି ବୋଲି ଇନ୍ଦୁମତି କହିଥିଲେ ମଧ୍ୟ ଅଭିଯୁକ୍ତ କିଛି ଶୁଣି ନ ଥିଲେ। ତାକୁ ମଧ୍ୟ ଦେବାକୁ କହି ଲୁଟେରା ଜଣକ ବନ୍ଧୁକକୁ ଇନ୍ଦୁମତିଙ୍କ ଅଧିକ ନିକଟକୁ ନେଇଯାଇଥିଲେ। ଏହାପରେ ଇନ୍ଦୁମତି ତାଙ୍କ ଚୁଡ଼ିକୁ ଖୋଲି ମଧ୍ୟ ଲୁଟେରାଙ୍କୁ ଦେଇ ଦେଇଥିଲେ। ଏହାପରେ ମହିଳା ଜଣକ ଭୟରେ ଥରୁଥିବା ବେଳେ ଅଭିଯୁକ୍ତ ତାଙ୍କ ପିଠିକୁ ଆଉଁଶି ଦେଇ ବାଡିପଟ ଅନ୍ଧାର ବାଟ ଦେଇ ଦୌଡି ପଳାଇ ଯାଇଥିଲେ। ଏହି ଘଟଣା ପରେ ଇନ୍ଦୁମତି ମାନସିକ ଭାବେ ଆଘାତ ପାଇବା ସହ ସମ୍ପୂର୍ଣ୍ଣ ଭୟଭୀତ ହୋଇଯାଇଥିବା କହିଛନ୍ତି। ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ପ୍ରୟାସ ଜାରି ରହିଛି। ଏନେଇ ଇନ୍ଦୁମତିଙ୍କ ପୁଅ ମନୋରଞ୍ଜନ ବଳବନ୍ତରାୟ ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ଲୁଟ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରୟାସ କରାଯାଉଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ୯ରେ ବନ୍ଧକ ଶ୍ରମ ପ୍ରଥା (ଉଚ୍ଛେଦ) ଆଇନର ସୁବର୍ଣ୍ଣ ଜୟନ୍ତୀ



ଭୁବନେଶ୍ୱର, ୪।୨(ସମିସ): ବନ୍ଧକ ଶ୍ରମ ପ୍ରଥା (ଉଚ୍ଛେଦ) ଆଇନ ୧୯୭୬ ମାନବିକ ଅଧିକାରର ପୂର୍ବ ସୁରକ୍ଷା ନିଶ୍ଚିତ କରିବା ସହିତ ବ୍ୟକ୍ତିକୁ ଗଣ ମୁକ୍ତପୂର୍ବକ ବନ୍ଧନକୁ ସମାପ୍ତ କରି ହଜାର ହଜାର ପୀଡ଼ିତଙ୍କ ପାଇଁ ସ୍ୱାଧୀନତାକୁ ବାସ୍ତବ ରୂପ ଦେବା ଲକ୍ଷ୍ୟରେ ପାରିତ ହୋଇଥିଲା। ଏହି ଆଇନକୁ ଆସନ୍ତା ୯ ତାରିଖରେ ୫୦ ବର୍ଷ ପୂରିବ। ଏ ନେଇ ବୁଧବାର ଭୁବନେଶ୍ୱର ଏକ ଘରୋଇ ହୋଟେଲରେ 'ସୁରକ୍ଷା ମଞ୍ଚ' ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ଆସନ୍ତା ୯ ତାରିଖରେ ବନ୍ଧକ ଶ୍ରମ ପ୍ରଥା (ଉଚ୍ଛେଦ) ଆଇନର ସୁବର୍ଣ୍ଣ ଜୟନ୍ତୀ ସମାରୋହ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ପାଳନ କରାଯିବ। ହେଲେ, ଅନ୍ୟ ରାଜ୍ୟରେ ଏହି ଦିନକୁ ସରକାରୀସ୍ତରରେ ପାଳନ କରାଯାଉଥିବା ବେଳେ କିନ୍ତୁ ଓଡ଼ିଶାରେ ତାହା ହେଉ ନାହିଁ। ତେଣୁ ଆସନ୍ତା ଫେବୃୟାରୀ ୯ ତାରିଖ ଦିନ ଏହି ଦିନକୁ ସରକାରୀସ୍ତରରେ ପାଳନ କରିବା ପାଇଁ ସୁରକ୍ଷା ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଆଇନର ମୂଳ ଉଦ୍ଦେଶ୍ୟ ଥିଲା ପୁରାତନ ଋଣ-ଆଧାରିତ ବନ୍ଧକ ପ୍ରଥାକୁ ସମ୍ପୂର୍ଣ୍ଣ ଭାବେ ଶେଷ କରିବା। ତେଣୁ କେରଳ, ତାମିଲନାଡୁ ଓ ନିକଟରେ ଆନ୍ଧ୍ରପ୍ରଦେଶ ଏହି ଦିନଟିକୁ ନିଜ ରାଜ୍ୟରେ ବନ୍ଧକ ଶ୍ରମ ପ୍ରଥା (ଉଚ୍ଛେଦ) ଆଇନ ଦିବସ ଭାବରେ ଘୋଷଣା କରିଥିବାବେଳେ ସେହିପରି ଓଡିଶାରେ ଘୋଷଣା କରିବାକୁ ସୁରକ୍ଷା ମଞ୍ଚ ତରଫରୁ ଅନୁରୋଧ କରାଯାଇଛି। ଏହି ସମ୍ମିଳନୀରେ ସୁରକ୍ଷା ମଞ୍ଚର ଆବାହକ ଅମୀୟ ଭୂଷଣ ବିଶ୍ୱାଳ, ସୁରକ୍ଷା ମଞ୍ଚର ସଦସ୍ୟ ସୁଦର୍ଶନ ଛୋଟରାୟ, ଲୋକନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଏହି ଦିନକୁ ସରକାରୀସ୍ତରରେ ପାଳନ ପାଇଁ ଦାବି**

## ରାଷ୍ଟ୍ର ବିକାଶରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୪।୨(ସମିସ): ସାମାଜିକ ଅନୁଷ୍ଠାନ ସଶକ୍ତ ଓଡ଼ିଶା ପକ୍ଷରୁ ସ୍ଥାନୀୟ ସିଆରପି କାର୍ଯ୍ୟାଳୟ ଠାରେ 'ମହିଳା ସଶକ୍ତୀକରଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ସଶକ୍ତିକରଣ ଯୋଜନା, ଆତ୍ମନିଯୁକ୍ତି, ନିଯୁକ୍ତି, ଉତ୍ପାଦନ ବୃଦ୍ଧି ସହ ମହିଳାମାନେ କିପରି ରାଜ୍ୟ ଓ କେନ୍ଦ୍ର ସରକାର କରୁଥିବା ଯୋଜନା ଠିକ୍ ଭାବରେ ପାଇପାରିବେ ଏବଂ ଗ୍ରାମାଞ୍ଚଳରେ ବ୍ୟାପକ ଅର୍ଥନୈତିକ ଅଭିବୃଦ୍ଧି ହେବ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ଡ.ପ୍ରକାଶ ଶ୍ରୀଚନ୍ଦନ, ଆରତୀ ମିଶ୍ର, ସମାଜସେବୀ ରାଜମିତ୍ରା ପ୍ରହରାଜ, ଯୁବ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ବିକାଶରେ ମହିଳାମାନଙ୍କ ମୁଖ୍ୟ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ।

## ଓଡିଆ ଜାତିର ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମଧୁବାବୁ

ଭୁବନେଶ୍ୱର, ୪।୨ (ସମିସ): ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୀବନ ଥିଲା ଏକ ଜୀବନ୍ତ ଇତିହାସ। ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡିଶା ଗଠନର ପୁରୋଧା ମଧୁବାବୁ ଥିଲେ ଓଡିଆ ଜାତିର ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କର ଦୂରଦୃଷ୍ଟି ଓ ଜାତୀୟ ଦୃଷ୍ଟି ପାଇଁ ସେ ଚିରକାଳ ପାଇଁ ଓଡିଶାବାସୀଙ୍କ ହୃଦୟରେ ବଞ୍ଚିରହିବେ।

### ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

'ଓଡ଼ିଆ ଅସ୍ମିତା ଏବଂ ମଧୁବାବୁ' ବିଷୟବସ୍ତୁକୁ ନେଇ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୈନିକ 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର କହିଛନ୍ତି ଯେ ଓଡିଶାର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ନବଜାଗରଣ ପାଇଁ ମଧୁବାବୁଙ୍କ ଅବଦାନ ଅବିସ୍ମରଣୀୟ। ସେ ମଧୁବାବୁଙ୍କୁ ପ୍ରଥମ ରାଜନୈତିଜ୍ଞ ପୁରୁଷ ବୋଲି ସମ୍ବୋଧନ କରି କହିଥିଲେ ଯେ ମଧୁବାବୁ ହେଉଛନ୍ତି ଆଧୁନିକ ଓଡିଶାର ରାଜନୈତିକ ଇତିହାସର ଅଗ୍ରଗଣ୍ୟ ଓ ଅନନ୍ୟ ବ୍ୟକ୍ତିତ୍ୱ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର ପ୍ରହ୍ଲାଦ କୁମାର ସିଂହ ମଧୁବାବୁଙ୍କ ଓଡ଼ିଆ



ଅସ୍ମିତାର ଯୁଗ ପୁରୁଷ ବୋଲି ବିବେଚିତ କରି କହିଛନ୍ତି ଯେ ମଧୁସୂଦନ ଦାସଙ୍କ ନୀତି ଆଦର୍ଶକୁ ଆଜିର ଦିନରେ ଆମେ କେତେ ଦୂର ପ୍ରତିଫଳିତ କରିପାରିଛେ, ତାହାର ଆତ୍ମଚିନ୍ତନର ଆବଶ୍ୟକତା ରହିଛି। ଉନବିଂଶ ଶତାବ୍ଦୀ ପୂର୍ବରୁ ଏବଂ ପ୍ରାରମ୍ଭରେ ଓଡିଶାର ରାଜନୈତିକ ପରିସ୍ଥିତି, ଅର୍ଥନୈତିକ ଅବସ୍ଥା, ଉତ୍କଳ ସମ୍ମିଳନୀ, ଓଡିଆ ଭାଷା ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନର ସୁରକ୍ଷା ଏବଂ ସର୍ବୋପରି ଓଡିଶାରେ ନବଜାଗରଣର ଅଭ୍ୟୁଦୟରେ ତାଙ୍କର ଭୂମିକା ଥିଲା ଅପରିସୀମ ବୋଲି ପ୍ରକାଶ କରିବା ସହ ତାଙ୍କ ଜୀବନାଦର୍ଶକୁ ପାଥେୟ କରି ଓଡିଶାର ଯୁବପିଢ଼ି ଅଗ୍ରସର ହେଲେ ବିଶ୍ୱ ମାନଚିତ୍ରରେ ଓଡିଶାର ପରିଚିତି ଅଧିକ ଜାଜ୍ୱଲ୍ୟମାନ ହେବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ ପ୍ରମୁଖ ଯୋଗଦେଇ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ବହୁମୁଖୀ ଅବଦାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିବା ବେଳେ ବିଭାଗର ଅନୁଶାସନ ସଚିବ ସୁଶ୍ରୀ ମୌସୁମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରାଦ୍ଧବାର୍ଷିକୀରେ ବିଧାନସଭା ପରିସରରେ ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୪।୨(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବୁଧବାର ରାଜ୍ୟ ବିଧାନସଭା ପରିସରରେ ଆୟୋଜିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅତିଥିମାନେ କହିଛନ୍ତି ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ। ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ। ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଯାହାଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛି।



କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀ ସୁରେଶ ପୂଜାରୀ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ପୂର୍ବତନ ବିଧାୟକ ଅରବିନ୍ଦ ଢାଲି ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ସୂଚନା ଅଧିକାରୀ ସୁଶ୍ରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହାଇୱା ଜବତ, ୨ ଗିରଫ

ନନ୍ଦନକାନନ, ୪।୨(ସମିସ): ବେଆଇନ ବାଲି ଚାଲାଣବେଳେ ପୁଲିସ ଚଢ଼ଉ କରି ବାଲି ବୋଝେଇ ହାଇୱା ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଙ୍କୀ ଥାନା ଅଞ୍ଚଳର ଲକ୍ଷ୍ମୀଧର ଭୋଇ(୨୭) ଓ ଗାଙ୍ଗୁଲି ନାୟକ (୨୦)। ଓଡି୧୫ଏଏ୪୦୨୭ ନମ୍ବର ବିଶିଷ୍ଟ ହାଇୱାରେ ବାଲି ଚାଲାଣବେଳେ ପୁଲିସ ଏସ୍ଆଇ ଭ୍ରମରାଜ ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରି ଯାଞ୍ଚବେଳେ ବାଲି ଚାଲାଣ ହେଉଥିବା ଜାଣି ଜବତ କରିଥିଲା। ଆଠଗଡ ସର୍ପେଶ୍ୱର ଅଞ୍ଚଳ ବାଲି ଘାଟରୁ ବେଆଇନ ଭାବରେ ବାଲି ଖନନ ଓ ପରିବହନ କରିଥିଲେ ବୋଲି କହିଥିଲେ।

## ବାଇକ୍ ଫେରି ପାଇବା ପରେ ଚୋରକୁ କ୍ଷମା କରିଦେଲେ

ଯାଁଳା, ୪।୨(ସମିସ): ଇନ୍‌ଫୋଭାଲି ଥାନା ଅନ୍ତର୍ଗତ ଛତାବର ପଞ୍ଚାୟତର ଅରିସଲ ଗ୍ରାମର ହରେକୃଷ୍ଣ ପୁରର ରମେଶଙ୍କର ଓଡ଼ି ୩୩ ଜେ ୪୫୩୭ ନମ୍ବର ବିଶିଷ୍ଟ ବାଇକ୍ ଚୋରି ହୋଇଯାଇଥିଲା। ସେ ଏ ବାବଦରେ ଇନ୍‌ଫୋଭାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ସେ ଖୋଜାଖୋଜି ପରେ ସେ ସନ୍ଧ୍ୟାବେଳକୁ ଜଟଣୀ ହରି ଭାଇନା ଛକରେ ବୁଲୁଥିବା ବେଳେ ରାତି ପ୍ରାୟ ୮ଟା ସମୟରେ ଜଣେ ଯୁବକ ତାଙ୍କ ଗାଡ଼ି ନେଇଯାଇଥିବା ଦେଖି ଧରିପକାଇଥିଲେ। ଯୁବକଟି ଓହ୍ଲାଇ ଗାଡ଼ି ମାଲିକଙ୍କୁ କାକୁତି ମିନତି ହୋଇ ଗୋଡ଼ ହାତ ଧରିଥିଲେ, ଗାଡ଼ି ମାଲିକ ମଧ୍ୟ ନିଜ ଗାଡ଼ି ପାଇ ସଂପୃକ୍ତ ଯୁବକଙ୍କୁ କ୍ଷମା କରି ଛାଡ଼ି ଦେଇଥିଲେ।

## ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଗୟଳ ଶାବକ ଜନ୍ମ

ନନ୍ଦନକାନନ, ୪।୨(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଆଜି ଗୟଳ ଛୁଆ ଜନ୍ମ ଦେଇଛି। ପ୍ରାଣୀ ଉଦ୍ୟାନର ୪୨ ନମ୍ବର ଖୁଆଡ଼ରେ ଏହି ଗୟଳ ଶାବକ ଜନ୍ମ ହୋଇଛି। ଏହା ପୂର୍ବରୁ ୯ ଜୁଲାଇ ୨୦୨୫ରେ ନନ୍ଦନକାନନରେ ଏକ ଗୟଳ ଶାବକ ଜନ୍ମ ହୋଇଥିଲା। ଏହି ଶାବକର ଜନ୍ମ ପରେ, ପ୍ରାଣୀ ଉଦ୍ୟାନରେ ଗୟଳଙ୍କ ମୋଟ ସଂଖ୍ୟା ୮ରେ ପହଞ୍ଚିଛି।

## ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର, ୪।୨(ସମିସ): ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏହି ଅବସରରେ ରାଜଭବନ ଛକରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଉତ୍କଳ ସମ୍ମିଳନୀ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉତ୍କଳ ସମ୍ମିଳନୀର ଉପଦେଷ୍ଟା ଶତାୟୁ ପୁରୁଷ ପଦ୍ମ ଚରଣ ନାୟକ ଯୋଗଦେଇ ବିଧାନସଭାର ନାମ 'ମଧୁ ଭବନ', ଉତ୍କଳ ମଣ୍ଡପର ନାମ 'ଉତ୍କଳ ଗୌରବ ମଣ୍ଡପ' ଓ ଗୁଜୁରାଟର ଗାନ୍ଧୀନଗର ଭଳି ଭୁବନେଶ୍ୱରର ଏକ ଅଞ୍ଚଳର ନାମ 'ମଧୁ ନଗର' ନାମରେ ନାମିତ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟ ବକ୍ତାମାନେ ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦାବିକରିଥିଲେ। ଉତ୍କଳ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ଭୃଗୁ ବକ୍ସିପାତ୍ରଙ୍କ ଉପସ୍ଥିତିରେ ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବାବେଳେ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ନିମାଇଁ ଦାସ, ଉପ-ସଭାପତି ଶିତଳଚନ୍ଦ୍ର ମହାନ୍ତ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**ମହାଶିବରାତ୍ରୀ ପାଇଁ ଲିଙ୍ଗରାଜ ମନ୍ଦିରରେ ପ୍ରସ୍ତୁତି**

## ସିଂହଦ୍ୱାରରେ ବନ୍ଧା ହେଲାଣି ଭାରା

ଭୁବନେଶ୍ୱର, ୪।୨(ସମିସ):

ଆସନ୍ତା ୧୫ ତାରିଖରେ ମହାଶିବରାତ୍ରୀ ପର୍ବ ପଡୁଥିବାରୁ ଲିଙ୍ଗରାଜ ମନ୍ଦିରରେ ରାତି ୧୦ଟାରେ ମହଦୀପ ମନ୍ଦିର ଚୂଡ଼ାକୁ ଉଠାଯିବ। ଏହି ପରିପ୍ରେକ୍ଷୀରେ ହାତରେ ମାତ୍ର ଦଶ ଦିନ ଥିବାରୁ ଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରୀ ପାଇଁ ବିଭିନ୍ନ କାମ ଆରମ୍ଭ ହୋଇଗଲାଣି।

ମହାଶିବରାତ୍ରୀରେ ଏକାମ୍ର କ୍ଷେତ୍ରକୁ ରାଜ୍ୟ ତଥା ରାଜ୍ୟ ବାହାରରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏଥିପାଇଁ ଲିଙ୍ଗରାଜ ମନ୍ଦିରକୁ ଏବେଠାରୁ ସଫାସୁତରା କରାଯିବା ସହ ମନ୍ଦିର ଭିତରେ ଯେଉଁଠାରେ ପାନ ଛେପ ପକାଯାଇଛି ସେଠାରେ ଚୁନ ମରା କାମ ଆରମ୍ଭ ହୋଇଛି। ଏଥିସହିତ ମନ୍ଦିର ଭିତରେ ଅଳନ୍ଧୁ ମଧ୍ୟ ଛଡ଼ାଯିବା ସହ ମନ୍ଦିରର ସିଂହଦ୍ୱାର, ଉତ୍ତରଦ୍ୱାର, ଦକ୍ଷିଣ ଦ୍ୱାର, ଚାହାଣି ମଣ୍ଡପ, ନଅଗୋଟି ସିଂହ, ମୁଖ ଶାଳାରେ ଥିବା ନବଗ୍ରହ, ମନ୍ଦିରର ଗର୍ଭଗୃହ, ଜଗମୋହନ, ଦକ୍ଷିଣୀ ଘର, ଭୁବନେଶ୍ୱରୀ ମନ୍ଦିର,



ପାର୍ବତୀ ମନ୍ଦିର ଓ ଗରୁଡ଼ ସ୍ତମ୍ଭ ମୁଖ ରଙ୍ଗ ହେବା ପାଇଁ ଭାରା ମଧ୍ୟ ବନ୍ଧା ଯାଇଛି। ତତ୍‌ସହିତ ସିଂହଦ୍ୱାର ପ୍ରବେଶ ପଥ ଗୁମୁଟ ମନ୍ଦିର ଦୂରକୁ ଦୃଶ୍ୟମାନ ହେଉନଥିବାରୁ ନିକଟରେ ଥିବା ବରଗଛ ଓ ସାମ୍ନାରେ ଥିବା ବାଦାମ ଗଛର କିଛି ଅଂଶକୁ ସାଇଜ୍ କରାଯାଉଛି।

ଶିବରାତ୍ରୀ ପାଳନ ନେଇ ଗତ ଶନିବାର ମନ୍ଦିର ଟ୍ରଷ୍ଟ ବୋର୍ଡ଼ରେ ମହାଦୀପ ନେଇ ଆଲୋଚନା ହେବା ସହ ମନ୍ଦିରରେ ରଙ୍ଗାକାମ, ଛାମୁ ପରିଷ୍କାର ପାଇଁ ୫୦ଜଣ କର୍ମଚାରୀ ମୁତୟନ, ରୋଷଘର ନିକଟରୁ ପାଉଁଶ କାଢ଼ିବା ପାଇଁ ଏଏସ୍‌ଆଇକୁ ନିର୍ଦ୍ଦେଶ, ବିଏମ୍‌ସି ପକ୍ଷରୁ ମନ୍ଦିରରେ ପାନୀୟଜଳ, ଆଲୋକକରଣ, ମନ୍ଦିରକୁ ଫୁଲରେ ସଜାଇବା, ସଫାସୁତରା ଆଦି କରାଯିବ। ଏଥିସହିତ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ନିର୍ମାଣ ସହ ଉପରେ କପଡ଼ା ସିଲିଂ ତଳେ କୋପର୍ଟେ ବିଛାଇବା ସହ ପଙ୍ଖାର ବ୍ୟବସ୍ଥା କରାଯିବ। ଏଥିସହିତ ୱାର୍ଟକୋ ପକ୍ଷରୁ ଆସ୍ଥାୟୀ ପରିସ୍ରାଗାର, ପାନୀୟ ଜଳ ଯୋଗାଣ ଓ ପାଣି ସିଞ୍ଚନ କରାଯିବ। ତତ୍ ସହିତ ପୁଲିସ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ନିୟନ୍ତ୍ରଣ କରିବେ। ଏଥିସହିତ ମହାଶିବରାତ୍ରରେ ଅଧିକ ଗୁରୁତ୍ୱ ଦେବା ପାଇଁ ୧ କିମି ଭିତରେ ସିସିଟିଭିର ବ୍ୟବସ୍ଥା କରାଯିବାର ନିଷ୍ପତି ନିଆଯାଇଥିଲା।

## ଶୃଙ୍ଖଳିତ ନୀତିକାନ୍ତି ଓ ଦର୍ଶନକୁ ଗୁରୁତ୍ୱ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ରୀତିନୀତି ଓ ପୂଜାବିଧି ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ରୀତିନୀତି ଏବଂ ପୂଜାବିଧି ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଆଲୋଚନା ହୋଇଥିଲା। ଏଥି ସହିତ ଚଳିତ ଜାଗର ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ। ଜାଗରକୁ ସୁଚାରୁ ରୂପେ ପରିଚାଳନା କରିବା ଏବଂ ସବୁ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେଇ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ସେବାୟତ ଓ ନିଯୋଗସମୂହ ସହ ସମନ୍ୱୟ ରଖି ସଠିକ୍ ସମୟରେ ନୀତିକାନ୍ତି ସମାପନ, ପୂଜାବିଧି ପାଳନ, ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବା ସହ ମନ୍ଦିର ଭିତରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟକୁ



ଗୁରୁତ୍ୱ ଦେଇ ପର୍ଯ୍ୟାପ୍ତ ବାୟୁ ଚଳାଚଳ, ଅକ୍ସିଜେନ୍‌ର ବ୍ୟବସ୍ଥା ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ, ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଆଇନ ବିଭାଗ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଏବଂ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

ସକାଳ THE SAKALA



www.sakalaepaper.com

## ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶ ବାତିଲ ଦାବି

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

କଣ୍ଟାମାଳ, ୪।୨(ସମିସ)



ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରିବାକୁ ଦାବି କରି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତ ଗୁଣ୍ଡୁଚିତରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ, ଗୁଣ୍ଡୁଚିତରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ବିଭାଗ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହି ୯ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପାଇଁ ୫ ଜଣ ଶିକ୍ଷକ ରହିଛନ୍ତି। ଏବେ ସେମାନଙ୍କ ମାଧରୁ ତେଜରାଜ କହଁର ନାମକ ଶିକ୍ଷକଙ୍କୁ ଦେଢ଼େଣମାଳ ବିଦ୍ୟାଳୟକୁ ଡେପୁଟେସନରେ ବଦଳି କରାଯାଇଛି। ଯାହାଦ୍ୱାରା ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧା ଉପୁଜିବାର ଆଶଙ୍କା ରହିଛି। ଆଗକୁ ବାର୍ଷିକ ପରୀକ୍ଷା ରହିଛି। ତେଣୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଉକ୍ତ ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରିବାକୁ ଗ୍ରାମବାସୀ ଦାବି କରି ଗ୍ରାମବାସୀ ଓ ଅଭିଭାବକ ବିଦ୍ୟାଳୟର ମୁଖ୍ୟ ଗେଟରେ ତାଲା ପକାଇଥିଲେ। ଯାହା ଫଳରେ ଦୀର୍ଘ ଘଣ୍ଟା ଧରି ଛାତ୍ରଛାତ୍ରୀ ଏବଂ ଶିକ୍ଷକ ବିଦ୍ୟାଳୟ ବାହାରେ ଅଟକି ରହିଥିଲେ। ବିଦ୍ୟାଳୟକୁ ଶିକ୍ଷକ ତେଜରାଜ କହଁରଙ୍କୁ ଫେରାଇ ନ ଆଣିବା ପର୍ଯ୍ୟନ୍ତ ଏହି ପ୍ରତିବାଦ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ସାହୁ, ୱାର୍ଡ଼ ସଭ୍ୟା ମିଥିଲା ପୁଟା, ଅଭିଭାବକ ଟେକଧର ସାହୁ, ବରିଷ୍ଠ ନାଗରିକ ଚନ୍ଦ୍ର ଭୋଇ ଏବଂ ଗ୍ରାମବାସୀ ଚେତାବନୀ ଶୁଣାଇଥିଲେ। ତେବେ ଖବର ଲେଖାହେବା ସୁଦ୍ଧା ସମାଧାନ ପାଇଁ ଶିକ୍ଷା ବିଭାଗ ପକ୍ଷରୁ କୌଣସି ଅଧିକାରୀ ବିଦ୍ୟାଳୟକୁ ଆସି ନଥିବା ଜଣାପଡ଼ିଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## 'ଆଲିନା ପଲ୍ଲବୀକା ଶିଶୁ ଉଦ୍ୟାନ'ର ପ୍ରତିଷ୍ଠା ଦିବସ




ବୀରମହାରାଜପୁର, ୪।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକସଦର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଲବ ଭରାସାଗରଙ୍କ ତତ୍ତ୍ୱାବଧାନରେ 'ଆଲିନା ପଲ୍ଲବୀକା ଶିଶୁ ଉଦ୍ୟାନ'ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଶିଶୁ ଉଦ୍ୟାନ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ସ୍ୱର୍ଗତ ସୁଶ୍ରୀ ଏଲିନା ପଲ୍ଲବୀକାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଉଦ୍ୟାନଟି ନାମିତ ହୋଇଛି।

ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ତାଙ୍କ ମା" ବୀଣାପାଣି ପାଣ୍ଡିଆ ଯୋଗଦେଇ ଦୀପ ଲଗାଇ ସମସ୍ତଙ୍କ ଶୁଭ କାମନା କରିବା ସହ ଏହି ଉଦ୍ୟାନର ଉନ୍ନତି ପାଇଁ ସଦା ସର୍ବଦା ସହଯୋଗର ହାତ ବଢ଼ାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କ ବାଲ ଭୋଜନର ବ୍ୟବସ୍ଥା କରାଇଥିଲେ। ମନିସା ପାଣ୍ଡିଆ, ଜ୍ୟୋତିର୍ମୟୀ ପାଣ୍ଡିଆ ଓ କ୍ରୀଷ୍ଣା ପାଣ୍ଡିଆ ପ୍ରମୁଖ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟର ସଭାପତି ବିଜୟ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ ମୌସୁମୀ ପଣ୍ଡା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ଛାତ୍ରଛାତ୍ରୀ, ସେବକ ସେବିକା ସ୍ୱର୍ଗତ ଏଲିନାଙ୍କ ଆତ୍ମାର ଶାନ୍ତି ପାଇଁ ସମସ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଶେଷରେ ସଭ୍ୟା ବେଦମତୀ ବାଗ୍ ଧନ୍ୟବାଦ ଦେଇଥିଲେ।

## କୃତୀ ଛାତ୍ରୀ ଝରଣାଙ୍କୁ ସମ୍ବର୍ଦ୍ଧନା



ଡୁଙ୍ଗୁରିପାଲି, ୪।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଶୁଖା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ଫକିର ମହନ ସାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଏବିଇଓ ଗଞ୍ଜାଲୁ ମିର୍ଦ୍ଧା ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସର୍ଗୁଲ କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ନୀଳକଣ୍ଠ ନାୟକ ଯୋଗ ଦେଇଥିଲେ। ବିଦ୍ୟଳୟର ତୃତୀୟ ଶ୍ରେଣୀ ଛାତ୍ରୀ ମେଧାବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଥିବା ଫକୀର ମେହେରଙ୍କ ଝିଅ ଝରଣା ମେହରଙ୍କୁ ବିଦ୍ୟାଳୟ ପକ୍ଷରୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ୫୦୦ ଟଙ୍କା ଅର୍ଥ ରାଶି ପୁରସ୍କାର ଦିଆଯାଇଥିଲା। ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁରେଶ କୁମାର ନାୟକ ସଭା ପରିଚାଳନା କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ରେଖା ସେଠ, ସତ୍ୟବତୀ ଭୋଇ, ରୋଜି ସାହୁଙ୍କ ସମେତ ଶିକ୍ଷକ ଓ ଛାତ୍ରଛତ୍ରୀ ଉପସ୍ଥିତ ଥିଲେ।

## ବୌଦ୍ଧ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ୯ ଶ୍ରେଷ୍ଠ ବିବେଚିତ




ବୌଦ୍ଧ, ୪।୨(ସମିସ): ବୌଦ୍ଧ ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ଜିଲ୍ଲାସ୍ତରୀୟ କୁଇଜ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଥିରେ ୨୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ବରିଷ୍ଠ ବିଭାଗରେ ମାନସ ମହଲା, ପୁରସ୍ତମ ମେଣ୍ଡିଲି ଓ ଶ୍ରୀକାନ୍ତ ଚାଉଳିଆ, କେନିଷ୍ଠ ବିଭାଗରେ ସାଇଶଙ୍କର ବେହେରା, ସତ୍ୟପ୍ରକାଶ ସ୍ୱାଇଁ, ଶତାବ୍ଦୀ କର୍ମୀ, ଉପ-କନିଷ୍ଠ ବିଭାଗରେ ସତୀଶ ମହାକୁଡ଼, ପୃଥ୍ୱିରାଜ ସେଠୀ ଓ ପ୍ରତ୍ୟୁଷ ରଥ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ ଅଧକ୍ଷତା କରିଥିଲେ। ରାଧାନଗର ଆଞ୍ଚଳିକ ସାଧନ କର୍ମୀ ପ୍ରଶାନ୍ତ ସାହୁ, ଶିକ୍ଷକ ସଞ୍ଜୟ ନାୟକ, ଶିକ୍ଷକ ବିଭୀଷଣ ନାୟକ, ଶିକ୍ଷକ ବ୍ରଜକିଶୋର ଜଗଦଲା ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ।

## ନାରାୟଣନଗରରେ ରକ୍ତଦାନ ଶିବିର




ଜହ୍ନାପଙ୍କ, ୪।୨(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମ୍ୟ ଶାନ୍ତି କମିଟି ପକ୍ଷରୁ ଶାନ୍ତି କମିଟି ହଲ୍‌ରେ ଏକ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ୧୦୫ ଜଣ ରକ୍ତଦାନ କରିଥିଲେ। ଦିନ ୧୦ଟାରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ସଭାପତି ପ୍ରମୋଦ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପ ଆରକ୍ଷୀ ଅଧୀକ୍ଷକ କନକ ମାଝୀ, ଅତିରିକ୍ତ ବିଡିଓ ସୁଦାମ ଚରଣ ସାମଲ, ଉଭିଦ ବିଜ୍ଞାନ ଅଧ୍ୟାପକ ପ୍ରବୀର ଦାସ, ଲକ୍ଷ୍ମୀପ୍ରସାଦ ସମିତି ସଭ୍ୟ ପିଣ୍ଟୁ ମିର୍ଦ୍ଧା, ସମାଜସେବୀ ଧର୍ମୁଧର ପୋଢ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସାମ୍ବାଦିକ ନବ କିଶୋର ମେହେର, ସମ୍ପାଦକ ବୈଶାଖୁ ବେହେରା, ଉପସଭାପତି ନରୋତ୍ତମ ମେହେର, କୋଷାଧ୍ୟକ୍ଷ ମୋତିଲାଲ ମେହେର, ଉପଦେଷ୍ଟା ଜଗନ୍ନାଥ ବେହେରା, କୃତିବାସ ମେହେର ପ୍ରମୁଖ ସହଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଡୁଙ୍ଗୁରିପାଲି, ୪।୨(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକବାଲୁଙ୍କେଶ୍ୱର ଆଦିବାସୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ କୃଷ୍ଣପ୍ରୀୟ ସାହାଣୀ ଓ ପୂର୍ବତନ ପ୍ରଧାନ ଶିକ୍ଷକ ସୋମନାଥ ହାତୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ପୂର୍ବତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି।




ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନୀଲ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ସାହୁ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ସରପଞ୍ଚଙ୍କ ପ୍ରତିନିଧି ଟିକେଲାଲ ପାଣ୍ଡେ, ସମିତି ସଭ୍ୟ ପୁରନ୍ଦର ସାହୁ, ଆଲୁମିନିର ବରିଷ୍ଠ ସଭ୍ୟ ପ୍ରେମରାଜ ସେଠ୍ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ବିଦ୍ୟାଳୟ ପ୍ରତି ଥିବା ଅବଦାନ ଉପରେ କହିଥିଲେ। ପୁରାତନ ଛାତ୍ର ଚନ୍ଦ୍ରମଣି ବାଘ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରତାପ ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଅବସରପ୍ରାପ୍ତ ଶିକ୍ଷକ ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶୋଭାଯାତ୍ରାରେ ଉଭୟଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଚୈତନ୍ୟ ମଲ୍ଲିକ, ପ୍ରଫୁଲ୍ଲ ସାହୁ, ଗୋପାଳ ସାହୁ, ନିମାଇଁ ମଲ୍ଲିକ, ସନ୍ତୋଷ ମେହେର, ବଳଦେବ ସ୍ୱାଇଁ, ଧନାପତି ସାହୁ ଓ ପୁରାତନ ଛାତ୍ର ଗଣ୍ଡାରାମ ମେହେର, କଳା କାହ୍ନୁ ରଣା, ଯାମିନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅଁଳାପାଲିରେ ବୁଣାକାର ସଚେତନତା ଶିବିର



ବୌଦ୍ଧ, ୪।୨(ସମିସ): ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମରେ ବୁଣାକାରଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତନ୍ତୁବାୟ ସମିତିର ପରିଚାଳନା ପରିଷଦର ନିର୍ଦ୍ଦେଶକ ତଥା ବରିଷ୍ଠ ବୁଣାକାର ଗିରିଶ ମେହେର ଏଥିରେ ସଭାପତିତ୍ୱ କରିଥିଲେ। ଏହି ଶିବିରକୁ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମବାୟ ସମିତିର ଉପ ସହାୟକ ନିବନ୍ଧକ ରଘୁନାଥ ପୁଝାରୀ, ବୟନ ତତ୍ତ୍ୱାବଧାରକ ଦେବେନ୍ଦ୍ର ଭୋଇ, ବୟନ ନିରୀକ୍ଷକ ହରିହର ଦାସ, ଜିଲୁ ସାହୁ, ବୈଷୟିକ ସହାୟକ ଶ୍ରୀରାମ ଯାନୀ, ମିତ୍ରଭାନୁ ଭୋଇ, ଅଭିମନ୍ୟୁ ଦାସ, ଅଶୋକ ମେହେର, ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ରମେଶ ପ୍ରସାଦ ମେହେର ଅତିଥି ପରିଚୟ ପ୍ରଦାନ କରିବା ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବରିଷ୍ଠ ବୁଣାକାର ଦଶରଥ ମେହେର, ଦୈତାରୀ ମେହେର, ଗୋବିନ୍ଦ ମେହେର ଓ ଦାମୋଦର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧନଞ୍ଜୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀ ଜଗନ୍ନାଥ ଏକାଡେମୀରେ ବିଦାୟୀ ଉତ୍ସବ 'ସ୍ୱପ୍ନର ଡାକ'

ବୀରମହାରାଜପୁର, ୪।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କୋଟସମଲାଇ ଶ୍ରୀଜଗନ୍ନାଥ ଏକାଡେମୀରେ ଦଶମ ଶ୍ରେଣୀ



ଛାତ୍ରଛାତ୍ରୀମାନଙ୍କ ବିଦାୟୀ ଉତ୍ସବ 'ସ୍ୱପ୍ନର ଡାକ' ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଚାଳନା କମିଟିର ସଭାପତି ବାବୁଲାଲ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚସଖା ଶିକ୍ଷା ସେତୁର ସଭାପତି ନଳିନୀକାନ୍ତ ବାଘ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାର ଅଧ୍ୟକ୍ଷତା ପ୍ରଧାନ ଶିକ୍ଷକ ସୁଧୀର କୁମାର ହୋତା କରିଥିଲେ। ଅନ୍ୟାନ୍ୟ ଉପସ୍ଥିତ ଅତିଥି ଓ ଶିକ୍ଷକବୃନ୍ଦ ମଧ୍ୟରେ ଅମିତ ପାତ୍ର, ଅନିରୁଦ୍ଧ ପାଢ଼ୀ, ସାନ ଡାଙ୍ଗ, ହୃଷୀକେଶ ପଧାନ, ବିଜୟ କୁମାର ହୋତା, ପ୍ରଫୁଲ୍ଲ ସାହୁ ଏବଂ ଭଗବତୀ ହୋତା ପ୍ରମୁଖ ଥିଲେ। ଅତିଥିମାନେ ତାଙ୍କ ଉଦ୍‌ବୋଧନରେ ଛାତ୍ରଛାତ୍ରୀମାନଙ୍କ ଆତ୍ମବିଶ୍ୱାସ, ଶିଷ୍ଟାଚାର ଓ ସତ୍ୟନିଷ୍ଠା ସହ ଆଗାମୀ ଜୀବନପଥରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ଶଙ୍ଖସିନ୍ଧୁ ପୁରୋହିତ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଲଟାବୁଦାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର



କଣ୍ଟାମାଳ, ୪।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲୁବସରି ଗ୍ରାମ ପଞ୍ଚାୟତ, ସୋସାଇଟି ସମ୍ମୁଖରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମରଟି ମୁକୁଳା ଅବସ୍ଥାରେ ରହିଥିବା ବେଳେ, ଏହା ଉପରେ ଲଟାବୁଦା ମାଡି ଯାଇଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ବିଦ୍ୟୁତ ତାରରେ ଲତା ଲାଗି ଅନେକ ସମୟରେ ସ୍ପାର୍କିଙ୍ଗ୍ ହେଉଥିବା ନଜରକୁ ଆସୁଛି। ବିଦ୍ୟୁତ୍ ବିଭାଗୀୟ କର୍ମଚାରୀଙ୍କୁ ବହୁବାର ଏନେଇ ଅବଗତ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ। ପଞ୍ଚାୟତ ଅଫିସ୍, ସୋସାଇଟି ଓ ଗ୍ରାହକ ସେବାକେନ୍ଦ୍ରକୁ ପ୍ରତିଦିନ ଶହଶହ ଲୋକ ଅସୁଥିବା ବେଳେ ପଞ୍ଚାୟତରେ ସାପ୍ତାହିକ ହାଟ ହେଉଛି। ଏପରି ସ୍ଥଳେ ବିଦ୍ୟୁତ ବିଭାଗ ଟ୍ରାନ୍ସଫର୍ମର ଚର୍ତୁପାର୍ଶ୍ୱରେ ପାଚେରୀ ନିର୍ମାଣ ନ କରିବା ଓ ଲଟାବୁଦାକୁ ସଫା କରିବା ଦିଗରେ ପଦକ୍ଷେପ ଗ୍ରହଣ ନ କରିବାକୁ ନେଇ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମନମୁଣ୍ଡା ଏସ୍‌ଡିଓକୁ ଏନେଇ ଯୋଗାଯୋଗ କରାଯାଇଥିଲେ ମଧ ଯୋଗଯୋଗ ସମ୍ଭବ ହୋଇପାରି ନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ବୃଦ୍ଧଙ୍କ ଝୁଲନ୍ତା ଶବ ଉଦ୍ଧାର

କଣ୍ଟାମାଳ, ୪।୨(ସମିସ): ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା ଅଧୀନ ଖୁଣ୍ଟିଗୋରା ପଞ୍ଚାୟତର ବଡ଼ କଲରାକୋଠା ଗ୍ରାମର ଖେଳ ପଡ଼ିଆ ନିକଟ ଏକ ବରଡି ଗଛରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ଶବ ଉଦ୍ଧାର କରାଯାଇଛି। ମୃତକ ଜଣକ ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅଧିନ ରେଙ୍ଗସା ଗ୍ରାମର ବିଭିଷଣ କାଲସେ(୭୦) ବୋଲି ସୂଚନା ମିଳିଛି। ସୂଚନା ପ୍ରକାରେ, ସୋମବାର ସନ୍ଧ୍ୟାରେ ଗ୍ରାମର କିଛି ଲୋକ ଝୁଲନ୍ତା ଶବକୁ ଦେଖି ଘଣ୍ଟାପଡ଼ା ଥାନାକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ଏନେଇ ମୃତକଙ୍କ ଭାଇ ଥାନାରେ ଏତଲା ଦେଇଥିଲେ। ତେବେ ରାତି ଅଧିକ ହୋଇ ଥିବାରୁ ପୁଲିସ ତଦନ୍ତ ପ୍ରକ୍ରିୟା ମଙ୍ଗଳବାର ଆରମ୍ଭ କରିଥିଲା ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜାଣି ହେବ ବୋଲି ତଦନ୍ତ ଅଧିକାରୀ ଏଏସ୍‌ଆଇ ଗୋବିନ୍ଦ ମଲିକ ସୂଚନା ଦେଇଛନ୍ତି।

## ଡୁଙ୍ଗୁରିପାଲି ବ୍ଲକରେ ନୂତନ ବିଡ଼ିଓଙ୍କ ଯୋଗଦାନ



ଡୁଙ୍ଗୁରିପାଲି, ୪।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକରେ ବୁଧବାର ନୂତନ ବିଡ଼ିଓ ଭାବେ ସଞ୍ଜିବି କୁମାର ସାହୁ ଯୋଗ ଦେଇଛନ୍ତି। ପୂର୍ବରୁ ସେ ସୋନପୁର ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ। ତେବେ ଏଠାରେ ଏହା ପୂର୍ବରୁ ଦିଲୀ ବାଡା ବିଡିଓ ଥିଲେ। ତାଙ୍କର ଅନ୍ୟତ୍ର ବଦଳି ହୋଇଛି। ତାଙ୍କ ସ୍ଥାନରେ ଶ୍ରୀ ସାହୁଙ୍କ ଏଠାରେ ନିଯୁକ୍ତି ପାଇଛନ୍ତି।

## ଜଙ୍ଗଲରୁ ବ୍ୟାପକ ଗଞ୍ଜେଇ ଜବତ

ବୌଦ୍ଧ, ୪।୨(ସମିସ): ବୌଦ୍ଧ ଥାନା ନୂଆପଡ଼ା ନିକଟ ଜଙ୍ଗଲରେ ପୁଲିସ ଚଢଉ କରି ବ୍ୟାପକ ଗଞ୍ଜେଇ ଜବତ କରଛି। ଆଇଆଇସି ନଳିନୀକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ପୁଲିସ ଏହି ଚଢଉ କରିଥିଲା। ସେଠାରୁ ବହୁ ପରିମାଣର ଗଞ୍ଜେଇ ଜବତ ହୋଇଛି।

## ବିନା ଦରଖାସ୍ତରେ ଅନୁପସ୍ଥିତ ପାଇଁ ସରସରା ଆରଆଇଙ୍କୁ ନୋଟିସ୍

ବୌଦ୍ଧ, ୪।୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲ ସରସରା ରାଜସ୍ୱ ନିରୀକ୍ଷକ ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ଥିବା ଅଭିଯୋଗ ପାଇବା ପରେ ତହସିଲଦାର କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ସରସରା ରାଜସ୍ୱ ନିରୀକ୍ଷକ ବିନା ଛୁଟି ଦରଖାସ୍ତରେ ସପ୍ତାହେରୁ ଅଧିକ ଦିନ ହେଲା କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା ହରଭଙ୍ଗା ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତହସିଲଦାର ବଳଦେବ ବେହେରା ପ୍ରାରମ୍ଭିକ ତଦନ୍ତ କରିବା ପରେ ଏ ନେଇ ରାଜସ୍ୱ ନିରୀକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ଉପଜିଲ୍ଲାପାଳଙ୍କୁ ମଧ ଅବଗତ କରାଇଛନ୍ତି।

## ଯୁରୁମୁଣ୍ଡାରେ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ



ଶଗଡ଼ା, ୪।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ଯୁରୁମୁଣ୍ଡା ଠାରେ ଏକାଦଶତମ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦଘାଟିତ ହୋଇଯାଇଛି। ବିଶ୍ୱ ପ୍ରସିଦ୍ଧ ବରଗଡ଼ର ଧନୁଯାତ୍ରାର ଭୁବନେଶ୍ୱର ପ୍ରଧାନ କଂସ ଭୂମିକାରେ ଅଭିନୟ କରୁଛନ୍ତି। ପ୍ରଥମ ଦିନ ଦେବକୀ ବସୁଦେବ ବିବାହ ଅନୁଷ୍ଠିତ ହୋଇଯାଇଛି। ଧନୁଯାତ୍ରା ମହୋତ୍ସବରେ ଶୂନ୍ୟବାଣୀ ଶୁଣି କଂସ ଭୟଭୀତ ହୋଇଥିଲେ। ପିତା ଉଗ୍ରସେନ ମହାରାଜାକୁ ଗାଦିଚ୍ୟୁତ କରିବା ପରେ କଂସ ମହାରାଜ ରାଜ୍ୟ ସିଂହାସନ ଆରୋହଣ କରିଥିଲେ। କାରାଗାରରେ ବନ୍ଦିଥିବା ଦେବକୀଙ୍କ ଗୋଟିଏ ପରେ ଗୋଟିଏ ସନ୍ତାନଙ୍କୁ ମହାରାଜା ହତ୍ୟା କରିଥିଲେ। ଏହି ଅବସରରେ ଜୁରମୁଣ୍ଡା ଗୋପପୁରଠାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଦପଲା ସରପଞ୍ଚ ଅନ୍ନପୂର୍ଣ୍ଣା ମହାକୁଡ଼ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶ୍ରମିକ ନେତା ସରୋଜ ପ୍ରଧାନ, ଧନୁଯାତ୍ରା କମିଟି ସଭାପତି ପୁରନ୍ଦର ଦନ୍ତା, ସମ୍ପାଦକ ଦୀନବନ୍ଧୁ ଦନ୍ତା, ଶିକ୍ଷାବିତ ଗୋବିନ୍ଦ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ।

## ବୀରମହାରାଜପୁର ଚତୁର୍ଥ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

ବୀରମହାରାଜପୁର, ୪।୨(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚତୁର୍ଥ ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଧନୁଯାତ୍ରାର ସଭାପତି କିଶୋର ହୋତାଙ୍କ ତତ୍ତ୍ୱାବଧାନରେ ୭ ଦିନ ଧରି ଏହି ମହୋତ୍ସବ ଚାଲିଥିଲା। ରାଜ୍ୟ ବୟନିକା ଅଧ୍ୟକ୍ଷ ପ୍ରକାଶ ମେହେର, ବରିଷ୍ଠ ସାମ୍ବାଦିକ ଗୋରେଖ ନାଥ ସାହୁ, ମିନା ମହାରଣା, ସତ୍ୟଞ୍ଜୀବ ମିଶ୍ର, ଅଞ୍ଜଳି ପଟେଲ, ପ୍ରଦୀପ ମିଶ୍ର, ଗଦାଧର ବାରିକ, ବଳଦେବ ବେଦବାକ, ଶ୍ୟାମାଓଁ ପ୍ରସାଦ ମିଶ୍ର, ପ୍ରଦ୍ୟୁମ୍ନ ପାଢ଼ୀ, ରମଣୀ ଦନ୍ତା, ସତ୍ୟବ୍ରତ ମିଶ୍ର, ସୁମନ୍ତ ଜଗଦଲା, ବିପିନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅଭିମନ୍ୟୁ ବର୍ଗତ୍ତି, ଡକ୍ଟର ଦ୍ୱିତିକୃଷ୍ଣ ପଣ୍ଡା, ଯୁଗଳ କିଶୋର ମିଶ୍ର, ତନ୍ମୟବାଳା ମିଶ୍ର, ସନ୍ତୋଷିନୀ ନାୟକ, ବରିଷ୍ଠ କଳାକାର ଅଇଁଠୁ ସାହୁ, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାହେଶ୍ୱରୀ ସେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଷ୍ଟମ ଦିନରେ ବରିଷ୍ଠ ନାଗରିକ ସଙ୍ଘର କର୍ମକର୍ତ୍ତାଙ୍କ ଦ୍ୱାରା 'ପର ଆପଣା ଆପଣା ପର' ନାଟକ ପରିବେଷଣ କରାଯାଇଥିଲା। ନାଟକରେ ତ୍ରିପାଠୀ, ସୁରୁ ସାହୁ, ଦିଲ୍ଲୀପ ତ୍ରିପାଠୀ, ଅକ୍ଷୟ ମିଶ୍ର ପ୍ରମୁଖ ଅଭିନୟ କରିଥିଲେ। ଯୁଗଳ କିଶୋର ମିଶ୍ର, ନବୀନ ଦାଶ ପ୍ରମୁଖ ସଙ୍ଗୀତ ପରିଚାଳନା କରିଥିଲେ।

● ଜୟନଗର ବଜାରରେ ଚୋରା ମଦବିକ୍ରିକୁ ବିରୋଧ

## ଦୋକାନ ଆଗରେ ନିଆଁ ଜାଳି ପ୍ରତିବାଦ

ରାଜକନିକା, ୪।୨(ସମିସ): ଜୟନଗର ବଜାରରେ ଖୋଲାମେଲା ବିକ୍ରି ହେଉଛି ଚୋରାମଦ। ପ୍ରତିବାଦ କି ବିରୋଧ କଲେ ବି ଫଳଶୂନ। ଏଭଳି ବିରୋଧ ଜାରି ରଖିଥିବା ମହିଳାମାନେ ଆଜି ଚେତାବନୀ ଦେଇଛନ୍ତି। ଜୟନଗର ବଜାରର କିଛି ଚିହ୍ନଟ ଦୋକାନ ଆଗରେ ଆଜି ଅପରାହ୍ଣରେ ସ୍ଥାନୀୟ ଅଞ୍ଚଳର ଦେଢଶହ ମହିଳା ଏକାଠି ହୋଇ



ଖାଲି ବୋତଲ, ପେଟିକୁ ରାସ୍ତାରେ ପକାଇ ନିଆଁ ଲଗାଇ ଦେଇଥିଲେ। ମହିଳାଙ୍କ ଏଭଳି ସଙ୍ଗଠିତ ଭାବରେ ବିରୋଧ ଦେଖି ଚୋରା ମଦବେପାରୀ ଖସି ପଳାଇ ଯାଇଛନ୍ତିଷ ସ୍ଥାନୀୟ ଅଞ୍ଚଳରେ ଏବେ ବଳି ବାସୁଳି ବିବୋହୋତ୍ସବର ଯାତ୍ରା ଚାଲିଥିବା ବେଳେ ଜୟନଗର ବଜାର ନିଶାଡିଙ୍କ ପାଇଁ ପ୍ରକୃଷ୍ଟ ସୁଯୋଗ ଦେଇଛି। ଏଭଳି ଖବର ପାଇ ପୁଲିସ ପହଞ୍ଚି ଉତ୍ତେଜନା ପ୍ରଶମିତ କରିବାକୁ ଚେଷ୍ଟା କରିଥିବା ବେଳେ ମଦବିକ୍ରି ସମ୍ପୂର୍ଣ୍ଣ ବନ୍ଦ ନ ହେବା ଯାଏଁ ଆମର ଆନ୍ଦୋଳନ ଜାରି ରହିବ ବୋଲି ମହିଳାମାନେ କହିଛନ୍ତି। ଚୋରା ମଦ ବିକ୍ରି ବାବଦରେ ବହୁବାର ପୁଲିସ ଓ ଅବକାରୀ ବିଭାଗ ପାଖରେ ଅଭିଯୋଗ ହେବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଏମିତି ଅପ୍ରୀତିକର ସାମାଜିକ ଆନ୍ଦୋଳନ ସୃଷ୍ଟି କରିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେବା ପରେ ନମତରା ଘଟଣାର ପୁନରାବୃତ୍ତି ନ ହେବାକୁ ସଚେତନ ନାଗରିକ ଦାବି କରିଛନ୍ତି।

ସରକାରଙ୍କ ନିୟମ କାନୁନ୍‌ରେ ଚାଷୀ ହନ୍ତସନ୍ତ

# ନୋଳସାହି ରାଇସ୍ ମିଲ୍‌ରେ ତିନିଦିନ ହେଲା ଜଗିଛନ୍ତି ଚାଷୀ






ପଞ୍ଚୁପାଣ୍ଡବ, ୪।୨(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅଧୀନ ନୋଳସାହି ରାଇସ ମିଲରେ ଚାଷୀ ତିନିଦିନ ଧରି ଅନିଦ୍ରା ହୋଇ ପଡ଼ି ରହିଛନ୍ତି। ବିଭିନ୍ନ ମଣ୍ଡି ପକ୍ଷରୁ ଟୋକନ୍ ନେଇ ଶହଶହ ଗାଡ଼ିରେ ଚାଷୀ ଦୁଇରୁ ତିନି ଦିନ ଧରି ରାସ୍ତା କଡ଼ରେ ଲାଇନ୍ ଲଗାଇ ରହିଥିବା ଦେଖିବାକୁ ମିଳିଛି। ସରକାର ଜାନୁୟାରୀରୁ ମାର୍ଚ୍ଚ ମାସ ଭିତରେ ମଣ୍ଡିରେ ଧାନଦେବା ପାଇଁ ବ୍ୟବସ୍ଥା ଥିବାବେଳେ ଧାନ ନେବାରେ ସରକାର ବିଳମ୍ବ କରିଛନ୍ତି। ଆଜି ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଅଚାନକ ନୋଳ ସାହି ରାଇସ ମିଲରେ ପହଞ୍ଚି ଥିଲେ। ହଠାତ୍ ମିଲ ମାଲିକଙ୍କୁ ଧାନ ନ ନେବା ଏବଂ ନିଜନିଜ ମଣ୍ଡିରେ ଧାନ ଦେବା ପାଇଁ ଚାଷୀମାନଙ୍କୁ କହିଥିବା ଉପସ୍ଥିତ ରହିଥିବା ଚାଷୀ ମାନେ କହିଛନ୍ତି। କୋରୋ, ରତାଦିଆ, ନହଙ୍ଗ, ପଳେଇ, ଇନ୍ଦୁପୁର, ଜମଧର, କଳପଟଣା,

**ନିଜନିଜ ମଣ୍ଡିରେ ଧାନ ଦେବାପାଇଁ ଉପଜିଲ୍ଲାପାଳଙ୍କ ତାଗିଦ**

ଗୋଲାରହାଟ ଓ ଗରଦପୁର ମଣ୍ଡିରୁ ଚାଷୀ ଧାନ ଆଣି ତିନିଦିନ ଧରି ହଟହଟା ହେଉଥିବା ଅଭିଯୋଗ ହେଉଛି। ଉପଜିଲ୍ଲାପାଳଙ୍କ ଏହି କଥାକୁ ଶୁଣିଲା ପରେ ଚାଷୀମାନେ ମିଲ୍ ଆଗରେ ପ୍ରଶାସନ ଓ ସରକାରଙ୍କ ବିରୋଧରେ ହୋ ହାଲ୍ଲା କରିଛନ୍ତି। କିଛି ଚାଷୀମାନେ କହିଛନ୍ତି ମିଲ୍ ମାଲିକ ଆମକୁ ସୁବିଧା ଦେଉଥିବା ବେଳେ ପ୍ରଶାସନ ଅଧିକାରୀମାନେ ଚାଷୀଙ୍କୁ ହନ୍ତସନ୍ତ କରିବା ପାଇଁ ବ୍ୟବସ୍ଥା କରୁଛନ୍ତି। ଆମେ ଏବେ ଧାନକୁ କେଉଁଠାକୁ ନେବୁ, ଗାଡ଼ି ଖର୍ଚ୍ଚ କରି ଆଣିଥିଲୁ କିନ୍ତୁ ବିଭିନ୍ନ ମଣ୍ଡିରେ ଧାନ ରଖିବାର ସୁବିଧା ନ ଥିବାରୁ ମଣ୍ଡି ବାଲା ଆମକୁ ମିଲ୍‌କୁ ପଠାଇଛନ୍ତି। ସରକାର ୩୧୦୦ ଟଙ୍କା ଦେବା କଥା କହି ଆମକୁ ବାରବୁଲା ସୁଣ୍ଠି ପିଣ୍ଡା ଭଳି ବୁଲାଉଛନ୍ତି। ଯେତେ ଶୀଘ୍ର ଏହାର ତଦନ୍ତ କରାଯାଇ ମିଲ୍‌ରେ ଧାନ ଦେବା ପାଇଁ ଶରତ ଚନ୍ଦ୍ର ପ୍ରଧାନ, ସୁରେଶ ଦାସ, ବିଜୟ ସାହୁ, ପ୍ରଭାକର ସାମଲ, କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଦାବି କରିଥିବା ବେଳେ ଦାବି ପୂରଣ ନ ହେଲେ ଅନ୍ଦୋଳନ ପାଇଁ ଧମକ ଦେଇଛନ୍ତି।

## ବଜ୍ରମହାକାଳୀ ଉଚ୍ଚ ବିଦ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର

ମହାକାଳପଡ଼ା, ୪।୨(ସମିସ): ବଜ୍ରମହାକାଳୀ ଉଚ୍ଚ ବିଦ୍ୟାଳୟରେ ସୁରେନ୍ଦ୍ରସାଏ ଦିବ୍ୟଦୃଷ୍ଟି ଯୋଜନାରେ ଏକଦିବସୀୟ ମଣ୍ଡଳସ୍ତରୀୟ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ଶ୍ରୀଧର ଭୋଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ବଡ଼କୁଳ ସରପଞ୍ଚ ପ୍ରଜ୍ଞା ପାରମିତା କର ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ସିଆରସିସି ନମିତା ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନାଦି ପ୍ରସାଦ ରାଉତ, ସାମ୍ବାଦିକ ପ୍ରମୋଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଧାନ ଶିକ୍ଷକ ଚକ୍ରଧର ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମରେ ଚକ୍ଷୁ ବିଶେଷଜ୍ଞ ମନୋରଞ୍ଜନ ବେହେରା, ପ୍ରତାପ କୁମାର ମହାପାତ୍ର ଓ ଶର୍ମିଷ୍ଠା ଯାଦବ ଯୋଗ ଦେଇ ୨୧୧ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୫୨ ଛାତ୍ରଛାତ୍ରୀଙ୍କର ଚଷମା ଆବଶ୍ୟକ ହୋଇଥିବା ବେଳେ ୪ ଜଣ ଶିକ୍ଷାର୍ଥୀଙ୍କୁ ଚକ୍ଷୁର ଉଚ୍ଚ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଛି। ଏହି ଶିବିରରେ ବଡକୁଳ, କରଞ୍ଜ ଓ ଜୟଚନ୍ଦ୍ରପୁର ପଞ୍ଚାୟତ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶିକ୍ଷକ ତ୍ରିଲୋଚନ ନାୟକ, ସରୋଜକାନ୍ତ ଯତି, ପ୍ରଦୀପ କୁମାର ସ୍ୱାଇଁ, ସନ୍ତୋଷ କୁମାର ଲେଙ୍କା, ଶିକ୍ଷୟିତ୍ରୀ ତନୁଜା କୁମାରୀ ନାୟକ, ଅୟନା ସାହୁ, ରାଜଲକ୍ଷ୍ମୀ ନାୟକ, ମାନସ ରଞ୍ଜନ ରଞ୍ଜିତ, ସତିଶ କୁମାର ରାଉତରାୟ ଓ ଅଣଶିକ୍ଷକ କର୍ମଚାରୀ ଅଖିଳ କୁମାର ଲେଙ୍କା, ପ୍ରଦୀପ ଲେଙ୍କା ଏବଂ ଲଲାଟେନ୍ଦୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲ ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ, ୪।୨(ସମିସ): ସାମ୍ପ୍ରତିକ ସମୟରେ ଛାତ୍ରୀମାନେ ଶୃଙ୍ଖଳିତ ହୋଇ ସମର୍ପଣ ଭାବ ନେଇ ଶିକ୍ଷାପ୍ରତି ପ୍ରତିବଦ୍ଧ ହେଲେ ଜୀବନ ସବୁ କ୍ଷେତ୍ରରେ ସଫଳ ହେବା ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ସମାରୋହରେ କହିଥିଲେ। ପ୍ରଧାନଶିକ୍ଷୟତ୍ରୀ ଉର୍ମିଳା ଜେନାଙ୍କ ପୌରୋହିତ୍ୟ ଓ ସହକାରୀ ଶିକ୍ଷକ ଟିଟିକାନ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ବିଧାୟକ ଶ୍ରୀ ସାହୁ କହିଲେ ଯେଉଁ ସ୍ୱପ୍ନ ନିଦ ହଜେଇ ଦିଏ ସେଇ ସ୍ୱପ୍ନ ଦେଖିଲେ ଛାତ୍ରୀମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚଅଚି ପାରିବେ। ହାଇସ୍କୁଲର ମଧ୍ୟାହ୍ନ ଭୋଜନ ଗୃହ ପାଇଁ ୧୦ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିବା ସହିତ ଭିତ୍ତିଭୂମି ବିକାଶ ଓ ପାନୀୟଜଳ ସମସ୍ୟା ଦୂର ପାଇଁ ସରକାରୀସ୍ତରରେ ପଦକ୍ଷେପ ନେବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ବି ଆର ସି ସି ପ୍ରେମବାଳା ମହାପାତ୍ର, ସହକାରୀ ଶିକ୍ଷାଅଧିକାରୀ ସୁନିତୀ ଦାଶ, ୧୩ ନଂ କାଉନସିଲର ଲାସ୍ୟ ମୟୀ ସାହୁ, ୧୧ନଂ କାଉନସିଲର ସାନିଆ ପରମିନ ସାହେବା ଓ ୮ନଂ କାଉନସିଲର ପ୍ରଶାନ୍ତ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ନାଥଶର୍ମା ସ୍ୱାଗତ ଭାଷଣ ଓ ଟିଟିକାନ୍ତ ନାୟକ ଅତିଥିପରିଚୟ ପ୍ରଦାନ କରିଥିଲେ। ପ୍ରଣବ ଜ୍ୟୋତି ସାମଲ ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ବାର୍ଷିକ ଉତ୍ସବର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାଆଇଆଇସି ବନ୍ଦନା ପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଜେନା, ଟିଟିକାନ୍ତ ନାୟକଙ୍କ ସଂଯୋଜନାରେ ଅଶୋକ କୁମାର ରାଉତରାୟ ମୁଖ୍ୟ ଅତିଥି, ବିରଞ୍ଚି ନାରାୟଣ ମହାପାତ୍ର ମୁଖ୍ୟବକ୍ତା, ନିଶିଥ ବାରିକ, ସୁରେଶ ଚନ୍ଦ୍ର ଜେନା, ମଳୟ ଜେନା, ଲକ୍ଷ୍ମୀପ୍ରିୟା ମହାନ୍ତି ଓ ଅନୁସୂୟା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ ନାୟକ ସ୍ୱାଗତଭାଷଣ ଓ ଜିତେନ୍ଦ୍ର ଦଳାଇ ଅତିଥିପରିଚୟ ପ୍ରଦାନ କରିଥିଲେ।

## ବରିଷ୍ଠ ସାମ୍ବାଦିକ ସନ୍ତୋଷ କରଙ୍କ ପରଲୋକ



କେନ୍ଦ୍ରାପଡ଼ା, ୪।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର କର (୬୩)ଙ୍କ ସୋମବାର କଟକ ବଡ଼ ଡାକ୍ତରଖାନାରେ ପରଲୋକ ଘଟିଛି। ସେ ମହାକାଳପଡ଼ା ବ୍ଲକ ଅଧୀନ ଗୋପିନାଥପୁର ଶାସନ ଗ୍ରାମର ବାସିନ୍ଦା ତଥା ବିଷ୍ଣୁଚରଣ କରଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ। ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ ସେ ସଂଗଠନ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ତାଙ୍କ ମରଶରୀର କେନ୍ଦ୍ରାପଡ଼ାରେ ପହଞ୍ଚିବା ପରେ ଜିଲ୍ଲା ସାମ୍ବାଦିକ ସଂଘପକ୍ଷରୁ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ସାହୁ, ଉପସଭାପତି ଚିତ୍ତରଞ୍ଜନ ଦାସଙ୍କ ସମେତ ବହୁ ସାମ୍ବାଦିକ ତାଙ୍କ ଶେଷ ଦର୍ଶନ କରିଥିଲେ। ଜନ୍ମମାଟି ଗୋପିନାଥପୁର ଶାସନ ଗ୍ରାମ୍ୟ ଶ୍ମଶାନରେ ରାଜକୀୟ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ତାଙ୍କ ଏକମାତ୍ର ପୁତ୍ର ଶାସ୍ୱତ କୁମାର କର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ କରଙ୍କ ପରଲୋକରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କର୍ମଶାଳା ଓ ପ୍ରଦର୍ଶନୀ



ପଞ୍ଚୁପାଣ୍ଡବ, ୪।୨(ସମିସ): ଡେରାବିଶ ବ୍ଲକ ରଘୁଦେଇ ପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ପ୍ରାଥମିକ ବିଦ୍ୟାଳୟରେ ଇଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କର୍ମଶାଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି।ସିଆରସିସି ମାମୁନି ସିଂ ଙ୍କ ତତ୍ତ୍?।ବଧାନରେ ଏହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଥିବା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇ ଥିଲା।କର୍ମଶାଳା ରେ ?ଆର୍ ସିସି ଦେବଦତ୍ତ ଶତପଥୀ ଏବଂ ଏବିଓ ଖଗେଶ୍ୱର ନାୟକ ଓ ସଚ୍ଚିକାନ୍ତ ମିଶ୍ର ଯୋଗଦେଇ ଥିଲେ।ଭଗବତୀ କ୍ଲଷ୍ଟରର ଦଶ ଟି ବିଦ୍ୟାଳୟ ରୁ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଦୁଇଦିନ ଧରି ବିଭିନ୍ନ ପ୍ରକାରର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରୁଥିବାର ଦେଖିବାକୁ ମିଳିଥିଲା। ନୋଳ ସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ମହାରଣା ଏବଂ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

## ଦଶମଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ରାଜକନିକା, ୪।୨(ସମିସ): ରାଜକନିକା ବ୍ଲକ କନପୁର ଉଚ୍ଚ ବିଦ୍ୟାଳୟର ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବା ପାଇଁ ଦଶମ ଶ୍ରେଣୀର ୫୪ ଜଣ ଛାତ୍ରଛାତ୍ରୀଙ୍କୁ ଆଜି ବିଦ୍ୟାଳୟ ପରିସରରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଅଷ୍ଟମ ଓ ନବମଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି ପ୍ରେରଣାଦାୟୀ ସଭାରେ ପ୍ରଧାନଶିକ୍ଷକ ଭଜଗୋବିନ୍ଦ ପରିଡ଼ାଙ୍କ ସଭାପତିତ୍ୱ ଏବଂ ଶିକ୍ଷକ ନିରୋଦ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମାଟ୍ରିକ ପରୀକ୍ଷାରେ ସଫଳତା ପାଇଁ କାମନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସିଆରସିସି ନରେନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ସୁକାନ୍ତ ଦାଶ ସ୍କୁଲର ପୁରାତନ ଛାତ୍ର ତଥା ଓଲାଭର କଲେଜର ଅଧ୍ୟାପକ ପ୍ରତାପ ବିଶ୍ୱାଳ, ନୃସିଂହ ନାଥ ବିଦ୍ୟାପୀଠର ପ୍ରଧାଶିକ୍ଷକ ନରହରି ମୁର୍ମୁ, ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ନାୟକ, ଶିକ୍ଷକ ରମେଶ ବିଶ୍ୱାଳ, ମଦନ ମୋହନ କୁଣ୍ଡ, ଶାଶ୍ୱତୀ ନାୟକ, ପଙ୍କଜିନୀ ମହାପାତ୍ର, ଅକ୍ଷୟ ବାରିକ, ପ୍ରତାପ ଶତପଥୀ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

## ରବି କାନୁନ୍‌ଗୋଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା




କେନ୍ଦ୍ରାପଡ଼ା, ୪।୨(ସମିସ): ପ୍ରବୀଣ ସାହିତ୍ୟିକ, ସ୍ତମ୍ଭକାର, ସାମ୍ବାଦିକ ତଥା ସମ୍ପାଦକ ରବି କାନୁନଗୋଙ୍କ ସ୍ମୃତିରେ କେନ୍ଦ୍ରାପଡ଼ାରେ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସାମ୍ବାଦିକମାନଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସାମ୍ବାଦିକ ଓ ସାହିତ୍ୟପ୍ରେମୀ ଯୋଗଦେଇ ଥିଲେ। ଏଥିରେ ସୋମନାଥ ସାହୁ, ପ୍ରଶାନ୍ତ ନାୟକ, ମାତୃଦତ୍ତ ମହାନ୍ତି, ମନୋଜ ସ୍ୱାଇଁ, ଜଗନ୍ନାଥ ଧଳ, ରବି ପତି, ହିମାଂଶୁ ଶେଖର ନାୟକ, ସୁଶାନ୍ତ ନାୟକ, ମହେଶ କୁମାର ପାଢ଼ୀ, ସରୋଜ ପରିଡ଼ା, ରଞ୍ଜନ ସାହୁ, ବୀରେନ୍ଦ୍ର ଦାସ, ଉମାକାନ୍ତ ଦାସ, ଲକ୍ଷ୍ମୀକାନ୍ତ ନାୟକ, ପ୍ରଦ୍ୟୁମ୍ନ ରାଉତ, ଯତୀନ କୁମାର ଦାସ, ଗୌତମ ସାହୁ, ମୃତ୍ୟୁଞ୍ଜୟ ପରିଡ଼ା, ନିହାର ରଞ୍ଜନ ପରିଡ଼ା, ବଳରାମ ବେହେରା ଓ ସନ୍ତୋଷ ପୋଥାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରବି ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାପଦାରେ ଅଷ୍ଟପ୍ରହର ନାମଯଜ୍ଞ

କେନ୍ଦ୍ରାପଡ଼ା, ୪।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଜମଧର ପଞ୍ଚାୟତ ଅଧୀନ କଣ୍ଟାପଦା ଗାଁର ଗ୍ରାମଦେବତୀ ମା ଘୁମଫଟେଇଙ୍କ ପୀଠରେ ୨୪ତମ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି।



ମହାଯଜ୍ଞରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୫ରୁ ଅଧିକ କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ପବିତ୍ର ନାମ ଜପ ମାଧ୍ୟମରେ ସମଗ୍ର ଅଞ୍ଚଳକୁ ଭକ୍ତିରେ ମୁଗ୍ଧ କରିଥିଲେ। ପରିଚାଳନାରେ ପ୍ରହଲ୍ଲାଦ ଦାସ, ରାଜକିଶୋର ବାରିକ, ଅମିୟ ବାରିକ, ପ୍ରଭାକର ସାହୁ, ମହେଶ୍ୱର ସାହୁ, ରମେଶ ସାହୁ, ଫକୀର ନାଥ, ପ୍ରଫୁଲ୍ଲ ବାରିକ, ରଶ୍ମୀରଞ୍ଜନ ବାରିକ, ସୁଦର୍ଶନ ପଲାଇ, ପଦ୍ମନାଭ ରାଉତ, ଗୌରାଙ୍ଗ ମହାନ୍ତି ଓ ଅରୁଣ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଇତିହାସ ବିଭାଗ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାଜନଗର, ୪।୨(ସମିସ): ରାଜନଗର ବ୍ଲକ ଅଧୀନ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଇତିହାସ ବିଭାଗ ତରଫରୁ ବିଭାଗ ମୁଖ୍ୟ ଅଧ୍ୟପକ ପ୍ରଣୟ କୁମାର ବେହେରାଙ୍କୁ




ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ଅଧ୍ୟାପକ ସରୋଜ କୁମାର ବେହେରା ସଭା ପରିଚାଳନା କରିଥିଲେ। ଇତିହାସ ବିଭାଗର ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଣୟ କୁମାର ବେହେରାଙ୍କୁ ଉତ୍ତରୀୟ ମାନପତ୍ର ଉପଢୌକନ ପୁଷ୍ପଗୁଚ୍ଛ ଇତ୍ୟାଦି ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଗୋବିନ୍ଦ ମାନା ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟିଆପଡ଼ା ହାଇସ୍କୁଲରେ ବିଶ୍ୱ ଆଦ୍ରଭୂମି ଦିବସ

ପଟ୍ଟାମୁଣ୍ଡାଇ, ୪।୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ମାଟିଆପଡ଼ା ସରକାରୀ ହାଇସ୍କୁଲରେ ବିଶ୍ୱ ଆଦ୍ରଭୂମି ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ କବି ମନୋଜ ଶତପଥୀଙ୍କ ପୌରୋହିତ୍ୟରେ ପରିବେଶବିତ୍ ବିଜୟ କବି ମୁଖ୍ୟ ଅତିଥି, ଦିହୁଡିପୁର ସରପଞ୍ଚ ନରେଶ ମଲିକ ମୁଖ୍ୟବକ୍ତା ଓ ସମାଜସେବୀ ସତ୍ୟବ୍ରତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ବରିଷ୍ଠ ଶିକ୍ଷକ ମାନସ ରଞ୍ଜନ ସାହୁ ସ୍ୱାଗତଭାଷଣ ଓ ଶୁଭଶ୍ରୀ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ସ୍ୱପ୍ନେଶ୍ୱର ଆଚାର୍ଯ୍ୟ, ବିନ୍ଦୁରେଖା ନାୟକ, ଚନ୍ଦ୍ରଭାନୁ ସାହୁ, ବିନୋଦ ଦାସ, ରଞ୍ଜିତ ସାହୁ, ବିଶ୍ୱଜିତ ସାହୁ ପରିଚାଳନା କରିଥିବାବେଳେ ଶିବାଶିଷ ପତ୍ରୀ, ରଞ୍ଜନ ସାହୁ, ତପନ ବେହେରା, ମାଧୁରୀ ଭୁଏ ପ୍ରମୁଖ ସହଯୋଗ କରିଥିଲେ।

## ତିନି ବୋଟ୍ ଜବତ, ୧୧ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୪।୨(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବାବେଳେ ବନବିଭାଗର ପାଟ୍ରୋଲିଂ ଦଳ ଦୁଇଟି ଟାପା ବୋଟ ସହ ଗୋଟିଏ ଟୁ-ସିଲିଣ୍ଡର ବୋଟକୁ




ଜବତ କରିଛନ୍ତି। ମା ମଙ୍ଗଳା-୩୪୭ ଟାପା ବୋଟରୁ ତିନିଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛନ୍ତି। ସେଥିରୁ ଦୁଇଟି ମନୋଫିଲାମେଂଟ ଜାଲକୁ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ମୋହନ ଗିରି, ଶ୍ରୀକୃଷ୍ଣ ଜାନା ଓ ବିଜୟ ଦାସ। ଏହି ତିନିଜଣ ମତ୍ସ୍ୟଜୀବୀ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର। ସେହିପରି ଅନ୍ୟତମ ଟାପା ବୋଟ ସମ୍ପତ ସାଗର-୧ରୁ ଗୋଟିଏ ମନୋଫିଲାମେଂଟ ଓ ଗୋଟିଏ ଚିଙ୍ଗୁଡି ଧରା ଜାଲ ଜବତ କରିଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ଗୋପାଳ ପରମାଣିକ, ସୁଶୀଲ ବାରୋଇ, ସାଗର ମଣ୍ଡଳ। ଏହି ମତ୍ସ୍ୟଜୀବୀମାନେ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର। ଖାୱାଜା ବାବା-୧ ନାମକ ଟୁ-ସିଲିଣ୍ଡର ବୋଟରୁ ଦୁଇଟି ଚିଙ୍ଗୁଡିଧରା ଜାଲ, ଗୋଟିଏ ମୋତି ଜାଲ, ଦୁଇଟି ତୁଆଡି ଜାଲ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ମୀର ଇତିବାର ଅଲୀ, ମୀର ଅକ୍ତର ଅଲୀ, ମୀର ନୂର ଇସଲାମ ଅଲ୍ଲୀ, ରବୁଲ ଅଲୀ ଖାଁନ, ଏସକେ ମଇରୁଦ୍ଦିନ୍। ଏହି ୫ଜଣ ମତ୍ସ୍ୟଜୀବୀ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର। ଗିରଫ ୧୧ଜଣ ମତ୍ସ୍ୟଜୀବୀଙ୍କୁ କେନ୍ଦ୍ରାପଡ଼ା ସିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଡେରାବିଶ ଯୁବ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ଉଷ୍ମତା ଭରିଦେଲା ଅସୀମାଙ୍କ ସଙ୍ଗୀତ ଓ ସମ୍ବଲପୁରୀ ନୃତ୍ୟ

ଡେରାବିଶ, ୪।୨(ସମିସ)



ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅଧୀନ ମିନିଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଡେରାବିଶ ଯୁବ ମହୋତ୍ସବ ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଆଜିଥିଲା ଚତୁର୍ଥ ସନ୍ଧ୍ୟା। ଯୁବ ମହୋତ୍ସବର ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ସାରସ୍ୱତ କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ହୃଦୟକୁ ଛୁଇଁଲାଭଳି ସଙ୍ଗୀତ ଓ ବରଗଡ଼ର ସରଗମଲ୍ଲୀ ନାଟ୍ୟାନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ସମ୍ବଲପୁରୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଦେଇଥିଲା। ଏହି ଅବସରରେ ନହଙ୍ଗ ପଞ୍ଚାୟତର ଜନସାଧାରଣଙ୍କ ତରଫରୁ ବରିଷ୍ଠ ନାଗରିକ ନାରାୟଣ ଲେଙ୍କା ଶ୍ରୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଏହି ଅବସରରେ ଡେରାବିଶ ବ୍ଲକ ବିପିଏମ୍ ଅମୀୟ ରାଉତଙ୍କ ତତ୍ତ୍ୱାବଧାନରେ ଓରମାସ ଓ ମିଶନ ଶକ୍ତି ପକ୍ଷରୁ ହୋଇଥିବା ଷ୍ଟଲମାନଙ୍କରେ ପ୍ରବଳ ଗହଳି ହୋଇଥିଲା। କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ।

# ୬ରୁ ସିନିୟର କ୍ରିକେଟ ଦଳ ଚୟନ ଶିବିର

ସମ୍ବଲପୁର, ୪।୨ (ସମିସ) : ଓଡ଼ିଶା କ୍ରିକେଟ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ସିନିଅର ଆନ୍ତଃଜିଲ୍ଲା କଳାହାଣ୍ଡି କପ୍ କ୍ରିକେଟ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ସମ୍ବଲପୁର ଜିଲ୍ଲା ସିନିଅର କ୍ରିକେଟ ଦଳର ଚୟନ ଶିବିର ଆସନ୍ତା ୬ ତାରିଖଠାରୁ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡ଼ା ସଂଘ, ସମ୍ବଲପୁର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଏହି ଚୟନ ଶିବିରରେ ଭାଗ ନେବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ/ଖେଳାଳି ନିଜର ଜନ୍ମଗତ ପ୍ରମାଣପତ୍ର (ମ୍ୟୁନିସିପାଲିଟି ଦ୍ୱାରା ଜାରି ହୋଇଥିବା ପ୍ରମାଣପତ୍ର) ଓ ଖେଳ ଉପକରଣ ସହିତ ଖେଳ ପୋଷାକରେ ୬ ତାରିଖ ଅପରାହ୍ନ ସାଢ଼େ ୨ଟା ସମୟରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଉପସ୍ଥିତ ରହି ନିଜର ନାମ ପଞ୍ଜିକରଣ କରାଇବାକୁ ଅନୁରୋଧ କରାଯାଇଛି। ଏହି ଶିବିର ବାବଦରେ ଅଧିକ ତଥ୍ୟ ଜାଣିବା ନିମନ୍ତେ କ୍ରୀଡ଼ା ସଂଘର କ୍ରିକେଟ ସମ୍ପାଦକ ଅବିନାଶ ନନ୍ଦ (ମୋବାଇଲ ୮୨୪୯୪୦୯୭୪୬)ଙ୍କ ସହ ଯୋଗାଯୋଗ କରାଯାଇପାରିବ।

# ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବାର୍ଷିକ ସମାବେଶ



ସମ୍ବଲପୁର, ୪।୨ (ସମିସ): ସମ୍ବଲପୁର ଜିଲ୍ଲା ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ସମାବେଶି ଗମ୍ଭାରପଙ୍କରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୪୦ ଜଣ ସଭ୍ୟ ସମାବେଶରେ ଯୋଗ ଦେଇଥିଲେ। ଏହି ଅବସରରେ ସଭାପତି ହୀରାଲାଲ ବାରିକଙ୍କ ଅଧ୍ୟକ୍ଷତାରେ ସଭାରେ ସଂଗଠନର ସଂପାଦକ ରାଜେନ୍ଦ୍ର କୁମାର ପଣ୍ଡା ବାର୍ଷିକ ବିବରଣୀ ଓ ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ସରକାର ନୂତନ ଦରମା ନିର୍ଦ୍ଧାରଣ କମିଟିରେ ସମ୍ପ୍ରତି ପେନସନ ଭୋଗୀଙ୍କ ପେନସନ ଫ୍ରିଜ୍ କରି ବାର୍ଷିକ ଟିଆଇ ନ ଦେବାକୁ ନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସରକାରଙ୍କ ନିଷ୍ପତ୍ତି ବେଆଇନ ବୋଲି କହିବାସହ ପୂର୍ବପରି କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଲାଗୁ ନିୟମ ପେନ୍‌ସନର୍‌ଙ୍କ କ୍ଷେତ୍ରରେ ସମାନଭାବେ ଲାଗୁ କରିବାକୁ ଦାବି କରିଥିଲେ। ସଭାରେ ପେନସନ ଭୋଗୀ ଶିକ୍ଷକ ବିଭୁତି ନାଥ, ଉଦିତ ଚନ୍ଦ୍ର ପାଟଯୋଶୀ, ତ୍ରିଲୋଚନ ସାହୁ, ସନ୍ତୋଷ ପ୍ରଧାନ, ତ୍ରିଲୋଚନ ମହାରଣା, ସନ୍ତୋଷ ମିଶ୍ର ପ୍ରମୁଖ ଯୋଗଦେଇ ଶିକ୍ଷକ ମାନଙ୍କୁ ସ୍କୁଲ କାମରେ ସ୍ୱାଧୀନତା, ଅଣଶୈକ୍ଷିକ କାମରୁ ନିବୃତ୍ତି, ବିଦ୍ୟାଳୟ ମାନଙ୍କରେ ପୂର୍ବପରି ଗାଁ ଲୋକଙ୍କ ସହଭାଗିତା ସହ ଶିକ୍ଷକ ନିଯୁକ୍ତିକୁ ପ୍ରାଧାନ୍ୟ ଦିଆଯିବା ଉପରେ ଆଲୋଚନା ହୋଇଥିଲା। ସଙ୍ଘର କାର୍ଯ୍ୟକାରୀ ସଭାପତି ହୀରାଲାଲ ବାରିକଙ୍କୁ ସ୍ଥାୟୀ ସଭାପତି ଭାବେ ମନୋନୀତ କରାଗଲା। ସଭା ପରେ ସଙ୍ଗୀତ ଆସର ହୋଇଥିଲା। ସନ୍ତୋଷ ମିଶ୍ର, ମୋତିଲାଲ ଦୋରା, ତ୍ରିଲୋଚନ ସାହୁ, ଭୀମସେନ ସାହୁ, ତ୍ରିବ୍ରିକମ ମହାରଣା, କିଶୋର ପାଣିଗ୍ରାହୀ ପ୍ରମୁଖ ପରିବେଷଣ କରିଥିଲେ। ଶେଷରେ କୁଳଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ମହାବିଦ୍ୟାଳୟରେ ବିଶ୍ୱ କର୍କଟ ଦିବସ




ସମ୍ବଲପୁର, ୪।୨ (ସମିସ): ସରକାରୀ ମହିଳା ମହାବିଦ୍ୟାଳୟ ଏବଂ "ଆମ କଲେଜ, ଆମ ଗୌରବ'ର ମିଳିତ ଆନୁକୂଲ୍ୟରେ ବିଶ୍ୱ କର୍କଟ ଦିବସ ଏବଂ ଚଳିତ ଶିକ୍ଷାବର୍ଷର ପଞ୍ଚମ ପ୍ରେରଣାଦାୟୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କର୍କଟ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ବାଗ୍‌ଚି ଶ୍ରୀଶଙ୍କର କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନର ରକ୍ତ କର୍କଟ ବିଶେଷଜ୍ଞ ଡାକ୍ତର ତ୍ରିବିକ୍ରମ ପଣ୍ଡା ଆଲୋଚକ ଭାବରେ ଯୋଗଦାନ କରି ସଚେତନତା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ। ଡା. ପଣ୍ଡା କହିଥିଲେ ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନି ପାରିଲେ କର୍କଟ ରୋଗୀ ସାଧାରଣ ଜୀବନ ଯାପନର ସମସ୍ତ ସୁଯୋଗ ଏବଂ ସୌଭାଗ୍ୟ ଲାଭ କରିପାରିବେ। ଏହାସହିତ ସେ ଛାତ୍ରୀମାନଙ୍କ କର୍କଟ ରୋଗ ସମ୍ବନ୍ଧିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଆଲୋଚନାଚକ୍ରରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସଭାପତିତ୍ୱ କରି ସ୍ୱାଗତ ସଂଭାଷଣ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଅଖିଳ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଶବ୍ଦଗଙ୍ଗା' ୬୮ ତମ ସଂଖ୍ୟା ଉନ୍ମୋଚିତ

ସମ୍ବଲପୁର, ୪।୨ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅନ୍‌ଲାଇନ୍ ମାସିକ ମୁଖପତ୍ର 'ଶବ୍ଦଗଙ୍ଗା'ର ୬୮ ତମ ସଂଖ୍ୟା ବୁଧବାର ସନ୍ଧ୍ୟାରେ ମୁଖ୍ୟ ସମ୍ପାଦକ ତଥା ବିଭାଗୀୟ ମୁଖ୍ୟ ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ଅତିଥିକବି ଭାବେ ଉଦୟମାନ ଯୁବକବି ଆୟୁଷ କୁମାର ବଡ଼ାଇ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ସ୍ୱରଚିତ କବିତା 'କୁହୁଡ଼ି ଯାତ୍ରା' ଆବୃତ୍ତି କରିବା ସହ ପ୍ରତିଟି ଲେଖକ ପାଇଁ ପାଠକର ମୂଲ୍ୟ ହେଉଛି ସବୁଠୁ ଊର୍ଦ୍ଧ୍ୱରେ ଏବଂ ପାଠକ ଆଦୃତି ହିଁ ଲେଖକ ପାଇଁ ପ୍ରକୃତ ପରିଚୟ ବୋଲି କହିଥିଲେ। 'ଶବ୍ଦଗଙ୍ଗା'ର ସହଯୋଗୀ ଛାତ୍ର ସମ୍ପାଦିକା ବର୍ଷାରାଣୀ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଛାତ୍ର ସମ୍ପାଦିକା ଇପ୍ସିତା ପ୍ରିୟଦର୍ଶିନୀ ବିଶ୍ୱାଳ ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଯୁବ ପ୍ରତିଭା ବୁଦ୍ଧେଶ୍ୱର ତ୍ରିପାଠୀ ଓ ଛାତ୍ରୀ ତୃଷ୍ଣା ଦାଶ ମାସିକ ମୁଖପତ୍ର ସମ୍ପର୍କରେ ମତାମତ ଦେଇଥିଲେ। ସହଯୋଗୀ ସମ୍ପାଦିକା ଅନନ୍ୟା ବେହେରା ଧନ୍ୟବାଦ ଅର୍ପଣ ଏବଂ ସହ-ସମ୍ପାଦକ ଜଗନ୍ନାଥ ମେହେର ଯାନ୍ତ୍ରିକ ସହଯୋଗ କରିଥିଲେ।

### ୨୭ରେ ଓଡ଼ିଶାର ୨୨ ଜିଲ୍ଲାରେ ହେବ ରାସ୍ତାରୋକ

# ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ପରିଷଦ ବୈଠକ






ସମ୍ବଲପୁର, ୪।୨ (ସମିସ) :

କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା, କେନ୍ଦୁପତ୍ର ଫଡ଼ି ଉଚ୍ଛେଦ କରିବା ଏବଂ ପ୍ରସ୍ତାବିତ ଘରୋଇକରଣ ସମସ୍ୟା ତଥା ଦାବୀ ପୂରଣରେ ଅହେତୁକ ବିଳମ୍ବରେ କେଏଲ୍‌ଡିବି ବୈଠକ ଆହ୍ୱାନ ନ କରିବା ପ୍ରତିବାଦରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ

## ୨୦ ଓ ୨୧ରେ ସମସ୍ତ ରେଞ୍ଜରେ ଗଣଧାରଣା

ନିଷ୍ପତ୍ତି ନିଆଯାଇଛି। ଏଥିନୁଯାୟୀ ଆଗାମୀ ଫେବୃଆରୀ ୨୦ ଓ ୨୧ ତାରିଖରେ ରାଜ୍ୟର ଶତାଧିକ ରେଞ୍ଜରେ ୨ ଦିନ ଧରି ଗଣଧାରଣା ଅନୁଷ୍ଠିତ ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏହାପରେ ସରକାର ଦାବୀପୂରଣ ଏବଂ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନନେଲେ ଫେବୃଆରୀ ୨୭ ତାରିଖରେ କେନ୍ଦୁପତ୍ର ଉତ୍ପାଦନ ଅଞ୍ଚଳର ୨୨ଟି ଜିଲ୍ଲାର ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ରାସ୍ତାରୋକ ଆନ୍ଦୋଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ଓ ରାଜ୍ୟ ପରିଷଦ ବୈଠକ ଆଜି ପୂର୍ବାହ୍ନରେ ସଂଘର ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମ୍ବଲପୁରସ୍ଥିତ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ଲକ୍ଷ ଲକ୍ଷ ତୋଳାଳୀ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଓ ଦାବୀ ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

ଗତ ଦେଢ଼ ବର୍ଷ ଧରି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବିଭିନ୍ନ ମାଧ୍ୟମରେ ଯଥାକ୍ରମେ ଡିଭିଜନସ୍ତରରେ ମୁଖ୍ୟମନ୍ତ୍ରୀଙ୍କୁ ବିକ୍ଷୋଭ ସମାବେଶ ଜରିଆରେ ଦାବିପତ୍ର ଦେବା, ଉଚ୍ଚସ୍ତରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଜଙ୍ଗଲ ବିଭାଗ ମନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପିସିସିଏଫ ଏବଂ ସର୍ବୋପରି ମୁଖ୍ୟମନ୍ତ୍ରୀଙ୍କ ସହିତ ସମ୍ବଲପୁରରେ ଅନୁଷ୍ଠିତ ଜନ ଶୁଣାଣିରେ ଆଲୋଚନା ହୋଇଥିଲା। ଉକ୍ତ ଆଲୋଚନା ସହିତ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କେନ୍ଦୁପତ୍ର ଶ୍ରମିକଙ୍କ ନ୍ୟାର୍ଯ୍ୟ ଦାବି ପୂରଣରେ ଅହେତୁକ ବିଳମ୍ବ କରାଯାଉଥିବାର ଆଜି ବୈଠକରେ ଉଦବେଗ ପ୍ରକାଶ ପାଇଥିଲା।

ଗତବର୍ଷ ଏବଂ ଚଳିତବର୍ଷ ମଧ ଗୋଛା କଟେଇରୁ ନୂତନ କାର୍ଯ୍ୟରତୁ ଆରମ୍ଭ ହେବାକୁ ଯାଉଥିଲେ ମଧ କେନ୍ଦୁପତ୍ର ତୋଳାଳୀଙ୍କ ପାଇଁ କେରି ପ୍ରତି ଦର ବୃଦ୍ଧି ଘୋଷଣା କରାଗଲାନାହିଁ। ସେହିପରି ସିଜିନାଲ୍ କର୍ମଚାରୀଙ୍କ ମାସିକ ମଜୁରୀ ଯାହାକି ୨୦୨୪ ମସିହା ଜୁଲାଇ ୧୮ ତାରିଖରୁ ସର୍ବନିମ୍ନ ମଜୁରୀ ବୃଦ୍ଧି ସେହି ଅନୁପାତରେ ବୃଦ୍ଧି ହେବା କଥା ତାହା ହେଲାନାହିଁ। ବନ୍ଧେଇ ଶ୍ରମିକ ମାନଙ୍କ ବଣ୍ଡଲ ପ୍ରତି ଦର ଆଶାନୁରୂପ ମଜୁରୀ ଦର ବୃଦ୍ଧି ହେଉନାହିଁ। କ୍ରମଶଃ ବୋନସ ପରିମାଣ ହ୍ରାସ ପାଉଛି ଓ ବୃଦ୍ଧି ହେଉ ନାହିଁ କିମ୍ବା ଚଳିତ ବର୍ଷର ବୋନସ ଘୋଷଣା ହୋଇନାହିଁ। ସାମାଜିକ ନିରାପତ୍ତା ସହାୟତା ପାଇଁ ବିଧାନସଭାରେ ବଜେଟ୍ ମଞ୍ଜୁରୀ ପ୍ରାପ୍ତ ଅର୍ଥକୁ ଆଶାଦିତ ଭାବରେ ହ୍ରାସ କରାଯାଉଛି ଏବଂ ୨୦୦ କୋଟି ଟଙ୍କା ବଜେଟରେ ପ୍ରାବଧାନ କରିବା ପାଇଁ ଦାବି କରାଯାଇଛି। ସଂଘର ସଭାପତି ଶ୍ରୀ ମହାନ୍ତି ଆନ୍ଦୋଳନକୁ ସଫଳ କରିବାକୁ ରେଞ୍ଜ ଓ ଡିଭିଜନ ସ୍ତରରେ ପ୍ରଭୁତି ବୈଠକ କରାଯିବାକୁ ଆହ୍ୱାନ ଜଣାଇଛନ୍ତି।

ବୈଠକରେ ଉପସଭାପତି ଗୋକୁଳ ମେହେର, ସାଂଗଠାନିକ ସମ୍ପାଦକ ସଂଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ରାଜ୍ୟ ସମ୍ପାଦିକା ପଦ୍ମାବତୀ କିଷାନ,ରାଜ୍ୟସମ୍ପାଦକ ଶିବାନନ୍ଦ ପରିଚ୍ଛା, ରାଜ୍ୟ କୋଷାଧ୍ୟକ୍ଷ କ୍ଷେତ୍ରଚନ୍ଦ୍ର ବାରିକ,ଅର୍ଜ୍ଜୁନ ନାୟକ,ରଞ୍ଜନ ସାହୁ, ଡିଭିଜନ ସମ୍ପାଦକ କୀର୍ତ୍ତନ ସେନାପତି, ରତ୍ନାକର ପ୍ରଧାନ, ପ୍ରଦୀପ କୁମାର ସାହୁ, କିଶୋର ପ୍ରଧାନ,ଦିବ୍ୟସିଂ ଦେହୁରୀ, ରାଜୁ ମେହେର, ଭାଗିରଥୀ ବିଶୋଇ, ରାମ ପାଢ଼ୀ, ନବକିଶୋର ମାହାର, ରମେଶ ଚନ୍ଦ୍ର ସାହୁ, ଅଶୋକ ମାଝୀ, ରମେଶ ମାହାର, ଅକ୍ଷୟ ପ୍ରଧାନ, ମିଳନ ପଲେଇ, ସଂଜୀବ ସାହୁ, ମିଳନ ହୋତା, ସୁମିତ ପଟେଲ, ଚୁମନ୍ ପ୍ରଧାନ, ଆର୍ଯ୍ୟନ୍ ବହିଦାର, ଶୁଭମ ସାହୁ, ଚିତ୍ରସେନ ନାୟକ,ଜେମା ନାଏକ, ଆଶା ଖାଲ୍‌କୋ, ସସ୍ମିତା ନାଏକ,ସୀତା ମୁଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଦେବଜ୍ୟୋତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟା ବିକାଶ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ସମ୍ବଲପୁର, ୪।୨ (ସମିସ) : ସମ୍ବଲପୁର ଶାସନସ୍ଥିତ କ୍ୟାମ୍ପସରେ ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଓ ଏନଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ସମ୍ମାନ ସମାରୋହ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସ୍‌ଏସ୍) ଯୁଗ୍ମ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ଯୋଗ ଦେଇଥିବାବେଳେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ କାହ୍ନୁଚରଣ ବାନରା, ହୋପ୍‌ସ୍କୋପ ଡ୍ରାଇଭିଂ ସ୍କୁଲର ମୁଖ୍ୟ ମନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ଟ୍ରାଫିକ ନିୟମ ପାଳନର ଆବଶ୍ୟକତା, ହେଲମେଟ ଓ ସିଟ୍‌ବେଲ୍ଟ ବ୍ୟବହାର, ଗାଡ଼ିଚାଳନା ବେଳେ ମୋବାଇଲ ଫୋନ ବ୍ୟବହାରର କୁପରିଣାମ, ମଦ୍ୟପାନ କରି ଗାଡ଼ିଚାଳନା ଆଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ମନ ପ୍ରଧାନଙ୍କ ଦ୍ୱାରା ଯମ ବେଶ ଧାରଣ କରି, ସଜୀବ ପ୍ରଦର୍ଶନ ମାଧ୍ୟମରେ ସଚେତନତା ସୃଷ୍ଟି। ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ବନ୍ଧିତ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନ ପଚରାଯିବାସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ସାମାଜିକ



ସଚେତନତାମୂଳକ କାର୍ଯ୍ୟକ୍ରମରେ ନିଜର ଦୃଢ଼ ଭୂମିକା ନିଭାଇଥିବା ଏନଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ସମାବର୍ତ୍ତନ ସମାରୋହ। ସ୍ୱେଚ୍ଛାସେବୀମାନଙ୍କର ବିଗତ ଦିନର ଅବଦାନକୁ ସ୍ୱୀକୃତି ଦେଇ ସେମାନଙ୍କୁ ପ୍ରଶଂସାପତ୍ର ଦେଇ ସମ୍ମାନିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ଚେୟାରମ୍ୟାନ ଜି. ଭାସ୍କର ରାଓ, ନିର୍ଦ୍ଦେଶକ ଜି. ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଂଜୀବ କୁମାର ବାବୁ, ବିକାଶ ଦ କନସେପ୍ଟ ସ୍କୁଲ୍ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିଅର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡକ୍ଟର ପୁଷ୍ପିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତଅଧ୍ୟକ୍ଷ ଡଃ ଦିବ୍ୟସିଂହ ମହନ୍ତ ତଥା ବିକାଶ ନର୍ସିଂ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଈଶ୍ୱର ନାଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡକ୍ଟର ଦିବ୍ୟସିଂହ ମହନ୍ତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ଡକ୍ଟର ପୁଷ୍ପିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏନଏସ୍‌ଏସ୍ ସଂଯୋଜକ ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭା ଶେଷରେ ସମସ୍ତେ ସଡ଼କ ସୁରକ୍ଷା ନିୟମକୁ ନିଜ ଜୀବନରେ ଅନୁସରଣ କରି ଦୁର୍ଘଟଣାମୁକ୍ତ ସମାଜ ଗଢ଼ିବା ପାଇଁ ସଙ୍କଳ୍ପ ନେଇଥିଲେ।

# ଉଠା ଜଳସେଚନ ନିଗମ ଠିକାଦାର ସଂଘ ବୈଠକ

ସମ୍ବଲପୁର, ୪।୨ (ସମିସ): କାଇଁଶୀର ଅଞ୍ଚଳର ଏକ ଗେଷ୍ଟ ହାଉସରେ ଆଜି ଶରତ ଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର




ଉଠା ଜଳସେଚନ ନିଗମ ଠିକାଦାର ଆସୋସିଏସନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମସ୍ତ ସଦସ୍ୟମାନଙ୍କ ସହମତିରେ ସମ୍ବଲପୁର ଜିଲ୍ଲାରେ ଅନ୍ୟ ଜିଲ୍ଲାର କୌଣସି ଠିକାଦାର କାମ କରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହିପରି ସମ୍ବଲପୁର ଜିଲ୍ଲାର ଠିକାଦାରମାନେ ମଧ୍ୟ ଅନ୍ୟ ଜିଲ୍ଲାକୁ ଯାଇ କାମ କରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ଉଠା ଜଳସେଚନ ନିଗମର ପୂର୍ବ ନିୟମ ଅନୁଯାୟୀ ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇ ଠିକାଦାର ଆସୋସିଏସନର ସଦସ୍ୟ ମାନେ କାର୍ଯ୍ୟ କରିବେ ଏବଂ ଅଧିକ ଲେସ୍‌ରେ ଟେଣ୍ଡରରେ ଭାଗ ନେବେ ନାହିଁ ବୋଲି କୁହାଯାଇଛି। କାରଣ, ଅଧିକ ଲେସ୍‌ରେ କାମ ହେଲେ ନିମ୍ନମାନର କାମ ହେବା ନେଇ ଆଶଙ୍କା ରହିଛି ବୋଲି ସଦସ୍ୟମାନେ ମତ ରଖିଥିଲେ। ବୈଠକରେ ଉଠା ଜଳସେଚନ ନିଗମ ଠିକାଦାର ଆସୋସିଏସନର ସଦସ୍ୟ ଜୟଜିତ କୁମାର ସାହୁ, ପ୍ରକାଶ କୁମାର ମିଶ୍ର, ଏନ ଗୋପାଳ କ୍ରିଷ୍ଣା, ଶ୍ରୀକାନ୍ତ ପ୍ରଧାନ, ବିଦ୍ୟୁତ କୁମାର ନାଏକ, ପ୍ରକାଶ କୁମାର ସ୍ୱାଇଁ, ଶ୍ରୀପଦ ଦାସ, ଗୌରଭ ପଟେଲ, ବିସ୍ମୟ କୁମାର ପାଟଯୋଶୀ, ରାକେଶ ରଞ୍ଜନ ସାହୁ, ଆଶିଷ କୁମାର ପଟେଲ, ଆଲୋକ ସାହା, ଗୌର ହରି ଦେହୁରୀ, ଦୀପକ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍ଚ୍ଚ ୧୬ରେ ଆର୍‌ଡିସି ଘେରିବେ ଅଙ୍ଗନବାଡି କର୍ମୀ



ସମ୍ବଲପୁର, ୪।୨ (ସମିସ): ଆସନ୍ତା ମାର୍ଚ୍ଚ ୧୬ରେ ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ ନେତୃତ୍ୱରେ ସମ୍ବଲପୁର ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଦାବିଗୁଡ଼ିକ ମଧ୍ୟରେ - ଅଙ୍ଗନବାଡି କର୍ମୀଙ୍କୁ ସରକାରୀ ମାନ୍ୟତା ଦେବା, ସମାନ କାମକୁ ସମାନ ଦରମା, ଶ୍ରମିକର ମାନ୍ୟତା ଦେବା, ଶ୍ରମ ସମ୍ମିଳନୀରେ ନିଷ୍ପତ୍ତି ଅନୁସାରେ ୨୬ ହଜାର ଟଙ୍କା ପ୍ରଦାନ କରିବା, ଶ୍ରମ କୋଡ୍ ଆଇନ୍ ଅନୁଯାୟୀ ସାମାଜିକ ନିରାପତ୍ତା ଯୋଜନାରେ ସାମିଲ କରିବା, ୧୦୦ ଶତକଡା ପଦୋନ୍ନତି ଦେବା, ଉନ୍ନତ ମାନର ମୋବାଇଲ୍ ଫୋନ୍ ଦେବା, ଏସ୍‌ଏନ୍‌ପି ଦର ସଂଶୋଧନ କରିବା ଏବଂ ଅଣ୍ଡା ମୂଲ୍ୟ ବଜାର ଦର ଅନୁସାରେ ଦେବା, ସର୍ବନିମ୍ନ ପେନସନ୍ ୧୦ହଜାର ଟଙ୍କା ପ୍ରଦାନ, ଅବସର ବେନିଫିଟ୍ ୧୦ ଲକ୍ଷ ଦେବା, ଅତିରିକ୍ତ କାର୍ଯ୍ୟ ସବୁ ବନ୍ଦ କରିବା, ସମସ୍ତ କର୍ମୀ ଓ ସହାୟିକାଙ୍କୁ ଇ-ଶ୍ରମ କାର୍ଡ ଓ ଆୟୁଷ୍ମାନ୍ ଯୋଜନାରେ ସାମିଲ୍ କରିବା ଆଦି ରହିଛି। ଆଜି ସମ୍ବଲପୁରଠାରେ ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘର କେନ୍ଦ୍ରୀୟ ସାଧାରଣ ପରିଷଦ ସଭାରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଭାନେତ୍ରୀ ଦିଶିଳା ଧୁରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧିବକ୍ତା ପ୍ରଶାନ୍ତ ପାଢୀ, ବାଳକୃଷ୍ଣ ଭୋଇ, ଶ୍ୟାମ ସୁନ୍ଦର ସାହୁ, ରୋହିତ ସାହୁ, ପ୍ରଭାସିନୀ ପାଢ଼ି, ଶାନ୍ତିଲତା ପଟେଲ, ପ୍ରମିଳା ସିଂହ, ନୀନା ବିଞ୍ଝାଲ, ଫନି ରାଉଳ, ମଞ୍ଜୁଲତା ମାଝୀ, ସୁଶିଳା, ସବିତା ଦେହୁରୀ, ସୌଦାମିନୀ ପାଣ୍ଡେ, ନନ୍ଦିନୀ ରାନୀ ବରିହା, ଝରାବ ନାୟକ, ସୈରିନ୍ଧ୍ରୀ ମହାନନ୍ଦ, ରୀତା ପତି, ସୁଜାତା ତ୍ରିପାଠୀ, ଗୋଲାପୀ ପଟେଲ, ଝୁମି ସେଠ ପ୍ରମୁଖ ବହୁ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

# ବୁର୍ଲା ତହସିଲରେ ରହିବ ୬ ଆର୍‌ଆଇ ସର୍କଲ

ସମ୍ବଲପୁର, ୪।୨ (ସମିସ): ତହସିଲଗୁଡ଼ିକ ବଡ଼ ଅଞ୍ଚଳ ଥିବାରୁ କାର୍ଯ୍ୟର ଅତ୍ୟଧିକ ଚାପ ରହିବାସହ ବିଭିନ୍ନ ପ୍ରମାଣପତ୍ର ଦେବାରେ ବିଳମ୍ବ ହେଉଥିଲା। କାର୍ଯ୍ୟ ପରିଚାଳନା ଏବଂ ଜନସେବାକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ବଲପୁର ତହସିଲକୁ ଦୁଇ ଭାଗ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ଭୁବନେଶ୍ୱର ତହସିଲକୁ ତିନିଭାଗ ଓ କଟକ ତହସିଲକୁ ଦୁଇଭାଗ କରାଯାଉଛି। କେଉଁ ଭୌଗୋଳିକ ଅଞ୍ଚଳକୁ ନେଇ ତହସିଲ ହେବ ସେନେଇ ସମ୍ପୃକ୍ତ ଜିଲ୍ଲାପାଳମାନେ ବିସ୍ତୃତ ରିପୋର୍ଟ ସରକାରଙ୍କୁ ପ୍ରେରଣ କରିଥିବା ସୂଚନା ମିଳିଛି। ଏହାଦ୍ୱାରା ଆବାସିକ ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ଜମିପଟ୍ଟା, ଡିମାର୍କେସନ, ମ୍ୟୁଟେସନ, ଘରବାଡ଼ି କନ୍‌ଭରସନ୍ ଆଦି ବିଭିନ୍ନ କାର୍ଯ୍ୟ ସହଜରେ ହୋଇପାରିବ ବୋଲି ଆଶାପ୍ରକାଶ କରାଯାଇଛି। ସମ୍ପ୍ରତି ସମ୍ବଲପୁର ସଦର ତହସିଲ ଅଧିନରେ ୧୬ଟି ଆର୍‌ଆଇ ସର୍କଲ ରହିଛି। ଏଥିମଧ୍ୟରୁ ୬ଟି ଆର୍‌ଆଇ ସର୍କଲକୁ ନେଇ ଦ୍ୱିତୀୟ ତହସିଲ ଗଠନ କରାଯିବ। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଆର୍‌ଆଇ ସର୍କଲ ଗୁଡ଼ିକ ହେଲା - ଏ.କଟାପାଲି, ଚାଉଁରପୁର, ବୁର୍ଲା, ଲରପଙ୍କ, ଗଡ଼ମୁଣ୍ଡା ଓ ଚିପିଲିମା। ଏଥିରେ ମୋଟ ୫୦ଟି ଗ୍ରାମ ରହିଛି। ଏହି ତହସିଲର ମୁଖ୍ୟାଳୟ ବୁର୍ଲାଠାରେ ହେବ। ଏପ୍ରିଲ ୧ ତାରିଖରୁ ଜନଗଣନା ଆରମ୍ଭ ହେବାକୁ ଥିବାବେଳେ ତାହା ପୂର୍ବରୁ ଏହି ତହସିଲ ବିଭାଜନ ପ୍ରକ୍ରିୟା ଶେଷ ହୋଇପାରେ ବୋଲି ଜଣାପଡ଼ିଛି।

# ରାମନାରାୟଣ ନାୟକଙ୍କ ପରଲୋକ



ସମ୍ବଲପୁର, ୪।୨ (ସମିସ) : ମାନେଶ୍ୱର ବ୍ଲକ୍ ସାହାସପୁର ଅଞ୍ଚଳର ଜଣାଶୁଣା ବ୍ୟକ୍ତିତ୍ୱ, ଅବସରପ୍ରାପ୍ତ ଶିକ୍ଷକ ରାମନାରାୟଣ ନାୟକ(୮୮)ଙ୍କ ବୁଧବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ସାହାସପୁର ହାଇସ୍କୁଲ ଓ ଗିରି ଗୋବର୍ଦ୍ଧନ ମନ୍ଦିର ନିର୍ମାଣରେ ତାଙ୍କର ଅଶେଷ ଅବଦାନ ରହିଛି। ସେ ଗିରି ଗୋବର୍ଦ୍ଧନ ପୂଜା କମିଟି, ଜଗନ୍ନାଥ ମନ୍ଦିର କମିଟି, ସାହାସପୁର ହାଇସ୍କୁଲ ପରିଚାଳନା କମିଟି ଓ ପାଣି ପାଞ୍ଚାୟତ କମିଟିର ସଭାପତି ଭାବେ ଦୀର୍ଘ ବର୍ଷ କାର୍ଯ୍ୟ ତୁଲାଇଥିଲେ। ମୃତ୍ୟୁ ସମୟରେ ତାଙ୍କ ପୁଅ, ପୁତୁରା, ନାତି ଓ ନାତୁଣୀ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ଜ୍ୟେଷ୍ଠ ପୁତ୍ର ଚିତ୍ତରଞ୍ଜନ ନାୟକ ମୁଖାଗ୍ନି ଦେଇଥିଲେ।

# ୧୪ ଗ୍ରାମ ହିରୋଇନ ଜବତ, ୨ ଗିରଫ

ସମ୍ବଲପୁର, ୪।୨ (ସମିସ): ଧନୁପାଲି ଥାନା ଧନକଉଡ଼ାଠାରେ ଅବକାରୀ ବିଭାଗ ସଦର ରେଞ୍ଜ ପକ୍ଷରୁ ଚଢ଼ଉ କରି ୧୪ ଗ୍ରାମ ହିରୋଇନ ଜବତ କରାଯାଇଛି। ଏହାର ମୂଲ୍ୟ ଆନୁମାନିକ ୧ ଲକ୍ଷ ୪୦ ହଜାର ଟଙ୍କା ହେବ। ଏହି ମାମଲାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଧନକଉଡ଼ା ଅଞ୍ଚଳରେ ବେଆଇନ ନିଶା କାରବାର କରୁଥିବା ଖବର ପାଇ ଅବକାରୀ ବିଭାଗ ସଦର ରେଞ୍ଜ, ସମ୍ବଲପୁର ପକ୍ଷରୁ ଚଢ଼ଉ କରାଯାଇଥିଲା। ସେମାନେ ୧୪ ଗ୍ରାମ ହିରୋଇନ, ଗୋଟିଏ ଟିଭିଏସ୍ ଜୁପିଟର ଗାଡ଼ି, ନଗଦ ୭ ଶହ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଧନୁପାଲି ଥାନା ଗୋବିନ୍ଦତୋଲାର ଶେଖ ସାହାବାଜ (୨୮) ଓ ଟାଉନ ଥାନା ଦଲେଇପଡ଼ାର ସତ୍ୟପ୍ରକାଶ ଦାସ ଓରଫ ସତ୍ୟ ସାହା (୨୮)କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସଦର ରେଞ୍ଜ ସମ୍ବଲପୁରରେ ପିଆର୍ ନଂ. ୧୦୮/୨୫-୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ପାଣିପାଇଁ ହନ୍ତସନ୍ତ ସମ୍ବଲପୁରବାସୀ

ସମ୍ବଲପୁର, ୪।୨ (ସମିସ):

ଦୁଇଦିନ ହେଲା ପାଣି ଟୋପାଏ ପାଇଁ ସମ୍ବଲପୁରବାସୀ ହନ୍ତସନ୍ତ ହେଉଛନ୍ତି। ସର୍ବପୁରାତନ ସହର ସମ୍ବଲପୁରରେ ଏବେ କୂଅ ପ୍ରାୟତଃ ନଥିବାବେଳେ ଲୋକେ ଡହଳବିକଳ ହେଉଛନ୍ତି। ମଙ୍ଗଳବାର ପୂର୍ବରୁ ରଖିଥିବା ପାଣିରେ କୌଣସିମତେ ଚଳିଯାଇଥିବା ବେଳେ ବୁଧବାର ପିଏଚ୍‌ଡି ପାଣି ନଆସିବାରୁ ଲୋକେ ହଇରାଣ ହରକତ ହୋଇଥିଲେ। କିଛିଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ସମ୍ବଲପୁରରେ ୨୪ ଘଣ୍ଟିଆ ଜଳଯୋଗାଣ ହେବ ବୋଲି ଘୋଷଣା କରିବାସହ ଭୂମିପୂଜନ କରିଥିଲେ। ଏହାର କେଇଦିନ ନବିତୁଣୁ ଏଭଳି ଏକ ଅଭାବନୀୟ ସ୍ଥିତି ଉପୁଜିଛି। ପାନୀୟ ଜଳଯୋଗାଣ ବନ୍ଦ ରହିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୱାଟ୍‌କୋ ଅଧିକାରୀଙ୍କୁ ଫୋନ





କଲେ କେତେବେଳେ ଫୋନ ଉଠାଉ ନାହାନ୍ତି ତ କେବେ ସ୍ପଷ୍ଟ ଉତ୍ତର ମିଳୁନଥିବା ଅଭିଯୋଗ ହୋଇଛି। ଏପରିକି ଦୋକାନଙ୍କରେ ଗଚ୍ଛିତ ରହୁଥିବା ୨୦ ଲିଟର ବିଶିଷ୍ଟ ପାଣି ଜାର୍ ଆଉ ମିଳୁନାହିଁ। ଲୋକେ ୫ ଲିଟର ବିଶିଷ୍ଟ ପାଣି ଜାର୍ ନେବାକୁ ବାଧ୍ୟ ହେଉଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ସ୍ଥିତିର ଯୁଦ୍ଧକାଳୀନ ଗତିରେ ମୁକାବିଲା ପାଇଁ ସବୁବେଳେ ସଜାଗ ରହିବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଜୁଲାଇ ମାସରେ ବରେଇପାଲି ବିଶୋଧନାଗାରରେ ଟ୍ରାନ୍ସଫର୍ମର ପୋଡ଼ି ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ସମ୍ବଲପୁର ସହରକୁ ଜଳଯୋଗାଣ ବନ୍ଦ ରହିଥିଲା।

ଏନେଇ ୱାଟ୍‌କୋ ସହ ନିର୍ବାହୀ ଯନ୍ତ୍ରୀ ସୁଖମୟ ସରକାରଙ୍କୁ ପଚାରିବାରୁ ଚର୍ଚ୍ଚ ପାଖରେ ଥିବା ଏକ ବଡ଼ ପାଇପ ଫାଟିଯିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କହିଥିଲେ। ପୁରୁଣା ପାଇପ୍ ହୋଇଥିବାରୁ ସେଥିରେ ନୂତନ ପାଇପ୍ ସଂଯୋଗ କରାଯାଇପାରୁନାହିଁ, ତେବେ, ବୁଧବାର ରାତି ସୁଦ୍ଧା ପାଇପ୍ ସଂଯୋଗ କରି ଗୁରୁବାର ସକାଳେ ଜଳଯୋଗାଣ ହେବ ବୋଲି ସେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ୨୪ ଘଣ୍ଟିଆ ପାନୀୟ ଜଳଯୋଗାଣର ପ୍ରତିଶ୍ରୁତି ଦେଇଥିବା ବେଳେ ଦୀର୍ଘ ୨ ଦିନ ଜଳ ଯୋଗାଣ ବନ୍ଦ ରହିବା ପରିତାପର ବିଷୟ ବୋଲି 'ସାଧନା'ର ସଭାପତି ସୂର୍ଯ୍ୟ ପାଣିଗ୍ରାହୀ ମତପ୍ରକାଶ କରିଛନ୍ତି।

# ଷ୍ଟେସନବସ୍ତି ଅଞ୍ଚଳରେ ପାନୀୟ ଜଳ ସମସ୍ୟା

## ଶୀଘ୍ର ସମାଧାନ ଦାବି କଲେ ଅଞ୍ଚଳବାସୀ

କୁଚିଣ୍ଡା,୪ ।୨(ସମିସ):



ବାମରା ବ୍ଲକ୍ ସଦର ମହକୁମାସ୍ଥିତ ଷ୍ଟେସନବସ୍ତି ଅଞ୍ଚଳରେ ଗତ ୮ ଦିନରୁ ସରକାରୀ ସପ୍ଲାଇ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ ଠପ୍ ଥିବା ବେଳେ ଏହାକୁ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଶୁଣିନଥିବା ଅଞ୍ଚଳବାସ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ସଦର ମହକୁମା ଗୋବିନ୍ଦପୁର ପଞ୍ଚାୟତ ଅଧିନ ଥିବା ବାମରା ଷ୍ଟେସନବସ୍ତିର ପାଣି ପମ୍ପ ଗତ ୮ ଦିନରୁ ଅଚଳ ହୋଇ ପଡ଼ିଛି। ଫଳରେ ଷ୍ଟେସନ ବସ୍ତି, ବିଜୁ ପଟ୍ଟନାୟକ ଛକ, ବଡ଼ ଡୁମେରମୁଣ୍ଡା ଓ ସିସାଲଫାର୍ମ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ୍ ରହିଛି। ଏହାକୁ ନେଇ ଅଚାଲବାସୀ ଗୋବିନ୍ଦପୁର ପଞ୍ଚାୟତ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଅନ୍ୟପଟେ ଖୋଦ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଏହା ନିର୍ବାଚନ କ୍ଷେତ୍ର ଥିବା ବେଳେ ଉକ୍ତ ଅଞ୍ଚଳରେ ବିଭାଗୀୟ ଅଧିକାରୀଙ୍କ ଏପରି ଅବହେଳାକୁ ସାଧାରଣ ଲୋକ ସହଜରେ ଗ୍ରହଣ କରି ପାରୁନାହାଁନ୍ତି। ବର୍ତ୍ତମାନ ଗ୍ରୀଷ୍ମର ଆଗମନ ହୋଇଥିବା ବେଳେ ଏବେ ଠାରୁ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଆରମ୍ଭ ହୋଇଛି। ଆଗକୁ ପରିସ୍ଥିତି କଣ ହେବ ବୋଲି ଲୋକମାନେ ଚିନ୍ତା ବ୍ୟକ୍ତ କରିଛନ୍ତି। ଉକ୍ତ ବିଷୟକୁ ନେଇ ଗୋବିନ୍ଦପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତାପ କୁମାର ସାଙ୍କୁ ପଚାରି ବୁଝିବାକୁ ବିଜୁପଟ୍ଟନାୟକ ଛକରେ ଥିବା ପାଣି ପମ୍ପର ମୋଟର ପୋଡ଼ି ଯିବାରୁ ଏପରି ପରିସ୍ଥିତି ଉପୁଜିଛି। ମରାମତି ପାଇଁ ଚେଷ୍ଟା ଜାରି ରହିଛି ବୋଲି କହିଥିଲେ। ସରପଞ୍ଚ ବିମଳ ଲାକ୍ରାଙ୍କୁ ପଚାରିବାରୁ ଦିନ ଦୁଇଦିନ ମଧ୍ୟରେ ସମସ୍ୟା ସମାଧାନ ହୋଇଯିବ ବୋଲି କହିଥିଲେ। ଅଞ୍ଚଳରେ ବାରମ୍ବାର ଦେଖା ଦେଇଥିବା ପାନୀୟ ଜଳ ସମସ୍ୟାକୁ ନେଇ ବାମରା ଷ୍ଟେସନ ବସ୍ତିର ମହିଳାମାନେ ଉଦବେଗ ପ୍ରକାଶ କରିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ସେମାନେ ଦାବି କରିବା ସହ ଶୀଘ୍ର ଦାବି ପୁରାଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## ଭଟଲିରେ ବିଶାଳ ହିନ୍ଦୁ ସମ୍ମିଳନୀ



ଭଟଲି,୪।୨(ସମିସ): ବରଗଡ଼ ଜିଲ୍ଲା ଅଧୀନ ଭଟଲି ବ୍ଲକ୍‌ର ସ୍ଥାନୀୟ ରଥଦାଣ୍ଡ ପଡିଆରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଭଟଲି, କେସେଇପାଲି ଓ କେଲେଣ୍ଡାପାଲି ପଞ୍ଚାୟତରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଆଖପାଖ ଅଞ୍ଚଳରୁ ଅନେକ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସେବା ଭାରତୀ ପ୍ରଚାର ଓ ପ୍ରଶିକ୍ଷଣ ପ୍ରମୁଖ (ଓଡ଼ିଶା ପଶ୍ଚିମ ପ୍ରାନ୍ତ) ସୌମ୍ୟରଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ, ଲୋକନାଥ ମେହେରଙ୍କ ଆବାହନରେ, ସତ୍ୟବାନ ଦେହୁରୀଙ୍କ ସଂଯୋଜନାରେ, ତଥା ବିଜୟ ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ମିଳନୀରେ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସ୍ଥାନୀୟ ବିଧାୟକ ଇରାଶିଷ ଆଚାର୍ଯ୍ୟ ଏଥିରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଆଚାର୍ଯ୍ୟ ପରିପୂର୍ଣ୍ଣାନନ୍ଦଜୀ ମହାରାଜ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଗୌନ୍ତିଆ ସରୋଜ ସାହୁ, ମୁଖ୍ୟବକ୍ତା ଗୁପ୍ତେଶ୍ୱର ଥନାପତି, ସହ ପ୍ରାନ୍ତ ସଂଯୋଜକ ଶିକ୍ଷା ବିକାଶ ସମିତି ଯୋଗ ଦେଇଥିଲେ। ଭାରତକୁ ବୈଭବଶାଳୀ ରାଷ୍ଟ୍ର ରୂପେ ପରିଗଣିତ କରିବାକୁ ହେଲେ ପଞ୍ଚ ଯଜ୍ଞ ଓ ପଞ୍ଚ ପରିବର୍ତ୍ତନକୁ ପାଥେୟ କରିବାକୁ ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସଞ୍ଜିବ ଖମାରୀ, ଅଭିଳାଷ ଡନସନା, ବିନାୟକ ସା, ସରୋଜ ବେହେରା, ଈଶ୍ୱର ପାତିକାର, ଅନୀଳ ପାତିକାର, ଗଣେଶ ସାହୁ ପ୍ରମୁଖ ସ୍ୱୟଂସେବକ ସହଯୋଗ କରିଥିଲେ।

## କେଶାଇପାଲି ସରକାରୀ ହାଇସ୍କୁଲରେ ବିଶ୍ୱ ଆର୍ଦ୍ରଭୂମି ଦିବସ

ଭଟଲି,୪।୨(ସମିସ): ଆର୍ଦ୍ରଭୂମି ଗୁଡିକର ବିକାଶ ଓ ସୁରକ୍ଷା ନିମନ୍ତେ ସଚେତନ କରିବା ପାଇଁ ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ଅଧୀନ କେଶାଇପାଲି ସରକାରୀ ହାଇସ୍କୁଲରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଗହଣରେ



ଆର୍ଦ୍ରଭୂମିର ସୁରକ୍ଷା ଓ ସଂରକ୍ଷଣ ନିମିତ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଆତ୍ମାରାମ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇକୋ କ୍ଲବ୍ ଶିକ୍ଷୟିତ୍ରୀ ସୁଚିସ୍ମିତା ପଧାନ ଛାତ୍ରଛାତ୍ରୀଙ୍କୁ ଆର୍ଦ୍ରଭୂମି ସୁରକ୍ଷାର ଆବଶ୍ୟକତା ଉପରେ ବୁଝାଇବା ସହ ସମସ୍ତଙ୍କୁ ଆର୍ଦ୍ରଭୂମିର ସଂରକ୍ଷଣ ଓ ସୁରକ୍ଷା ପାଇଁ ଶପଥ ପାଠ କରାଇଥିଲେ। ଅଡିଓ ଭିଜୁଆଲ ମାଧ୍ୟମରେ ରାଜ୍ୟ ଓ ଦେଶରେ ଥିବା କେତେକ ପ୍ରମୁଖ ଆର୍ଦ୍ରଭୂମି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଧାରଣା ଦିଆଯାଇଥିଲା। ଆର୍ଦ୍ରଭୂମି ମିତ୍ର ଭାବେ ଆର୍ଦ୍ରଭୂମି ଗୁଡିକର ସଂରକ୍ଷଣ ଦିଗରେ କାର୍ଯ୍ୟ କରିବା ପାଇଁ ବିଦ୍ୟାଳୟର ନୃସିଂହ ଇକୋ କ୍ଲବ୍‌ର ସଦସ୍ୟଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ସଙ୍କଳ୍ପ ନେଇଥିଲେ। ଶିକ୍ଷୟିତ୍ରୀ କଳ୍ପନା ବଡପଣ୍ଡା, ସୁଚିସ୍ମିତା ପଧାନ, ବିନିତା ସାହୁ, ଭାଗ୍ୟଶ୍ରୀ ଦାଶ, ଉମାରାଣୀ ବେହେରା, ଲତା ସାହୁ, ବିନତି ପାଣିଗ୍ରାହୀ, ଆରତି ବିଶି, ଭୂମିସୂତା ଭୁଏ, ସାଇସ୍ମିତା ନାଏକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଦେବଦତ୍ତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

● କୁଚିଣ୍ଡା ଭିଜନ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ


# ଫାଇନାଲରେ ରାଉରକେଲା ୟୁଥ କ୍ରିକେଟ ଆସୋସିଏସନ



କୁଚିଣ୍ଡା,୪ ।୨(ସମିସ): କୁଚିଣ୍ଡା ମୁକୁନ୍ଦୀ ଷ୍ଟାଡିୟମରେ ଆୟୋଜିତ ପ୍ରଥମ ଭିଜନ କୁଚିଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ୟୁଥ କ୍ରିକେଟ ଆସୋସିଏସନ, ରାଉରକେଲା ଏବଂ ସମ୍ବଲପୁର କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ମ୍ୟାଚ୍‌ରେ ୟୁଥ କ୍ରିକେଟ ଆସୋସିଏସନ ରାଉରକେଲା ଦଳ ଟସ୍ ଜିତି ବ୍ୟାଟିଂ କରିବା ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରେ ୨୦୧/୭ ରନ କରିଥିଲେ। ଜବାବରେ ସମ୍ବଲପୁର ଦଳ ୨୫ ଓଭରରେ ୧୮୭/୪ କରିଥିଲେ ରାଉରକେଲା ଦଳ ୧୪ ରନରେ ବିଜୟ ଲାଭ କରି ପ୍ରଥମ ଫାଇନାଲିଷ୍ଟ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଥିଲେ। ମ୍ୟାଚ୍‌କୁ ଓସିଏ ସିକୃତି ପ୍ରାପ୍ତ ଅମ୍ପାୟର ସଞ୍ଜୟ ନାଏକ ଏବଂ ଏମଡି ଇଶାକ ପରିଚାଳନା କରିଥିଲେ। ମ୍ୟାଚ୍‌କୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଯୁଯୁମୁରା ବ୍ଲକ୍ ପ୍ରଣବ କମାର ଛୁରିଆ, ସରକାରୀ ଓକିଲ କୁମାରେଶ ଦଶଭାୟା, କନିଷ୍ଠ ଯନ୍ତ୍ରୀ ଧନକଉଡ଼ା ବ୍ଲକ୍ ସୁବ୍ରତ ଶର୍ମା, କୋଅପରେଟିଭ ବ୍ୟାଙ୍କ କୁଚିଣ୍ଡା ଶାଖା ପରିଚାଳକ ବିସ୍ମୟ ପ୍ରକାଶ ପଟେଲ, କୁତ୍ରାଚୁଆଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ନାଏକ ଶୁଭାରମ୍ଭ କରିଥିଲେ। ପୁରସ୍କାର ବିତରଣି ସମାରୋହରେ କୁଚିଣ୍ଡା ନଗରପାଳ ପ୍ରଦ୍ୟୁତ କୁମାର ମହାନ୍ତି, ସମାଜ ସେବୀ ଅଜୟ ଶର୍ମା, ସମାଜ ସେବୀ ସୁରେଶ ବିଶୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।କୁଚିଣ୍ଡା ଭିଜନ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଭାପତି ନଳିନୀକାନ୍ତ ମହାନ୍ତି, ଉପସଭାପତି ଅମିତ ମିଶ୍ର, ସାଧାରଣ ସମ୍ପାଦକ ଉଦିତ ରଞ୍ଜନ ଦଶଭାୟା, କୋଷାଧକ୍ଷ ପିଙ୍କୁ ପାଣିଙ୍କ,ମହେଶ ରାୟ, ହିମାଂଶୁ ପଟ୍ଟନାୟକ,ଭକ୍ତ ଜେନା, ଦିବ୍ୟ ପ୍ରକାଶ ମହାପାତ୍ର, ଯତୀନ ପଟେଲ, ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ ସହିଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲରେ ଜିମଖାନା ରାଉରକେଲା




ରେଢ଼ାଖୋଲ,୪ ।୨(ସମିସ):ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ୍ ଜେ.ରେଙ୍ଗାଲିସ୍ଥିତ ରଜାଚୌରି ଖେଳ ପଡ଼ିଆରେ ହେଉଥିବା ସହିଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଦିନ ମ୍ୟାଚ୍‌ରେ ପ୍ରୋଗ୍ରେସିଭ ଝାରସୁଗୁଡାକୁ ହରାଇ ଜିମଖାନା ରାଉରକେଲା ସେମି ଫାଇନାଲରେ ପ୍ରବେଶ କରିଛି। ରାଉରକେଲା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୭ ଓଭରରେ ୬ ଉଇକେଟ ହରାଇ ୨୧୦ ରନ କରିଥିଲା। ଏଥିରେ ଓଡ଼ିଶା ରଣଜୀ ଖେଳାଳି ସ୍ୱସ୍ତିକ ସାମଲ ୫୮ ବଲରୁ ୯୯ ରନ କରି ଗୋଟିଏ ରନରେ ଶତକରୁ ବଞ୍ଚିତ ହୋଇଥିବା ବେଳେ ସ୍ନେହାଲ ସାମନ୍ତରାଏ ୮୪ ରନ କରିଥିଲେ। ବିପକ୍ଷ ଝାରସୁଗୁଡାର ୟାସିନ କ୍ୟୁରେସି ୬ ଟି ଉଇକେଟ ନେଇଥିଲେ। ଜବାବରେ ଝାରସୁଗୁଡ଼ା ନିର୍ଦ୍ଧାରିତ ୨୭ ଓଭରରେ ୭ ଉଇକେଟ ହରାଇ ୨୦୧ ରନ କରି ପରାସ୍ତ ହୋଇଥିଲା।ଦଳର ରାଜ କିଶନ ପଟେଲ ୫୦ବଲରୁ ୮୫ ରନ ଓ ଯତୀନ ରଜାକ ୫୨ ରନ କରିଥିଲେ।ବିପକ୍ଷ ରାଉରକେଲାର ସରୋଜ ମହାତୋ ୩ ଟି ଉଇକେଟ ନେଇଥିଲେ। ଫଳରେ ରାଉରକେଲା ବିଜୟୀ ହୋଇ ଚତୁର୍ଥ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଏଥିରେ ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନର ଉପସଭାପତି ତଥା ସମ୍ବଲପୁର ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ସ୍ଥାନୀୟ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେଶ କୁମାର ବରିହା ଓ ଆୟୋଜକ ସଭାପତି ଯଜ୍ଞେଶ୍ୱର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଉରକେଲାର ସ୍ୱସ୍ତିକ ସାମଲଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।ଏହି ଅବସରରେ ଓଡ଼ିଶା କ୍ରିକେଟ ଦଳ ପାଇଁ ପ୍ରତିନିଧିତ୍ୱ କରି ସାରିଥିବା ରାଜ କିଶନ ପଟେଲ ଓ ତରଣୀ ସା ଓ ସ୍ୱସ୍ତିକ ସାମଲଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।ମ୍ୟାଚ୍‌ରେ ଓସିଏ ମାନ୍ୟତାପ୍ରାପ୍ତ ରାଜା ରଣା ଓ ସୌମ୍ୟ ମହାନ୍ତି ଅମ୍ପାୟାର, କିରଣ ଭୋଇ ସ୍କୋରିଂ ଏବଂ ରାକେଶ ସେଠୀ ଓ ତରୁଣ ନାଏକ ଏବଂ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ମ୍ୟାଚ ଡିସିଏ ଦେବଗଡ ଓ ୱାଇଏସସିସି ବଲାଙ୍ଗିର ମଧ୍ୟରେ ହେବ ବୋଲି ଆୟୋଜକ ବିଜୟ ଜେନା ପ୍ରକାଶ କରିଛନ୍ତି।

## ପାଇକମାଲରେ ସମ୍ପୂର୍ଣ୍ଣତା ଅଭିଯାନର ଶୁଭାରମ୍ଭ



ପାଇକମାଲ,୪।୨(ସମିସ): ବରଗଡ଼ ଜିଲ୍ଲା ପାଇକମାଲ ହାଇସ୍କୁଲ ପରିସରରେ ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ଶୁଭାରମ୍ଭ ବୁଧବାର ହୋଇଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଯାନର ଶୁଭ ଉଦ୍‌ଘାଟନ କରିଥିଲେ। ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରଗୁଲା, ପାଇକମାଲ ଚେୟାରମ୍ୟାନ ଭାବନା ସିଂ, ବିଡିଓ ପ୍ରଫୁଲ୍ଲ ଓଡ୍ଡୁ, ଏମପି ପ୍ରତିନିଧି ସୁଶାନ୍ତ ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ମଧୁସ୍ମିତା ବେହେରା ପରିଚାଳନା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ବିଧାୟିକା ବରିହା ମଧ ମା' ଭଉଣୀ ମାନଙ୍କୁ ଆକାଂକ୍ଷୀ ବ୍ଲକ୍‌ରେ ଜନ ହିତକର କାମ ବିଷୟରେ ବକ୍ତବ୍ୟ ରଖିଥିଲେ। ଦୁଇ ଜଣ ଗର୍ଭବତୀ ମା' ମାନଙ୍କୁ ଗୋଦଭରାଇ ରୋଶନ କରାଇ ଗର୍ଭବତୀ ମାଙ୍କୁ ବନ୍ଦାପନା କରି ଚୁଡ଼ି, ସିନ୍ଦୂର, ଅଳତା ଲଗାଇ ବନ୍ଦାପନା କରି ପିଠା ଖୁଆଇଥିଲେ। ବିଡିଓ ପ୍ରଫୁଲ୍ଲ ଓଡ୍ଡୁ ଧନ୍ୟବାଦ ଦେଇଥିଲେ। ତାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଏହି ଅବସରରେ ଅତିଥି ମାନେ ଅନେକ ଷ୍ଟଲ ପରିଦର୍ଶନ କରିଥିଲେ।

## କଳିଙ୍ଗ କଲେଜର ବାର୍ଷିକ କ୍ରୀଡ଼ା



ରେଢ଼ାଖୋଲ,୪ ।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ କଳିଙ୍ଗ କଲେଜ ପକ୍ଷରୁ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ନେଇ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ପ୍ରଥମେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ଥାନୀୟ ଶିବମନ୍ଦିର ଠାରୁ ଭବ୍ୟ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଚେୟାରମ୍ୟାନ୍ ପ୍ରକାଶ ନାୟକ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।ବାର୍ଷିକ କ୍ରୀଡ଼ା ଉତ୍ସବରେ ବିଭିନ୍ନ ଖେଳ ପ୍ରତିଯୋଗିତାରେ କଲେଜର କଳା ଏବଂ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଅନୁଷ୍ଠାନର ଅଧକ୍ଷ ରବି ନାରାୟଣ ମାଝୀ,ଓଡ଼ିଆ ଅଧାପକ ବିପିନ୍ ମହାନନ୍ଦ, ଶ୍ୟାମ ସୁନ୍ଦର ସ୍ୱାଇଁ, ଚାରୁଚନ୍ଦ୍ର, ବିପିନ୍ ସାହୁ,ଦୀପକ, କିରନ୍, ଅନୁପମା ମେମ ପ୍ରମୁଖ କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।ପରେ ଅନୁଷ୍ଠାନର ଅଧାପକ ଏବଂ ଛାତ୍ରଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଥିଲା।

## ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବରଗଡ଼,୪।୨(ସମିସ): ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୬୪ ତମ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ଅଧ୍ୟକ୍ଷତାରେ ଭବ୍ୟ ସମାରୋହରେ ପାଳିତ ହୋଇଛି। ମୁଖ୍ୟ ଅତିଥି ବରଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେର୍ଷୀୟସ ଡୁଙ୍ଗଡୁଙ୍ଗ, ମୁଖ୍ୟ ବକ୍ତା କର୍ଣ୍ଣ ସୁନା (ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭେଡେନ) ତଥା ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଭୀମସେନ ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଶାଶ୍ୱତୀ ଦାଶ ନାରୀ ମାନଙ୍କର ବର୍ତ୍ତମାନ ସ୍ଥିତି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳିନାରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ୨୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ରେଢ଼ାଖୋଲ,୪ ।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ପୁରୁଣାଗଡ଼ ଛକରୁ ମଙ୍ଗଳବାର ଦିନ ଅବକାରୀ ବିଭାଗ ପକ୍ଷରୁ ଏକ କାର୍‌ରୁ ୨୨ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବୌଦ୍ଧ ଜିଲ୍ଲାର ରାଜେଶ ମିସ୍ତ୍ରୀ(୩୨)। ସୂଚନା ଯୋଗ୍ୟ ଯେ ବୌଦ୍ଧ ଜିଲ୍ଲା ଅଞ୍ଚଳରୁ ରେଢ଼ାଖୋଲ ଅଭିମୁଖେ ଏକ ମାରୁତି କାରରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ ଖବର ପାଇଥିଲା। ସହରର ପୁରୁଣାଗଡ଼ ଛକ ନିକଟରେ ରେଢ଼ାଖୋଲ ଅବକାରୀ ବିଭାଗ ଅଧିକାରୀ ଦୃବଦଳ ବିଶ୍ୱାଳଙ୍କ ନେତୃତ୍ୱରେ କର୍ମଚାରୀ ଜଗି ରହିଥିଲେ। କାର୍ ନଂଓଡି୦୨ବିଇ-୬୩୧୦ କୁ ଅଟକାଇ ଯାଞ୍ଚ କରିଥିଲେ। କାରରୁ ୨୨ କେଜି ବେଆଇନ ଚୋରା ଚାଲାଣ ଗଞ୍ଜେଇ ଜବତ କରିବା ସହ ଜଣେ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଭୀମଭୋଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠିତ



ରେଢ଼ାଖୋଲ,୪ ।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଯୁବକଙ୍କୁ ନେଇ ଭୀମଭୋଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନ ହୋଇଯାଇଛି। ଏଥିରେ ପ୍ରଥମତଃ ରେଢ଼ାଖୋଲ ସ୍ଥିତ ଭୀମଭୋଇ ସେବା ସଦନ ସ୍ମୃତି ପୀଠରେ ଆଶ୍ରମର ବ୍ରହ୍ମ ଅବଧୂତ ବାବା ଆନନ୍ଦ ଚରଣ ଦାସଙ୍କ ଦ୍ୱାରା ପୂଜାର୍ଚ୍ଚନା ପୂର୍ବକ ବିଦ୍ଧିବିଦ୍ଧ ଭାବରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନ ହୋଇଛି। ଅନୁଷ୍ଠାନ ଗଠନର ମୂଳ ଉଦ୍ଦେଶ୍ୟ ରହିଛି ଅସହାୟ ଲୋକଙ୍କୁ ସହାୟତା ପ୍ରଦାନ କରିବା, ରକ୍ତଦାନ, ବୃକ୍ଷରୋପଣ, ମୌଳିକ ଅଧିକାରରୁ ବଞ୍ଚିତ ଲୋକଙ୍କ ପାଇଁ ଅନୁଷ୍ଠାନ ସର୍ବଦା ସମର୍ପିତ ରହିବ ବୋଲି ସମସ୍ତ ସଦସ୍ୟ ଶପଥ ଗ୍ରହଣ କରିଥିଲେ।ଅନୁଷ୍ଠାନର ବୈଠକରେ ସଦସ୍ୟଙ୍କ ସର୍ବ ସହମତିକ୍ରମେ ଅନୁଷ୍ଠାନର ସଭାପତି ଗଜାନନ ଭେସରା,ଉପସଭାପତି ମନୋଜ ସାହୁ, ସମ୍ପାଦକ ସଚିନ ପ୍ରଧାନ, କୋଷାଧକ୍ଷ ସୁଧୀର ସୁନା ପ୍ରମୁଖ ମନୋନୀତ ହୋଇଥିଲେ।ସ୍ୱେଚ୍ଛାସେବୀ ଅନୁଷ୍ଠାନର ବାପୁନ୍ ପ୍ରଧାନ, ଚନ୍ଦନ ବେହେରା, ପ୍ରସନ୍ନ ପ୍ରଧାନ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସ୍ଥାନୀୟ ନିଯୁକ୍ତି ଅଣଦେଖା, ଗ୍ରାମ ସଭା ହେଉନି

ସମ୍ବଲପୁର,୪ ।୨(ସମିସ):

ଅଞ୍ଚଳରେ କମ୍ପାନୀ ଗୁଡ଼ିକ ଗଢି ଉଠିଲା। ଅଞ୍ଚଳର ବିକାଶ ହେବା ନେଇ କମ୍ପାନୀ ଯାହା ଯାହ ପ୍ରତିଶ୍ରୁତି ଦେଇଥିଲା ତାହା ପାଳନ କଲାନି। ବରଂ ପ୍ରଦୂଷଣରେ ରେଙ୍ଗାଲି ତଥା ଆଖପାଖ ଅଞ୍ଚଳକୁ ଦୂଷିତ କଲା। ବର୍ତ୍ତମାନ ରେଙ୍ଗାଲି ଅଞ୍ଚଳ ରୋଗାକ୍ରାନ୍ତରେ ପଡିଲାନି

**ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା କହିଲେ ସୁଦର୍ଶନ**

**ବିଜେଡି ବିଧାୟକ ବୋଲି ଅଣଦେଖା**

ବୋଲି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ କହିଛନ୍ତି। ପ୍ରଦୂଷଣ ଲାଗି ସ୍ଥାନୀୟ ଲୋକ ନାହି ନଥିବା ଯନ୍ତ୍ରଣା ଭୋଗ କରୁଛନ୍ତି। ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ବିଧାୟକ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟିଆକର୍ଷଣ କରିଛନ୍ତି। ଶିଳ୍ପାନୁଷ୍ଠାନ




ପାଇଁ ଆଦିବାସୀଙ୍କୁ ବାସଚ୍ୟୁତ କରାଯାଉଛି। ହେଲେ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦିଆଯାଉନାହିଁ କି ଥଇଥାନ କରାଯାଉନାହିଁ। ସ୍ଥାୟୀ ନିଯୁକ୍ତି ମିଳିନାହିଁ। ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ବେକାରୀ ଥାଇ ମଧ କମ୍ପାନୀ ନିଯୁକ୍ତି ଦେଉନାହିଁ।୪ ଡିସିମିଲ ସରକାରୀ ଜମି ଦେବାର ସରକାରୀ ବ୍ୟବସ୍ଥା ଥିଲେ ମଧ ସେଥିରୁ ବଞ୍ଚିତ କରାଯାଇଛି।

ଜନଜାତି ବର୍ଗର ଜନସାଧାରଣଙ୍କ ଜଙ୍ଗଲ ଉପରେ ନିର୍ଭରଶୀଳତା ସହ ସେମାନଙ୍କ ଜୀବନ, ଜିବୀକା, ପରମ୍ପରା ଓ ସଂସ୍କୃତିର ମୂଳ ପରିଚୟ ହେଉଛି। ରେଙ୍ଗାଲି ଓ ଝାରସୁଗୁଡ଼ା ଅଞ୍ଚଳରେ ଶିଳ୍ପ କାରଖାନା ଓ ଖଣି ଖାଦାନ ବ୍ୟାପକ ଜଙ୍ଗଲ ନଷ୍ଟ କରି କାୟା ବିସ୍ତାର କରୁଛନ୍ତି।ଜଙ୍ଗଲ ଜମିକୁ ଜବର ଦଖଲ ମୁକ୍ତ କରି ସେଠାରେ ଏକ ପେଡ ମାଁ କେ ନାମ ଯୋଜନାରେ ଜଙ୍ଗଲ ସୃଷ୍ଟି କରିବା ପାଇଁ କହିଥିଲେ। ବାୟୁର ଗୁଣବତ୍ତା ମାନ ବିପଦଜନକ ୩୦୦ ସ୍ତରରେ ପହଞ୍ଚିଛି ଯାହା ସୁରକ୍ଷିତ ସୀମାଠାରୁ ୪ ଗୁଣ ଅଧିକ। ଧୁଆଁ ଓ ଧୂଳି ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଛି। ବହୁ ସଂଖ୍ୟକ ପ୍ରଦୂଷଣ ପିଡ଼ିତ ଲୋକେ ଶ୍ୱାସ, ଛାତି ଓ ଚର୍ମ ରୋଗରେ ପୀଡ଼ିତ ହୋଇଛନ୍ତି। ଶିଳ୍ପ ପ୍ରଦୂଷଣ ଯୋଗୁଁ ରେଙ୍ଗାଲି ଅଞ୍ଚଳରେ କୃଷିଭିତ୍ତିକ ଅର୍ଥନୀତି ସଂପୂର୍ଣ୍ଣ ଭୁଷୁଡି ପଡିଛି। ଶିଳ୍ପ କାରଖାନାରୁ ବାହାରୁଥିବା କେମିକାଲ ଯୁକ୍ତ ପାଣି ଶହ ଶହ ଏକର ସୂନା ଫଳାଉଥିବା କ୍ଷେତକୁ ବନ୍ଧ୍ୟା କରିଦେଇଛି। ବିଶ୍ୱପ୍ରସିଦ୍ଧ ହୀରାକୁଦ ଜଳଭଣ୍ଡାରର ନାକ ତଳେ ଥାଇ ମଧ ଅନ୍ନଦାତାଙ୍କ ପାଇଁ ଜମିକୁ ପାଣି ଦିବା ସ୍ୱପ୍ନ ହୋଇଛି।

ଧାନ କିଣାବିକାରେ ଅଚଳାବସ୍ଥା ସବୁ ସୀମା ଟପିଯାଇଛି ଓ କଟ୍‌ନୀ ଛଟ୍‌ନୀ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଅଞ୍ଚଳରେ ଏତେ ମାତ୍ରାରେ ଶିଳ୍ପ କାରଖାନା ଥିଲେ ମଧ ସ୍ଥାନୀୟ ନିଯୁକ୍ତି କରାଯାଉନାହି। ତେଣୁ ଅତି କମରେ ୮୦ ପ୍ରତିଶତ ସ୍ଥାନୀୟ ନିଯୁକ୍ତିକୁ ସୁନିଶ୍ଚିତ କରିବାକୁ ବିଧାୟକ ଦାବି କରିଛନ୍ତି। ସେହିପରି ଆଗାମୀ ବଜେଟ ଅଧିବେଶନରେ କାର୍ଯ୍ୟ ଓ କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କ ସୁବିଧା ପାଇଁ ଦାବି କରିବେ ବୋଲି କହିଥିଲେ। ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଗ୍ରାମସଭା ହେଉଥିଲା। କିନ୍ତୁ ଏବେ ଗ୍ରାମ ସଭା ହେଉନାହି। ଫଳରେ କମ୍ପାନୀ ନିଜର ମନମାନୀ କରୁଛନ୍ତି। ସେହପିର ଆସ୍ ବେଆଇନ ଭାବେ ଡମ୍ପିଂ କରାଯାଉଛି। ତେଣୁ ପ୍ରଶାସନ ଓ ସରକାର ଏଥି ପ୍ରତି ଦାୟିତ୍ୱ ଦେବାକୁ ବିଧାୟକ ହରିପାଲ ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପରିଷଦ ସଭ୍ୟ ସୁନିଲ ମିଶ୍ର ଉପସ୍ଥିତ ଥିଲେ।

# ନୂଆବଗ ଧାନମଣ୍ଡିରେ କଟନୀ ଛଟନୀ

ହିନ୍ଦୋଳ,୪ ।୨(ସମିସ):



ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଖୁଲମଖୁଲା କଟନୀ ଛଟନୀ ଚାଲିଛି । କୁଇଣ୍ଟାଲ ପିଛା ୧୦ କେଜି ଧାନ କଟାଯାଉଥିବା ବେଳେ ସମିତିର ନୋଡାଲ ଅଫିସର ଜାଣି ନ ଥିବା ଅଭିଯୋଗ ହୋଇଛି । ମଣ୍ଡିରେ ସରକାରୀ ଅଧିକାରୀଙ୍କ ଦେଖା ନ ଥିବା ବେଳେ ନୂଆବଗ ସମବାୟ ସମିତିରେ ଖୁଲମଖୁଲା କଟାଯାଉଛି ଧାନ । ଏ ନେଇ ସମିତିର ୧୦ ଜଣ ସଭ୍ୟ ଅଭିଯାଗ କରିଛନ୍ତି ।

ହିନ୍ଦୋଳ ଉପଖଣ୍ଡରେ ଏବେ ୧୨ଟି ସମବାୟ ସମିତିରେ ଧାନମଣ୍ଡି ଚାଲିଥିବା ବେଳେ ସମସ୍ତେ ମିଳିମିଶି ଚାଷୀଙ୍କୁ ଶୋଷଣ କରୁଛନ୍ତି । ଚାଷୀଟିଏ ନିଜ କଷ୍ଟ ଉପାର୍ଜିତ ଧାନ ବିକ୍ରି କରିବାକୁ ଆସି ହତାଶ ହେଉଥିବା ଦେଖିବାକୁ ମିଳୁଛି । କୁଇଣ୍ଟାଲ ପିଛା ୬ରୁ ୧୦ କେଜି ପର୍ଯ୍ୟନ୍ତ ଧାନ କଟାଯାଉଛି । ମୁହଁ ଖୋଲିଲେ ମିଲର ଧାନ ନିଆଯିବ ନାହିଁ ବୋଲି ଖୁଲମଖୁଲା ଧମକ ଦେଉଥିବା ଅଭିଯୋଗ ହୋଇଛି । ଏପରିକି ଉପଖଣ୍ଡର ପ୍ରତ୍ୟେକ ମଣ୍ଡିରେ ଏଭଳି ସ୍ଥିତି ଚାଷୀଙ୍କୁ ଅତିଷ୍ଠ କଲାଣି । ମଣ୍ଡିରେ ସରକାରୀ ଅଧିକାରୀଙ୍କ ପାଦପଡୁ ନ ଥିବା ବେଳେ ଦାୟିତ୍ୱରେ ଥିବା ନୋଡାଲ ଅଫିସରଙ୍କୁ କେବେ ମଣ୍ଡି ହେଉଛି ବିଭାଗପକ୍ଷରୁ ସୂଚନା ଦିଆଯାଉନାହିଁ । ମିଲରଙ୍କ ମର୍ଜିରେ କଟନୀ ଛଟନୀ ଚାଲିଥିବା ଅଭିଯୋଗ ହେଉଛି । ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାବେଳେ ମିଲର କିଛି ଯୁବକଙ୍କ ଜରିଆରେ ଚାଷୀଙ୍କୁ ଭୟଭୀତ କରୁଥିବା ଦେଖିବାକୁ ମିଳୁଛି । ଏଫଏକ୍ୟୁ ମାନର ଧାନର ଆଳକରି ଗତବର୍ଷଠାରୁ କୁଇଣ୍ଟାଲ ପ୍ରତି ସର୍ବ ନିମ୍ନ ୮ କେଜି ଧାନ କଟାଯାଉଛି । ମଣ୍ଡିରେ ଧାନ ନ ନେବା ଓ ବେପାରୀଙ୍କୁ ଧାନ ଅଦର ଦରରେ ବିକିବା ଆଶଙ୍କାରେ ଚାଷୀ ବାଧ ହୋଇ ମୁହଁ ଖୋଲି ପାରୁନି । ଫଳରେ ଉପଖଣ୍ଡର ବିଭିନ୍ନ ସମବାୟ ସମିତିରେ ୮ କିଲୋରୁ ଊର୍ଦ୍ଧ୍ୱ ଧାନ କଟାଯାଉଛି । ଧାନର ମାନ ସାମାନ୍ୟ ଖରପ ଥିଲେ ୧୦ କେଜି ପର୍ଯ୍ୟନ୍ତ କଟାଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି । ଅନ୍ୟ କୌଣସି ଉପାୟ ନ ଥିବାରୁ ଚାଷୀ ବାଧ ହୋଇ ଧାନ ଦେଉଛି ।

ନୂଆବଗ ସମବାୟ ସମିତିରେ ଗତକାଲି ଧାନ ମଣ୍ଡି ଚାଲିଥିବା ବେଳେ ମିଲର ଅନଧିକୃତ ଭାବେ ୮ କେଜିରୁ ୧୦ କେଜି ଧାନ କାଟୁଥିବା ଦେଖିବାକୁ ମିଳିଥିଲା । ଏ ନେଇ ସମବାୟ ସମିତିର ୧୦ ଜଣ ସଦସ୍ୟ ଅଭିଯୋଗ କରିଛନ୍ତି । ସମିତି ସମ୍ପାଦକ, ମିଲର ଓ କିଛି କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଧାନ କଟାଯାଉଛି । ଏପରିକି ଚାଷୀଙ୍କୁ ଭୟଭୀତ କରିବା ପାଇଁ ମଣ୍ଡି ବାହାରେ କିଛି ଯୁବକ ନୟୋଜିତ କରାଯାଇଥିବା ଦେଖିବାକୁ ମିଳିଥିଲା । କେବଳ ନୂଆବଗ ନୁହେଁ, ଉପଖଣ୍ଡର ପ୍ରତେକ ମଣ୍ଡିରେ ଏଭଳି ଚାଲୁଥିବା ଅଭିଯୋଗ ହେଉଛି । ପ୍ରଶାସନ ସବୁ ଜାଣି ନିରବ ବସିଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ହିନ୍ଦୋଳ ଯୋଗାଣ ଅଧିକାରୀ ଅସିତ ଅମିତାଭ ବେହେରାଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ଏ ବିଷୟରେ ମୁଁ କିଛି କହିପାରିବି ନାହିଁ । ହିନ୍ଦୋଳ ସମବାୟ ସମିତି ଉପନିବନ୍ଧକ ପ୍ରତାପ ସାହୁଙ୍କୁ ଯୋଗାଯୋଗ କରିବାରେ ସେ ମଧ ସମାନ ଉତ୍ତର ଦେଇଛନ୍ତି । ବିଭିନ୍ନ ମଣ୍ଡିରେ ନୋଡାଲ ଅଫିସର ନିଯୁକ୍ତ କରାଯାଇଛି । ସେମାନଙ୍କୁ ଏ ବିଷୟରେ ପଚାରନ୍ତୁ ବୋଲି କହିଛନ୍ତି । ନୂଆବଗ ସମବାୟ ସମିତିରେ ନିଯୁକ୍ତ ନୋଡାଲ ଅଫିସର ଶୁଭ୍ରାଂଶୁ ଶେଖର ଜେନାଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ମଙ୍ଗଳବାର ଧାନମଣ୍ଡି ହେଉଥିବା ନେଇ ମୋ ପାଖରେ କୌଣସି ସୂଚନା ନାହିଁ । ମୁଁ ଧାନ ମଣ୍ଡି ହେଉଥିବା ବିଷୟରେ କିଛି ଜାଣିନାହିଁ । ଏପରି ସ୍ଥଳେ ଯଦି ଧାନ ମଣ୍ଡି ହେଉଥିବା ବିଷୟରେ ନୋଡାଲ ଅଫିସର ଜାଣୁନାହାନ୍ତି ତେବେ କି ପ୍ରକାର ଧାନମଣ୍ଡି ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ କଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । କୌଣସି କଟନୀ ଛଟନୀ ହେଉନାହିଁ ବୋଲି ଖୋଦ ଯୋଗାଣ ମନ୍ତ୍ରୀ ଗଣମାଧ୍ୟମରେ ପ୍ରକାଶ କରିଥିବା ବେଳେ, ମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଚାଷୀଙ୍କ ନିକଟରୁ ଧାନ କଟାଯାଉଛି । ଏ ଦିଗରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା ।

■ ବାଇକ୍ ଲୁଟ୍ ଉଦ୍ୟମ

## ପୁଲିସ୍କୁ ଦେଖି ଡ୍ୟାମକୁ ଡେଇଁପଡ଼ିଲେ ୩ ଦୁର୍ବୃତ୍ତ

■ ଜଣେ ନିଖୋଜ



ପରଜଙ୍ଗ,୪ ।୨(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ନିକଟ ଦଦରାଘାଟି ଜଳ ପ୍ରକଳ୍ପ ବୁଲି ଆସିଥିବା ଜଣେ ବ୍ୟକ୍ତି ନିଜ ବାଇକ୍କୁ ୧୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ରଖି ଯାଇଥିବା ବେଳେ ତିନି ଦୁର୍ବୃତ୍ତ ଗାଡ଼ିର ଲକ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ଦଦରାଘାଟି ଫାଣ୍ଡି ଅଧିକାରୀ ଅଜୟ କୁମାର ସାମଲ ଓ ପୁଲିସ କର୍ମଚାରୀ ପ୍ରହରା ଦେଉଥିବା ଦେଖି ତିନି ଦୁର୍ବୃତ୍ତ ଡ୍ୟାମର ଜଳରାଶି ମଧ୍ୟକୁ ଡେଇଁ ପଡ଼ିଥିଲେ । ପୁଲିସ ଓ ମାଛ ଧରାଳି ଦୁଇଜଣଙ୍କୁ ଉଦ୍ଧାର କରିଥିବା ବେଳେ ଜଣେ ନିଖୋଜ ରହିଛି । ପରଜଙ୍ଗ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଛନ୍ତି । ଫାଣ୍ଡି ପୁଲିସ ଉଦ୍ଧାର କରିଥିବା ଦୁଇ ଯୁବକ ହେଲେ ବାଲିମି ଥାନା ନୂଆପଡ଼ା ଗ୍ରାମର ସୁଶାନ୍ତ ନାଏକ (୩୦) ଏବଂ ମୋଟଙ୍ଗା ଥାନା ଖଡ଼ଗପ୍ରସାଦ ଗ୍ରାମର କରନ ରାଉତ (୨୨) । ଉଭୟଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ କହିଛନ୍ତି ।

## ଇତିହାସ ବିଭାଗର ପାଠଚକ୍ର




ଖଜୁରିଆକଟା,୪ ।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟ +୩ ଇତିହାସ ବିଭାଗ ପକ୍ଷରୁ ପାଠଚକ୍ର ଅନୁଷ୍ଠିତ ହୋଇଛି । ବିଭାଗୀୟ ମୁଖ୍ୟ ସଞ୍ଜୁକ୍ତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ ମୁଖ୍ୟଅତିଥି ଭାବେ ଭୂଗୋଳ ବିଭାଗ ମୁଖ୍ୟ ଡ. ସୁନନ୍ଦ କୁମାର ବାଗ ଯୋଗଦେଇ ଓଡ଼ିଶାର ନିର୍ମାତା ମଧୁବାବୁଙ୍କ କ୍ରାନ୍ତିକାରୀ ତ୍ୟାଗପୁତ ଆଦର୍ଶ ଜୀବନରେ ଛାତ୍ରଛାତ୍ରୀ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ଡ. ନରେଶ ନାଏକ ମୁଖ୍ୟବକ୍ତା ରୂପେ ଯୋଗଦେଇ ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ । ଦୀପ୍ତିମୟୀ ନାୟକ, ରିଷଭ କର୍ଣ୍ଣ, ଅନ୍ନପୂର୍ଣ୍ଣା ବେହେରା, ସୌଭାଗିନୀ ସାହୁ, କହ୍ନେଇ ବେହେରା, ଶିବାନୀ ସାହୁ, ଶାଶ୍ୱତୀ ସାହୁ, ମନିଷା ବେହେରା, କୁମକୁମ୍ ପଟ୍ଟନାୟକ ଓ ପ୍ରିୟତମା ବିଶ୍ୱାଳ ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ । ବିଭାଗର ଅଧ୍ୟାପିକା ଡିଲେଶ୍ୱରୀ ମାଝୀ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପିକା ସନ୍ଧ୍ୟାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫସଲ ଖାଇବାକୁ ଆସି ଫସିଲା ଷଣ୍ଢ

କାମାକ୍ଷାନଗର,୪ ।୨(ସମିସ): ରାତିରେ ଫସଲ ଖାଇବାକୁ ଆସି ଫସିଗଲା ଷଣ୍ଢ । ମୁଣ୍ଡରେ ଗଳିଗଲା

■ ମୁଣ୍ଡରେ ଗଳିଗଲା ସାଇକଲ
■ ଉଦ୍ଧାର କଲେ ଅଗ୍ନିଶମ ବାହିନୀ



ସାଇକଲ । କାମାକ୍ଷାନଗର ସହର ନିକଟ ଜିରିଡ଼ାମାଳି ଗ୍ରାମରେ ଏହି ଘଟଣା ଘଟିଛି । ଗ୍ରାମର ତୁଷାର ଦେହୁରୀଙ୍କ ବାଡ଼ିରେ ବିଭିନ୍ନ ଫସଲ ଓ ପନିପରିବା ଚାଷ ହୋଇଥିବା ବେଳେ ଏହାକୁ ଖାଇବା ପାଇଁ ମଙ୍ଗଳବାର ରାତିରେ ଏକ ଷଣ୍ଢ ବାଡ଼ିରେ ପଶିଥିଲା । ତେବେ ବଗିଚାର ତାରବାଡ଼ ନିକଟରେ ଏକ ସାଇକଲ ରହିଥିଲା । ଅନ୍ଧାର ଯୋଗୁଁ ଷଣ୍ଢ ସାଇକଲ ଦେଖି ନ ପାରି ବାଡ଼ିରେ ପଶିବାକୁ ଉଦ୍ୟମ କରୁଥିବା ବେଳେ ସାଇକଲଟି ତା' ମୁଣ୍ଡରେ ଗଳି ଯାଇଥିଲା । ଫଳରେ ଷଣ୍ଡ ରାତିସାରା ହଟହଟା ହୋଇଥିଲା । ସକାଳେ ତୁଷାରଙ୍କ ପରିବାର ଲୋକେ ଏହା ଦେଖି କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରାୟ ଦୁଇ ଘଣ୍ଟା ପରିଶ୍ରମ ପରେ ଷଣ୍ଡ ମୁଣ୍ଡରୁ ସାଇକଲ ବାହାର କରିବାରେ ସକ୍ଷମ ହୋଇଥିଲେ ।

## ନିମବାହାଲି-ଗୁଲେହି ରାସ୍ତା କାମ ଶେଷ ହେବ କେବେ?



ନିମବାହାଲି,୪ ।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ନିମବାହାଲିଠାରୁ ଗୁଲେହି ପର୍ଯ୍ୟନ୍ତ ୧୯ କିଲୋମିଟର ରାସ୍ତା ପୂର୍ତ୍ତ ବିଭାଗ ଦ୍ୱାରା ଟେଣ୍ଡର କରାଯାଇ ୨୦୨୪ ସୁଦ୍ଧା କାର୍ଯ୍ୟ ସମାପ୍ତ ହେବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ତେବେ ଇତିମଧ୍ୟରେ ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ସରିବାର ନାଁ ଧରୁନାହିଁ । ଏହି ରାସ୍ତା ମଧ୍ୟରେ ଦକ୍ଷିଣ ପାର୍ଶ୍ୱ ରେଙ୍ଗାଳି କେନାଲ ଅତିକ୍ରମ କରି ଗାଲପଡ଼ା ଓ ନିମବାହାଲିରେ ଦୁଇଟି କେନାଲ୍ ପଡୁଥିବାରୁ ଦୁଇଟି ପୋଲ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଉକ୍ତ କାର୍ଯ୍ୟ ପାଇଁ ଆବଶ୍ୟକ ପାଣି ବ୍ୟବହାର ହେଉ ନ ଥିବା ଅଭିଯୋଗ ହେଉଛି । ପୋଲର ଦୁଇ ପାର୍ଶ୍ୱରେ ଯାତାୟାତ ଲୋକମାନଙ୍କୁ ଧୂଳିମାଟିରୁ ରକ୍ଷା ପାଇଁ ମାଟି ରାସ୍ତାରେ ପାଣି ସିଞ୍ଚନ ତ ଦୂର କଥା ପୋଲ ନିର୍ମାଣ ହୋଇଥିଲେ ମଧ ଠିକାଦାର ପାଣି ଦେଉ ନ ଥିବାବେଳେ ଏହାକୁ ତଦାରଖ କରିବାକୁ କେହି ନାହିଁ । ନିମ୍ନମାନର କାର୍ଯ୍ୟ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । କାର୍ଯ୍ୟର ମାନ ତଦାରଖ କରିବା ସହ ତୁରନ୍ତ ନିର୍ମାଣ ସାରିବାକ ଦାବି ହେଉଛି ।

## ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇଲେ ଆଦବିକା

କାମାକ୍ଷାନଗର,୪ ।୨(ସମିସ): ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇ କାମାକ୍ଷାନଗର ପାଇଁ ଗର୍ବ ଆଣିଲେ ତିନି ବର୍ଷ ଦଶ ମାସର କୁନି ଝିଅ ଆଦବିକା ବିଶ୍ୱାଳ । ସ୍ଥାନୀୟ କାନପୁରା ଗ୍ରାମର ଅରବିନ୍ଦ ବିଶ୍ୱାଳ ଓ ଶୁଭଲକ୍ଷ୍ମୀ ଦାସଙ୍କ ଝିଅ ଆଦବିକା ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇ ପୁରସ୍କୃତ ହୋଇଛନ୍ତି । ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇବା ପାଇଁ ବୟସ ବର୍ଗରେ ୩୪ ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଆଦବିକା ବିଭିନ୍ନ ଶ୍ଳୋକ, ମନ୍ତ୍ର, ଶରୀରର ୨୪ଟି ଅଙ୍ଗ, ୨୧ ପ୍ରକାର ଯୋଗାକୃତି, ୨୪ଟି ଟ୍ରାଫିକ ସିଗନାଲ, ୧୬ଟି ଗାଡ଼ିର ନାମ, ସାତଜଣ ସ୍ୱାଧୀନତା ସଂଗ୍ରାମୀ, ୧୫ଟି ଫଳ ଓ ବସ୍ତୁର ବୈଜ୍ଞାନିକ ନାମ, ୧୭ଟି ଜାତୀୟ ପ୍ରତୀକ, ୧୨ଟି ଇଂରାଜୀ ରାଇମ୍ସ ଓ ୧୧ଟି ହିନ୍ଦୀ ରାଇମ୍ସ କହି ଏହି ସଫଳତା ପାଇଛନ୍ତି । ଝିଅର ଏହି ସଫଳତାକୁ ନେଇ ବାପା, ମା, ପରିବାର ବର୍ଗ ଓ କାମାକ୍ଷାନଗର ଅଞ୍ଚଳବାସୀ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି । ଏହାକୁ ନେଇ ଆଦବିକାଙ୍କୁ ସମଗ୍ର ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଉଛି ।



## ଗଁଦିଆ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କାନାଳ,୪ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସର୍ବପୁରାତନ ଶିକ୍ଷାନୁଷ୍ଠାନ ଗଁଦିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରାକ୍ତନ ପରିଚାଳନା ପରିଷଦ ସଭାପତି ମଳୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷୟିତ୍ରୀ ଲଳିତା ନାଏକ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ଅବଗତ କରାଇଥିଲେ । ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସକାରାତ୍ମକ ସ୍ୱପ୍ନ ଦେଖି ମଣିଷ ପରି ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କାର୍ତ୍ତିକ ଚରଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସହକାରୀ ଶିକ୍ଷକ ଯଦୁମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ସମ୍ପଦ ଓଝା, ଶିକ୍ଷୟିତ୍ରୀ ପାନାମଣି ମୁର୍ମୁ ସାଂସ୍କୃତିକ କାର୍ଯ୍ୟକ୍ରମ ଇନ୍ଦ୍ରଧନୁ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବେ ପରିଚାଳନା ପରିଷଦ ଉପସଭାପତି ବିଚିତ୍ର ମହାରଣା ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିନୋଦ ଦେହୁରୀ ଯୋଗଦେଇଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଓ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପ୍ରମାଣପତ୍ର ଓ ପଦକ ଦେଇ ସମ୍ବର୍ଦ୍ଧିତ କରିଥିଲେ ।



## ବିଜେଡି ବ୍ଲକ ସଭାପତିଙ୍କ ପରଲୋକ



ଗଁଦିଆ,୪ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ବିଜେଡି ସଭାପତି ତଥା ଗଁଦିଆ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ବିଶ୍ୱନାଥ ଜେନାଙ୍କର ବୁଧବାର ଅପରାହ୍ନରେ ପରଲୋକ ହୋଇଛି । ସେ କିଛିଦିନ ଧରି ଅସୁସ୍ଥ ଥିଲେ । ବିଶ୍ୱନାଥଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ରାଜନୈତକ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଜନସାଧାରଣ ତାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ ସହିତ ଶେଷଦର୍ଶନ କରିଥିଲେ । ପୂର୍ବତନ ଗଁଦିଆ ସରପଞ୍ଚ ମଙ୍ଗରାଜ ବାରିକି, ଢେଙ୍କାନାଳ ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ବରିଷ୍ଠ ବିଜେପି ନେତା ରାମଚନ୍ଦ୍ର ପାତ୍ର, ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ପୂର୍ବତନ ମନ୍ଦାର ସରପଞ୍ଚ ଲକ୍ଷ୍ମୀଧର ରଥ, ଗଁଦିଆ ବାର୍ ସଭାପତି ପ୍ରଦୀପ କୁମାର ସାହୁ, ଗଁଦିଆ ପ୍ରେସ କ୍ଲବ ସଭାପତି ମହେନ୍ଦ୍ର ସାହୁ, ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ଡମ୍ବରୁଧର ସେଠୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦଣ୍ଡଧର ସାହୁ, ଗଁଦିଆ ସେବା ସଂଗଠନ ସଭାପତି ଅଜିତ ପ୍ରସାଦ ରାଉତ, ଥିଙ୍କର୍ସ ଫୋରମ ସଭାପତି ସୁବ୍ରତ କୁମାର ସାହୁ, ସମାଜସେବୀ ତାପସ କୁମାର ରାଉତ, ପୋରୁହଖୋଳ ସମିତି ସଭ୍ୟ ବଳରାମ ପରିଡ଼ା, ସୋରିଶିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତ, ଦେଓଗାଁ ସରପଞ୍ଚ ବିଜୟ ଦେହୁରୀ, ଦେଓଗାଁ ଓ ନେଉଳପୋଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋବିନ୍ଦ ପତି, ନବକିଶୋର ସାମଲ, ପୂର୍ବତନ ସନ୍ଥପୁର ସମିତି ସଭ୍ୟ ଦିଲୀପ କୁମାର ନାୟକ, ଗଁଦିଆ ପଞ୍ଚାୟତ ବିଜେପି ସଭାପତି ମଳୟ କୁମାର ଜେନା, ଗଁଦିଆ ଗ୍ରାମ୍ୟ କମିଟିର ପୂର୍ବତନ ସଭାପତି ସଚ୍ଚିଦାନନ୍ଦ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ବିରାଟ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ପ୍ରଥମେ ବିଜେଡି କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ନିଆଯାଇଥିଲା । ପରେ ଗଁଦିଆ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନର ଶେଷକୃତ୍ୟ କରାଯଇଥିଲା ।

## ଜୟପ୍ରକାଶଙ୍କୁ ଏଗ୍ରି ଭିଜନ ଆୱାର୍ଡ

ଢେଙ୍କାନାଳ,୪ ।୨(ସମିସ): ଢେଙ୍କାନାଳ ପୌରାଞ୍ଚଳ ପଦ୍ମବଜାର ମାଣ୍ଡବା ସାହିର ଜୟପ୍ରକାଶ ସାହୁଙ୍କୁ ଦି ସୋସାଇଟି ଫର ଏଗ୍ରିକଲଚର ରିସର୍ଚ୍ଚ ଏଣ୍ଡ ମ୍ୟାନେଜମେଣ୍ଟ ତରଫରୁ ୨୦୨୬ ବର୍ଷ ପାଇଁ ଏଗ୍ରିଭିଜନ ଅଗ୍ରଣୀ ଚାଷୀ ଭାବେ ସମ୍ମାନିତ କରାଯାଇଛି । ୨୦୧୫ରୁ ସେ କେଭିକେ ଯୋଜନାରେ ସାମିଲ ହୋଇଥିବା ବେଳେ ପନିପରିବା ଏବଂ ଫଳ ଚାଷ କରି ବେଶ୍ ଲାଭବାନ ହେଉଛନ୍ତି । ପରିବାରୁ ସେ ବାର୍ଷିକ ୭ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରୁଥିବା ବେଳେ ଫଳରୁ ୨ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି । ଅଗ୍ରଣୀ କୃଷକ ଭାବେ ସେ କୃଷିବିଜ୍ଞାନ କେନ୍ଦ୍ର ଢେଙ୍କାନାଳ, ସିଆରଆରଆଇ କଟକ, ସିଏଚଇଏସ ଭୁବନେଶ୍ୱର, ଉଦ୍ୟାନ ଏବଂ କୃଷି ବିଭାଗ ସହିତ ସାମିଲ ହୋଇଛନ୍ତି । ୨୦୨୫ ଫଳ ଉତ୍ପାଦନ ଓ ପନିପରିବା ଚାଷ ପାଇଁ ସେ ଢେଙ୍କାନାଳ ବନଖଣ୍ଡ ଅଧିକାରୀଙ୍କଠାରୁ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ପାରମ୍ପାରିକ ଚାଷ ପଦ୍ଧତି ସହିତ ଡ୍ରିପ ଜଳସେଚନ, ନୂତନ ପଦ୍ଧତି ଅବଲମ୍ବନ କରି ଏହି ସଫଳତା ପାଇଛନ୍ତି । ସେ ପ୍ରାୟ ୭ ଏକର ଜମିରେ ଫଳ ଏବଂ ପନିପରିବା ଚାଷ କରୁଥିବା ବେଳେ ୧୨ ଜଣଙ୍କୁ କର୍ମନିଯୁକ୍ତି ପ୍ରଦାନ କରିଛନ୍ତି । ଏହାସହ ସେ ଶିଶୁ କଲ୍ୟାଣ, ନୂତନ ଚାଷ ସମ୍ବନ୍ଧୀୟ ଉତ୍ପାଦନ କୌଶଳ, ନୂତନ ଟେକ୍ନୋଲୋଜି ବ୍ୟବହାର କରି ଚାଷ କରିବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲିପ୍ତ ରହିଛନ୍ତି ।




# ବାଲ୍ୟ ବିବାହମୁକ୍ତ ଭାରତ ସଚେତନତା ରଥ ଉଦଘାଟିତ

ଢେଙ୍କାନାଳ,୪ ।୨(ସମିସ):



ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକରେ ବାଲ୍ୟ ବିବାହମୁକ୍ତ ଭାରତ ସଚେତନତା ରଥ ଉଦଘାଟିତ ହୋଇଛି । ୨୦୩୦ ସୁଦ୍ଧା ବାଲ୍ୟ ବିବାହମୁକ୍ତ ଭାରତ ଗଠନ ନେଇ ଭାରତ ସରକାରଙ୍କ ଲକ୍ଷ୍ୟକୁ ସାଧନ କରିବା ପାଇଁ ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ଓ ଜଷ୍ଟ ରାଇଟ ଫର ଚିଲଡ୍ରେନ ମିଳିତ ଉଦ୍ୟମରେ ୨୦୨୩ରୁ ବାଲ୍ୟ ବିବାହ ନିଷେଧ ଅଭିଯାନ ଚାଲୁ ରହିଛି । ଉକ୍ତ ଅଭିଯାନର ଅଂଶ ସ୍ୱରୂପ ବୁଧବାର କଙ୍କଡ଼ାହାଡ଼ ବିଡିଓଙ୍କ କାର୍ଯ୍ୟାଳୟଠାରୁ ସଚେତନତା ରଥ ଉଦଘାଟନ ହୋଇଛି । ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକ ଅଧକ୍ଷା ଚାରୁଲତା ମିଶ୍ର, ଉପାଧକ୍ଷ କାର୍ତ୍ତିକ ସାହୁ, ବିଡିଓ ଯୋଶୋବନ୍ତ ଦେହୁରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜୟନ୍ତୀ ମହାପାତ୍ର, ଆଭା ଅନୁଷ୍ଠାନର ଜିଲ୍ଲା ପ୍ରକଳ୍ପ ସହାୟକ ରାକେଶ ମିଶ୍ର, ଆକାଂକ୍ଷୀ ବ୍ଲକ ଫେଲୋ ସନ୍ଦୀପ୍ତା ସାହୁ, ପଞ୍ଚାୟତ ସମିତି ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ । ବିଶ୍ୱ ଯୁବକେନ୍ଦ୍ରର ସଦସ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଏହି ରଥ ଏକ ମାସ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରିବା ସହ ବିଭିନ୍ନ ସ୍କୁଲ କଲେଜ ତଥା ଗ୍ରାମ ସ୍ତରରେ ବାଲ୍ୟ ବିବାହ ନିଷେଧ ସଚେତନତା ବାର୍ତ୍ତା ପ୍ରଦାନ କରିବ ବୋଲି ସେ ପ୍ରକାଶ କରିଥିଲେ । ବିଧାୟକ ତାଙ୍କ ଅଭିଭାଷଣରେ ବାଲ୍ୟ ବିବାହମୁକ୍ତ ଭାରତ ଗଠନକୁ ସମର୍ଥନ ଜଣାଇ ବିଶ୍ୱ ଯୁବକେନ୍ଦ୍ରର ଏହି ପ୍ରଚେଷ୍ଟା ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ, ମିଶନ ଶକ୍ତି କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ସୁପରଭାଇଜର, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ । ବିଶ୍ୱ ଯୁବକେନ୍ଦ୍ରର ଉପଦେଷ୍ଟା ବୀରେନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଭିଷେକ ମହାପାତ୍ର, ତପନ ପାତ୍ର, ସୁମିତ୍ରା ଦେହୁରୀ, ପୁରୀମା ସାହୁ, ସୁମିତ୍ରା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

ବିଶ୍ୱ କର୍କଟ ଦିବସ

# ସଚେତନତା ଦ୍ୱାରା କର୍କଟରୋଗ ନିରାକରଣ ସମ୍ଭବ









## ଇଲା ପଣ୍ଡା ମହିଳା ସମିତି ଓ କୋଶଲଟାଇମ

ବରଗଡ଼, ୪।୨(ସମିସ)

ବର୍ତ୍ତମାନ ସମାଜରେ ଅକାଳରେ ଲୋକଙ୍କ ପ୍ରାଣ ହରୁଥିବା ପ୍ରମୁଖ ୩ଟି ରୋଗ ମଧ୍ୟରୁ କର୍କଟ ରୋଗ ଅନ୍ୟତମ। ଏହିରୋଗର ଚିକିତ୍ସା ବ୍ୟୟବହୁଳ ତଥା ସୁସ୍ଥ ହେବା ଖୁବ୍ କଷ୍ଟସାଧ୍ୟ। ତେଣୁ ବିଶେଷ ଭାବେ କର୍କଟ ରୋଗର ପ୍ରତିକାର ପାଇଁ ସଚେତନତା ନିତାନ୍ତ ଜରୁରୀ। ଏହାକୁ ଲକ୍ଷ୍ୟ ରଖିଥିବା ପାକ୍ଷିକପତ୍ରିକା କୋଶଲଟାଇମ ଏବଂ ମହୀୟସୀ ଇଲା ପଣ୍ଡା ମହିଳା ସମିତିର ମିଳିତ ଆନୁକୂଲ୍ୟରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅତାବିରାରେ ବିଶାଳ ସଚେତନତା ଶୋଭାଯାତ୍ରାର ଆୟୋଜିତ ହୋଇଥିଲା। ଶୋଭାଯାତ୍ରା ଅତାବିରା କଲେଜରୁ ଆରମ୍ଭ ହୋଇ ସ୍ଥାନୀୟ ଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ପ୍ଲାକାର୍ଡ ଓ ସ୍ଲୋଗାନ ସହ ଶୋଭାଯାତ୍ରା ରାଜପଥ ପରିକ୍ରମା କରିଥିଲା। ରାଲି ଆରମ୍ଭରେ ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ମନ୍ତ୍ରପାଠ କରିଥିଲେ ଏବଂ ସ୍ୱାମୀ ନିତ୍ୟବୋଧାନନ୍ଦଜୀ ମଧ୍ୟ ଉପସ୍ଥିତ ଥିଲେ।

ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱରୂପ ପାଣିଗ୍ରାହୀ ସମସ୍ତ ଛାତ୍ରଛାତ୍ରୀଙ୍କୁ କର୍କଟରୋଗର ନିରାକରଣ ବିଷୟରେ ସଚେତନ କରିଥିଲେ। କଠିନ ସଂଘର୍ଷ କରି କର୍କଟ ରୋଗରୁ ମୁକ୍ତି ପାଇଥିବା କୃଷକ ସଂଗଠକ ବୀରେନ୍ କର ଛାତ୍ରଛାତ୍ରୀଙ୍କୁ କର୍କଟରୋଗର ଭୟାବହତା ସମ୍ପର୍କରେ ସଚେତନ କରାଇଥିଲେ। ବିଶିଷ୍ଟ ଗବେଷକ ତଥା ସ୍ତମ୍ଭକାର ରାଜେଶ ଅଗ୍ରୱାଲ ରାଲିରେ ଉପସ୍ଥିତ ଥିଲେ। ବରଗଡ଼ ଜିଲ୍ଲାରେ କର୍କଟରୋଗରେ ପୀଡ଼ିତ ହୋଇ ପ୍ରାଣତ୍ୟାଗ କରିଥିବା ବ୍ୟକ୍ତିଙ୍କର ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ଏତଦ୍‌ବ୍ୟତୀତ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ କୋଶଲ ଟାଇମ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଲି ପ୍ରାରମ୍ଭରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ କୋଶଲଟାଇମର ସମ୍ପାଦକ ସଞ୍ଜୀବ ମହାପାତ୍ର ଓ ଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଇଲା ପଣ୍ଡା ମହିଳା ସମିତିର ଉପଦେଷ୍ଟା ବୈଷ୍ଣବ ଭୋଇ ଅତାବିରା ବିଧାୟକ ନିହାର ମହାନନ୍ଦଙ୍କ ବାର୍ତ୍ତା ପଠନ କରିଥିଲେ। ଶୋଭାଯାତ୍ରାରେ ଅତାବିରା ମହାବିଦ୍ୟାଳୟ, ପିଏମ୍‌ଶ୍ରୀ ଲାଦରପାଲି ସେବାଶ୍ରମ, ସରକାରୀ ଉଚ୍ଚ ବିଦ୍ୟାଳୟ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ହୋଲି ହାର୍ଟ ପବ୍ଲିକ ସ୍କୁଲ ଓ ସରକାରୀ ନୋଡାଲ ୟୁପି ସ୍କୁଲର ସହସ୍ରାଧିକ ଛାତ୍ରଛାତ୍ରୀଙ୍କ ସମେତ ପ୍ରଜାପିତା ବ୍ରହ୍ମା, ଓଡ଼ିଶା ରାଜ୍ୟ କୃଷକ ସଂଗଠନ, ମର୍ଚ୍ଚାଣ୍ଟ ଆସୋସିଏସନ୍, ଆନ୍ଧ୍ର ଓଡ଼ିଆ ସମାଜ, ଜନକଲ୍ୟାଣ କୁଳିତା ସମାଜ, ଅଗ୍ରସେନ ସେବା ସମିତି ଓ ବରିଷ୍ଠ ନାଗରିକ ସଂଘ ମଧ୍ୟ ଯୋଗଦାନ କରିଥିଲେ। କୋଶଲଟାଇମ ପତ୍ରିକାର ସମ୍ପାଦକ ଓ ମହୀୟସୀ ଇଲା ପଣ୍ଡା ମହିଳା ସମିତିର ସଦସ୍ୟାମାନେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।




## ମହିଳା ସମିତି ପକ୍ଷରୁ ନିଃଶୁଳ୍କ କ୍ୟାନସର ଭ୍ୟାକ୍ସିନ୍ ଦାବି

**ବରଗଡ଼:** ଓଡ଼ିଶାରେ ଗର୍ଭାଶୟ କର୍କଟ ମହିଳାମାନଙ୍କ କର୍କଟ ଜନିତ ମୃତ୍ୟୁର ଏକ ପ୍ରମୁଖ କାରଣ। ରାଜ୍ୟରେ ମହିଳାଙ୍କ କର୍କଟ ମୃତ୍ୟୁ କ୍ଷେତ୍ରରେ ଏହା ପ୍ରାୟ ୨୩.୬୬%। ତଥ୍ୟ ଆଧାରରେ ଓଡ଼ିଶାରେ ଗର୍ଭାଶୟ କର୍କଟ ରୋଗର ମୃତ୍ୟୁହାର ପ୍ରତି ଏକ ଲକ୍ଷ ମହିଳାଙ୍କ ମଧ୍ୟରେ ୪.୨୨ ବୋଲି ରେକର୍ଡ କରାଯାଇଛି। ବିଳମ୍ବିତ ଚିହ୍ନଟ ମୃତ୍ୟୁହାର ବଢ଼ିବାର ପ୍ରମୁଖ କାରଣ। ଏଥିରୁ ମହିଳା ମାନଙ୍କୁ ରକ୍ଷା କରିବା ପାଇଁ ନିଃଶୁଳ୍କରେ କ୍ୟାନସର୍ ଭ୍ୟାକସିନ ହ୍ୟୁମାନ୍ ପାପିଲୋମା ଭାଇରସ୍ (ଏଚପିଭି) ଟୀକାକରଣ କାର୍ଯ୍ୟକ୍ରମ ରାଜ୍ୟ ସରକାର ଗ୍ରହଣ କରିବାକୁ ବରଗଡ଼ ମହିଳା ସମିତି ଦାବି ଜଣାଇଛି। ଫେବୃଆରୀ ୪, ବିଶ୍ୱ କର୍କଟ ଦିବସ ଅବସରରେ ସମିତିର ବରିଷ୍ଠ ସଦସ୍ୟା ମମତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କର୍କଟ ଆକ୍ରାନ୍ତଙ୍କ ଆଶୁ ଆରୋଗ୍ୟ କାମନା କରାଯିବା ସହ କର୍କଟ ଆକ୍ରାନ୍ତଙ୍କ ପ୍ରତି ଶ୍ରଦ୍ଧାଶୀଳ ମନୋଭାବ ପୋଷଣ ପାଇଁ ଆହ୍ୱାନ ଦିଆଯାଇଛି। ସମିତିର ସମ୍ପାଦିକା ସୁଧାଂଶୁବାଲା ଦାଶ ଆଗତ କରିଥିବା ପ୍ରସ୍ତାବରେ ତାମିଲନାଡୁ ଭଳି ଓଡ଼ିଶାରେ ୧ରୁ ୧୪ ବର୍ଷ ବୟସର ଝିଅମାନଙ୍କ ପାଇଁ ମାଗଣା ହ୍ୟୁମାନ୍ ପାପିଲୋମା ଭାଇରସ୍ ଟୀକାକରଣ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସମିତି ପକ୍ଷରୁ ଦାବି କରାଯାଇଛି। ମୁଖ୍ୟତଃ କ୍ୟାନସର ପ୍ରବଣ ଜିଲ୍ଲା ଭାବେ ପରିଚିତ ବରଗଡ଼ ଜିଲ୍ଲାରୁ ଏହାର ଶୁଭାରମ୍ଭ କରାଯିବାକୁ ନିବେଦନ କରାଯାଇଛି। ଓଡ଼ିଶା ଭଳି ତାମିଲନାଡୁରେ ମଧ୍ୟ ଗର୍ଭାଶୟ କର୍କଟ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି। ଓଡ଼ିଶାର ସ୍ଥିତି ତାମିଲନାଡୁ ସହ ପାଖାପାଖି ସମାନ ରହିଛି। ଏଭଳି ସ୍ଥିତିରେ ରାଜ୍ୟର ପ୍ରତ୍ୟେକ ଝିଅଙ୍କୁ ମାଗଣା ଭ୍ୟାକସିନ ପ୍ରଦାନ ଉପରେ ସମିତି ଗୁରୁତ୍ୱାରୋପ କରିଛି। ଆଜିର ଆଲୋଚନାରେ ସୁନିତା କର, ବିଜୟଲକ୍ଷ୍ମୀ ଦୋରା, ବାସନ୍ତୀ ଗଡ଼ତିଆ, ଇନ୍ଦ୍ରାଣୀ ଶତପଥୀ, ସାଲୋନି ଦାସ, କବିତା ଦେବତା, ସଙ୍ଗୀତା ଗୁପ୍ତା, ପଦ୍ମିନୀ ସାହୁ, ସୁଜାତା ପଣ୍ଡା, ମଞ୍ଜୁ ପ୍ରଧାନ, ଅନିମା ଚକ୍ରବର୍ତ୍ତୀ, ଦିବ୍ୟକାନ୍ତି ଭୋଇ, ରିନୁ ପତି, ମୀନା ପଣ୍ଡା, ଗୀତା ପାଢ଼ୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବିକାଶ ନର୍ସିଂ କଲେଜ

**ବରଗଡ଼:** ବରଗଡ଼ ବିକାଶ ହାୟର ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ନର୍ସିଂ କଲେଜରେ ବିଶ୍ୱ କର୍କଟ ଦିବସ ପାଳନ ଉଦ୍‌ଯାପିତ ହୋଇଛି। କର୍କଟ ଦିବସ ବିକାଶ ନର୍ସିଂ କଲେଜ୍, ଫାଇଟର ଗ୍ରୁପ୍ ଓ ଏଇଏମ୍ ସ୍କୁଲର ମିଳିତ ଆନୁକୂଲ୍ୟରେ ହୋଇଥିଲା। ଏହି ଅବସରରେ ଏଇଏମ୍ ସ୍କୁଲ ଠାରୁ ବାଳିକା ମହାବିଦ୍ୟାଳୟ ପର୍ଯ୍ୟନ୍ତ ରାଲି ତଥା ସ୍ଲୋଗାନ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ବାଳିକା ମହାବିଦ୍ୟାଳୟ ସମ୍ମୁଖରେ ଫାଇଟର ଗ୍ରୁପ୍ ପକ୍ଷରୁ କର୍କଟ ନିରାକରଣ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ନର୍ସିଂ କଲେଜର ଚତୁର୍ଥ ସେମିଷ୍ଟାରର ଛାତ୍ରଛାତ୍ରୀ ମିମ୍ସ ମାଧ୍ୟମରେ ଦର୍ଶକ ମାନଙ୍କୁ କର୍କଟ ରୋଗ ପ୍ରତି ସଚେତନ କରିଥିଲେ। ଉକ୍ତ ବର୍ଷର ବିଷୟବସ୍ତୁକୁ ଅଧାର କରି କିପରି ଭାବେ ସମସ୍ତେ ଏକତ୍ରିତ ହୋଇ କର୍କଟକୁ ଦୂର କରିବା ଏବଂ ଗୋଟିଏ ସୁସ୍ଥ ଜୀବନଯାପନ ଶୈଳୀ ଆପଣାଇବା ପାଇଁ ଲୋକଲୋଚନକୁ ଆଣିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ମଧ୍ୟ କର୍କଟ ଉପରେ ନିଜର ମତବ୍ୟକ୍ତ କରିଥିଲେ। ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ଦିପାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ଦେବଶ ମହାପାତ୍ର ଓ ଅଧ୍ୟାପିକା କଳ୍ପନା ପୋଢ଼ଙ୍କ ସହଯୋଗରେ ଚତୁର୍ଥ ସମିଷ୍ଟାରର ଛାତ୍ରଛାତ୍ରୀଙ୍କଦ୍ୱାରା କାର୍ଯ୍ୟକ୍ରମଟି ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା।

## ଫାଇଟର୍ସ ଗ୍ରୁପ୍ ପକ୍ଷରୁ ସଚେତନତା ପଦଯାତ୍ରା

**ବରଗଡ଼:** ବିଶ୍ୱ କର୍କଟ ଦିବସ ଅବସରରେ ବରଗଡ଼ ଫାଇଟର୍ସ ଗ୍ରୁପ୍ ପକ୍ଷରୁ କର୍କଟ ସଚେତନତା ପଦଯାତ୍ରା ଓ ସଭା ଆୟୋଜିତ ହୋଇଯାଇଛି। ପଦଯାତ୍ରା ଗଙ୍ଗାଧର ନଗର ସ୍ଥିତ ଏଇଏମ୍ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାକୁ ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ପରେ ଆୟୋଜିତ ସଚେତନତା ସଭାରେ ଫାଇଟର୍ସ ଗ୍ରୁପ୍‌ର ବରିଷ୍ଠ ସହଯୋଗୀ ସଦସ୍ୟା ପ୍ରତିଭା ବାରିକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଭାରେ ଫାଇଟର୍ସ ଗ୍ରୁପ୍‌ର ବରିଷ୍ଠ ସଦସ୍ୟା ପୁଷ୍ପାଞ୍ଜଳି ବେହେରା ସଭାପତିତ୍ୱ କରିଥିଲେ। ସଚେତନତା, ସମୟରେ ପରୀକ୍ଷା ଓ ସହଯୋଗ ଥିଲେ କର୍କଟ ସହ ଯୁଦ୍ଧ ଜିତାଯାଇପାରେ ବୋଲି ସେ ମତ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଫାଇଟର୍ସ ଗ୍ରୁପ୍‌ର କାର୍ଯ୍ୟକୁ ପ୍ରଶଂସା କରିବା ସହ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ଆଶ୍ୱାସନା ଦେଇଥିଲେ। ବୁର୍ଲା ଭିମସାର ମେଡିକାଲ କଲେଜର ଚର୍ମ ବିଭାଗର ଆସିଷ୍ଟାଣ୍ଟ ପ୍ରୋଫେସର ଡା.ପ୍ରତୀକ ମହାରଣା ମୁଖଗହ୍ୱର କର୍କଟ ରୋଗ ଉପରେ ସଚେତନ କରିଥିଲେ। ପ୍ରତିଦିନ ମୁଖ ସ୍ୱଚ୍ଛତା ରକ୍ଷା କଲେ ଏହି ରୋଗକୁ ରୋକାଯାଇପାରିବ ବୋଲି ସେ କହିଥିଲେ। ଏଇଏମ୍ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ଚେୟାରମ୍ୟାନ ଜସବୀର ସିଂହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଏଇଏମ୍ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିବା ବେଳେ ବିକାଶ ନର୍ସିଂ କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା କର୍କଟ ସଚେତନତା ଉପରେ ଏକ ନାଟକ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମର ପରିଚାଳନା ସାମ୍ବାଦିକ ସତ୍ୟଜିତ ଦାଶ, ପୁରୁଷୋତ୍ତମ ବିଶି ଓ ଅର୍ଜୁନ ସେଠ କରିଥିବା ବେଳେ ଫାଇଟର୍ସ ଗ୍ରୁପ୍‌ର କୋଷାଧ୍ୟକ୍ଷ ପ୍ରତାପ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗତୀକରଣ ଓ ଭାରତୀୟ ସଂସ୍କୃତି ଉପରେ ପାଠଚକ୍ର

**ପଦ୍ମପୁର, ୪।୨(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ 'ଭାରତୀୟ ସଂସ୍କୃତି ଉପରେ ଜଗତୀକରଣର ପ୍ରଭାବ' ଶୀର୍ଷକ ଏକ ଆନ୍ତଃ-ବିଭାଗୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ର ଉମେଶ ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାର ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାମ୍ପ୍ରତିକ ସମୟରେ ସାଂସ୍କୃତିକ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରମୋଦ ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଡକ୍ଟର ମମତାମୟୀ ଗୁରୁ ପାଠଚକ୍ରର ଲକ୍ଷ୍ୟ ଓ ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଆଲୋଚନାଚକ୍ରରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ପ୍ରାକ୍ତନ ପ୍ରାଧ୍ୟାପକ ଡକ୍ଟର ବାଞ୍ଛାନିଧି ପଣ୍ଡା ଯୋଗଦେଇ "ବେଦ ଓ ବିଜ୍ଞାନ'ର ସମନ୍ୱୟ ଉପରେ ଏକ ମନୋଜ୍ଞ ବକ୍ତବ୍ୟରଖିଥିଲେ। ଜଗତୀକରଣ ପ୍ରକ୍ରିୟାରେ ଆମର ପାରମ୍ପରିକ ଜ୍ଞାନ ଓ ବୈଦିକ ମୂଲ୍ୟବୋଧ କିପରି ପ୍ରାସଙ୍ଗିକ, ସେ ସମ୍ବନ୍ଧରେ ସେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇକ୍ୟୁଏସି ମୁଖ୍ୟ ସନ୍ତୋଷ ମିଶ୍ର ଓ ଅଧ୍ୟାପକ ତନ୍ମୟ ଶିକା ଯୋଗ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରବନ୍ଧ ପାଠ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଅଧ୍ୟକ୍ଷଙ୍କ ଦ୍ୱାରା ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠଚକ୍ରରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଅଧ୍ୟାପକ, ଅଧ୍ୟାପିକା ଏବଂ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତରହି ଆଲୋଚନାରେଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପକ ଲଲାଟେନ୍ଦୁ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସନରାଇଜ୍ କ୍ରିକେଟ୍ କପ୍: ବଲାଙ୍ଗିର ଚାମ୍ପିଅନ



**ପଦ୍ମପୁର, ୪।୨(ସମିସ):** ପଦ୍ମପୁର ନିକଟସ୍ଥ ଜମଲା ଠାରେ ଚାଲିଥିବା ୨୫ତମ ସନରାଇଜ୍ କପ୍ ସୁବ୍ରତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବଲାଙ୍ଗିର ଦଳ ବରଗଡ଼ ଦଳକୁ ହରାଇ ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ଉତ୍ସବରରେ ମୁଖ୍ୟ ଅତିଥି ରୂପେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଓ ସମ୍ମାନିତ ଅତିଥି ରୂପେ ବିଦ୍ୟାଧର ସେଠ, ଜିଲ୍ଲା ପରିଷଦ ସଭ୍ୟା ପୂର୍ଣ୍ଣିମା ରଣା, ସମିତି ସଭ୍ୟା ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ପୁରସ୍କାର ପ୍ରଦାନ କରିଥିଲେ। ବଲାଙ୍ଗିର ଦଳର ରାହୁଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍, ଆଲଟର ଟପ୍ପୋଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଓସିଏ ଅମ୍ପାୟାର ଅକ୍ଷୟ ସାହାଣୀ ଓ ଅନ୍ତର୍ଯ୍ୟାମୀ ପ୍ରଧାନ ଅମ୍ପାୟାରିଂ, ରିଙ୍କୁ, ଗୁଲ, ପ୍ରଦୀପ ଓ ଖିତିଶ୍ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ। ଆନନ୍ଦ, ବିକାଶ ଓ ଶ୍ୟାମବନ୍ଧୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଜେଏସଏର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ରବି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଷାକ୍ତ ଖାଦ୍ୟ ଖାଇ ଜଣେ ମୃତ, ଜଣେ ଅସୁସ୍ଥ

**ବରଗଡ଼, ୪।୨(ସମିସ):** ଗୁଜୁରାଟରୁ ଟାୟାର୍ ତେଲ ବୋଝେଇ ଏକ ଟ୍ୟାଙ୍କର ଗୁଜୁରାଟରୁ ରାଉରକେଲା ଯିବା ସମୟରେ ସୋହେଲା-ବରଗଡ଼ ମଝିରେ ବାମ କଡରେ ରହିଥିବା ଏକ ଢାବାରେ ଖାଇଥିଲେ। ଚାଳକ ରାହୁଲ ମାଳବି ଓ ସାଥୀ ହେଲ୍ପର ବିକ୍ରମ ମାଳବି (୩୫) ଉଭୟେ ରୁଟି ଅଣ୍ଡା ଖାଇଥିଲେ। ଅପରାହ୍ଣ ୨ଟାରେ ଅତାବିରା ଦେଇ ଯିବା ସମୟରେ ଉଭୟଙ୍କୁ ବାନ୍ତି ଲାଗିଥିଲା। ଏହି ସମୟରେ ଷ୍ଟେଟ ବ୍ୟାଙ୍କ ନିକଟରେ ରହିଥିବା ଔଷଧ ଦୋକାନରୁ ଔଷଧ କିଣିବାକୁ ଯାଇଥିଲେ। ହେଲେଔଷଧ ଦୋକାନ ନିକଟରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତା କ୍ରମେ ଉଭୟଙ୍କୁ ସ୍ଥାନୀୟ ଡାକ୍ତରଖାନା ଅଣା ଯାଇଥିଲା। ସେଠାରେ ଡାକ୍ତର ପ୍ରାରମ୍ଭିକ ଚିକିତ୍ସା ପରେ ଉଭୟଙ୍କ ମଧ୍ୟରୁ ହେଲ୍ପର୍ ବିକ୍ରମକୁ ମୃତ ଘୋଷଣା କରିଥିଲେ। ତେବେ ଚାଳକ ରାହୁଲ ଅସୁସ୍ଥ ଥିବା ଡାକ୍ତର ପ୍ରକାଶ କରିଥିଲେ। ଉଭୟ ମୃତ ହେଲପର ଓ ଚାଳକ ମଧ୍ୟପ୍ରଦେଶର ରାଜଗଡ଼ ଜିଲ୍ଲା କରେଡି ଗାଁର ବୋଲି ଜଣା ପଡ଼ିଛି।

# କେନ୍ଦମୁଣ୍ଡି ଜୟ ଗଣେଶ କ୍ଲବ୍‌ର ସୁବର୍ଣ୍ଣ ଜୟନ୍ତୀ

**ସୋହେଲା, ୪।୨ (ସମିସ):** ସୋହେଲା ନିକଟସ୍ଥ କେନ୍ଦମୁଣ୍ଡି ଗାଁର ଜୟ ଗଣେଶ କ୍ଲବ୍ ପ୍ରତିଷ୍ଠାର ୫୦ବର୍ଷ ପୂର୍ତ୍ତି ଅବସରରେ ୩ଦିନ ଧରି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଛି। କ୍ଲବ୍‌ର ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟିର ସଭାପତି ଲାଲ ବିହାରୀ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପଧାନ ଯୋଗ ଦେଇ ଆୟୋଜିତ ଫୁଟବଲ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୋହେଲା ଭାରତୀୟ ଷ୍ଟେଟବ୍ୟାଙ୍କର ଶାଖା ପରିଚାଳକ ସୁରେନ୍ଦ୍ର ମିଶ୍ର ଯୋଗଦେଇ ବିଜେତା ଏବଂ ଉପ ବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। ରାତିରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଅଧ୍ୟାପକ ଡ.ଉପେନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବେଲପାହାଡ ମିରର ଥିଏଟର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବର ଦ୍ୱିତୀୟ ଦିବସରେ ଡୁମ୍ବେରପାଲି ଏବଂ ରେଙ୍ଗାଲି ପଞ୍ଚାୟତ ଅଧୀନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗାଚାର୍ଯ୍ୟ ଜୟଦେବ ଦଣ୍ଡସେନା ମୁଖ୍ୟ ଅତିଥି, ଡ.ଶିଶିର ସାହୁ ସମ୍ମାନିତ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଟେକଚାନ୍ଦ ଦୁଆନ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେ ବଡକରଲେ ଏବଂ କେନ୍ଦମୁଣ୍ଡିର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ସମ୍ପ୍ରଦା ବାହକ ଅଚ୍ୟୁତ ବେହେରାଙ୍କ ଦ୍ୱାରା ସଞ୍ଚାର କଳା ଏବଂ ହଳଦାର କଳାକାର ମାନଙ୍କ ଦ୍ୱାରା ଆଦିବାସୀ କଲଙ୍ଗୀ ନୃତ୍ୟ ପରିବେଷଣ ହୋଇଥିଲା। କୃଷ୍ଣଚନ୍ଦ୍ର ଦେବତାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ସାଂସଦଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ ମୁଖ୍ୟ ଅତିଥି, ମୋହନ ସାହୁ ସମ୍ମାନିତ ଅତିଥି ଏବଂ ମନୋରଞ୍ଜନ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜୟଗଣେଶ କ୍ଲବ୍‌ର ୮ ଜଣ ପୂର୍ବତନ ସଭାପତି ଏବଂ ଦୁଇଜଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ସମ୍ପାଦକ ରାଷ୍ଟ୍ରପତି ପଧାନ ସ୍ୱାଗତ ଅଭିଭାଷଣ ସହିତ ବିବରଣୀ ପାଠ କରିଥିଲେ। ୩ ଦିନ ଧରି କ୍ଲବ୍ ର ସୁବର୍ଣ୍ଣ ଜୟନ୍ତୀ ପାଳନରେ ସମସ୍ତେ ସକ୍ରିୟ ସହଯୋଗ କରିଥିଲେ।



# ୬ରୁ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଖେଳିବେ ଓଡ଼ିଶା ଓ ବେଙ୍ଗଲ

ବରଗଡ଼, ୪।୨(ସମିସ)

ବରଗଡ଼ କ୍ରିଷ୍ଣା ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଫେବୃଆରୀ ୬ରୁ ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ୨୩ ବର୍ଷ ବୟସରୁ କମ୍ ସିକେ ନାୟୁଡୁ ଟ୍ରଫିର ଇଲାଇଟ୍ ଗ୍ରୁପ ବି ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଓଡ଼ିଶା ଦଳ ଓ ବେଙ୍ଗଲ ଦଳ ଗତକାଲି ସନ୍ଧ୍ୟାରେ ବରଗଡ଼ର ହୋଟେଲ ନିକ୍କି ରେସିଡେନ୍ସି ଓ ଟୁଲି ପ୍ରିମିୟମ୍ ଠାରେ ଆସି ପହଞ୍ଚିଛନ୍ତି। ଆଜି ଉଭୟ ଦଳ ସେମାନଙ୍କର ପ୍ରାକ୍ଟିସ୍ ଆରମ୍ଭ କରିଛନ୍ତି। ମ୍ୟାଚ୍ ପାଇଁ ବିସିସିଆଇ ପକ୍ଷରୁ ହରିୟାଣା ରାଜ୍ୟ କ୍ରିକେଟ୍ ଆସୋସିଏସନ୍‌ର ବରିଷ୍ଠ ଅମ୍ପାୟର ଗୌରଭ ବଶିଷ୍ଠ ଓ ମ୍ୟାଚ୍ ରେଫରୀ ଭାବେ ବିଦର୍ଭ କ୍ରିକେଟ୍ ଆସୋସିଏସନ୍‌ର ଗଣେଶ ଚରହଟେ ଓ ପଞ୍ଜାବ କ୍ରିକେଟ୍ ଆସୋସିଏସନ୍‌ର ରଞ୍ଜିବ ଶର୍ମାଙ୍କୁ ମ୍ୟାଚ୍‌ର ଅମ୍ପାୟର ଭାବେ ନିଯୁକ୍ତ କରାଯାଇଛି। ମ୍ୟାଚ୍‌ର ଅନ୍‌ଲାଇନ ସ୍କୋରର ଭାବେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସିଡି ସୁନିଲ, ସହସ୍କୋରର ଭାବେ ବିରବର ନାଏକ, ଭିଡିଓ ଆନାଲିଷ୍ଟ ଭାବେ ଶାରଦା ପ୍ରସନ୍ନ ବିଶ୍ୱାଳ ଓ ସହ ଭିଡିଓ ଆନାଲିଷ୍ଟ ଭାବେ ତାପସ ନାଏକଙ୍କୁ ବିସିସିଆଇ ନିଯୁକ୍ତ କରିଛି। ୬ ତାରିଖ ସକାଳ ୯ ରୁ ଆରମ୍ଭ ହୋଇ ଅପରାହ୍ଣ ୪ ପର୍ଯ୍ୟନ୍ତ ଏହି ମ୍ୟାଚ୍ ଖେଳାଯିବ।

ଓଡ଼ିଶା ଦଳର ମ୍ୟାନେଜର ସୌର୍ଯ୍ୟରଞ୍ଜନ ରାଏ ରହିଥିବା ବେଳେ ସାମ୍ୟ ଘୋସ ବେଙ୍ଗଲ ଦଳର ମ୍ୟାନେଜର ରହିଛନ୍ତି। ଆୟୋଜକ କମିଟିରେ ଭେନ୍ୟୁ ହେଡ୍ ଅଛନ୍ତି କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ୍ ଡି. ମୁରଲୀ କ୍ରିଷ୍ଣା। ପ୍ରଦିପ ନନ୍ଦ ବେଙ୍ଗଲ ଦଳର ସ୍ଥାନୀୟ ମ୍ୟାନେଜର ରହିଛନ୍ତି। ଅମ୍ପାୟର ମାନଙ୍କର ଦାୟିତ୍ୱରେ ଅମିୟ ଭୂଷଣ ସାହୁ ରହିଥିବା ବେଳେ ଡ. ସୁଭ୍ରାଂଶୁ ଶେଖର ମହାପାତ୍ର ଉଭୟ ଦଳର ସଂଯୋଜକ ରହିଛନ୍ତି। ସ୍କୋରର ଓ ଭିଡିଓ ଆନାଲିଷ୍ଟଙ୍କ ଦାୟିତ୍ୱରେ ରଜତ ଦାଶ, ମେଡିକାଲ ଟିମର ଦାୟିତ୍ୱରେ ଗୁରୁଦତ୍ତ ଦାଶ, ଉଭୟ ଦଳ ଓ ମ୍ୟାଚ୍ ଅଫିସିଆଲଙ୍କ ଖାଇବା ଦାୟିତ୍ୱରେ ସୋଡେସ୍କୋର ମ୍ୟାନେଜର ଉପଲ ଦତ୍ତ, ଏସିଏଲଓ ଭାବେ ସୁବ୍ରତ ଚାଟାର୍ଜି, ଏସ୍‌ପିଓସି ଲଜିଷ୍ଟିକ୍ ଭାବେ ପିତାମ୍ବର ପ୍ରଧାନ, ଓସିଏ କ୍ୟୁରେଟର ଭାବେ ହୃଶିକେଶ ସିଂ, ଗ୍ରାଉଣ୍ଡମ୍ୟାନ୍ ଭାବେ କେଶବ ରହିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଏମ୍‌ଡି ବିବେକ ଦଶାରୀ ଓ ଡାଏରେକ୍ଟର ଟୁ ଚେୟାରମ୍ୟାନ୍ ଲୋକେଶ ଦଶାରୀ, ଜିଲ୍ଲା କ୍ରିକେଟ ଆସୋସିଏସନ୍ ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ନାରାୟଣ ପଣ୍ଡା ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।






## ସିକେ ନାୟୁଡୁ ଟ୍ରଫି

କ୍ରିଷ୍ଣା ବିକାଶ ବରାହଗୁଡା କ୍ରିକେଟ୍ ଗ୍ରାଉଣ୍ଡରେ ୨୦୧୪-୧୫ରେ ରେ ଉତ୍ତର ପ୍ରଦେଶ ଓ ଓଡ଼ିଶା ମଧ୍ୟରେ, ୨୦୧୫-୧୬ରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ, ୨୦୧୮-୧୯ରେ ଓଡ଼ିଶା ଓ କେରଳ ମଧ୍ୟରେ, ୨୦୧୯-୨୦ରେ ଓଡ଼ିଶା ଓ ଅରୁଣାଞ୍ଚଳ ପ୍ରଦେଶ ମଧ୍ୟରେ, ୨୦୨୪-୨୫ରେ ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ସିକେ ନାୟୁଡୁ ଟ୍ରଫି ଶେଷଥର ହୋଇଥିଲା।

## ନେତାଜୀ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ

# ଝରକୁ ହରାଇ ଗଣ୍ଡପାଲି ଚାମ୍ପିଅନ



**ପଦ୍ମପୁର, ୪।୨(ସମିସ):** ପଦ୍ମପୁର ନିକଟସ୍ଥ ମହୁଲପାଲି ସ୍କୁଲ ପଡ଼ିଆଠାରେ ନେତାଜୀ ସ୍ପୋର୍ଟିଂ ଆନୁକୂଲ୍ୟରେ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମହୁଲପାଲି ସରପଞ୍ଚ ପଙ୍କଜିନୀ ବେହେରା ଏବଂ ସମ୍ମାନିତ ଅତିଥି ରୂପେ ବିନନ୍ଦ ସାହୁ, ସୁନୀଲ ବେହେରା, ଜଗନ୍ନାଥ ସେଠ ଓ ସୁରେନ୍ଦ୍ର ରଣା ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଗଣ୍ଡପାଲି ଦଳ ଝର ଦଳକୁ ହରାଇ ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ଉତ୍ସବରରେ ମୁଖ୍ୟ ଅତିଥି ରୂପେ କଂସର ସରପଞ୍ଚ ଆନନ୍ଦ ବେହେରା ଏବଂ ସମ୍ମାନିତ ଅତିଥି ରୂପେ ହରି ସିଂରାଜପୁତ, ରାଧେଶ୍ୟାମ ପାତ୍ର, କିଶୋର ପାତ୍ର, ନରେନ୍ଦ୍ର ପ୍ରଧାନ ଓ ବିରେନ୍ଦ୍ର ପ୍ରଧାନ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ପୁରସ୍କାର ପ୍ରଦାନ କରିଥିଲେ। ଗଣ୍ଡପାଲି ଦଳର ନୁରାଧନ ସର୍ବଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ରେଫରି ସୁଶାନ୍ତ, ବାବୁଲାଲ, ଭରତ, ମଣି ଓ ପ୍ରଦୀପ ଖେଳ ପରିଚାଳନା କରିଥିବା ବେଳେ କେଶବ ଓ ମତିଲ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ। ଦିଲୀପ ଓ ପ୍ରଶାନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ।

## ମାଟି ବୋଝେଇ ହାଇୱା ଜବତ

ପାରାଦୀପ,୪।୨(ସମିସ): ମାଟି ବୋଝେଇ ୬ ଟି ହାଇୱାକୁ ଜବତ କରିଛି ଲକ୍ ଥାନା ପୁଲିସ। ଏହି ୬ଟି ହାଇୱା କେନ୍ଦ୍ରାପଡା ଜିଲ୍ଲା ଅଞ୍ଚଳରୁ ମାଟି ଆଣି ପାରାଦୀପକୁ ଆସୁଥିବା ବେଳେ ପୁଲିସ ଥାନା ନିକଟରେ ଅଟକାଇବା ସହିତ ମାଟିର କାଗଜପତ୍ର ମାଗିଥିଲେ। ତେବେ ଡ୍ରାଇଭର କୌଣସି ସଠିକ କାଗଜପତ୍ର ଦେଖାଇ ପାରି ନଥିଲେ। ତେବେ ଲକ୍ ଥାନା ପୁଲିସ ଏ ସମ୍ପର୍କରେ କୁଜଙ୍ଗ ତହସିଲଦାରଙ୍କୁ ଜଣାଇବା ପରେ ତହସିଲଦାର ୬ଟି ହାଇୱା ଉପରେ ଫାଇନ କରିଛନ୍ତି। ତେବେ ପ୍ରାୟ ପ୍ରତ୍ୟକ ଦିନ ଶହ ଶହ ଟ୍ରିପ୍ ମାଟି କେନ୍ଦ୍ରାପଡାରୁ ପାରାଦୀପ ଶିଳ୍ପାଞ୍ଚଳକୁ ଆସି ଚଡ଼ା ଦରରେ ବିକ୍ରି କରାଯାଉଛି। ମାଟି ମାଫିଆମାନେ ଏବେ ଏଭଳି ବେଆଇନି ମାଟି ଚାଲାଣ କରି ଲାଲେଲାଲ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଜିଲ୍ଲା ବରିଷ୍ଠ ନାଗରିକ ସମସ୍ୟା କମିଟିରେ ସ୍ନେହମୟୀ

କୁଜଙ୍ଗ,୪।୨(ସମିସ): ବ୍ୟାସ ଫାଉଣ୍ଡେସନ ଏ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ତଥା କୁଜଙ୍ଗ ବ୍ଲକ ପଙ୍କପାଳ ନିବାସୀ ସ୍ନେହମୟୀ ଆଚାର୍ଯ୍ୟ ଦୀର୍ଘ ଦିନ ହେବ ବରିଷ୍ଠ ନାଗରିକ ମାନଙ୍କର ପରିବାରରେ ଅବହେଳା, ସେମାନଙ୍କର ସମସ୍ୟାକୁ ଅତି ନିକଟରୁ ବୁଝିଛନ୍ତି। ପ୍ରତ୍ୟେକ ଦିନ ପରିବାର ଦ୍ୱାରା ଶାରୀରିକ, ମାନସିକ ଭାବେ ଅତ୍ୟାଚାରିତ ହେଉଥିବା ବାପା ମା'ଙ୍କୁ ଉପଜିଲ୍ଲାପାଳଙ୍କ ନଜରକୁ ଆଣି ସେମାନଙ୍କର ସମସ୍ୟାକୁ ସମାହିତ କରିବା ସହ ପରିବାରରେ ଶାନ୍ତିରେ ରହିବାର ଅନେକ ଉଦାହରଣ ସୃଷ୍ଟି କରିପାରିଛନ୍ତି। ଜିଲ୍ଲା ପ୍ରଶାସନ ବରିଷ୍ଠ ନାଗରିକମାନଙ୍କର ସମସ୍ୟାର ସମାଧାନ, ସେମାନଙ୍କର ଭରଣ ପୋଷଣ, ବଞ୍ଚିବାର ଅଧିକାର ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେବା ସହ ଏକ କମିଟି ଗଠନ କରିଛନ୍ତି। ସେହି କମିଟିରେ ଅଭିଜ୍ଞ ସାମାଜିକ କର୍ମୀ ଭାବେ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋନୀତ କରିଛନ୍ତି। ଜିଲ୍ଲା ପ୍ରଶାସନ ସ୍ନେହମୟୀଙ୍କ ଅଭିଜ୍ଞତା ଉପରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରିଥିବାରୁ ସେ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରଫୁଲ୍ଲ ପାଠାଗାରରେ କର୍କଟ ଦିବସ

ଜଗତସିଂହପୁର,୪।୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପ୍ରଫୁଲ୍ଲ ପାଠାଗାର, ଓଡ଼ିଶାଗଡ଼ଠାରେ ଆଜି ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ପାଠାଗାର ସଭାପତି ରବିନ୍ଦ୍ର ନାଥ ତ୍ରିପାଠୀ ଅଧକ୍ଷତା କରି କହିଥିଲେ। ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ ଆଲୋଚନାରେ ଭାଗନେଇ ମତ ଦେଇଥିଲେ କି ତମାଖୁ ସେବନ ହିଁ ଏହାର ମୂଳ କାରଣ। ନିଶାଦ୍ରବ୍ୟ ବ୍ୟବହାର, ବିଶୃଙ୍ଖଳ ଜୀବନଚର୍ଯ୍ୟ, ଫାଷ୍ଟଫୁଡ ଖାଦ୍ୟ ଠାରୁ ଦୂରେଇ ରହିଲେ ସମାଜ ଏହାକୁ ରୋକ ଲଗାଇପାରିବ ବୋଲି ସେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତ ରାମଚନ୍ଦ୍ର ଆଚାର୍ଯ୍ୟ, ବରିଷ୍ଠ ନାଗରିକ ସତ୍ୟବାଦୀ ସାହୁ, ଶିକ୍ଷାବିତ ସତ୍ୟବାଦୀ ଦାସ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

## ଗୃହରକ୍ଷୀ ନିଯୁକ୍ତି ନିମନ୍ତେ ଲିଖିତ ପରୀକ୍ଷା

ଜଗତସିଂହପୁର,୪।୨(ସମିସ): ଜଗତସିଂହପୁର ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ଆସନ୍ତା ୧୪ ତାରିଖରେ ହେବାକୁ ଯାଉଛି। ସକାଳ ୧୦ଟାରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ହେବାକୁ ଥିବା ଏହି ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କ ପ୍ରବେଶ ପତ୍ର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ୬ରୁ ୧୧ ତାରିଖ ମଧ୍ୟରେ ସକାଳ ୧୦.୩୦ରୁ ସନ୍ଧ୍ୟା ୦୫.୩୦ ପର୍ଯ୍ୟନ୍ତ ଉପଲବ୍ଧ ହେବ। ପ୍ରାର୍ଥୀମାନେ ପ୍ରବେଶ ପତ୍ର (ଆଡିମିଟ କାର୍ଡ) ପ୍ରାପ୍ତି ନିମନ୍ତେ ନିଜର ମୌଳିକ ପ୍ରମାଣପତ୍ର (ଭୋଟର କାର୍ଡ/ଆଧାର କାର୍ଡ ନକଲ) ଏବଂ ପାସ ପୋର୍ଟ ସାଇଜ ରଙ୍ଗୀନ ଫଟୋ ଯାଞ୍ଚ ନିମନ୍ତେ ନିଜ ସାଥିରେ ଆଣି ଆସିବାକୁ ଜିଲ୍ଲା ପୁଲିସ୍ ପକ୍ଷରୁ କୁହାଯାଇଛି।

## ମଧୁସୂଦନ ଦାସଙ୍କ ସ୍ମୃତିସଭା



ଜଗତସିଂହପୁର,୪।୨(ସମିସ): ଆଜି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତୀରେ ଜିଲ୍ଲାପାଳ ଜେ ସୋନାଲ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ୍ ଜ୍ଞାପନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ, ପୌରନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ପୌର ପରିଷଦର ଦୀପକ ପଟ୍ଟନାୟକ ପ୍ରମୁଖ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ପଠାଣି ସାମନ୍ତ ମେଧା ବୃତ୍ତିରେ ସଫଳତା



ଏରସମା,୪।୨(ସମିସ): ଏରସମା ବ୍ଲକ ଅଧିନ ଏରସମା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତମନ୍ନା ଦାସ ନବମ ଶ୍ରେଣୀରେ ୨୦୨୪-୨୫ ବର୍ଷ ପାଇଁ ହୋଇଥିବା ପଠାଣି ସାମନ୍ତ ଗଣିତ ମେଦା ବୃତ୍ତି ପରୀକ୍ଷାରେ ଏରସମା ବ୍ଲକରେ ୩ୟ ସ୍ଥାନ ଅଧିକାର କରିଛି। ସିହା ଗ୍ରାମର ଜୀବନ ଜୟ ଦାସ ଓ ସ୍ମିତା ଦାସଙ୍କ ଝିଅ ଅଟନ୍ତି। ପୁର୍ବରୁ ସେ ଜିଲ୍ଲାସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଭବିଷ୍ୟତରେ ସେ ପ୍ରଶାସନିକ ଅଧିକାରୀ ହେବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି।

### ଧାନମଣ୍ଡି ଅବ୍ୟବସ୍ଥା ବୁଲି ଦେଖିଲେ ଜିଲ୍ଲା କଂଗ୍ରେସ ସଭାପତି

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ନିଷ୍ପତ୍ତି

ଜଗତସିଂହପୁର,୪।୨(ସମିସ)




ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସରକାରୀ ମଣ୍ଡିରେ ଏବେ ଧାନ ସଂଗ୍ରହ ଚାଲିଥିବା ବେଳେ ଅନେକ ମଣ୍ଡିରେ କଟ୍‌ନୀ ଛଟ୍‌ନୀ କରାଯାଉଥିବାର ଖବର ପାଇ ଆଜି ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ କଂଗ୍ରେସର ଏକ ଟିମ୍ ବିରିଡି, ରଘୁନାଥପୁର ଓ ତିର୍ତ୍ତୋଲର କିଛି ଧାନ ମଣ୍ଡି ଯାଇ ସ୍ଥିତିକୁ ଅନୁସନ୍ଧାନ କରିଛନ୍ତି। ମଣ୍ଡି ଗୁଡିକରେ ଚାଷୀମାନଙ୍କ ଠାରୁ ଜୋର ଜବରଦସ୍ତ ଅଖା ବାବଦରେ କ୍ୱିଣ୍ଟାଲ ପ୍ରତି ୧.୫ କେଜି ଏବଂ ଭଲ ଧାନକୁ ଖରାପ ଦର୍ଶାଇ ସେ ବାବଦରେ ୫ରୁ ୬ କେଜି ଧାନ କାଟ କରାଯାଉଛି। ଚାଷୀ ବିରୋଧ କରିବାରୁ ଧାନ ଘରକୁ ନେଇ ଯାଅ ବୋଲି ମଣ୍ଡି ଅଧିକାରୀମାନେ ଧମକ ଦେଉଛନ୍ତି। ଏହା ସିଧା ସଳଖ ଚାଷୀ ପେଟକୁ ଲାତ ମାରିବା ସଦୃଶ୍ୟ। ତତ୍‌ସହିତ ମିଲରମାନେ କଣା ଫୁଟା ଝୋଟ ଅଖା ଚାଷୀମାନଙ୍କୁ ଦେଉଛନ୍ତି। ଧାନକୁ କଣ୍ଟା କରିବା ବାବଦରେ ସୋସାଇଟି କଣ୍ଟା ଶ୍ରମିକମାନଙ୍କୁ ପଇସା ଦେଉଥିବା ସତ୍ତ୍ୱେ ଚାଷୀମାନଙ୍କ ଠାରୁ ମଧ ପଇସା ଆଦାୟ କରାଯାଉଛି। ଏହି ସବୁ ସମସ୍ୟାର ଯଦି ତୁରନ୍ତ ସମାଧାନ କରାଯାଇ ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ କରା ନଯାଏ, ତେବେ ଜିଲ୍ଲା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ସହିତ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବ। ଆସନ୍ତା ୬ ତାରିଖ ଜିଲ୍ଲା କଂଗ୍ରେସ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ନାୟକ ମତବ୍ୟକ୍ତ କରିଛନ୍ତି। ଏହି କମିଟିରେ ଜିଲ୍ଲା କଂଗ୍ରେସ ଉପ ସଭାପତି ପ୍ରଶାନ୍ତ ଦାସ, ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ୍, ସୌମ୍ୟକାନ୍ତ ସିଂ, ଆଖିଲ ରାଉଳ, ପ୍ରଫୁଲ୍ଲ ସେଠୀ, ଶୁଭେନ୍ଦ୍ର କାନ୍ତ ରାଉତରାୟ, ଅନନ୍ତ ନାରାୟଣ ପୃଷ୍ଟି, ବିଶ୍ୱରଞ୍ଜନ, ସୂରଜକାନ୍ତ ଦାସ, ପ୍ରଦୀପ୍ତ ରାଉତ, ସଚ୍ଚିଦାନନ୍ଦ ମହାନ୍ତି, ପ୍ରଫୁଲ୍ଲ ଭୋଇ, ଅମିୟ କିଶୋର ରାଉଳ, ଜିତେନ୍ଦ୍ର ମହାନ୍ତି, ଶୁଭ ନାରାୟଣ ନାୟକ, ପ୍ରଦୀପ୍ତ ଶତପଥୀ, ରଞ୍ଜନ ସାହୁ, ବ୍ରଜ କିଶୋର ମଲ୍ଲିକ, ସାୟକ ରସୁଲ, ଶୁଭମ ମହାନ୍ତି, ସୁନାକର ନାୟକ, ନିରଞ୍ଜନ ସ୍ୱାଇଁ, ନିରଞ୍ଜନ ପ୍ରଧାନ, ଗଗନ ବିହାରୀ ସାହୁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରଳୟ ରାଉତ, ଅମର ପଣ୍ଡା, ପ୍ରିୟବ୍ରତ ସ୍ୱାଇଁ, ରାକେଶ ସ୍ୱାଇଁ, ସୁଭାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜୟପ୍ରକାଶ ଶିକ୍ଷାନିକେତନ ଓ ଚର୍ଚ୍ଚିକାୟୀ ବିଦ୍ୟାଳୟ ବାର୍ଷିକୋତ୍ସବ



ରଘୁନାଥପୁର,୪।୨(ସମିସ): ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ରାମଚନ୍ଦ୍ରପୁର ସ୍ଥିତ ଜୟପ୍ରକାଶ ଶିକ୍ଷାନିକେତନ ଓ ଚର୍ଚ୍ଚିକାୟୀ ସରକାରୀ ଉପ୍ରା ବିଦ୍ୟାଳୟ ୩୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜୟପ୍ରକାଶ ଶିକ୍ଷାନିକେତନ ପରିଚାଳନା ସଭାପତି ଇଂ. ବାବାଜୀ ଚରଣ ଜେନା ପୌରୋହିତ୍ୟ କରିଥିଲେ। ଏଥିରେ ଅବସରପ୍ରାପ୍ତ ଜିଲ୍ଲା ବିଜ୍ଞାନ ପରିଦର୍ଶକ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ଯଦୁନାଥ ଜେନା, ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ ଓ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ଦୁଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ବେହେରା ଓ ଦୀପାଞ୍ଜଳୀ ନାୟକ, ପଞ୍ଚସଖା ଶିକ୍ଷା ସେତୁ କୋଷାଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର, କମିଟି ସଦସ୍ୟ ପାର୍ଥସଖା ପାଲଟା ସିଂ ଓ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ବନ୍ଦନା ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ରାଜ୍ୟସ୍ତରୀୟ ଜୁଡ଼ୋ ଶିକ୍ଷକ ଲୋପାମୁଦ୍ରା ପତି, ଅବସର ଗ୍ରହଣ କରି ମଧ ନିରନ୍ତର ଶିକ୍ଷାଦାନ କରିଆସୁଥିବା ଶିକ୍ଷକ ସୁବାସ ଚନ୍ଦ୍ର ନାୟକ ଓ ଗତବର୍ଷ ୧୦ମ ବୋର୍ଡ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ରୀ ବନ୍ଦିତା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୮୫ ଛାତ୍ରଛାତ୍ରୀଙ୍କୁ ମେଡାଲ ଓ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ରଞ୍ଜନ କୁମାର ମିଶ୍ର ବିବରଣୀ ପଠନ ସହ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ଅତିଥି ପରିଚୟ ଓ ସୁବାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଷ୍ଣୁଚାନ୍ଦ୍ର କର, ସୁଧୀର କୁମାର ସାହାଣୀ, ସୁଧୀର କୁମାର ନାୟକ, ଧରଣୀଧର ଜେନା, ସାରଦା ପ୍ରସାଦ ନାୟକ, ବୀଣାପାଣି ବେହେରା ସହଯୋଗ କରିଥିଲେ।

## ସିପିଆଇ ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ

ଏରସମା,୪।୨(ସମିସ): କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ ନୀତି ବିରୋଧରେ ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଏକ ବିଶାଳ ବିକ୍ଷୋଭ ଏରସମା ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ସିପିଆଇ କର୍ମକର୍ତ୍ତା ଏରସମା ବଜାର ପରିକ୍ରମା କରି କେନ୍ଦ୍ର ସରକାର ବିରୋଧରେ ନାରା ଦେଇଥିଲେ। ପରେ ବ୍ଲକ ସମ୍ମୁଖରେ ଆସି ପହଞ୍ଚିଥିଲେ। ଏଥିରେ ପୀତାମ୍ବର ଦାସ ସଭାପତିତ୍ୱ କରି କେନ୍ଦ୍ର ସରକାରଙ୍କ ନୀତି ବିରୋଧରେ ବକ୍ତବ୍ୟ ଦେଇଥିଲେ। ଏଥିରେ ଛତ୍ରପୁରର ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ସିପିଆଇ ନେତା ଶଶୀଭୂଷଣ ସ୍ୱାଇଁ, ଦାମୋଦର ବେହେରା, ପ୍ରସନ୍ନ କୁମାର କୁଅଁର ପ୍ରମୁଖ ଦେଶରେ ଅବସ୍ଥା ଉପରେ ବକ୍ତବ୍ୟ ଦେଇଥିଲେ। ବିଦ୍ୟୁତ ବିଲ୍ ଛାଡ଼ କରି ପ୍ରତିଶ୍ରୁତି ରକ୍ଷା କରିବା, ଚାଷୀର ଋଣ ଛାଡ଼ କରିବା, ଆଣବିକ ଶକ୍ତିର ଅପବ୍ୟବହାର ନକରିବା, ବ୍ୟାଙ୍କକୁ ଘରୋଇ କରଣ ନକରିବା, ସମସ୍ତ ବୃଦ୍ଧ ବୃଦ୍ଧାଙ୍କୁ ୩୫୦୦ ପ୍ରଦାନ କରିବା, ଶ୍ରମିକ ବିରୋଧୀ ୪ଟି ଶ୍ରମକାର୍ଡ ବାତିଲ କରିବା ଇତ୍ୟାଦି ଉପରେ ଲିଖିତ ୧୨ ଦଫା ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଦାଶରଥି ଜେନାଙ୍କୁ ପ୍ରଦାନ କରିଥିଲେ।

## ଶିକ୍ଷା ବିଭାଗ ପକ୍ଷରୁ ବାର୍ଷିକ ସମ୍ମାନ



ପାରାଦୀପ,୪।୨(ସମିସ): ପାରାଦୀପ ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ବାର୍ଷିକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମାନରେ "ଜାତୀୟ ଶିକ୍ଷାନୀତି -୨୦୨୦ ପରିପ୍ରେକ୍ଷୀରେ ନିରନ୍ତର ଓ ବ୍ୟାପକ ମୂଲ୍ୟାୟନ' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ, ଆଠଗଡ଼ର ଅବସରପ୍ରାପ୍ତ ଅଧ୍ୟାପକ ଡ. ପ୍ରତାପ କେଶରୀ ଖଟୋଇ ଯୋଗଦେଇଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ପୌରୋହିତ କରିଥିବା ବେଳେ ବିଭାଗର ମୁଖ୍ୟ ମିସ୍ ସୌମ୍ୟା ପୟସ୍ୱିନୀ ରାଟସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସମ୍ମାନରେ ଶିକ୍ଷା ବିଭାଗର ଛାତ୍ରଛାତ୍ରୀ ସେମାନଙ୍କର ନିବନ୍ଧ ପାଠ କରିଥିଲେ। ଶେଷରେ ଅଧ୍ୟାପିକା ବିଶ୍ୱକଲ୍ୟାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପିକା ଓ ଅଧ୍ୟାପକ ଏବଂ ଶିକ୍ଷା ବିଭାଗର ସମସ୍ତ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

## କୀଟନାଶକ କମ୍ପାନୀ ପକ୍ଷରୁ ଚାଷୀ ସମାବେଶ




ନାଉଗାଁ,୪।୨(ସମିସ): ନାଉଗାଁ ବ୍ଲକ ଛକ ନିକଟରେ ଆଜି ଟ୍ରାସିଡ୍ କୀଟନାଶକ କମ୍ପାନୀ ପକ୍ଷରୁ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ମୁଖ୍ୟଅତିଥି ରୂପେ ଉକ୍ତ କମ୍ପାନୀର ମାର୍କେଟିଂ ଡେଭଲପମେଣ୍ଟ ମ୍ୟାନେଜର ହିମାଦ୍ରୀ ପ୍ରସାଦ ମହାପାତ୍ର ଯୋଗଦେଇ ଟ୍ରାସିଡ୍ କୀଟନାଶକ ବ୍ୟବହାର ଓ ଏହାର ଉପକାରିତା ସମ୍ବନ୍ଧରେ ଚାଷୀମାନଙ୍କୁ ବୁଝାଇ ଥିଲେ। ଅନ୍ୟପଟେ ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ, ଟେରିଟାରି ମ୍ୟାନେଜର ଚୈତନ୍ୟ ସ୍ୱାଇଁ, ନାଉଗାଁ ମହାନ୍ତି, କୀଟନାଶକ କେନ୍ଦ୍ରର ମାଲିକ ଅମିତାଭ ମହାନ୍ତି ଉପସ୍ଥିତ ଥିଲେ। ଏହି ସମାବେଶକୁ ବିମ୍ବାଧର ସାହାଣୀ, ଉଲ୍ଲାସ କୁମାରବ ପ୍ରଧାନ ସୁପରିଚାଳନା କରିଥିଲେ। ନାଉଗାଁ ବ୍ଲକର ଶତାଧିକ ଚାଷୀ ଏହି ସମାବେଶରେ ଉପସ୍ଥିତ ଥିଲେ।

## ଏଚ୍‌ପି ଗ୍ୟାସ ବିତରଣରେ ବିଳମ୍ବ

ପାରାଦୀପ,୪।୨(ସମିସ): ବନ୍ଦର ସହର ଅଞ୍ଚଳରେ ଏଚ୍‌ପି ଗ୍ୟାସ ବିତରଣରେ ଡିଲର ଡେଲିଭରୀରେ ଜାଣିଶୁଣି ବିଳମ୍ବ କରୁଥିବା ନେଇ ଅଭିଯୋଗ ହୋଇଛି। ଯାହା ଫଳରେ ଏଚ୍‌ପି ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଚପି ଗ୍ୟାସ ଡିଲରଙ୍କ ଦ୍ୱାରା ଏଲ୍‌ପିଜି ସିଲିଣ୍ଡର ଡେଲିଭରିରେ ବାରମ୍ବାର ଏଭଳି ବିଳମ୍ବ ହେଉଥିବା ନେଇ ବହୁ ଗ୍ରାହକ ଅଭିଯୋଗ କରିଛନ୍ତି। ଯାହା ଫଳରେ ଅନେକ ପରିବାରକୁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗ୍ରାହକମାନେ ଅଭିଯୋଗ କରିଛନ୍ତି ଯେ ଗ୍ୟାସ ବୁକିଂ କରିବା ପରେ ଗ୍ୟାସ ଠିକ୍ ସମୟରେ ନ ମିଳୁ ଥିବାରୁ ଗ୍ରାହକଙ୍କ ପରିବାରକୁ ବିକଳ୍ପ ରୋଷେଇ ବ୍ୟବସ୍ଥା ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। କାର୍ଯ୍ୟରତ ବୃତ୍ତିଗତ ଏବଂ ବୟସ୍କ ବାସିନ୍ଦାମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ଗ୍ରାହକମାନେ ଦାବି କରିଛନ୍ତି ଯେ ବୁକିଂ ନିଶ୍ଚିତକରଣ ମେସେଜ୍ ପାଇବା ସତ୍ତ୍ୱେ, ଡେଲିଭରୀ ସମୟ ମଧ୍ୟରେ କରାଯାଉନାହିଁ। ଯୋଗାଯୋଗ କରାଯିବାରେ, ଡିଲରଙ୍କ କର୍ମଚାରୀମାନେ ଅସ୍ପଷ୍ଟ ପ୍ରତିକ୍ରିୟା ଦେଉଛନ୍ତି ଏବଂ ଅପ୍ରୀତିକର ବ୍ୟବହାର କରୁଛନ୍ତି, ଯାହା ଗ୍ରାହକଙ୍କୁ ଚିନ୍ତାରେ ପକାଉଛି। ଆଜି ମଧୁବନ ଅଞ୍ଚଳରେ ରହୁଥିବା ଜଣେ ଗ୍ରାହକଙ୍କୁ ଡିଲର କର୍ମଚାରୀମାନେ କହିଛନ୍ତି ଯେ ଅନେକ ଗ୍ରାହକ ଗତ ୧୦ ଦିନ ଧରି ଅପେକ୍ଷା କରିଛନ୍ତି ଏବଂ ଷ୍ଟକ୍ ଅଭାବରୁ ନୂତନ ବୁକିଂ ଡେଲିଭରୀ ହେବାକୁ ୧୫ ଦିନ ପର୍ଯ୍ୟନ୍ତ ସମୟ ଲାଗିପାରେ। ଏଭଳି ଉତ୍ତର ଶୁଣିବା ପରେ ଗ୍ରାହକମାନେ ପାରାଦୀପରେ ବିତରଣ ହେଉଥିବା ଗ୍ୟାସ ଡିଲରଙ୍କ ଉତ୍ତର ଉପରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଜାତୀୟ କିମ୍ବା ରାଜ୍ୟସ୍ତରରେ ଏଲପିଜିର ଅଭାବ ରହିଥିବା ନେଇ କମ୍ପାନୀ ପକ୍ଷରୁ କୌଣସି ଆଗୁଆ ସୂଚନା ନାହିଁ। କିନ୍ତୁ ବନ୍ଦର ସହର ପାରାଦୀପ ଅଞ୍ଚଳରେ ଏଭଳି ପରିସ୍ଥିତି କାହିଁକି ଉପୁଜୁଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ତେବେ ଏଲପିଜି ସିଲିଣ୍ଡର ପାରାଦୀପ ରେ ଖୋଲା ବଜାରରେ ଅଧିକ ମୂଲ୍ୟରେ ବେଆଇନ ଭାବରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଗ୍ରାହକମାନେ ଏ ସମ୍ପର୍କରେ ଏଚ୍‌ପି ଗ୍ୟାସ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ କରିବାକୁ ଏବଂ ଘଟଣାର ତଦନ୍ତ କରିବାକୁ ଏବଂ ଜନସାଧାରଣଙ୍କୁ ସମୟକ୍ରମେ ଏଲପିଜି ସିଲିଣ୍ଡର ବିତରଣ ସୁନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି।

## ଗୋପାଳପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ରଘୁନାଥପୁର,୪।୨(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧାରାଧରପୁର ପଞ୍ଚାୟତର ଗୋପାଳପୁର କୋକି ପଡ଼ିଆରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୨୪ଟି ଦଳ ଭାଗ ନେଇଥିବାବେଳେ ଫାଇନାଲକୁ ବଣିକୁଦ ଓ କଇଜଙ୍ଗା କ୍ରିକେଟ ଦଳ ଉତ୍ତୀର୍ଣ୍ଣ ହୋଇଥିଲେ। ବଣିକୁଦ କ୍ରିକେଟ ଦଳ ପ୍ରଥମେ ଖେଳି ୧୬୯ ରନ ସଂଗ୍ରହ କରିଥିବାବେଳେ କଇଜଙ୍ଗା କ୍ରିକେଟ ଦଳ ତାର ସମସ୍ତ ୱିକେଟ ହରାଇ ୧୧୧ରନ କରି ପରାଜିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ନଳନୀପ୍ରଭା ମୁଦୁଲିଙ୍କ ସହିତ ସମାଜସେବୀ ଅଶୋକ କୁମାର ମୁଦୁଲି, ରଞ୍ଜନ ସାହୁ, ଦେବାଶିଷ ବୋଷ ଓ ମନୋଜ ସାହୁ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରଶ୍ମୀ ରଞ୍ଜନ ନାୟକ, ତପନ କୁମାର ସାହୁ, ରିଙ୍କୁ ମିତ୍ର, ସୁବାସ ମହାରଣା, ରାକେଶ ସାହୁ, ଆଶୁତୋଷ ନାୟକ, କୈଳାଶ ସାହୁ, ବିଦ୍ୟାଧର ମହାନ୍ତି, ବସନ୍ତ କୁମାର ଦାଶ ଓ ଅମିତ ଗୋଛାୟାତ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ।

# ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର



ଜଗତସିଂହପୁର,୪।୨(ସମିସ): ଜନଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ ଆଗାମୀ ଏପ୍ରିଲ୍ ୧୬ ତାରିଖରୁ ମେ' ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଜନଗଣନାକୁ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିନିମନ୍ତେ ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଆତ୍ମଗଣନା କରାଯିବ। ଯେଉଁଥିରେ ସେନ୍ସସ୍ ପୋର୍ଟାଲରେ ଲଗ୍ ଇନ୍ କରି ଯେ କୌଣସି ବ୍ୟକ୍ତି ନିଜର ସମସ୍ତ ତଥ୍ୟ ଅପଲୋଡ୍ କରିପାରିବେ। ଯଦିଓ ଜନଗଣନା ଭାରତରେ ପ୍ରତି ୧୦ ବର୍ଷରେ ହେବାକଥା, ମାତ୍ର ଏହା ୨୦୧୧ ମସିହା ପରେ ୧୫ ବର୍ଷ ବ୍ୟବଧାନରେ ହେଉଥିବାରୁ, ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସତ୍ୟ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ଉପଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ କହିଲେ ଯେ, ଜନଗଣନା ହେଉଛି ଦେଶର ଦର୍ପଣ ସଦୃଶ। ଏଥିରେ କେବଳ ବ୍ୟକ୍ତି ବିଶେଷଙ୍କ ଗଣନା ନୁହେଁ, ବରଂ ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ରହିଥାଏ। ଏଥର ଜନଗଣନାକାରୀ ମାନେ ପ୍ରତ୍ୟେକ ଘର ବୁଲି ସମସ୍ତ ବିଷୟ ର ସଠିକ୍ ବିବରଣୀ ପଚାରି ବୁଝିବେ। ଘରର ମୁରବୀ, ତାଙ୍କର ଜାତି, ଲିଙ୍ଗ, ବୟସ, ଠାରୁ ଆରମ୍ଭ କରି ଘରର ଷ୍ଟାଟସ୍, ପକ୍କା ଘର କି କଚ୍ଚା ଘର ଏହିପରି ୩୩ ଗୋଟି ପ୍ରଶ୍ନ ପଚାରିବେ। ତେଣୁ ସମସ୍ତେ ନିଜର ସଠିକ ତଥ୍ୟ ପ୍ରଦାନ କରିବା ଉଚିତ୍ ବୋଲି ସେ କହିଥିଲେ। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟରୁ ଆଡିସନାଲ୍ ଡାଇରେକ୍ଟର ମିଲିତା ଦତ୍ତ ଟ୍ରେନିଂ ଅଫିସର ଭାବେ ଯୋଗଦେଇ ଆଗାମୀ ଜନଗଣନାକୁ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ପ୍ରଶିକ୍ଷଣ ଦେଇଥିଲେ। ଆଗାମୀ ଦିନରେ ଏଥିପାଇଁ ନିଯୁକ୍ତ ମାଷ୍ଟର ଟ୍ରେନରମାନଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ପରେ ଜିଲ୍ଲାସ୍ତରରେ ନିୟୋଜିତ ଅଧିକାରୀମାନଙ୍କ ପ୍ରଶିକ୍ଷଣ କରାଯିବ। ସମଗ୍ର ରାଜ୍ୟରେ ପ୍ରାୟ ଏକ ଲକ୍ଷ ଜନଗଣନାକାରୀ ଏହି କାର୍ଯ୍ୟ ସମ୍ପାଦନ କରିବେ। ଆଜିର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ସମସ୍ତ ବିଡିଓ ତହସିଲଦାର ନିର୍ବାହୀ ଅଧିକାରୀ ଜିଲ୍ଲାସ୍ତରୀୟ ଅଧିକାରୀ ତଥା ଅତିରିକ୍ତ ତହସିଲଦାରମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ୨୫ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ

# ଉର୍ଦ୍ଦୁ ଭାଷାରେ ନାଟକ 'ଚାକ୍' ମଞ୍ଚସ୍ଥ



ପାରାଦୀପ,୪।୨(ସମିସ): ପାରାଦୀପର ଜୟଦେବ ସଦନଠାରେ ଜାତୀୟ ନାଟ୍ୟ ବିଦ୍ୟାଳୟ ତରଫରୁ ଆୟୋଜିତ ୨୫ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ "ଭାରତ ରଙ୍ଗ ମହୋତ୍ସବର' ୩ୟ ସନ୍ଧ୍ୟାରେ କଲିକତାର ଲିଟଲ ଥିଏସ୍ପିଆନ ନାଟ୍ୟ ଅନୁଷ୍ଠାନ ଉମା ଝୁନଝୁନୱାଲାଙ୍କ ନିର୍ଦ୍ଦେଶନାରେ ଉର୍ଦ୍ଦୁ ଭାଷାର ନାଟକ 'ଚାକ୍' ମଞ୍ଚସ୍ଥ କରିଥିଲେ। ଏହି ନାଟକଟି ୧୯୭୧ ମସିହାରେ ପାକିସ୍ତାନ ଏବଂ ପୂର୍ବ ପାକିସ୍ତାନ ବିଭାଜନ ସମୟରେ ଭାରତୀୟ ମୁସଲମାନ ମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ଆହ୍ୱାନ ଓ ସମସ୍ୟା ବିଷୟରେ। ଏହି ନାଟକଟି ଏପରି ଏକ ମୁସଲମାନ ପରିବାରର ସଂଘର୍ଷକୁ ପ୍ରଦର୍ଶିତ କରୁଛି ଯେଉଁଠାରେ ପିତା ଗଫୁର ଖାନ୍ ତାଙ୍କ ଉତ୍ତରାଧିକାରୀ ପାରିବାରିକ ସମ୍ପତି ପାଇଁ ଅନନ୍ତ କୋର୍ଟ ମାମଲାର ସମ୍ମୁଖୀନ ହେଉଛନ୍ତି ଏବଂ ମଧ୍ୟମ ପୁତ୍ର ଅର୍ଶଦ ବିଭିନ୍ନ ଦୁଃଖ ଓ ଚିନ୍ତା ସହିତ ଭାବନାର ଏକ କାନଭାସ୍ ଦେଖାଉଛନ୍ତି। ମାଆ ଯୋହରା, ବଡ଼ ପୁଅ ମାଜିଦ ଏବଂ ସାନ ଝିଅ ରଜିଆଙ୍କର ନିଜସ୍ୱ ଆଘାତ ଏବଂ କଷ୍ଟ ଏହି ନାଟକରେ ପ୍ରଦର୍ଶିତ ହୋଇଛି। ନାଟକର ଆନନ୍ଦ ନେବା ପାଇଁ ଅଧିକ ନାଟ୍ୟପ୍ରେମୀ ଦର୍ଶକ ଜୟଦେବ ସଦନରେ ଉପସ୍ଥିତ ଥିଲେ ଏବଂ କଳାକାର ମାନେ ସେମାନଙ୍କର ନିଖୁଣ ଅଭିନୟରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ।

ସକାଳ THE SAKALA
ଗୁରୁବାର
୫ ଫେବୃଆରୀ, ୨୦୨୬


## ବାଇଗଣବାଡିଆ ପୋଷ୍ଟ ଅଫିସରେ ବଡ଼ ଦୁର୍ନୀତି

# ଶତାଧିକ ଜମାକାରୀଙ୍କ ଦେଢ଼କୋଟି ଟଙ୍କା ହଡ଼ପ ଅଭିଯୋଗ

ବାଲେଶ୍ୱର,୪ ।୨(ସମିସ)



ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅର୍ନ୍ତଗତ ବାଇଗଣବାଡିଆ ପୋଷ୍ଟ ଅଫିସରେ ବଡ଼ ଦୁର୍ନୀତି। ଶତାଧିକ ହିତାଧିକାରୀଙ୍କ ଦେଢ଼ କୋଟିରୁ ଅଧିକ ଜମାରାଶି ପୋଷ୍ଟ ଅଫିସର ବିପିଏମ ହଡ଼ପ କରିନେଇଯିବା ଅଭିଯୋଗ ଆଣି ଆଜି ଶତାଧିକ ଜମାକାରୀ ଜିଲ୍ଲା ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବାଇଗଣବାଡିଆ ପୋଷ୍ଟ ଅଫିସରେ ଝାଡିପିପଳ, ବାଇଗଣବାଡିଆ, ଘଂଟିଆଡି, ଉଲୁଡା, ଛଟକାନପୁର, କାଳୀକାପୁର, ପାଳସାହି, କଂଟାପାଳ ଆଦି ବିଭିନ୍ନ ଗ୍ରାମର ଲୋକମାନେ ଏହି ପୋଷ୍ଟ ଅଫିସ ଉପରେ ନିର୍ଭର କରନ୍ତି। ଏହି ପୋଷ୍ଟ ଅଫିସ ଦାୟିତ୍ୱରେ ରହିଛନ୍ତି ବିପିଏମ ପ୍ରମିତ ରଞ୍ଜନ ଘଡାଇ। ଉକ୍ତ ପୋଷ୍ଟ ଅଫିସରେ ପ୍ରାୟ୧୪ଶହ ହିତାଧିକାରୀଙ୍କ ଖାତା ରହିଛି। ଆରଡି, ଆରପିଏଲଆଇ, ସୁକନ୍ୟା ଯୋଜନା, ଫିକ୍ସ ଡିପୋଜିଟ, ମହିଳାସମ୍ମାନ, ସଂଚୟ ଖାତା ଆଦି ବିଭିନ୍ନ ଯୋଜନାରେ ହିତାଧିକାରୀମାନେ ସେମାନଙ୍କର ଟଙ୍କା ଜମା ରଖନ୍ତି। ଉକ୍ତ ପୋଷ୍ଟ ଅଫିସରେ ବିପିଏମ ତଞ୍ଚକତା କରି ପାଖାପାଖି୧୨୦ରୁ ଅଧିକ ଜମାକାରୀଙ୍କ ଜମା ଟଙ୍କା ପ୍ରାୟ ଦେଢ଼ କୋଟିରୁ ଅଧିକ ଟଙ୍କା ଧରି ଛୁ' ମାରିଥିବା ନେଇ ଜମାକାରୀମାନେ ଅଭିଯୋଗ କରିଛନ୍ତି। ବିପିଏମ କିଛି ଦିନ ହେବ ସମସ୍ତ ଟଙ୍କା ହଡପ କରି ସେଠାରୁ ପଳାଇଯାଇଥିବା ବେଳେ ଏବେ ତାଙ୍କର କୌଣସି ସନ୍ଧାନ ମିଳିପାରୁନାହିଁ ବୋଲି ଅଭିଯୋଗକାରୀମାନେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ସମ୍ପାରାଣୀ ଓଝା, ସୁମତି ମାସନ୍ତ, ମଞ୍ଜୁଲତା ପ୍ରଧାନ, ଅଭିଳାସ ପ୍ରଧାନ, ଉପେନ୍ଦ୍ର ନନ୍ଦୀ, ରଞ୍ଜୁଲତା ପାତ୍ର, ଶାନ୍ତିଲତା ପ୍ରଧାନ, କାଜଲ ଗିରି, ସନାତନ ପ୍ରଧାନ, ରୁବିରାଣୀ ବେହେରାଙ୍କ ସମେତ ଅନ୍ୟ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି ଯେ, ସେମାନେ ଗରିବ ଏବଂ ଖଟିଖିଆ ଲୋକ। ଖଟି ଯାହା ସବୁ ଟଙ୍କା ସଂଚୟ କରିଥିଲେ ସେସବୁ ବାଇଗଣବାଡିଆ ପୋଷ୍ଟ ଅଫିସରେ ଡିପୋଜିଟ କରିଥିଲେ। ବିଶେଷ କରି ସେମାନେ ଫିକ୍ସ ଡିପୋଜିଟରେ ଅଧିକ ଜମା ରଖିଥିଲେ। ବାଇଗଣବାଡିଆ ପୋଷ୍ଟ ମାଷ୍ଟର ସେମାନଙ୍କ ଟଙ୍କାକୁ ଫିକ୍ସ ଡିପୋଜିଟ କରି କୌଣସି କାଗଜ ଦେଇନଥିବା ବେଳେ ଅଧିକାଂଶ ହିତାଧିକାରୀଙ୍କ ଟଙ୍କ ସଂଚୟ ଖାତାରେ ପକାଇ ଖାତା ଦେଇଥିଲେ। ବାକି କିଛି ହିତାଧିକାରୀଙ୍କୁ ସ୍ଲିପ ମଧ ଦେଇନଥିଲେ। ନେଟୱାର୍କ ଡାଉନ ଅଛି କରି ଭୁଲାଇ ଆସୁଥିଲେ। ସେମାନେ ସଂଚୟ ଖାତାରୁ କିଛି ଟଙ୍କା ଉଠାଇବା ପାଇଁ ପୋଷ୍ଟ ଅଫିସ ଯିବା ପରେ ଜାଣିବାକୁ ପାଇଥିଲେ ଯେ ସେମାନଙ୍କ ଆକାଉଂଟରେ ଟଙ୍କା ନାହିଁ। ଏଥିରେ ସନ୍ଦେହ ହେବାରୁ ସେମାନେ ଜାଣିବାକୁ ପାଇଥିଲେ ଯେ ପୋଷ୍ଟ ମାଷ୍ଟର ବିଭିନ୍ନ ଜାଲ ଆକାଉଣ୍ଟ କରି ଟଙ୍କା ସେଥିରେ ଡିପୋଜିଟ କରି ଆତ୍ମସାତ କରିଛନ୍ତି। ପ୍ରାୟ ଦେଢ଼ କୋଟିରୁ ଅଧିକ ଟଙ୍କା ଆତ୍ମସାତ କରିଛନ୍ତି ବୋଲି ଜାଣିବାକୁ ପାଇଥିଲେ। ଏ ନେଇ ସେମାନେ ତୁରନ୍ତ ସ୍ଥାନୀୟ ପୋଷ୍ଟ ମାଷ୍ଟରଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଟଙ୍କା ଆତ୍ମସାତ କରିବା ପରେ ପୋଷ୍ଟମାଷ୍ଟର ସେଠାରୁ ପଳାଇଯିବା ଯିବା ସହ ତାଙ୍କ ମୋବାଇଲ ମଧ ବନ୍ଦ ରହିଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେମାନେ ବିଭିନ୍ନ ସ୍ଥାନରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସଫଳ ମିଳିନଥିଲା। ଏହି ଘଟଣାରେ ଆଜି ସେମାନେ ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ଦାବିପତ୍ର ପ୍ରଦାନ କରି ତାଙ୍କ ଟଙ୍କା ତୁରନ୍ତ ଫେରାଇବାକୁ ଦାବି କରିଥିଲେ। ଟଙ୍କା ନ ଫେରାଇଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ମଧ ଦେଇଛନ୍ତି। ଅନ୍ୟପଟେ ଡାକ ଅଧିକ୍ଷକ ତାପସ କୁମାର ଦାଶଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

**ପ୍ରତିବାଦରେ ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ**

### 'ପୁଅର ମୃତ୍ୟୁ ଟଙ୍କା ଖାଇଗଲେ'



ଜମାକାରୀ ମମତା ଦଣ୍ଡପାଟଙ୍କ କହିବା ଅନୁସାରେ ତାଙ୍କ ପୁଅର ମୃତ୍ୟୁ ପରେ ତାଙ୍କୁ ୪ଲକ୍ଷ ଟଙ୍କା ମିଳିଥିଲା। ସେଥିରୁ ସେ ଏକ ଲକ୍ଷ ଟଙ୍କା ଧାର କରଜ ସୁଝିଥିବା ବେଳେ ବାକି ୩ଲକ୍ଷ ଟଙ୍କା ଏହି ବାଇଗଣବାଡିଆ ପୋଷ୍ଟ ଅଫିସରେ ଦୁଇ ବର୍ଷ ପାଇଁ ଫିକ୍ସ ଡିପୋଜିଟ ଭାବେ ରଖିଥିଲେ। ଚିନ୍ତା କରିଥିଲେ ସରକାରଙ୍କଠାରୁ ଘରଟିଏ ମିଳିଲେ ସେ ଉକ୍ତ ଟଙ୍କାକୁ ଉଠାଇ ଘର ଖଣ୍ଡିଏ କରିବେ। ସେ ଗରିବ ଶ୍ରେଣୀର ମହିଳା ହୋଇଥିବା ବେଳେ ସ୍ୱାମୀ ବାହାରେ ରହି କାମ କରନ୍ତି। ସେ ପୋଷ୍ଟ ଅଫିସରେ ଟଙ୍କା ରଖିବା ପରେ ପୋଷ୍ଟମାଷ୍ଟର ତାଙ୍କୁ କିଛି ସ୍ଲିପ ଦଇନଥିଲେ। ଏବେ ଏଭଳି ଘଟଣା ଘଟିବା ପରେ ସେ ସମ୍ପୂର୍ଣ୍ଣ ଭାବେ ନିରାଶ ହୋଇପଡ଼ିଥିବା ବେଳେ ତାଙ୍କ ଟଙ୍କା ଫେରାଇ ଦେବାକୁ କାନ୍ଦି କାନ୍ଦି କହିଛନ୍ତି।

## ଏସିଡ୍ ଆକ୍ରମଣ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ବାଲେଶ୍ୱର,୪ ।୨(ସମିସ): ୨୦୨୩ ମସିହାରେ ବାଲେଶ୍ୱର ଭୀମପୁରା ଅଂଚଳରେ ଭଡାରେ ରହୁଥିବା ଜଣେ ମହିଳାଙ୍କ ଘରେ ପଶି ଜଣେ ଯୁବକ ଚନ୍ଦନ ରଣା ଏସିଡମାଡ କରିଥିଲେ। ଏହି ଘଟଣାକୁ ନେଇ ଆଜି ସ୍ୱତନ୍ତ୍ର ଏସସି ଏସଟି କୋର୍ଟ ଜଜ ଅବଦୁଲ ସମିମ ଅକତର ୩୪ଟି ସାକ୍ଷୀ,୧୧୦ଟି ଦସ୍ତାବିଜ ଓ ୩୩ଟି ମେଟେରିଆଲ ଅବଜେକ୍ଟକୁ ଭିତି କରି ଚନ୍ଦନକୁ ଭାରତୀୟ ପିଙ୍ଗଳ ଦଣ୍ଡବିଧାନ ଆଇନର ଧାରା ୩୦୨/୩୨୬(କ)/୪୧୭/୪୫୨ ଓ ଅନ୍ୟ ଦଫାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାତ୍ର ଦଣ୍ଡ ବିଧାନ ଉଭୟ ପକ୍ଷରୁ ଶୁଣାଣି ହୋଇ ଚଳିତ ମାସ ୧୩ତାରିଖରେ ପ୍ରକାଶ ପାଇବ ବୋଲି ତାରିଖ ଧାର୍ଯ୍ୟ ହୋଇଛି। ଏହି ମାମଲାକୁ ଏତଲାକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜିବୀ ସୁଲଳିତ କର ପରିଚାଳନା କରୁଥିଲେ। ସୂଚନା ଯୋଗ୍ୟ ଯେ,୨୦୨୩ ଫେବୃଆରୀ ୨୦ରେ ସହଦେବଖୁଂଟା ଥାନା ଅର୍ନ୍ତଗତ ଭୀମପୁରା ଅଂଚଳର କାର୍ତ୍ତିକ ସିଂ ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କର ଦୁଇ ଝିଅ ବର୍ଷା ସିଂ ଓ ବନିତା ସିଂ ଏବଂ ତାଙ୍କ ନାତୁଣୀ ମାମଲି ସାହୁ ଓ ନାତି ବିଶ୍ୱଜିତ ସାହୁ ଘରେ ଥିବା ବେଳେ ନୀଳଗିରି ଥାନା ଅର୍ନ୍ତଗତ ସନ୍ତରାଗଡିଆ ଅଂଚଳର ଚନ୍ଦନ କୁମାର ରଣା ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଭୀମପୁରା ଠାରେ ବର୍ଷା ରହୁଥିବା ଘରେ ପଶି ଏସିଡ ମାଡ କରିଥିଲେ। ଏଥିରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ଫଳରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ସେଠାରେ ବନିତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେ ସେଠାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାକୁ ନେଇ ସହଦେବଖୁଂଟା ପୁଲିସ ୫୬/୨୩ନମ୍ବରରେ ଏକ ମାଲା ରୁଜୁ କରି ଚନ୍ଦନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାକୁ ଆଜି ବିଚାରପତି ବିଚାର କରି ଚନ୍ଦନକୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଏବଂ ଆସନ୍ତା ୧୩ତାରିଖରେ ଦଣ୍ଡ ଶୁଣାଣୀ ହେବ ବୋଲି ଜଣାଯାଇଛି।

## ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଏବଂ ଜନ ଆରୋଗ୍ୟ ସମିତି ସମ୍ମିଳନୀ

ବାଲେଶ୍ୱର,୪ ।୨(ସମିସ): ଗୋପାଳଗାଁସ୍ଥିତ ଆୟୁଷ୍ମାନ ଭବନ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡା. ପ୍ରଭାତ କୁମାର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ପ୍ରଦୀପ କର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଅମୂଲ୍ୟ କୁମାର ଦାସ, ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ), ଡାକ୍ତର ସୂର୍ଯ୍ୟପ୍ରକାଶ ରାଉତରାୟ,ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧୂକାରୀ ଡାକ୍ତର ମନୋଜ କୁମାର ନାୟକ,ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଚକ୍ରଧର ଜେନା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ନୀଳେଶ କୁମାର ପଟ୍ଟନାୟକ,ଜିତେନ୍ଦ୍ର କୁମାର ବିଶ୍ୱାଳ,ସୂର୍ଯ୍ୟଜିତ ରାୟ,ବିଶ୍ୱରଞ୍ଜନ ନାୟକ,ବାଲେଶ୍ୱର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବିଶେଷ କରି ଗ୍ରାମ ସ୍ତରରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା, ଗ୍ରାମ ସ୍ତରରେ ସ୍ୱାସ୍ଥ୍ୟ, ସଚେତନତା ଓ ସାମାଜିକ ବିକାଶର ମୂଳ ଭିତ୍ତି ସୃଷ୍ଟି କରୁଥିବା ଆଶା କର୍ମୀ,ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମିତିର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ରମାକାନ୍ତି କର ଏବଂ ମାନସ କୁମାର ସାମନ୍ତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଆଶା, ସୁସ୍ଥ ଗାଁ ଏବଂ ଜନ ଆରୋଗ୍ୟ ସମିତି ପୁରସ୍କୃତ ହୋଇଥିବା ବେଳେ ପ୍ରତ୍ୟେକ ୧୨ଶ୍ରେଷ୍ଠ ଆଶା, ପ୍ରତ୍ୟେକ ୧୨ସୁସ୍ଥ ଗାଁ ଏବଂ ପ୍ରତ୍ୟେକ ୧୨ଜନ ଆରୋଗ୍ୟ ସମିତିକୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଘୋଷଣା କରାଯାଇଛି।

## ହଳଦୀପଦା ରେଳ ପ୍ଲାଟଫର୍ମ କାମରେ ଅନିୟମିତତା ଅଭିଯୋଗ

ବାଲେଶ୍ୱର,୪ ।୨(ସମିସ): ହଳଦୀପଦା ରେଳ ଷ୍ଟେସନ ପରିସରରେ କରାଯାଉଥିବା ମାର୍ବଲ ପେଚିଂ କାମରେ ଦୁର୍ନୀତି ହୋଇଥିବା ନେଇ ହଳଦୀପଦା ସ୍ଥିତ ପ୍ରଗତି ମଂଚର ସଭାପତି ବିଶ୍ୱଜିତ ସାମଲ କଲିକତା ସ୍ଥିତ ରେଳ ବିଭାଗର ଭିଜିଲାନ୍ସ ବିଭାଗ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ହଳଦୀପଦା ରେଳ ପ୍ଲାଟଫର୍ମରେ ମାର୍ବଲ ପେଚିଂ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟବେଳେ ଶ୍ରମିକମାନେ ୨୫ପ୍ରତିଶତ ସିମେଂଟ ଏବଂ ୭୫ପ୍ରତିଶତ ମାଟି ମିଶ୍ରଣ କରି ମାର୍ବଲ ପ୍ଲେଟ ଲଗାଉଛନ୍ତି। ଏ ନେଇ ସେ ସୁପରଭାଇଜରଙ୍କୁ ପଚାରିବାରୁ ଠିକାଦାର ଏଭଳି କରିବା ପାଇଁ କହିଛନ୍ତି ବୋଲି ତାଙ୍କୁ କହିଥିଲେ। ଏପରିକି ଠିକାଦାର ତାଙ୍କୁ ମଧ ଅସମ୍ମାନିତ କରିଥିଲେ। ଏନେଇ ସେ ଷ୍ଟେସନ ମ୍ୟାନେଜରଙ୍କୁ ଭେଟିବା ପରେ ସେ କହିଥିଲେ ଯେ ଏହି କାର୍ଯ୍ୟକୁ ସେମାନେ ଅଟକାଇ ପାରିବେ ନାହିଁ ଏବଂ ଯଦି କୌଣସି ଆପତି ଅଭିଯୋଗ ରହିଛି ତେବେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପାଇଁ କହିଥିଲେ। ଏହି ସମୟରେ ପ୍ରଗତିମଂଚର ରବୀନ୍ଦ୍ର ନାଥ ମହାନ୍ତି, ରାଧାକୃଷ୍ଣ ଜେନା, ସୁଦର୍ଶନ ନାୟକ, ବିରେନ୍ଦ୍ର କୁମାର ନନ୍ଦ, ବୃହସ୍ପତି ଦାଶ, ମନୋରଞ୍ଜନ ନନ୍ଦ ପ୍ରମୁଖ ଭିଜିଲାନସ ବିଭାଗ ଠାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

## ହିନ୍ଦ ମଜଦୁର ସଭାର କାର୍ଯ୍ୟକର୍ତ୍ତା ସମ୍ମିଳନୀ




ବାଲେଶ୍ୱର,୪ ।୨(ସମିସ): ବାଲେଶ୍ୱର, ମୟୂରଭଞ୍ଜ ଏବଂ ଭଦ୍ରକ ଜିଲ୍ଲାର କର୍ମୀମାନଙ୍କୁ ନେଇ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ହିନ୍ଦମଜଦୁର ସଭା ସଙ୍ଗଠନର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହିନ୍ଦ ମଜଦୁର ସଭାର ଜିଲ୍ଲା ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ଅତିଥି ଭାବେ ହିନ୍ଦ ମଜଦୁର ସଭାର ପୂର୍ବତନ ରାଜ୍ୟ ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ହିନ୍ଦ ମଜଦୁର ସଭାର ପରାମର୍ଶଦାତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ହିନ୍ଦମଜଦୁର ସଭା ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ହିନ୍ଦ ମଜଦୁର ସଭାର ମେହେନ୍ତର ସଂଘର ଉପସଭାପତି ଯୁଗଳ କିଶୋର ନାୟକ, ହିନ୍ଦମଜଦୁର ସଭା ଓଡ଼ିଶା ଶାଖର ସମ୍ପାଦକ ଭୁବନାନନ୍ଦ ମହାପାତ୍ର ଏବଂ ହିନ୍ଦ ମଜଦୁର ସଭାର ତାଳଚେର କୋଇଲା ଶ୍ରମିକ ନେତା ପ୍ରକାଶଚନ୍ଦ୍ର କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ଏହି କର୍ମୀ ସମ୍ମିଳନୀରେ ବିଶେଷ କରି କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବା ବେଳେ ସେମାନେ ଲୋକମାନଙ୍କୁ ଶୋଷଣ କରୁଛନ୍ତି। କେନ୍ଦ୍ର ସରକାରକୁ ଗୁଜୁରାଟୀ ଚଳାଉଥିବା ବେଳେ କେବଳ ସେମାନେ ନିଜ ଫାଇଦା ପାଇଁ ରହିଛନ୍ତି। ଏପରିକି କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନକୁ ରଦ୍ଦ କରି ୪ଟି ଶ୍ରମ କୋଡରେ ପରିଣତ କରିଛନ୍ତି। ଯାହା ଫଳରେ ଶ୍ରମିକମାନେ ଏଥିରେ ବହୁତ କ୍ଷତିଗ୍ରସ୍ତ ହେବେ। ଏଣୁ ଏହାକୁ ବିରୋଧ କରାଯିବା ସହ ଚଳିତ ମାସ ୧୨ତାରିଖରେ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ଉପରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ଶ୍ରମିକ ନେତା ବିରଂଚି କୁମାର ପ୍ରଧାନ, ଦାମୋଦର ମାସନ୍ତ, ସେକ ମଇଉଦ୍ଦିନ, ସରୋଜ ସାହୁ, ନରହରି ମହାଳିକ, ସେକ ସାମସୁଦ୍ଦିନ, ଅଂଶୁମାନ ମଲ୍ଲିକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଚୋରା ମାଟି ଚାଲାଣ ବେଳେ ଦୁର୍ଘଟଣା

ବାଲେଶ୍ୱର, ୪ ।୨(ସମିସ): ସଦର ଥାନା ଅଞ୍ଚଳରେ ଦିନକୁ ଦିନ ମାଟି ଚୋରା ଚାଲାଣ ହେଉଛି। ବିଭିନ୍ନ ସମୟରେ ଏଠାରେ ଦୁର୍ଘଟଣାମାନ ମଧ ଘଟୁଛି। ବେଆଇନ ମାଟି ଚୋରା ଚାଲାଣ ହେଉଥିବା ବେଳେ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ ରହୁଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସଦର ଥାନା ଅର୍ନ୍ତଗତ ଧୂଷୁଳି ଠାରେ। ଏହାକୁ ନେଇ ଜଣେ ଯୁବକ ଜିଲ୍ଲାପାଳ,ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ବିଧାୟକଙ୍କୁ ଟୁଇଟ ଯୋଗେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସଦର ବ୍ଲକ ଅର୍ନ୍ତଗତ ସିନ୍ଧିଆ ପଞ୍ଚାୟତ ଧୂଷୁଳି ସ୍ଥିତ ନର୍ସରୀ ସ୍କୁଲ ଠାରେ ଏକ ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଯାଉଥିଲା। ଏହି ରାସ୍ତାଟି ଅଣ ଓସାରିଆ ହୋଇଥିବା ବେଳେ ଗୋଟିଏ ଟ୍ରାକ୍ଟର କିମ୍ବା ବଡ଼ ଗାଡି ଗଲେ ଅନ୍ୟ ଏକ ଗାଡି ପାସ କରିବା କଷ୍ଟକର ହୋଇପଡେ। ଏପରି ସ୍ଥିତିରେ ମାଟି ବୋଝେଇ କରି ଯାଉଥିବା ଏକ ଟ୍ରାକ୍ଟରଟି ସ୍କୁଟିରେ ଯାଉଥିବା ଜଣେ ମହିଳାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଆହତ ହୋଇଥିଲେ। ଏ ନେଇ ଦୁର୍ଗାପ୍ରସାଦ ଭୂୟାଁ ଜିଲ୍ଲାପାଳ, ଏସପି ଏବଂ ବିଧାୟକଙ୍କୁ ଟୁଇଟ ଯୋଗେ ଅଭିଯୋଗ କରିଛନ୍ତି।

## ବଜ୍ରକାପ୍ତା କାତି ଜବତ, ୬ ଶିକାରୀ ଗିରଫ




ନୀଳଗିରି, ୪।୨ (ସମିସ): କୁଲଡିହା ବନବିଭାଗ ଦ୍ୱାରା ବାରମ୍ବାର ଚଢ଼ାଉ ଜାରିରହିଥିବା ବେଳେ ଅଧିକାଂଶ ସମୟରେ ଶିକାରୀ ଧରାପଡ଼ିବା ଏବଂ ଗିରଫ ହେବା ସାମ୍ନାକୁ ଆସିଛି। ଗତ ଜାନୁଆରୀ ୨୨ତାରିଖ ୧୭କେ ୨୦୨୫/୨୬ଅନୁଯାୟୀ ପୁଣି ୬ଶିକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୧୩ଟି ବଜ୍ରକାପ୍ତା କାତି, ୮ଟି ମୋବାଇଲ ସହ ୩ଟି ମଟରସାଇକେଲ ଜବତ କରିଛି। ଏହି ରାକେଟରେ ୨ସପ୍ତାହ ମଧ୍ୟରେ ଆଜିକୁ ଲଗାଇ ମୋଟ ୧୧ଜଣ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ଆଜି ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ସହକାରୀ ଶିକ୍ଷକ ଥିବା ବନବିଭାଗ ସୂଚନା ଦେଇଛି।

## ୯ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୪।୨(ସମିସ): ରେମୁଣା ବ୍ଲକ ଅଧିନ ବାଲିଆ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଜି ବାଲିଆ ସ୍ଥିତ ପ୍ରଫୁଲ୍ଲ କୁମାର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ବିଆରସିସି ବଳରାମ ନାୟକ, ଅନ୍ୟତମ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମଂଜୁରାଣୀ ବେହେରା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟତ୍ରୀ ସତ୍ୟଭାମା ମୁଦୁଲି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁକାନ୍ତିବାଳା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବାଲିଆ କ୍ଲଷ୍ଟରର ସିଆରସିସି ବିଜିତ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଶିକ୍ଷୟିତ୍ରୀ ପଦ୍ମାବତୀ ଜେନା ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ସୟଦ ନସିମ ଆହେମଦ ରେଜା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ଭୂୟାଁ, କବିତା ପ୍ରହରାଜ, ବିଶ୍ୱନାଥ ପଣ୍ଡା, ଅକ୍ଷୟ ରାୟ, କଳ୍ପନା ବାରିକ, ନିରୁପମା ବ୍ରହ୍ମ, ବଳରାମ ଗିରୀ, ମନୋଜ କୁମାର ପଣ୍ଡା ଏବଂ ଆଶାଲତା ମହାପାତ୍ରଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସହକାରୀ ଶିକ୍ଷୟତ୍ରୀ ମନାଲିସା ଦତ୍ତ ଧନ୍ୟବାଦ ଦେଇଥିଲେ।

## ବିଶ୍ୱ କର୍କଟ ଦିବସ ପାଳିତ

ବାଲେଶ୍ୱର,୪ ।୨(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଷୟବସ୍ତୁ ରହିଥିଲା 'ଅନନ୍ୟ ଓ ସମ୍ମିଳିତ ପ୍ରୟାସ ଉପଯୋଗରେ କର୍କଟ ରୋଗର ନିରାକରଣ'। ଏହି ସଚେତନତା ସଭା ଡା. ଅମୂଲ୍ୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡିପିଏଚଓ ପ୍ରଦୀପ କୁମାର କର, ଅରୂପ ଅଭିଷେକ, ସୂର୍ଯ୍ୟପ୍ରକାଶ ରାଉତରାୟ ପ୍ରମୁଖ ଯୋଗଦେଇ ସହଜ ଚିହ୍ନଟ ଓ ସମ୍ପୂର୍ଣ୍ଣ ଚିକିତ୍ସା ଦ୍ୱାରା କର୍କଟ ରୋଗୀ ଆରୋଗ୍ୟ ହୋଇପାରିବେ ବୋଲି କହିଥିଲେ। ଏଥିରେ ସହାରାଂଚଳର ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରର ଅଧ୍ୟୟନରତ ଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦରପ କୁମାର ସାହୁ ପରିଚାଳନା କରିଥିବା ବେଳେ ମୌସୁମୀ ସାମଲ ଧନ୍ୟବାଦ ଦେଇଥିଲେ।

## ସହାୟତାର ହାତ ବଢ଼ାଇଲା ଆଞ୍ଚଳିକ ବ୍ରାହ୍ମଣ ସମିତି



ଖଇରା,୪ ।୨ (ସମିସ): ଖଇରା ବ୍ଲକ ଅଧୀନ ବଣପାରିଆ ଗ୍ରାମର ସନାତନ ପଣ୍ଡା କିଡନୀ ରୋଗରେ ଆକ୍ରାନ୍ତ ହୋଇ ଆଖିବୁଜିବା ପରେ ପରିବାର ଶୁଦ୍ଧିକ୍ରିୟା ପାଇଁ ଚିନ୍ତାରେ ଥିଲେ। ଏହି ସମୟରେ ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି ବିପଦର ବନ୍ଧୁ ସାଜି ମୃତ ସନାତନଙ୍କ ପତ୍ନୀ ଗୀତାଞ୍ଜଳିଙ୍କୁ ୫ହଜାର ଟଙ୍କାର ଆର୍ଥୀକ ସହାୟତା ପ୍ରଦାନ କରିଥିଲେ। ସେହିଭଳି ବଟେଶ୍ୱର ଗ୍ରାମର ସ୍ୱର୍ଗତ ଚିନ୍ତାମଣି ଦାସଙ୍କ ପତ୍ନୀ ବିୟୋଗରେ ପରିବାର ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସହାୟତା ପ୍ରଦାନ ସମୟରେ ସମିତିର ବରିଷ୍ଠ ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ, ଉପସଭାପତି ବୁଦ୍ଧିରାମ ପାଣିଗ୍ରାହୀ, ଖଇରା ପଞ୍ଚାୟତ ସମ୍ପାଦକ ପଦ୍ମନାଭ ପଣ୍ଡା, ସଙ୍ଗଠନ ସମ୍ପାଦକ ଦୀନବନ୍ଧୁ ଦାଶ,ଅଭିମନ୍ୟୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

ବାଲେଶ୍ୱର,୪ ।୨(ସମିସ)




ମହାତ୍ମାଗାନ୍ଧୀ ନିଶ୍ଚିତ ଯୋଜନାକୁ ମୂଳ ରୂପରେ ଫେରାଇ ଆଣିବା ଦାବିରେ ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲ୍ଲାପାଳଙ୍କୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ, ୨୦୦୫ମସିହାରେ କେନ୍ଦ୍ରରେ କଂଗ୍ରେସ ସରକାର ଥିବା ସମୟରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତ ଆଇନ ପ୍ରଣୟନ ହୋଇଥିଲା। ଏହା ପ୍ରତିବର୍ଷ ୫ରୁ ୬କୋଟି ଗ୍ରାମୀଣ ପରିବାରକୁ ମଜୁରୀ ଭିତିକ ରୋଜଗାର ପ୍ରଦାନ କରୁଥିଲା। ବିଶେଷକରି ଏହି ଆଇନ ମାଧ୍ୟମରେ ଚାହିଦା ଭିତ୍ତିକ ରୂପ ରେଖ, ନିଶ୍ଚିତ ମଜୁରୀ ଓ ସିଧାସଳଖ ବ୍ୟାଙ୍କ ଆକାଉଂଟରେ ଟଙ୍କା ଜମା ହେଉଥିବା ବେଳେ ଏଥିରେ ମହିଳା, ଦଳିତ, ଆଦିବାସୀ ଓ ପ୍ରାନ୍ତବର୍ତ୍ତି ସମୁଦାୟ ଲୋକଙ୍କୁ ଲାଭାନ୍ୱିତ କରୁଥିଲା। ଏବେ କିନ୍ତୁ କେନ୍ଦ୍ରର ବିଜେପି ସରକାର ଏହାର ନାମ ପରିବର୍ତନ କରି ଭିବି ଗ୍ରାମଜି ନାମକରଣ କରିଛନ୍ତି। ଏହାର ମଜୁରୀ ଅଂଶଦାନକୁ ୯୦ପ୍ରତିଶତରୁ ୬୦ପ୍ରତିଶତକୁ କମାଇ ଦେଇଛନ୍ତି। ଏଣୁ ଏହି ନୂଆ ଆଇନ କୋଟି କୋଟି ଶ୍ରମିକଙ୍କ ଅଧିକାର ଉପରେ ଡକାୟତି, ମେହନତି ଲୋକଙ୍କର ପେଟରେ ଲାତ ହୋଇଥିବା ବେଳେ ଗରିବମାନଙ୍କର କାମ ମାଗିବାର ଅଧିକାରକୁ ଛଡାଇ ନିଆଯାଇଛି ବୋଲି ଅଭିଯୋଗ କରାଯାଇଛି। ଏସସି, ଏସଟି ଏବଂ ଓବିସି ସମାଜର ମନରେଗା ଶ୍ରମିକମାନଙ୍କୁ ସାମାଜିକ ନ୍ୟାୟରୁ ବଂଚିତ କରିବାର ଚକ୍ରାନ୍ତ ହୋଇଥିବା ବେଳେ ଏହି ନୂଆ ଆଇନ ସମ୍ପୂର୍ଣ୍ଣ ଭାବେ କୋଟି କୋଟି ଶ୍ରମିକ ଓ ଗରିବମାନଙ୍କ ଅଧିକାରକୁ ସମାପ୍ତ କରିବା ପାଇଁ ୮ଟି ଶତ୍ରୁତାପୂର୍ଣ୍ଣ ଆକ୍ରମଣ କରୁଥିବା ବେଳେ ରୋଜଗାର ଦେବା ଦାୟିତ୍ୱରୁ ସରକାର ପଳାୟନ କରୁଛନ୍ତି ବୋଲି ଦାବି କରାଯାଇଛି। କଂଗ୍ରେସ ଜିଲ୍ଲା ସଭାପତି ସତ୍ୟଶିବ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ପୂର୍ବତନ ଜିଲ୍ଲା ସଭାପତି ସଞ୍ଜୀବ ଗିରି, ପୂର୍ବତନ ରେମୁଣା ବିଧାୟକ ସୁଦର୍ଶନ ଜେନା, ଯୁବ ନେତା ସରୋଜ ଲେଙ୍କା, କହ୍ନେଇ ବେହେରା, ହେମନ୍ତ ଗିରି, ସତ୍ୟନାରାୟଣ ଗୁପ୍ତ, ରବିନାରାୟଣ ଦେ, ମଦନ ମୋହନ ଭକ୍ତା, ନିରଞ୍ଜନ ବେହେରା, ଶ୍ରୀକାନ୍ତ ବୁଗୁଡାଇ, ବିଜନ ନାୟକ ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ଥିଲେ।

୪/୨/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୫୭,୭୩୦/- ସୁନା:୦୦.୦୨୦ ଗ୍ରାମ୍ ରୁପା: ୧୫.୭୦୦ ଗ୍ରାମ୍



# ଗର୍ଭଗୃହରେ ଭାବବିହ୍ୱଳ ହେଲେ ରାଷ୍ଟ୍ରପତି



ପୁରୀ,୪।୨(ସମିସ): ରାଷ୍ଟ୍ରପତି ହେବା ପରେ ଚତୁର୍ଥଥର ପୁରୀ ଗସ୍ତରେ ଆସିଥିଲେ ଦ୍ରୌପଦୀ ମୁର୍ମୁ। ଏଥର ଗସ୍ତ କିନ୍ତୁ ଥିଲା ସାମାନ୍ୟ ନିଆରା। କାରଣ ପିତୃପୁରୁଷଙ୍କୁ ପିଣ୍ଡଦାନ ଦେବାକୁ ଆସିଥିଲେ ରାଷ୍ଟ୍ରପତି। ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ଶ୍ୱେତଗଙ୍ଗା ତୀର୍ଥରେ ଆପଣାର ମଣିଷଙ୍କୁ ପିଣ୍ଡଦାନ ଦେଇ ମହାପ୍ରଭୁଙ୍କ ସାନ୍ନିଧ୍ୟ ପାଇବା ପାଇଁ ବଡ଼ଦେଉଳରେ ପହଞ୍ଚିଥିଲେ। ଗର୍ଭଗୃହକୁ ଯାଇ ରତ୍ନସିଂହାସନରେ ଦାରୁଦିଅଁଙ୍କୁ ପୂଜାର୍ଚ୍ଚନା କରିଥିଲେ। ନିଜେ ଦୀପ ଜାଳିଥିଲେ ରାଷ୍ଟ୍ରପତି। ରତ୍ନସିଂହାସନରେ ମୁଣ୍ଡିଆ ମାରି ପରିକ୍ରମା କରିବାବେଳେ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ ଦେଶର ପ୍ରଥମ ନାଗରିକ। ଗର୍ଭଗୃହରେ ମହାପ୍ରଭୁଙ୍କୁ ଦେଖି ତାଙ୍କ ଆଖି ଓଦା ହୋଇଯାଇଥିବା କହିଛନ୍ତି ସେବାୟତ।

## ତିନିଥର ଅରୁଣ ସ୍ତମ୍ଭକୁ ଛୁଇଁ ପ୍ରଣିପାତ କଲେ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ ପୂର୍ବରୁ ପ୍ରଥମେ ପାଦ ପ୍ରକ୍ଷାଳନ କରିଥିଲେ। ଏହାପରେ ଅରୁଣ ସ୍ତମ୍ଭକୁ ଦର୍ଶନ କରିଥିଲେ। ତିନିଥର ଅରୁଣ ସ୍ତମ୍ଭଙ୍କୁ ଛୁଇଁ ପ୍ରଣିପାତ କରି ଜଣେ ଓଡ଼ିଆ ଭାବେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ସେ କିପରି ସମର୍ପିତ ତାହା ଦେଖିବାକୁ ମିଳିଥିଲା। ଏହାପରେ ରାଷ୍ଟ୍ରପତି ସିଂହଦ୍ୱାର ଗୁମୁଟକୁ ପ୍ରବେଶ କରି ପତିତପାବନଙ୍କୁ ଦର୍ଶନ କରି ବାଇଶିପାହାଚ ଦେଇ ଭିତରକୁ ଯାଇଥିଲେ।

## ରାଷ୍ଟ୍ରପତି ଉପହାର ନେଲେ ସୁନାବେଶ ପଟ୍ଟଚିତ୍ର

ପୁରୀ,୪।୨(ସମିସ): ରାଷ୍ଟ୍ରପତି ହେବା ପରେ ଚତୁର୍ଥଥର ଶ୍ରୀକ୍ଷେତ୍ର ଆସିଥିଲେ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ। ତେବେ ମହାପ୍ରଭୁଙ୍କ ଦର୍ଶନ ପରେ ଶ୍ରୀମନ୍ଦିର ପ୍ରଶାସନ ଦେଶର ପ୍ରଥମ ନାଗରିକଙ୍କୁ ବିଦାୟ ଭେଟି ସ୍ୱରୂପ ପ୍ରଦାନ କରିଛି ସୁନାବେଶର ପଟ୍ଟଚିତ୍ର। ସିଂହଦ୍ୱାର ସମ୍ମୁଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏହି ପଟ୍ଟଚିତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି। ମହାପ୍ରଭୁଙ୍କ ସୁନାବେଶ ପଟ୍ଟଚିତ୍ରକୁ ଦେଖି ପ୍ରଣାମ କରିବା ସହ ଖୁସିରେ ଗ୍ରହଣ କରିଥିଲେ ରାଷ୍ଟ୍ରପତି। ଏହି ପଟ୍ଟଚିତ୍ର ପ୍ରସ୍ତୁତିରେ ଓଡ଼ିଆ ଶିଳ୍ପୀର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଛିଟା ରହିଛି। ପୁରୀ ପଟ୍ଟଚିତ୍ର ସେଣ୍ଟରର ସ୍ୱନାମଧନ୍ୟ ପଟ୍ଟଚିତ୍ର ଶିଳ୍ପୀ ଗୁରୁ ପଙ୍କଜ ବେହେରା ଏହାକୁ ତିଆରି କରିଛନ୍ତି।

### ପ୍ରସ୍ତୁତ କରିଥିଲେ ଗୁରୁ ପଙ୍କଜ ବେହେରା



ଏହି ପଟ୍ଟଚିତ୍ର ସମ୍ପର୍କରେ ଗୁରୁ ପଙ୍କଜ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସି ୫ ଜଣ ରାଷ୍ଟ୍ରପତି ତାଙ୍କ ଦ୍ୱାରା ପ୍ରସ୍ତୁତ ପଟ୍ଟଚିତ୍ର ଶ୍ରୀମନ୍ଦିର ପ୍ରଶାସନ ମାଧ୍ୟମରେ ଗ୍ରହଣ କରିଛନ୍ତି। ଏହା ଜଣେ ଶିଳ୍ପୀଙ୍କ ପାଇଁ ନିଶ୍ଚିତ ଗର୍ବ ଏବଂ ଗୌରବର କଥା। ରାଷ୍ଟ୍ରପତି ହେବା ପରେ ପ୍ରଥମ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବାବେଳେ ଦ୍ରୌପଦୀ ମୁର୍ମୁଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଭେଟି ଦେଇଥିବା ବଡ଼ସିଂହାର ବେଶର ପଟ୍ଟଚିତ୍ର ମଧ୍ୟ ସେ ପ୍ରସ୍ତୁତ କରିଥିଲେ। ସୌଭାଗ୍ୟବଶତଃ ଚତୁର୍ଥ ପୁରୀ ଗସ୍ତରେ ବି ତାଙ୍କ ଦ୍ୱାରା ତିଆରି ମହାପ୍ରଭୁଙ୍କ ସୁନାବେଶର ପଟ୍ଟଚିତ୍ର ଆଜି ସିଂହଦ୍ୱାରରେ ଗ୍ରହଣ କରିଛନ୍ତି ଭାରତର ପ୍ରଥମ ନାଗରିକ। ଏଥିରେ ପାରମ୍ପରିକ ପଟିରେ ଚତୁର୍ଦ୍ଧାବିଗ୍ରହଙ୍କ ଦୁର୍ଲ୍ଲଭ ସୁନାବେଶ ରହିଥିବାବେଳେ ଦଶାବତାର ମଧ୍ୟ ସ୍ଥାନ ପାଇଛନ୍ତି। କଳା ଧଳାରେ ଚିତ୍ରିତ ଏହି ଚିତ୍ର ବେଶ୍ ଆକର୍ଷଣୀୟ ଦେଖାଯାଉଛି। ସୂଚନାଥାଉ କି, ଏହା ପୂର୍ବରୁ ଗୁରୁ ପଙ୍କଜଙ୍କ ସ୍ୱହସ୍ତ ନିର୍ମିତ ପଟ୍ଟଚିତ୍ର ଭାରତର ୪ ପୂର୍ବତନ ରାଷ୍ଟ୍ରପତି (ଡ. ଏପିଜେ ଅବ୍ଦୁଲ କଲାମ, ପ୍ରତିଭା ପାଟିଲ୍, ପ୍ରଣବ ମୁଖାର୍ଜୀ ଓ ରାମନାଥ କୋବିନ୍ଦ) ଶ୍ରୀମନ୍ଦିର ପ୍ରଶାସନଠାରୁ ଗ୍ରହଣ କରିଛନ୍ତି। ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଙ୍କଜଙ୍କ ଦ୍ୱାରା ପ୍ରସ୍ତୁତ ପଟ୍ଟଚିତ୍ର ତୃତୀୟଥର ଲାଗି ଗ୍ରହଣ କରିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଦେଶ ବିଦେଶର ବହୁ ପ୍ରତିଷ୍ଠିତ ବ୍ୟକ୍ତି ମଧ୍ୟ ଗୁରୁ ପଙ୍କଜଙ୍କ ପଟ୍ଟଚିତ୍ର ସ୍ମୃତିସ୍ୱରୂପ ସାଙ୍ଗରେ ନେଇଛନ୍ତି।

## ରାଷ୍ଟ୍ରପତିଙ୍କ ନାଁରେ ଉଡ଼ିଲା ୧୪ ହାତିଆ ବାନା

ରାଷ୍ଟ୍ରପତିଙ୍କ ନାଁରେ ନୀଳଚକ୍ରରେ ଉଡ଼ିଛି ୧୪ ହାତିଆ ବାନା। ଚୁନରା ସେବକମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନାଁରେ ସଂକଳ୍ପ ହୋଇଥିବା ଏହି ବାନା ବୁଧବାର ନୀଳଚକ୍ରରେ ବାନ୍ଧିଛନ୍ତି।

ସକାଳେ ବରିଷ୍ଠ ସେବାୟତ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ନୀଳଚକ୍ରର ଶୀର୍ଷଦେଶରେ ଏହି ୧୪ ହାତିଆ ବାନା ବାନ୍ଧିବା ଲାଗି ଶ୍ରୀମନ୍ଦିର ସୂଚନା କେନ୍ଦ୍ରରେ ରସିଦ୍ କାଟିଥିଲେ। ସକାଳେ ରାଷ୍ଟ୍ରପତି ମହାପ୍ରଭୁଙ୍କ ଦର୍ଶନ କରିବାବେଳେ ଏହି ବାନା ତାଙ୍କୁ ଛୁଆଁଇ ସଂକଳ୍ପ କରାଇଥିଲେ। ଯେହେତୁ ସେ ହେଉଛନ୍ତି ଭାରତର ପ୍ରଥମ ନାଗରିକ ତେଣୁ ତାଙ୍କ ନାଁରେ ଏହି ଧ୍ୱଜା ବନ୍ଧା ଗଲେ ଦେଶ ତଥା ରାଷ୍ଟ୍ରର ହିତସାଧନ ହୋଇପାରିବ। ଏହି ଉଦ୍ଦେଶ୍ୟରେ ବାନା ବନ୍ଧାଯାଇଥିବା କହିଛନ୍ତି ମଧୁସୂଦନ।



## ସେବାୟତ ଦେଲେ ହୃଦପଲ୍ଲବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୁରୀ ଗସ୍ତ ଅବସରରେ ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ତାଙ୍କୁ ବିଭିନ୍ନ ଉପହାର ପ୍ରଦାନ କରାଯାଇଛି। ପ୍ରୋଟୋକଲ ଅନୁଯାୟୀ, ଏ ସବୁ ଯାଞ୍ଚ ପରେ ତାଙ୍କୁ ଦିଆଯାଇଛି। ତେବେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବାବେଳେ ସେବାୟତଙ୍କ ପକ୍ଷରୁ ମହାପ୍ରଭୁଙ୍କ ହୃଦପଲ୍ଲବ ପ୍ରଦାନ କରାଯାଇଥିଲା। ଏହାକୁ ସାଦରେ ଗ୍ରହଣ କରିଥିଲେ ରାଷ୍ଟ୍ରପତି।

## ଚାଲି ଚାଲି ଗଲେ; ପିଲାଙ୍କୁ ଚକୋଲେଟ ବାଣ୍ଟିଲେ



ଜଣେ ଓଡ଼ିଆ ଝିଅ ଭାରତର ରାଷ୍ଟ୍ରପତି ହୋଇଛନ୍ତି। ଏହାକୁ ନେଇ ପ୍ରତିଟି ଓଡ଼ିଆ ଗର୍ବ ଅନୁଭବ କରୁଥିବାବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୁରୀ ଗସ୍ତକୁ ସମସ୍ତେ ଉତ୍ସୁକତାର ସହ ଅପେକ୍ଷା କରିଥିଲେ। ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଦର୍ଶନ ସାରି ରାଷ୍ଟ୍ରପତି ଲୋକଭବନକୁ ଫେରିବା ସମୟରେ ସିଂହଦ୍ୱାରଠାରୁ ସେ ଚାଲିଚାଲି ଯାଇଥିଲେ। ଶ୍ରୀକୃଷ୍ଣ ସିନେମା ହଲ୍ ଗଳି ପର୍ଯ୍ୟନ୍ତ ପ୍ରାୟ ୨୦୦ ମିଟର ଚାଲିଚାଲି ଯିବାବେଳେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଠିଆ ହୋଇଥିବା ଜନସାଧାରଣଙ୍କୁ ହାତ ହଲେଇ ସମ୍ବୋଧନ କରିବା ସହ ଦୁଇହାତ ଉପରକୁ ଟେକି ଜୟ ଜଗନ୍ନାଥ କହିଥିଲେ। ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ପିଲାମାନଙ୍କୁ ଚକୋଲେଟ ବାଣ୍ଟିଥିଲେ।



ବାଇଶି ପାହାଚରେ ବସିଲେ ରାଷ୍ଟ୍ରପତି

## ଶ୍ରୀମନ୍ଦିରକୁ ଗଲା କ୍ୟାମେରା

ଶ୍ରୀମନ୍ଦିର ଭିତରେ ଫଟୋ ଉଠାଇବା କିମ୍ବା ଭିଡିଓ ଉତ୍ତୋଳନ କରିବା ନିଷେଧ ରହିଛି। ଏହାଦ୍ୱାରା ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟ ପ୍ରଘଟ ହେବାର ସମ୍ଭାବନା ଥିବାରୁ ଏଭଳି କଟକଣା ଲଗାଯାଇଛି। ହେଲେ ରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ରାଷ୍ଟ୍ରପତି ଦର୍ଶନ ପାଇଁ ବାଇଶିପାହାଚ ଦେଇ ଯାଉଥିବାବେଳେ ଜଣେ ଫଟୋଗ୍ରାଫର କ୍ୟାମେରା ସହ ଭିତରକୁ ପଶିଥିଲେ। ବାହାରେ ଥିବା ଗଣମାଧ୍ୟମ ପ୍ରତିନିଧି ଏ ବିଷୟରେ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। ତାଙ୍କୁ ଅବଗତ କରାଯିବା ପରେ ସେ ବାହାରକୁ ଚାଲିଆସିଥିଲେ।

## ଓଡ଼ିଶା ଯୋଗାଣ ନିଗମ ଜିଏମ୍‌ଙ୍କ ମଣ୍ଡି ପରିଦର୍ଶନ

ପୁରୀ,୪।୨(ସମିସ): ଓଡ଼ିଶା ଯୋଗାଣ ନିଗମର ଜିଏମ୍ ୟୁ.କେ. ମିଶ୍ର ମଙ୍ଗଳବାର ପୁରୀ ଜିଲ୍ଲାର ବିଭିନ୍ନ ପାକ୍ସ ବା ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ସେ ସତ୍ୟବାଦୀ ବ୍ଲକ୍‌ର ମୂଳ ଅଳସା ସୋସାଇଟି ଓ ଶ୍ରୀରାମଚନ୍ଦ୍ରପୁର ମଣ୍ଡି ଏବଂ ସଦର ବ୍ଲକ୍‌ର ବାଲିପୁଟ ସୋସାଇଟିକୁ ପରିଦର୍ଶନ କରିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। କୌଣସି ପରିସ୍ଥିତିରେ ଚାଷୀ ଯେପରି ହଇରାଣ ହରକତ ନ ହୁଅନ୍ତି, ମଣ୍ଡିମାନଙ୍କରେ ସେମାନଙ୍କ ପାଇଁ ବିବିଧ ଆନୁଷଙ୍ଗିକ ସୁବିଧା ବ୍ୟବସ୍ଥା କରିବାକୁ ଶ୍ରୀ ମିଶ୍ର ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ପ୍ରୋକ୍ୟୁରମେଣ୍ଟ ଜିଏମ୍ ଏଲୋରା ସାମଲ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ, ଡିଆରସିଏସ୍ ସରୋଜିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସୁଦ୍ଧା ୮ ହଜାର ଚାଷୀଙ୍କଠାରୁ ୩ ଲକ୍ଷ ୧୪ ହଜାର ୪୧୮ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବାବେଳେ ୫୬ କୋଟି ୫ ଲକ୍ଷ ୮୫ ହଜାର ୨୦ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଇଛି ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ବୋରୀ ଉଦ୍‌ଘାଟିତ

ପୁରୀ,୪।୨(ସମିସ): ଭୋଲାନାଥ ବିଦ୍ୟାପୀଠରେ ବୁଧବାର ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପୁରୀ ଜିଲ୍ଲାସ୍ତରୀୟ ୨୪ତମ କ୍ୟାମ୍ବୋରୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧,୪୪୨ ଜଣ ସ୍କାଉଟ୍ସ ଓ ଗାଇଡ୍ସ ତଥା ୨୦୦ରୁ ଊର୍ଦ୍ଧ୍ୱ ରୋଭର୍, ରେଞ୍ଜର, ସ୍କାଉଟ୍ ମାଷ୍ଟର, ଗାଇଡ୍ କ୍ୟାପ୍ଟେନ୍ ଯୋଗଦେଇଛନ୍ତି। ଏହି ଶିବିର ୪ରୁ ୭ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଚାଲିବ। ଏଥିରେ ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ପିଲାମାନେ ଛାତ୍ରାବସ୍ଥାରୁ ଯତ୍ନବାନ, ପରିଶ୍ରମୀ ଓ ସେବା ମନୋଭାବ ପରାୟଣ ହେଲେ ସେମାନଙ୍କ ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ ହେବ ବୋଲି ମତପୋଷଣ କରି କୁନିକୁନି ବାଳଚରମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ପୁରୀ ଜିଲ୍ଲା ପ୍ରାକ୍ତନ ଗାଇଡ୍ କମିଶନର ବିଜୟଲକ୍ଷ୍ମୀ ଦାଶ, ସ୍କାଉଟ୍ସ କମିଶନର ରମେଶ ଚନ୍ଦ୍ର ପଣ୍ଡା, କମିଶନର ଗାଇଡ୍ ରୂପଶ୍ରୀ ଛୋଟରାୟ, ସମ୍ପାଦକ ମହେନ୍ଦ୍ର ଚନ୍ଦ୍ର ବିଶ୍ୱାଳ, ଭୋଲାନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷକ ମଞ୍ଜୁଲତା ସାମନ୍ତରାୟ, ସାଂଗଠନିକ ସମ୍ପାଦକ ପ୍ରବୀଣ କୁମାର ମହାନ୍ତି, ଡିଓସି ସ୍କାଉଟ୍ସ ଦେବାଶିଷ ମିଶ୍ର ଓ ଡିଓସି ଗାଇଡ୍ ମୀନତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମର ସଭାପତି ଜିଲ୍ଲା ଶିକ୍ଷାଧିକାରୀ ତଥା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଡିଷ୍ଟ୍ରିକ୍ଟ ଚିଫ୍ କମିଶନର ଦୀପକ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଶିକ୍ଷକ ବିଦ୍ୟାଧର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ରମେଶ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ରୂପଶ୍ରୀ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସପରିବାର ମହାପ୍ରଭୁଙ୍କୁ ଦର୍ଶନ କଲେ ଗଜପତି ମହାରାଜା

ପୁରୀ,୪।୨(ସମିସ)

ସପରିବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ବୁଧବାର ସନ୍ଧ୍ୟାରେ ମହାରାଣୀ ଲୀଳାବତୀ ପାଟମହାଦେଈ ଓ କନିଷ୍ଠ କନ୍ୟା କୁମାରମଣି ଦେବେଶୀଙ୍କ ସହିତ ଗଜପତି ମହାରାଜା ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରରେ ପହଞ୍ଚିଥିଲେ। ପରମ୍ପରା ମୁତାବକ, ଦକ୍ଷିଣ ଦ୍ୱାର ଦେଇ ସମସ୍ତେ ମନ୍ଦିରକୁ ପ୍ରବେଶ କରିଥିଲେ। ପ୍ରଥମେ ବଟ ଗଣେଶ ଓ ବଟ ମଙ୍ଗଳାଙ୍କୁ ଦର୍ଶନ କରିଥିଲେ। ଏହାପରେ ଗରୁଡ଼ ସ୍ତମ୍ଭ ପାଖରେ ଦର୍ଶନ କରି ଗର୍ଭଗୃହରକୁ ଯାଇଥିଲେ।

ପ୍ରଥମେ ଶ୍ରୀବଳଭଦ୍ର ପରେ ଶ୍ରୀଜଗନ୍ନାଥ ଏବଂ ଶେଷରେ ଦେବୀ ସୁଭଦ୍ରାଙ୍କ ବାଡ଼ରେ ମୁଣ୍ଡିଆ ମାରି ନଜିର (ପ୍ରଣାମି) ଦେଇ ରତ୍ନସିଂହାସନ ପରିକ୍ରମା କରିଥିଲେ। ପୁଣି ସିଂହାସନ ତଳେ ମୁଣ୍ଡି ମାରିଥିଲେ। ଏହି ସମୟରେ ରାଜଗୁରୁ ମହାପ୍ରଭୁଙ୍କ ପ୍ରସାଦମାଳ ଗଜପତିଙ୍କୁ ପିନ୍ଧାଇଥିଲେ। ଏହାପରେ ଭଣ୍ଡାର ଲୋକନାଥ ଦର୍ଶନ କରି ଗଜପତି ମହାରାଜା ରତ୍ନଭଣ୍ଡାର କାମ ଦେଖିଥିଲେ। ବେହେରଣ ଦ୍ୱାର ଦେଇ ମୁକ୍ତି ନୃସିଂହଙ୍କୁ ଦର୍ଶନ କଲେ। ସେଠାରେ ପତିମହାପାତ୍ର ଚନ୍ଦନ ତୁଳସୀ ଦେଇଥିଲେ। ମୁକ୍ତିମଣ୍ଡପରେ ପଣ୍ଡିତଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଏହାପରେ ମା' ବିମଳା, କାନପତା ହନୁମାନ, ସରସ୍ୱତୀ, ଭୁବନେଶ୍ୱରୀ, ଷଷ୍ଠୀ ଦେବୀଙ୍କୁ ଦର୍ଶନ କରି ଲକ୍ଷ୍ମୀ ମନ୍ଦିରରେ ପହଞ୍ଚି ଦର୍ଶନ କରିଥିଲେ। ସେଠାରେ ଗଜପତି ଏବଂ ମହାରାଣୀଙ୍କୁ ସିନ୍ଦୂର, ଚନ୍ଦନ ଦେଇଥିଲେ ସେବକ। ଲକ୍ଷ୍ମୀ ମନ୍ଦିର ଜଗମୋହନରେ ବସି କିଛି ସମୟ ଜପ କରିଥିଲେ।



ଏହାପରେ ନବଗ୍ରହଙ୍କୁ ଦର୍ଶନ କରି ପାଟଅଗଣାକୁ ଆସିଥିଲେ। ସେଠାରୁ ନୀଳଚକ୍ରଙ୍କୁ ଦର୍ଶନ କରି ସତ୍ୟନାରାୟଣଙ୍କ ପାଖରେ ମୁଣ୍ଡିଆ ମାରି କଳ୍ପବଟ ଦେଇ ପୁଣି ବଟ ଗଣେଶଙ୍କ ପାଖରେ ପହଞ୍ଚିଥିଲେ। ସେଠାରେ ମୁଣ୍ଡିଆ ମାରି ଦକ୍ଷିଣ ଦ୍ୱାର ଦେଇ ରାଜନଅରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଗଜପତି ମହାରାଜା। ସବୁ ଜାଗାରେ ନଜିର ଦେଇ ଫୁଲପ୍ରସାଦ ପାଇଥିଲେ। ଗଜପତିଙ୍କ ଦର୍ଶନ ସମୟରେ ତାଙ୍କ ସହିତ ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ, ସୁଧାଂଶୁ ଶେଖର ରାଜଗୁରୁ, ରାଜ ଜ୍ୟୋତିଷ ଶିବନାରାୟଣ ଜ୍ୟୋତିଷରାୟ, ବେହେରା କରଣ ସତ୍ୟଶିବ ଚ୍ୟାଉପଟ୍ଟନାୟକ, ବେହେରା ଖୁଣ୍ଟିଆଙ୍କ ସମେତ ଶ୍ରୀମନ୍ଦିର ନୀତି ପ୍ରଶାସକ ଓ କମାଣ୍ଡର ପ୍ରମୁଖ ଉପସ୍ଥିତ ଥିଲେ।

## ଓବିସିସି ଦ୍ୱାରା ଶ୍ରୀମନ୍ଦିର ସମ୍ପର୍କିତ ସମସ୍ତ ପ୍ରକଳ୍ପର ସମୀକ୍ଷା

ପୁରୀ,୪।୨(ସମିସ): ବୁଧବାର ଓବିସିସି ଦ୍ୱାରା ଶ୍ରୀମନ୍ଦିର ନିର୍ମାଣ ସମ୍ପର୍କିତ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ନିର୍ମାଣାଧୀନ ଷ୍ଟାଫ୍ କ୍ୱାର୍ଟର୍ସ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ଓ ଶ୍ରୀଗୁଣ୍ଡିଚା ମନ୍ଦିରର ନବୀକରଣ କାର୍ଯ୍ୟ ଏପ୍ରିଲ ୧୫ ତାରିଖ ସୁଦ୍ଧା ଶେଷ କରାଯିବା ପାଇଁ ଓବିସିସିକୁ ଅନୁରୋଧ କରାଗଲା। ସେହିପରି ନରେନ୍ଦ୍ର କୋଣରେ ନିର୍ମାଣ କରାଯାଇଥିବା ଶୌଚାଳୟ, ଶୁଦ୍ଧିକ୍ରିୟା ଗୃହ ଓ ମୁଣ୍ଡନ ଗୃହ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ। ଏଥିସହିତ ଇନ୍ଦ୍ରଦ୍ୟୁମ୍ନ ଓ ମାର୍କଣ୍ଡେୟ ପୁଷ୍କରିଣୀଠାରେ ଶୌଚାଳୟ ଓ ଆଲୋକୀକରଣ କରାଯିବ। ଅବଢ଼ା ଯୋଜନାରେ ନୀଳାଦ୍ରି ଭକ୍ତ ନିବାସ ପଶ୍ଚାତ ଭାଗରେ ଆଉ ଏକ ଭକ୍ତ ନିବାସ ନିର୍ମାଣ କରାଯିବା ସହ ଅନ୍ନପୂର୍ଣ୍ଣା ଥିଏଟର ଓ ପୁରାତନ ମଠ ମନ୍ଦିରର ଉନ୍ନତୀକରଣ ତଥା ଦୋଳବେଦୀ ସଂରକ୍ଷଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆପତିବିହୀନ ପ୍ରମାଣପତ୍ର (ଏନ୍‌ଓସି) ଦିଆଯିବା ପାଇଁ ପରିଚାଳନା କମିଟିଙ୍କ ଅନୁମୋଦନ କ୍ରମେ ଏନ୍‌ଓସି ଦିଆଯିବା ବ୍ୟବସ୍ଥା ଗ୍ରହଣ କରାଯିବ। ଶ୍ରୀମନ୍ଦିର ବୈଷୟିକ ଦଳଙ୍କ ପରିଦର୍ଶନ ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଓବିସିସି ଦ୍ୱାରା ନିର୍ମିତ ବିଦ୍ୟୁତ୍ ଗୃହ ସହ ଟ୍ରାନ୍ସଫର୍ମର ପ୍ୟାନେଲ୍ ବୋର୍ଡ, ଶ୍ରୀଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିରରେ ସଂସ୍ଥାପିତ ସିସିଟିଭିଗୁଡ଼ିକ ଶ୍ରୀମନ୍ଦିରକୁ ହସ୍ତାନ୍ତର କରାଯିବ। ଏଥିସହ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ଜମିରେ ଅସ୍ଥାୟୀ ଟିଣ ବାଡ଼ ସଂସ୍ଥାପନ ଓ ପ୍ରମୋଦ ଉଦ୍ୟାନ କାର୍ଯ୍ୟ ଆରମ୍ଭ କରାଯିବ। ଆସନ୍ତା ୧୫ ତାରିଖ ସୁଦ୍ଧା ଆଇଆଇଟି ବିଶେଷଜ୍ଞଙ୍କ ପରାମର୍ଶରେ ନାଟ ମଣ୍ଡପରେ ଶୃଙ୍ଖଳିତ ଦର୍ଶନ ପାଇଁ ହୋଇଥିବା ଉଡେନ୍ ରାମ୍ପର ଚୂଡ଼ାନ୍ତ ଡିଜାଇନ୍ ପ୍ରସ୍ତୁତି ଶେଷ କରିବାକୁ ନିଷ୍ପତ୍ତି ନିଆଗଲା। ସେହିପରି ନୂତନ ରଘୁନନ୍ଦନ ଲାଇବ୍ରେରୀ ଏବଂ ସଂସ୍କୃତି ଇଣ୍ଟରପ୍ରିଟେସନ୍ ଗୃହର ଚୂଡ଼ାନ୍ତ ପ୍ଲାନ୍ ପରିଚାଳନା କମିଟି ଅନୁମୋଦନ ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ଏଥିସହ ଓବିସିସି ଓ ଶ୍ରୀମନ୍ଦିର ବୈଷୟିକ କମିଟିଙ୍କ ପରାମର୍ଶରେ ଶ୍ରୀମାର୍ଗରେ ଯାତାୟାତ କରୁଥିବା ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ଶୌଚାଳୟ ପାଇଁ ସ୍ଥାନ ନିରୂପଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ବାସେଳି ସାହିରେ ନିର୍ମାଣାଧୀନ ୩୬୦୦ ବେଡ୍ ବିଶିଷ୍ଟ ଧର୍ମଶାଳାର ନିର୍ମାଣ କାର୍ଯ୍ୟ ଆସନ୍ତା ରଥଯାତ୍ରା ପୂର୍ବରୁ ଶେଷ କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ, ଓବିସିସିର ଚିଫ୍ ଜେନେରାଲ ମ୍ୟାନେଜରଙ୍କ ସମେତ ୩ ଜଣ ଜେନେରାଲ ମ୍ୟାନେଜର ଓ ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।